# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୬୯ Vol. 22 No-69 9 JUNE 2025 MONDAY, BHUBANESWAR ସୋମବାର, ୯ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ବଡ଼ଦାଣ୍ଡରେ ଆମିଷ, ମଦ ମନା

ପୁରୀ,୮।୬ (ଭାସ୍କର ନ୍ୟୁଜ) : ଶ୍ରୀକ୍ଷେତ୍ରକୁ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଏଣିକି ପୁରୀ ବଡ଼ଦାଣ୍ଡରେ ଆଉ ବିକ୍ରି ହେବନି ଆମିଷ କିମ୍ବା ମଦ । ଏହାକୁ ନେଇ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଆଉ ଦିନ କେଇଟା ପରେ ଭକ୍ତଙ୍କୁ ଦର୍ଶନ ପାଇଁ ବଡ଼ଦାଣ୍ଡରେ ରଥ ଉପରେ ବିରାଜମାନ ହେବେ ମହାପ୍ରଭୁ ଜଗନ୍ନାଥ, ବଡ଼ ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା । ଏଥିପାଇଁ ଜୋରସୋରରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ଏହାପୂର୍ବରୁ ଶ୍ରୀକ୍ଷେତ୍ରକୁ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଏଣିକି ପୁରୀ ବଡ଼ଦାଣ୍ଡରେ ଆଉ ବିକ୍ରି ହେବନି ଆମିଷ କିମ୍ବା ମଦ । ଏହାକୁ ନେଇ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନେଇଛନ୍ତି ସରକାର ।

### ଶ୍ରୀମନ୍ଦିରରେ ଗରମ ଡାଲି ପଡ଼ି ୭ ଗୁରୁତର

ପୁରୀ,୮।୬(ଭାସ୍କର ନ୍ୟୁଜ): ରବିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୋଗମଣ୍ଡପ ଉଠିବା ପରେ ବୋଝିଆର ଅସାବଧାନତାରୁ ଶ୍ରୀମନ୍ଦିରରେ ଗରମ ଡାଲି ପଡ଼ି ୭ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରଙ୍କ ମଧ୍ୟରେ ଶିଶୁ ରହିଛନ୍ତି। ସମସ୍ତ ଭକ୍ତ ନୟାଗଡ଼ ଜିଲ୍ଲାର ବୋଲି ସୂଚନା ଦିଆଯାଇଛି। ସମସ୍ତ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।


### ମୃତଦେହ ରଖି ରାସ୍ତା ଅବରୋଧ

କୋରାପୁଟ,୮।୬(ଭାସ୍କର ନ୍ୟୁଜ): ଗାଡ଼ି ମଡ଼ାଇ ଜଣକୁ ହତ୍ୟା ଘଟଣାର ପ୍ରତିବାଦରେ ରବିବାର ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାୟଗଡ଼ା-ବିଶାଖାପାଟଣା ରାସ୍ତାକୁ ଅବରୋଧ କରିଛନ୍ତି।

ସେନ୍‌ସେକ୍ସ: ୮୨,୧୮୮.୯୯
ସର୍ବାଧିକ: ୩୬.୪ ଡିଗ୍ରୀ
ସର୍ବନିମ୍ନ: ୨୮.୮ ଡିଗ୍ରୀ

**୮।୬ ।୨୦୨୫ ର ମତାମତ**

ବାରମ୍ବାର ଘଟୁଥିବା ହାତୀ ମୃତ୍ୟୁ ଘଟଣାରେ ରୋକ ଲାଗିବା ସମ୍ଭବ କି ?




**ଆଜିର ପ୍ରସଙ୍ଗ**

ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତ୍ୱରିତ ଅନୁଦାନ ଦେବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ରାଜ୍ୟ ଲେଖୁଛି ବିକାଶର ନୂଆ କାହାଣୀ

# ୧୨ ମାସରେ ୨୦୬ ପ୍ରକଳ୍ପ ଅନୁମୋଦିତ



**ଶିଳ୍ପପତିଙ୍କୁ ଭେଟି କଲେ ଆଲୋଚନା**

**୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ଓଡ଼ିଶା**

**ଗୋଟିଏ ବର୍ଷରେ ୪.୫ଲକ୍ଷ କୋଟି ନିବେଶ ମଞ୍ଜୁର**

**୨.୯ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା**

ଭୁବନେଶ୍ୱର,୮।୬(ଭାସ୍କର ନ୍ୟୁଜ): ରାଜ୍ୟ ଲେଖୁଛି ବିକାଶର ନୂଆ କାହାଣୀ। ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ଓଡ଼ିଶା। ଆର୍ଥିକ ବିକାଶ ଓ ନିଯୁକ୍ତି ସୁଯୋଗ ଉପରେ ଦିଆଯାଉଛି ଗୁରୁତ୍ୱ। ରବିବାର ଲୋକସେବା ଭବନର କନଭେନସନ ସେଣ୍ଟରଠାରେ ଶିଳ୍ପପତି ଓ ଉଦ୍ୟୋଗୀମାନଙ୍କ ସହ ଆଲୋଚନା ପରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶାର ଶିଳ୍ପ ଅନୁକୂଳ ବାତାବରଣର ଉପଯୋଗରେ ବ୍ୟାପକ ନିବେଶ ଏବଂ ଶିଳ୍ପ ଭିତ୍ତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପପତିଙ୍କ ସହ ଆଲୋଚନା ହେଲା । ଉତ୍କର୍ଷ ଓଡ଼ିଶାରେ ୧୭ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଥିଲା । ୧୩ ଲକ୍ଷ କୋଟି ଟଙ୍କାର ଏମଓୟୁ ହୋଇଥିଲା । ଗ୍ରାଉଣ୍ଡ ବ୍ରେକିଂ ହୋଇଛି କି ନାହିଁ, ନା କେବଳ ଏମଓୟୁ ହେଉଛି ପୂର୍ବ ସରକାର ଭଳି ତାକୁ ନେଇ ପ୍ରଶ୍ନ ଉଠିଥିଲା । ଏମଓୟୁ ହେଲା ପରେ ଗ୍ରାଉଣ୍ଡ ବ୍ରେକିଂ କ୍ଷେତ୍ରରେ ବିଜେପି ସରକାର ସଫଳ ହୋଇଛି । ଖୋର୍ଦ୍ଧାରେ ୬ ହଜାର କୋଟିର ଗ୍ରାଉଣ୍ଡ ବ୍ରେକିଂ ହୋଇଛି ଏବଂ ୩୦ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। କଳିଙ୍ଗ ନଗରରେ ଲକ୍ଷାଧିକ କୋଟି ଟଙ୍କାର ୧୪ଟି କମ୍ପାନୀ ପାଇଁ ଶିଳାନ୍ୟାସ ହୋଇଛି। ଢେଙ୍କାନାଳରେ ଶିଳ୍ପ ପାଇଁ ଗ୍ରାଉଣ୍ଡ ବ୍ରେକିଂ ହେଲା, ଗଞ୍ଜାମ ଛତ୍ରପୁର ଠାରେ ୧୨ଟି କମ୍ପାନୀ ସହ ଏମଓୟୁ ସାଇନ୍ ହେଲା। ଉତ୍କର୍ଷ ଓଡ଼ିଶାର ମାତ୍ର ୪ ମାସ ଭିତରେ ୪ଟି ସ୍ଥାନରେ ୫୬ ଶିଳ୍ପର ଗ୍ରାଉଣ୍ଡ ବ୍ରେକିଂ ହୋଇ ୧.୭୮ ଲକ୍ଷ କୋଟିର ପୁଞ୍ଜିନିବେଶ ଆସିଲା। ୧ ଲକ୍ଷ ୧୦ ହଜାର ଯୁବକ ପାଇବେ ରୋଜଗାର। ବର୍ଷେ ଭିତରେ ୨୦୬ ଶିଳ୍ପକୁ ଅନୁମୋଦନ । ୫ ବର୍ଷ ଭିତରେ ଯାହା ହୋଇନଥିଲା, ଗୋଟିଏ ବର୍ଷ ଭିତରେ ହୋଇଛି । ଖଣି, ଧାତୁ, କେମିକାଲ, ବସ୍ତ୍ର, ଇଲେକ୍ଟ୍ରୋନିକ୍ସ, ପର୍ଯ୍ୟଟନ ଓ ଟେକ୍ନୋଲଜି କ୍ଷେତ୍ରରେ ଶିଳ୍ପ କରିବା ପାଇଁ ଯୋଜନା ରହିଛି । ୨୦୩୬ ସମୃଦ୍ଧ ଓଡିଶା ପାଇଁ ଭିତ୍ତି ସ୍ଥାପନ ହୋଇଛି। ଓଡ଼ିଶା ପାଇଁ ଭଲ ସମୟ ଆସୁଛି । ଶିଳ୍ପ ଭିତ୍ତିଭୂମି, ରେଳ, ରୋଡ୍ ଭିତ୍ତିଭୂମି, ୩ ବନ୍ଦରର କାପାସିଟି ବୃଦ୍ଧି, ଆଉ ୩ଟି ବନ୍ଦର ବିକଶିତ କରିବା ପାଇଁ ଆଗକୁ ପଦକ୍ଷେପ ନିଆଯିବ । କିଛି ଜେଟି ଉନ୍ନତି ପାଇଁ ମଧ୍ୟ ● ପୃଷ୍ଠା ୫ ଦେଖନ୍ତୁ


## ଓଡ଼ିଶାରେ ବେକାବୁ କରୋନା ସଂକ୍ରମଣ

# ଆଉ ୭ ନୂଆ ସଂକ୍ରମିତ ଚିହ୍ନଟ

**ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୫ ଛୁଇଁଲା**

**ଲକ୍ଷଣ ଥିଲେ ନିୟମ ପାଳିବାକୁ ପରାମର୍ଶ**

**କଟକରେ ସ୍ଥିତି ନିୟନ୍ତ୍ରଣାଧୀନ: ସିଡିଏମ୍‌ଓ**



ଭୁବନେଶ୍ୱର/କଟକ,୮।୬(ଭାସ୍କର ନ୍ୟୁଜ): ସାରା ଦେଶରେ କରୋନାର ନୂଆ ଭାରିଆଣ୍ଟ ମାଡ଼ି ମାଡ଼ି ଚାଲିଥିବାବେଳେ ଓଡ଼ିଶାରେ ମଧ୍ୟ ସଂକ୍ରମଣରେ ବୃଦ୍ଧି ଘଟୁଛି। ରବିବାର ରାଜ୍ୟରେ ଆଉ ୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୪୫ରେ ପହଞ୍ଚିଛି। ତେବେ ସେମାନଙ୍କ ମଧ୍ୟରୁ ୧୨ଜଣ ସୁସ୍ଥ ହୋଇଥିବାବେଳେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୩୩ ରହିଛି। କଟକ ଜିଲ୍ଲାରେ ୨୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ୫ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ୧୭ଜଣ ହୋମ୍ କ୍ୱାରେଣ୍ଟାଇନରେ ରହିଛନ୍ତି। ତେବେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ କରୋନାର ନୂଆ ଭାରିଆଣ୍ଟ ୨୦୨୩ ଅଗଷ୍ଟରେ ଚିହ୍ନଟ ହୋଇଥିଲା। ଏହା ଓମିକ୍ରନର ଏକ ଉପପ୍ରଜାତି ହୋଇଥିବାରୁ ଏତେ ଘାତକ ନୁହେଁ ବୋଲି ସେ କହିଛନ୍ତି। ଏଥିରେ ମଧ୍ୟମ ଧରଣର ଜ୍ୱର, କାଶ ଓ ଥଣ୍ଡା ହୋଇଥାଏ। ତେବେ ବୟସ୍କ ଓ ଏକାଧିକ ଜଟିଳ ରୋଗଥିବା ବ୍ୟକ୍ତିଙ୍କ ପାଇଁ ଏହା ଘାତକ ସାଜିପାରେ ବୋଲି ଡାକ୍ତର ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ କଟକ ସିଡିଏମ୍‌ଓ କହିଛନ୍ତି ଯେ କଟକରେ ସ୍ଥିତି ଭୟାବହ ରୂପ ନେଇନାହିଁ। ଲକ୍ଷଣ ଥିଲେ ଘରେ ରୁହନ୍ତୁ, ମାସ୍କ ପିନ୍ଧନ୍ତୁ, ଭିଡ଼କୁ ଯାଆନ୍ତୁ ନାହିଁ ଓ ଆବଶ୍ୟକ ଚିକିତ୍ସା ମଧ୍ୟ କରାନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ କରୋନାକୁ ନେଇ ଜରୁରିକାଳୀନ ମକ୍‌ଡ୍ରିଲ କରାଯାଇଛି। ଏ ନେଇ ହସ୍ପିଟାଲ ଉପଅଧିକ୍ଷକ ସୂଚନା ଦେଇ କହିଛନ୍ତି ଯେ ଅକ୍ସିଜେନ ଯାଞ୍ଚ ସହିତ ଆଇସୋଲେସନ ୱାର୍ଡ ପ୍ରସ୍ତୁତ କରି ରଖାଯାଇଛି। ଏଥିସହ ଆବଶ୍ୟକ ସ୍ଥଳେ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି ● ପୃଷ୍ଠା ୫ ଦେଖନ୍ତୁ

## ମୋହନ ସରକାରଙ୍କ ଐତିହାସିକ ପଦକ୍ଷେପ

# ରାଜଧାନୀରେ ନିର୍ମାଣ ହେବ ଅତିଥିଭବନ



**ପ୍ରତି ଜିଲ୍ଲାପାଇଁ ୧୦୦ କୋଠରୀ**

**ନିର୍ମାଣ ହେବ ମୋଟ ୩୦୦୦ କୋଠରୀ**

**ଉପକୃତ ହେବେ ସାରା ରାଜ୍ୟବାସୀ**

ଭୁବନେଶ୍ୱର,୮।୬(ଭାସ୍କର ନ୍ୟୁଜ): ରାଜ୍ୟବାସୀଙ୍କ ପାଇଁ ମୋହନ ସରକାର ଏକ ଐତିହାସିକ ପଦକ୍ଷେପ ନେବାକୁ ଯାଉଛନ୍ତି। ଭୁବନେଶ୍ୱରରେ ନିର୍ମାଣ ହେବ ଅତିଥି ଭବନ। ୩୦ଟି ଜିଲ୍ଲାର ଅଧିବାସୀଙ୍କ ପାଇଁ ୩ହଜାର କୋଠରୀ ନିର୍ମାଣ କରାଯିବ। ପ୍ରତ୍ୟେକ ଜିଲ୍ଲା ପାଇଁ ୧୦୦ଟି କୋଠରୀ ସଂରକ୍ଷିତ ରହିବ। ଏହି ନୂଆ ଯୋଜନା କାର୍ଯ୍ୟକାରୀ ହେଲେ ଭୁବନେଶ୍ୱର ବାହାରୁ ଆସୁଥିବା ଲୋକମାନେ ରହିବା ପାଇଁ କୌଣସି ଅସୁବିଧାର ସମ୍ମୁଖୀନ ହେବେନାହିଁ । ଏ ନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ପ୍ରତି ଜିଲ୍ଲାର ଲୋକଙ୍କ ପାଇଁ ରାଜଧାନୀରେ ଅତିଥିଭବନ ନିର୍ମାଣ କରାଯିବ। ଅନେକ ଲୋକ ରାଜଧାନୀକୁ ସ୍ୱାସ୍ଥ୍ୟସେବା ପାଇଁ ଆସିବା ସହ ଶିକ୍ଷାଲାଭ ତଥା ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସୁବିଧା ପାଇବା ପାଇଁ ଆସିଥାନ୍ତି। ତେବେ ଏଠାରେ ରହିବା ପାଇଁ ସେମାନେ ହୋଟେଲ ଏବଂ ଅନ୍ୟ ସ୍ଥାନରେ ଅଧିକ ବ୍ୟୟ କରିଥାନ୍ତି। ତେଣୁ ସେମାନେ ଯେପରି ସୁବିଧାରେ ରହିପାରିବେ, ସେଥିପାଇଁ ସରକାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ବହୁ ଲୋକ ରାଜଧାନୀରେ ଆର୍ଥିକ ଭାବେ ଠକେଇର ଶିକାର ହୋଇଥାନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଲୋକେ ସହଜ ଓ ସୁବିଧାରେ ରହିବା ସୁବିଧା ପାଇପାରିବେ। ଏଥିସହ ଏହି ଅତିଥିଭବନର ରକ୍ଷଣାବେକ୍ଷଣ ପାଇଁ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ତେବେ ଯଦି ୩୦ ଜିଲ୍ଲାପାଇଁ ୩ ହଜାର କୋଠରୀ ନିର୍ମାଣ କରାଯିବ ତେବେ ବହୁ ବଡ଼ ସ୍ଥାନର ଆବଶ୍ୟକତା ରହିଛି। ସରକାର ସହର ଭିତରେ ଏଥିପାଇଁ ସ୍ଥାନ ବାଛିବେ ନା ସହର ବାହାରେ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ସହର ବାହାରେ ଅତିଥିଭବନ ନିର୍ମାଣ ହୁଏ, ତେବେ ପରିବହନ ବ୍ୟବସ୍ଥାକୁ ମଧ୍ୟ ସଠିକ୍ ଭାବେ ଚଳାଇବା ଦରକାର ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଶ୍ରୀ ପୂଜାରୀ କହିଛନ୍ତି ଯେ ରାଜ୍ୟର ସମସ୍ତ ରାଜସ୍ୱ ସେବା ଗୋଟିଏ ମୋବାଇଲ ଆପ୍‌ରେ ଉପଲବ୍ଧ ହେବ। ଲୋକେ ଘରେ ବସି ସମସ୍ତ ସୁବିଧା ପାଇପାରିବେ। ଆପ୍ କାର୍ଯ୍ୟକାରୀ ହେଲେ ଲୋକେ ସେବାକେନ୍ଦ୍ରକୁ ନ ଯାଇ ଘରେ ବସି ନିଜ ସମସ୍ୟାର ସମାଧାନ କରିପାରିବେ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଏହି ଅତିଥିଭବନ ରାଜ୍ୟବାସୀ ଯେଉଁମାନେ କି ଭୁବନେଶ୍ୱର ଆସି ଅସୁବିଧା ଭୋଗୁଥିବେ ସେମାନଙ୍କ ପାଇଁ ଏହା ଉପଲବ୍ଧ ରହିବ।

## ଅକ୍ଷତ ରହିବ ରାଜଧାନୀର ସୌନ୍ଦର୍ଯ୍ୟ

# ମାଟିତଳେ ଦୌଡ଼ିବ ମେଟ୍ରୋ: ଆଇନମନ୍ତ୍ରୀ

ଭୁବନେଶ୍ୱର,୮।୬(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ରାଜଧାନୀ ଭୁବନେଶ୍ୱରର ସୌନ୍ଦର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖିବାକୁ ଚାହୁଁଛନ୍ତି। ଭୁବନେଶ୍ୱର ସୌନ୍ଦର୍ଯ୍ୟରେ ଯେଭଳି କୌଣସି ବାଧା ନ ପହଞ୍ଚିବ, ତାହାକୁ ଦୃଷ୍ଟିରେ ରଖି ସମସ୍ତ ନିର୍ମାଣ କାର୍ଯ୍ୟକୁ ଆଗକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ବହୁ ପ୍ରତୀକ୍ଷିତ ମେଟ୍ରୋ ରେଳପ୍ରକଳ୍ପ ନେଇ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜଧାନୀ ସହରରେ ଇଲେଭେଟେଡ୍ ମେଟ୍ରୋ ରେଳ ବ୍ୟବସ୍ଥା କରାନଯାଇ ବରଂ ମାଟିତଳେ ମେଟ୍ରୋ ରେଳ ନେଟୱାର୍କ ସମ୍ପ୍ରସାରଣ କରିବାପାଇଁ ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ରାଜ୍ୟ ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରବିବାର ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଥିଲେ ଯେ ବିଭିନ୍ନ ଲଜିଷ୍ଟିକ୍ ଏବଂ ସହରୀ ଯୋଜନା ସମ୍ବନ୍ଧୀୟ ଚିନ୍ତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ପାଇଁ ଇଲେଭେଟେଡ୍ ରେଳ ପ୍ରକଳ୍ପକୁ ପ୍ରତ୍ୟାଖ୍ୟାନ କରାଯାଇଛି। ସହରର ଭୂ-ଦୃଶ୍ୟ ଏବଂ ଟ୍ରାଫିକ୍ ଭିଡ ଇଲେଭେଟେଡ୍ ମେଟ୍ରୋକୁ ସମର୍ଥନ କରୁନାହିଁ । ଆମେ ଏବେ ମାଟିତଳେ ରେଳ ବ୍ୟବସ୍ଥା ସହ ଆଗକୁ ବଢୁଛୁ। ପ୍ରସ୍ତାବିତ ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଏକ ନୂତନ ରାସ୍ତାର ମଧ୍ୟ ନିର୍ଦ୍ଧାରଣ କରାଯାଇନାହିଁ । ନଗର ଉନ୍ନୟନ ବିଭାଗକୁ ଏ ନେଇ ଚିଠି ଲେଖାଯାଇଛି ଓ ସର୍ଭେ ପାଇଁ କିଛି ସମୟ ଲାଗିବ ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଇଲେଭେଟେଡ୍ ମେଟ୍ରୋ କରିଡର ଭୁବନେଶ୍ୱର ଏବଂ ଏହାର ଆଖପାଖ ସୌନ୍ଦର୍ଯ୍ୟକୁ କ୍ଷତି ପହଞ୍ଚାଇବ। ତେବେ ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହାକୁ କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ନେଇ ସର୍ଭେ କରାଯିବ। ପରବର୍ତ୍ତୀ ସମୟରେ ଓଡ଼ିଶା ସରକାର ଏ ନେଇ ଅନୁମୋଦନ କରିବେ। ଏଥିପାଇଁ ବୈଷୟିକ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯାଉଥିବା ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

### ଓଡ଼ିଶା ମଣ୍ଡପ ପାଇଁ ଯାଗା ଚିହ୍ନଟ: ପୃଥ୍ୱୀରାଜ



ଭୁବନେଶ୍ୱର,୮।୬(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ବିକଶିତ ଓଡ଼ିଶା-୨୦୩୬ ଭିଜନକୁ ଦୃଷ୍ଟିରେ ରଖି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ କରିଛନ୍ତି। ରାଜ୍ୟର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି କ୍ରମରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଭଳି ଓଡ଼ିଶାରେ ମଧ୍ୟ ବିଶ୍ୱସ୍ତରୀୟ ସମ୍ମିଳନୀ କକ୍ଷର ନିର୍ମାଣ ପାଇଁ ସରକାର ପରିକଳ୍ପନା କରିଛନ୍ତି। ଏ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଓଡ଼ିଶା ମଣ୍ଡପ ପାଇଁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ଯାଗା ଚିହ୍ନଟ ସରିଛି। ଏହି ମଣ୍ଡପରେ ୧୦ହଜାର ଲୋକ ବସିପାରିବା ଭଳି ବ୍ୟବସ୍ଥା କରାଯିବ। ଏତଦ୍‌ବ୍ୟତୀତ ମଣ୍ଡପରେ ସମସ୍ତ ଅତ୍ୟାଧୁନିକ ସୁବିଧାସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ସେହିପରି ରାଜ୍ୟରେ ନୂଆକରି ନିର୍ମାଣ ହେବ ଓଡ଼ିଶା ଲୋକସେବା ଭବନ ଓ ବିଧାନସଭା ଭବନ। ଓଡ଼ିଶା ଏକ ବାତ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଅନେକ ସ୍ଥାନରେ ବାତ୍ୟା ପ୍ରତିରୋଧ ବିଲ୍ଡିଂ ନିର୍ମାଣ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

## ନିର୍ମାଣ କାର୍ଯ୍ୟରେ ପୁଣି ଅବହେଳା

# ବିଦ୍ୟୁତ ନେଲା ୩ ଶ୍ରମିକଙ୍କ ଜୀବନ

ସୋର,୮।୬(ଭାସ୍କର ନ୍ୟୁଜ): ନିର୍ମାଣ କାର୍ଯ୍ୟବେଳେ ପୁଣି ଅଘଟଣ। କଟକର ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ନିର୍ମାଣାଧୀନ ୬ ମହଲା କୋଠାରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟଣା ଲୋକଙ୍କ ମନରୁ ଲିଭିନଥିବାବେଳେ ଏହାର ୨୪ଘଣ୍ଟା ମଧ୍ୟରେ ପୁଣି ଏକ ବଡ଼ଧରଣର ଅଘଟଣ ଘଟିଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଝିଙ୍କିରିଆ ପଞ୍ଚାୟତ ଗଗନଧୂଳି ଗାଁରେ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ବିଦ୍ୟୁତ ଆଘାତରେ ୩ଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି। ମୃତକମାନେ ହେଲେ ବାବାଜୀ ମାଝୀ ଓ ବାପି ମାଝୀ। ଅନ୍ୟ ଜଣଙ୍କର ପରିଚୟ ମିଳିପାରି ନାହିଁ। ଗଗନଧୂଳି ଗାଁର ବାପି ମାଝୀଙ୍କ ଘରେ ପାଇଖାନା ଟାଙ୍କି ପାଇଁ କାମ କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ ୩ ଶ୍ରମିକ। ତେବେ ଘଟଣାସ୍ଥଳରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ୨ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ସମସ୍ତ ମୃତଦେହ ପୋଲିସ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘର ମାଲିକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ନିର୍ମାଣ କାର୍ଯ୍ୟରେ ଅବହେଳା କାରଣରୁ ବାରମ୍ବାର ଅଘଟଣ ଘଟୁଛି। ଏଥିପାଇଁ ଅକାରଣରେ ଶ୍ରମିକମାନଙ୍କ ଜୀବନ ଚାଲିଯାଉଛି । ସରକାରଙ୍କ ଗାଇଡଲାଇନକୁ ବେଖାତିର କରି କାମ କରାଯାଉଥିବାରୁ ଏଭଳି ଅଘଟଣ ଘଟୁଥିବା ନେଇ ଚର୍ଚ୍ଚା ଜୋର ଧରିଛି।

## ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ

# ପାରଦ ୪୪ ଡିଗ୍ରୀ ଛୁଇଁବା ସମ୍ଭାବନା



ଭୁବନେଶ୍ୱର,୮।୬(ଭାସ୍କର ନ୍ୟୁଜ): ଗତ ୩ରୁ ୪ ଦିନ ହେବ ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ଏପରିକି ପାରଦ ୪୪ ଡିଗ୍ରୀ ଛୁଇଁବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ସୂଚନା ଦେଇଛି। ସୁନ୍ଦରଗଡ଼, ଦେବଗଡ଼, ନୟାଗଡ଼, ସୋନପୁର ଆଦି ଜିଲ୍ଲାରେ ତାତି ସାଂଘାତିକ ରୂପ ନେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେହିପରି ପଶ୍ଚିମ ଓଡ଼ିଶାର ଆଉ କେତେକ ଜିଲ୍ଲାରେ ତାତି ୪୦ ଡିଗ୍ରୀ ଉପରେ ରହିବ ବୋଲି ବିଭାଗ ସୂଚନା ଦେଇଛି। ଏହାସହ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହ ଅସହ୍ୟ ଗୁଳୁଗୁଳି ଲାଗି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ତାତିର ପ୍ରଭାବ ରହିବ ● ପୃଷ୍ଠା ୫ ଦେଖନ୍ତୁ

### ରଜରେ ଭିଜିବ ଓଡ଼ିଶା !

ଭୁବନେଶ୍ୱର,୮।୬(ଭାସ୍କର ନ୍ୟୁଜ): ରବିବାର ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଏହା ଘନୀଭୂତ ହୋଇ ଲଘୁଚାପ ରୂପ ନେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୩ରୁ ବର୍ଷାର ପ୍ରଭାବ ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଫଳରେ ରଜ ମଉଜ ବର୍ଷାରେ ଭିଜିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ଷା ପାଇଁ ୧୩ ପର୍ଯ୍ୟନ୍ତ ଏକାଧିକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ଅନ୍ୟ କେତେକ ଜିଲ୍ଲାପାଇଁ ମଧ୍ୟ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

## ଛତିଶଗଡ଼ ମାଓବାଦୀ ଓଡ଼ିଶାମୁହାଁ

# ଡ୍ରୋନ୍ ସାହାଯ୍ୟରେ ଚାଲିଛି ଖୋଜା



ସମ୍ବଲପୁର,୮।୬(ଭାସ୍କର ନ୍ୟୁଜ): ୨୦୨୬ ମାର୍ଚ୍ଚ ସୁଦ୍ଧା ସାରା ଦେଶରୁ ମାଓବାଦର ବିଲୋପ ହେବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଘୋଷଣା କରିବା ପରେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ଏହି କ୍ରମରେ ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଟପ୍ ମାଓନେତାଙ୍କୁ ଏନକାଉଣ୍ଟର ମାଧ୍ୟମରେ ହତ୍ୟା କରାଯାଉଛି। ଫଳରେ ମାଓବାଦୀମାନେ ଛତିଶଗଡ଼କୁ ଆଉ ସୁରକ୍ଷିତ ନ ମଣି ଏବେ ଓଡ଼ିଶାମୁହାଁ ହେବାରେ ଲାଗିଛନ୍ତି। ଛତିଶଗଡ଼ରେ ଜୋରଦାର ଅପରେସନ ପରେ ୧୦୦ରୁ ଅଧିକ ମାଓବାଦୀ ସମ୍ବଲପୁର ଜିଲ୍ଲା ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଜ୍ଜିତ ଅନିର୍ବାଣ**



ଡୋନାଲ୍ଡ ଟ୍ରମ୍ପଙ୍କୁ ଏଲୋନ ମସ୍କ
ଖତମ ହେଲା ଲଫଡ଼ା,
ଇଲୁ ଇଲୁ ଖେଳ ସରିଗଲା ପରେ
ଏବେ ସାଂଘାତିକ ଝଗଡ଼ା ।
ଦୁହିଁଙ୍କର ନୀତି ହାମ୍‌ବଡ଼ା,
ଜଣାଯିବ ଏବେ କିଏ ହୀନବଳ
ଆଉ ପୁଣି କିଏ ତାଗଡ଼ା !!

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପସୀ ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକ କୃଷି ଅଧିକାରୀଣୀ ଚନ୍ଦନବାଳା ରାଉତଙ୍କ ଅଧ୍ୟକ୍ଷତାରେ କୃଷିଭିତ୍ତିକ ଜ୍ଞାନ ସମ୍ବନ୍ଧୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି ।କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡିଶା ସରକାର ଆନୁକୂଲ୍ୟରେ ମୁକ୍ତାପସୀ ପଞ୍ଚାୟତ ର ଶତାଧିକ ପୁରୁଷ ଓ ମହିଳା କୃଷକମାନଙ୍କୁ ନେଇ ଏହି ବୈଠକ ହୋଇଥିଲା ।ଏହି କାର୍ଯ୍ୟକ୍ରମ ପ୍ରଧାନ ମନ୍ତ୍ରୀଙ୍କ ପନ୍ଦରଦିନିଆ ଖରିଫ ଚାଷର ଏକ ଅଭିଯାନ ଓ ପ୍ରମୁଖ ଯୋଜନା ଅଟେ। କୃଷକ ସଶକ୍ତିକରଣ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଭାବେ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ପିଏମ କିଷାନ,ପିଏମ ଫସଲ ଯୋଜନା, କୃଷକ ପଞ୍ଜିକରଣ ଏବଂ ରାଜ୍ୟ ଯୋଜନା ଭାବେ ସମୃଦ୍ଧ କୃଷକ ଯୋଜନା, ସିଏମ କିଷାନ, କୃଷି ବିଦ୍ୟା ନିଧି ଯୋଜନା, ଶ୍ରୀ ଅନ୍ନ ଅଭିଯାନ,ସିଏମ କୃଷି ଉଦ୍ୟୋଗ ଯୋଜନା, କୃଷି ଯାନ୍ତ୍ରିକିକରଣ, ଶୀତଳଭଣ୍ଡାର ପ୍ରତିଷ୍ଠା, ଆଳୁ ଚାଷ ପ୍ରୋତ୍ସାହନ, କୃଷି ଉତ୍ପାଦନ କ୍ଲଷ୍ଟର ଓ ଜଳଧାରା ଆଦି ଯୋଜନା ଉପରେ ଆଲୋକପାତ କରିଥିଲେ । କୃଷି, ପଶୁ, ମାଛ, ମୃତ୍ତିକା ଆଦି ବିଭିନ୍ନ ବିଭାଗର ଅଭିଜ୍ଞ ବିଶେଷଜ୍ଞ ଓ ପ୍ରତିନିଧି ମାନେ ଯୋଗ ଦେଇ ବିଭିର୍ଣ୍ଣ ବିଭାଗରେ ଚାଷୀମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେ ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାରୁ ଆସିଥିବା ଡ଼ ନିହାର ରଞ୍ଜନ ସାହୁ (ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଆଇସିଏଆର ଏନଆଇଏଫଏମଡି),ଜାହ୍ନବ ଦେବର୍ମା (ଆଇସିଏଆର ସିଆଇଏଫଏ),ଡ଼ ରୋଜାଲିନ ମୋହନ୍ତ (କୃଷି ସମ୍ପ୍ରସାରଣ କେଭିକେ),ସ୍ୱର୍ଣ୍ଣ ସାରିକା ବେହେରା( ଫାର୍ମ ମ୍ୟାନେଜର ହର୍ଟିକଲଚର), ଅନ୍ତର୍ଯ୍ୟାମୀ ସାହୁ ପ୍ରାକ୍ତନ ସମିତି ଅଧକ୍ଷ ଯୋଗ ଦେଇ ଚାଷୀଙ୍କୁ ପରାମର୍ଶ ଦେଇଥିବାବେଳେ,କାର୍ଯ୍ୟକ୍ରମ ମନୋଜ କୁମାର ନାଥ (ଏଓ) ଙ୍କ ତତ୍ତ୍ୱାବଧାନରେ କୃଷ୍ଣ ଚନ୍ଦ୍ର ମହାନ୍ତି (ଭିଏଡବ୍ଲୁ) ଓ କୃଷି କର୍ମଚାରୀ ବିଜୟ ଦେହୁରୀ ଙ୍କ ସମେତ ସ୍ଥାନୀୟ ମିଶନ ଶକ୍ତି ମହିଳା ମାନେ ସହଯୋଗ ହେଇଥିଲେ ।



# ବିନା ହାଣ୍ଡିଆରେ ଶୁଦ୍ଧିକ୍ରିୟା କରିଥିବାରୁ ହତ୍ୟା ଧମକ

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର




ବାରିପଦା(ଭାସ୍କର ନ୍ୟୁଜ୍): ମୟୁରଭଞ୍ଜର ଶରତ ଥାନା ଅନ୍ତର୍ଗତ କେଶପାଳ ଗ୍ରାମର ସାଗ୍ରାମ ସୋରେନ ତାଙ୍କର ପିତାଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟରେ ହାଣ୍ଡିଆ ବ୍ୟବହାର କରିନଥିବାରୁ ଭାରତ୍ ଜାକାତ୍ ମାଝୀ ପାର୍ଗାନା ମହଲ ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ନିର୍ଦ୍ଦେଶରେ ଗ୍ରାମବାସୀମାନେ ସାଗ୍ରାମ ସୋରେନଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯିବା ସହିତ ହତ୍ୟାର ଧମକ ଦିଆଯାଇଛି । ଏବାବଦକୁ ପରିବାର ଲୋକେ ଶରତ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଶ୍ରୀ ସୋରେନଙ୍କ ପକ୍ଷରୁ ପରିବାରକୁ ସୁରକ୍ଷା ପାଇଁ ମୟୁରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ନ୍ୟାୟ ମାଗିଛନ୍ତି । ଶ୍ରୀ ସୋରେନ କହିଛନ୍ତି ଯେ ମୋ ବାପାଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ ପାଇଁ ଆମ ଗାଁର ଗ୍ରାମମୁଖ୍ୟଙ୍କ ଠାରୁ ଅନୁମତି ନେଇ ମୁଁ କମ୍ ଖର୍ଚ୍ଚ, କମ୍ ସମୟରେ ଆଦିବାସୀ ସେଙ୍ଗେଲ ଅଭିଯାନର କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ଏପ୍ରିଲ ୨୭ରେ ଶୁଦ୍ଧିକ୍ରିୟା କାର୍ଯ୍ୟ କରିଛି, ତ ଏଥିରେ ଭାରତ୍ ଜାକାତ୍ ମାଝୀ ପାର୍ଗାନା ମହଲ ସଂଗଠନର କାର୍ଯ୍ୟକର୍ତ୍ତାମାନେ କାହିଁକି ସାମାଜିକ ବାସନ୍ଦ କରିବାର ନିର୍ଦ୍ଦେଶ ଜାରି କରିଛନ୍ତି ? ଅର୍ଥାତ୍ ନିଆଁ ପାଣି, କଥାବାର୍ତ୍ତା, ରାସ୍ତାରେ ଯିବା ଆସିବା ପୋଖରୀରେ ଗାଧୋଇବା ବନ୍ଦ କରାଯାଇ କୌଣସି ଦୋକାନରୁ କିଛି ସାମଗ୍ରୀ ନଦେବା, ହଲୋରରେ ଧାନ ପେସାଇବା ମଧ୍ୟ ବନ୍ଦ କରାଯାଇଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଗ୍ରାମବାସୀଙ୍କ ଉକ୍ତ ଆଦେଶକୁ ଉଲଂଘନ କଲେ ହତ୍ୟାର ଧମକ ଦିଆଯାଇଛି ଏବଂ ପଦାକୁ ଶୌଚାଳୟ ଯିବାବେଳେ ଓ ପାଣି ଆଣିବା ସମୟରେ କୁରାଢି ଧରି ପଛରୁ ଆକ୍ରମଣ କରିବା ପାଇଁ ଅନୁସରଣ କରାଚାଲିଛି । ଏହିପରି ବିପଦପୂର୍ଣ୍ଣ ପରିସ୍ଥିତିରେ ଯଥାଶୀଘ୍ର ନ୍ୟାୟ ପ୍ରଦାନ କରାଯିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି ।

# ଚିଠା ବିଲ୍‌ରେ ବନ୍ଧାପଡିଛି ଭାଗଚାଷୀଙ୍କ ଭାଗ୍ୟ

- ପ୍ରକୃତ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ
- ସରକାରୀ କଳର ନାହିଁ ନିଷ୍ଠା କି ଆନ୍ତରିକତା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ସରକାର ଘୋଷଣା କଲେ। ପ୍ରସ୍ତୁତ ହେଲା ଚିଠା ବିଲ। ମାତ୍ର ଦିନ ଗଡୁଛି ୭ବର୍ଷ ବିତିଲାଣି। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଭାଗ ଚାଷୀଙ୍କ ଭାଗ୍ୟ ଫିଟୁନି। ସରକାରୀ ସହାୟତା ମିଳୁନି, ବ୍ୟାଙ୍କ ଋଣ ଦେଉନି। ଇନପୁଟ ସବସିଡ଼ି ମଧ୍ୟ ମିଳୁନି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଭାଗ ଚାଷୀ ମାନେ ସେମିତି ଛଟପଟ ଆଉ ଦହଗଞ୍ଜ ହେଉଛନ୍ତି। ସେମାନଙ୍କ ସ୍ୱାର୍ଥ ଜଗିବାକୁ ପ୍ରସ୍ତାବିତ ଆଇନି ଏ ପର୍ଯ୍ୟନ୍ତ ଶୀତଳ ଭଣ୍ଡାର ରେ ସଢୁଛି। ଚାଷୀ ମାନେ ଏ ଆଇନି କୁ ଚାତକ ଭଳି ଅପେକ୍ଷା କରିଛନ୍ତି। ସରକାର କିନ୍ତୁ ନିଦାବିଷ୍ଟ। ଭାଗଚାଷୀମାନଙ୍କ ସ୍ୱାର୍ଥକୁ ଜଗିବେ ସରକାର। ଆଣିବେ ନୂଆ ଆଇନି। ଜମି ନଥାଇ ମଧ ସେମାନେ ଋଣ ପାଇବେ। ଓଡିଶା ତଥା ଉପକୂଳବର୍ତ୍ତୀ ଅଞ୍ଚଳ ପ୍ରାକୃତିକ ଦୁର୍ବିପାକ ସମୟରେ ବିପର୍ଯ୍ୟୟ ରେ ଫସଲ ହାନୀ ହେଲେ ଇନିପୁଟ ସବସିଡ଼ି ସହ ବୀମାରାଶି ମଧ ପାଇବାକୁ ହକଦାର ହେବେ। ଏଥିପାଇଁ ସରକାର ନୀତି ଆୟୋଗ ଢାଞ୍ଚାରେ ନୂଆ ଆଇନି କୁ କାର୍ଯ୍ୟକାରୀ କରିବା ପାଇଁ ଅଣ୍ଟା ଭିଡି ଚିଠା ବିଲ ପ୍ରସ୍ତୁତ କରିଛନ୍ତି। ମାତ୍ର ପ୍ରସ୍ତାବ ଏବେ ଯେଉଁଠିକୁ ସେଇଠି ।ନୂଆ ସରକାର ଏ ଦିଗକୁ ଧ୍ୟାନ ଦେବାକୁ ପ୍ରତିଶୃତି ଦେଲେ। ମାତ୍ର ଇତି ମଧରେ ବିଶେଷ ଅଗ୍ରଗତି ହୋଇନି। ଭାଗଚାଷୀ ମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ରାଜ୍ୟ ସରକାର ଆଇନି ରେ ସେଭଳି କିଛି ବ୍ୟବସ୍ଥା ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ପରେ ରାଜସ୍ୱ ବିଭାଗ ଇନିପୁଟ ସବସିଡ଼ି ଆକାରରେ ସହାୟତା ଦିଏ। ମାତ୍ର ଭାଗଚାଷୀଙ୍କ କିଛି ଆଇନି ନଥିବାରୁ ଏହାର ଲାଭ ଜମି ମାଲିକ ମାନେ ନେଉଛନ୍ତି। କେବଳ ବ୍ୟାଙ୍କ ଋଣ ନୁହେଁ, ଧାନ ବିକ୍ରି କରିବାକୁ ମଧ ପଞ୍ଜିକରଣ ବେଳେ ଭାଗଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାଗଚାଷୀ ମାନେ ମାଲିକ ଙ୍କ ନିକଟରୁ ବର୍ଷକ ପାଇଁ ଚାଷଜମି ଲିଜରେ ନେଇଥାନ୍ତି। ଏଥିପାଇଁ ଧାନ ଫସଲରୁ ଅଧା ଓ ରବି ଫସଲରୁ ଦୁଇ ପଞ୍ଚମାଂସ ଜମି ଫସଲ ମାଲିକକୁ ଦେବାକୁ ପଡିଥାଏ। ଭାଗଚାଷୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତି ସହେ। ଅଭାବୀ ବିକ୍ରିର ଶିକାର ହୁଏ। ଅସ୍ତରଙ୍ଗ ଅଞ୍ଚଳର ଅନେକ ଚାଷୀଙ୍କର ନିଜ ନାମରେ ଜମି ପଟା ନଥିବାରୁ ସରକାରୀ ସୁବିଧା କିମ୍ବା କ୍ଷତିପୂରଣ ପାଇପାରୁନି ।ଭାଗଚାଷୀ ଆଇନି ଚିଠା ବିଲ ପ୍ରସ୍ତୁତି ବେଳେ ସରକାର ସ୍ଥିର କରିଥିଲେ, ଓଡିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟ ୧୯୬୦ ରେ ସରକାର ସଂଶୋଧନ ଆଣିବେ। ଜମି ମାଲିକ ମାନଙ୍କ ସହ ଭାଗଚାଷୀ ମାନେ ଏକ ଚୁକ୍ତି କରିବେ। ଉଭୟ ଙ୍କ ସ୍ୱାର୍ଥକୁ ସୁହାଇଲା ଭଳି ସରକାରୀ ଫର୍ମାଟରେ ଏ କାଗଜ ପତ୍ର କାମ ହେବ। ତେଣୁ ସରକାର ଭାଗଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ପାଇଁ ତୁରନ୍ତ ସ୍ୱତନ୍ତ୍ର ଆଇନି ଆଣିବାକୁ ଚାଷୀ ମାନେ ଦାବୀ କରିଛନ୍ତି।

# ପାଣି ପାଇଁ ୩୦୦ରୁ ଊର୍ଦ୍ଧ୍ୱ ପରିବାର ହନ୍ତସନ୍ତ




ଆଳି(ଭାସ୍କର ନ୍ୟୁଜ )କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ରେ ଦୀର୍ଘ ଦିନ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଛି କ୍ଷ ସୂଚନା ସୂତ୍ରରୁ ପ୍ରକାଶ ଆଳି ବ୍ଲକ ବାଲକାଟି ପଞ୍ଚାୟତ ରେ ବାରମ୍ବାର ପାନୀୟ ଜଳ ସମସ୍ୟା ଲାଗିରହିଛି କ୍ଷ ସେଇଭଳି ରାଣୀପୋଖରୀ ଛକ ନିକଟରେ ଥିବା ବସୁନ୍ଧା ପ୍ରକଳ୍ପ କିଛି ଦିନ ହେବ ଅଚଳ ହୋଇ ପଡିଛି କ୍ଷ ଅଚଳ ହୋଇଯିବା ଫଳରେ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ନାଗପଡା ଗ୍ରାମର ୭, ୮,୯, ୧୦, ୧୧, ୧୨ ୱାର୍ଡ ର ପାଖାପାଖି ୩୦୦ ପରିବାର ର ପାଖାପାଖି ୧୨୦୦ ରୁ ଉର୍ଦ୍ଧ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି କ୍ଷ ୧୧ ନମ୍ବର ୱାର୍ଡରେ ଲୋକଙ୍କ କହିବା ଅନୁଯାୟୀ ଆମ ୱାର୍ଡ ୩୦୦ ଲୋକଙ୍କ ପାଇଁ ଗୋଟେ ନଳକୂପ ରହିଛି କ୍ଷ ବସୁଧା ଯୋଜନା ରେ ଆସୁଥିବା ପାଣି ଯୋଗୁଁ ଭଲମନ୍ଦ ରେ ଚଳି ଯାଉଥିଲୁ କ୍ଷ କିନ୍ତୁ ବସୁଧା ଯୋଜନା ରେ ପାଣି ନ ଆସିବା ଯୋଗୁଁ ଆମେ ଗୋଟେ ନଳକୂପ ଉପରେ ସମସ୍ତେ ନିର୍ଭର କରିବା ଯୋଗୁଁ ୫୦ ଗରା ପାଣି ପରେ ଆଉ ପାଣି ବାହାରୁନି କ୍ଷ ଏଭଳି ଅବସ୍ଥା ସମସ୍ତ ୱାର୍ଡ ରେ ଦେଖା ଦେଇଛି ଯାହା ଫଳରେ ଆମେ ବାଧ ହୋଇ ନଦୀ ଉପରେ ଭରସା କରୁଛି କ୍ଷ କିନ୍ତୁ ନଦୀ ରେ ପାଣି ନ ଥିବାରୁ ଜୁଆର ପାଣି ଆସିଲେ ନଦୀ ପାଣି କୁ ବ୍ୟବହାର କରିବାକୁ ପଡୁଛି କ୍ଷ ଏ ସମସ୍ୟା ନେଇ ଉକ୍ତ ଅଞ୍ଚଳ ର ମନୋରମା ବରଜ, ରଞ୍ଜୁଲତା ମଲ୍ଲିକ, କନକଲତା ବେହେରା, ସରସ୍ୱତୀ

### ବସୁଧା ଯୋଜନା ଫେଲ୍

ମଲ୍ଲିକ, ନବକିଶୋର ମଲ୍ଲିକ, ରବୀନ୍ଦ୍ର କୁମାର ବେହେରା, ଅଶୋକ କୁମାର ବରଜ, ବିକାଶ କୁମାର ଦାସ, ଅଭିରାମ ମଲ୍ଲିକ, ସାବିତ୍ରୀ ମଲ୍ଲିକ, ସବିତା ମଲ୍ଲିକ, ଝୁମୁରି ମଲ୍ଲିକ ପ୍ରମୁଖ ବସୁଧା ପାନୀୟ ଜଳ ପ୍ରକଳ୍ପ ପାଖରେ ପ୍ରତିବାଦ କରିବା ସହ ଆଳି ବିଡିଓ ଙ୍କୁ ଭେଟିଥିଲେ କ୍ଷ ଯଦି ତୁରନ୍ତ ଏହାର ସମାଧାନ ନ ହୁଏ ତେବେ ପ୍ରଶାସନ ର ଦୃଷ୍ଟି ଆକର୍ଷଣ ନିମନ୍ତେ ଆନ୍ଦୋଳନ ର ପନ୍ଥା ଆପଣେଇବେ କ୍ଷ ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠି ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ଯେ ଉକ୍ତ ଦାୟିତ୍ୱ ରେ ଥିବା ପାନୀୟ ଜଳ ବିଭାଗୀୟ ଯନ୍ତ୍ରୀ ଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ସେ ଯଥାଶୀଘ୍ର ଘଟଣା ସ୍ଥଳ କୁ ଯାଇ ସମସ୍ୟା ର ତୁରନ୍ତ ସାମଧାନ କରିବେ ।

# ସଚେତନତା କାର୍ଯ୍ୟକ୍ରମ ଓ ଚାରାରୋପଣ



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟ ଓ ତାଲୁକ ଆଇନ ସେବା କମିଟି ମିଳିତ ଭାବେ ବିଶ୍ୱ ପରିବେଶ ଦିବସ ଓ ବୃକ୍ଷ ରୋପଣ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଜୁନ ମାସ ୫ ତାରିଖ କୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଇଆସୁଛି ଯାହାକି ୧୯୭୩ ମସିହା ଠାରୁପାଳନ କରାଯାଇଆସୁଛି। ଏହିଦିନ ପରିବେଶକୁ ସଫାସୁତୁରା ରଖିବା ନିମନ୍ତେ ସର୍ବସାଧାରଣଙ୍କୁ ସଚେତନତା କରାଇବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ସର୍ବ ସାଧାରଣଙ୍କ ପାଖରେ ପହଞ୍ଚାଇବା ହିଁ ବିଶ୍ୱ ପରିବେଶ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ତାଲୁକ ଆଇନ ସେବା ସମିତି ଓ କରଞ୍ଜିଆ ବନଖଣ୍ଡ ମିଳିତ ଭାବେ ବିଶ୍ୱ ପରିବେଶ ଦିବସ ପାଳିତ କରିଛନ୍ତି ଆଜି ଦିବା ୪ ଘଟିକା ସମୟରେ ସହକାରୀ ବନ ସଂରକ୍ଷକ ମଦନ ମୋହନ ମହାନ୍ତ ଙ୍କ ସଭାପତିତ୍ୱ ରେ ବନଖଣ୍ଡ କାର୍ଯ୍ୟାଳୟ ପରିସରସ୍ଥିତ ସଭାଗୃହ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ଏହା ସହିତ କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟରେ ଥିବା ନଗର ବାଟିକା ଉଦ୍ୟାନ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ରୂପେ କରଞ୍ଜିଆ ତାଲୁକ ଆଇନ ସେବା କମିଟି ର ଅଧ୍ୟକ୍ଷ ତଥା ଏ.ଡି.ଜେ ଆଶିଷ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ଏସଡିଜେଏମ ପ୍ରଭାତ କୁମାର ସାମଲ, ପୂର୍ବତନ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ,କରଞ୍ଜିଆ ଓକିଲ ସଙ୍ଘ ସଭାପତି ,କେନ୍ଦୁଝର ସାଂସଦ ଙ୍କ ପ୍ରତିନିଧି ଆଶିଷ କୁମାର ମହାନ୍ତ,ଆଇନଜୀବୀ କୁମାର ଦେବାଶିଷ ବେହେରା,ଯୁବ ଆଇନଜୀବୀ ଅଭିଜିତ ମହାନ୍ତ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ନିଜ ନିଜ ଅଭିଭାଷଣ ମାଧମ ରେ ଉପସ୍ଥିତ ଜନସାଧାରଣ ଙ୍କୁ ପରାମର୍ଶ ସ୍ୱଚ୍ଛତା ର ବାର୍ତା ଦେଇଥିଲେ । ପରେ ସମସ୍ତ ଅତିଥି ଓ ବନ କର୍ମଚାରୀ ଙ୍କ ଉପସ୍ଥିତି ରେ ନଗର ବାଟିକା ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ କରଞ୍ଜିଆ ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁ, ଦୁଧିଆଣି ରେଞ୍ଜର ମହାବୀର ସିଂ ମୁର୍ମୁ, କରଞ୍ଜିଆ ବନପାଳ ସୁରମୋହନ ବେହେରା, ତାଟୋ ବନପାଳ ଠାକୁରଦାସ ହେମ୍ବ୍ରମ, ସିଙ୍ଗଡ଼ା ବନପାଳ ଦିପ୍ତିମୟୀ ସେଠୀ, କୁଳିପୋଷି ବନପାଳ ହରିଶ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

# ଅସହ୍ୟ ତାତିରେ

## ଜନଜୀବନ ଅସ୍ତବ୍ୟସ୍ତ

କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ )ଜୁନ ମାସରେ ଅସହ୍ୟ ତାତି ଜନ ଜୀବନ ଅସ୍ତ ବ୍ୟସ୍ତ. ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ଚିଲିକା ଓ ବଙ୍ଗୋପ ସାଗର ଉପକୂଳ ବର୍ତ୍ତୀ ଅଞ୍ଚଳ ହେଲେ ମଧ ଅସହ୍ୟ ତାତି ସବୁଦିନ ୩୫ଡିଗ୍ରୀ ତାପମାତ୍ର ପାର କରୁଛି. ପ୍ରତିଦିନ ୨ଡିଗ୍ରୀ ଲେଖାଏଁ ପାର କରୁଛି ତାପମାତ୍ର. ଏ ପଟେ ଝାଞ୍ଜି ପବନ ସାଙ୍ଗକୁ ଅସହ୍ୟ ତାତି ଅସ୍ତ ବ୍ୟସ୍ତ ଜନ ଜୀବନ. କିଛି ଦିନ ପୂର୍ବେ ବର୍ଷା ହୋଇଥିଲେ ମଧ ବର୍ତମାନ ପୂର୍ବ ପରି ଗରମ ହେଉଛି. ଚଳିତ ବର୍ଷ କୃଷ୍ଣ ପ୍ରଶାଦ ଅଞ୍ଚଳ ରେ ଗରମ ଅନୁଭୂତି ହେଉଛି. ଦିନ ୧୦ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି. ରାସ୍ତା ଘାଟ ଖାଁ ଖାଁ. ଅସହ୍ୟ ଖରା ରୁ ରକ୍ଷା ପାଇବା ନିମନ୍ତେ ଓ ରାସ୍ତା ରେ କିମ୍ବା ଛକ ଜାଗା ମାନଙ୍କ ରେ ପ୍ରଶାସନ ତରଫରୁ ନାହିଁ ପାନୀୟ ଜଳ କି ଅସ୍ଥାଇ ଆଶ୍ରୟ ସ୍ଥଳୀ. ଜନ ସାଧାରଣ ଦାବିକରୁଛନ୍ତି ଯେ ଛକ ଜାଗା ମାନଙ୍କ ରେ ଆସ୍ଥାୟୀ ଆଶ୍ରୟ ସ୍ଥଳୀ ଓ ପାନୀୟ ଜଳ ଛତ୍ର ଖୋଲିବାକୁ ଦାବୀ ହେଉଛି

# ପିପିଲି ବିଧାନସଭା ନିର୍ବାଚନ

## ମଣ୍ଡଳୀ ପ୍ରଭାରୀ ହେଲେ ପ୍ରମୋଦ



ଗୋପ (ଭାସ୍କର ନ୍ୟୁଜ୍): ଦୀର୍ଘ ବର୍ଷ ରାଜନୀତି ମଧ୍ୟରେ ଗୋପ ବ୍ଲକ ଗଣେଶ୍ୱରପୁର ପଂଚାୟତ ସରପଂଚ ଭାବେ ଦୁଇଦୁଇ ଥର କାର୍ଯ୍ୟ ଭାର ତୁଲାଇଥିବା ବେଳେ ଥରେ ସମିତିସଭ୍ୟ ଏବଂ ଗତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ନିମାପଡା ନିର୍ବାଚନ ମଣ୍ଡଳୀ ଗୋପ ବ୍ଲକ ୧୧ ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ଭାବେ କାର୍ଯ୍ୟ ତୁଲାଉଥିବା ଶ୍ରୀଯୁକ୍ତ ପ୍ରମୋଦ କୁମାର ରାୟଙ୍କୁ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଭାବେ ଭାରତୀୟ ଜନତା ପାର୍ଟି ପକ୍ଷରୁ ନିଯୁକ୍ତି କରାଯାଇଛି । ସେଥିପାଇଁ ଶ୍ରୀ ରାୟ ଓଡିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ଜିଲ୍ଲା ସଭାପତି ଡଃ ଦେବେନ୍ଦ୍ର ନାଥ ତରାଇ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ଜଗତସିଂହପୁର ସାଂସଦ ଡଃ ବିଭୂ ପ୍ରସାଦ ତରାଇ ଓ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ ଶ୍ରୀ ରାୟ କହିଛନ୍ତି ତୃଣମୂଳ ସ୍ତରରୁ ପିପିଲି ନିର୍ବାଚନ ମଣ୍ଡଳୀକୁ ଆଗେଇ ନେବା ସହିତ ଲୋକମାନଙ୍କ ଦୁଃଖସୁଖରେ ଭାଗିଦାର ହେବା ସହ ଯେପରି କେହି ଯୋଗ୍ୟ ହିତାଧିକାରୀ କୌଣସି ସରକାରୀ ଯୋଜନାରୁ ବାଦ୍ ପଡିବେନି ସେଥିପ୍ରତି ଦୃଷ୍ଟି ଦେବି ଏବଂ ଦଳର ନିଷ୍ପତ୍ତି ଓ ନୀତିନିୟମକୁ ମାନି କାର୍ଯ୍ୟ କରିବି ବୋଲି କହିଛନ୍ତି । ଏଠାରେ ସୁଚନାଥାଉକି ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା ଲୋକମାନଙ୍କ ନିକଟରେ ପହଁଚାଇ ତୃଣମୂଳ ସ୍ତରରେ ସାଧାରଣ ଲୋକମାନଙ୍କ ପ୍ରିୟପାତ୍ର ହୋଇଥିବା ବେଳେ ଦଳ ପାଇଁ ମଧ୍ୟ କାର୍ଯ୍ୟକରି ପ୍ରସଂଶନୀୟ ହୋଇଛନ୍ତି ।

# ଦୁର୍ନୀତିରେ ଉବୁଟୁବୁ ବିଏମ୍‌ସି

ବ୍ରହ୍ମପୁର (ଭାସ୍କର ନ୍ୟୁଜ) ବ୍ରହ୍ମପୁର ମହାନଗର ନିଗମ ବିରୁଦ୍ଧରେ ଜନ ଆକ୍ରୋଶ ବୃଦ୍ଧି ପାଇବାରେ ଲାଗିଛି । ସହର ସମସ୍ୟାର ସମାଧାନ ପାଇଁ ପ୍ରତି ବର୍ଷ ଶହ ଶହ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ବି ବ୍ରହ୍ମପୁରବାସୀ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ଟିଏ ମଧ ପାଇପାରୁନାହାଁନ୍ତି । ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟା ଘେରରେ ରେଶମ ସହର ରହିଛି । ଏ ବାବଦରେ ବିଭିନ୍ନ ଉପାୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଲୋକେ କିନ୍ତୁ ଏହାର ସୁଫଳ ପାଇପାରୁ ନାହାନ୍ତି । ସମସ୍ୟାର ସମାଧାନ ଦିଗରେ ବିଏମସି କାର୍ଯ୍ୟ କରିବାରେ ବିଫଳ ହୋଇଥିବା ଜଣାପଡିଛି । ମହାନଗର ନିଗମ ଦ୍ୱାରା ହେଉଥିବା ବିଭିନ୍ନ କାମରେ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଖବର ସାମ୍ନାକୁ ଆସୁଛି । ସାଧାରଣ ଲୋକଙ୍କ ସ୍ୱାର୍ଥ ବଦଳରେ ନିଜ ସ୍ୱାର୍ଥରେ ମହାନଗର ନିଗମ କର୍ତ୍ତୃପକ୍ଷ ବୁଡି ରହିଥିବା କୁହାଯାଉଛି । ଏନେଇ ସହରରେ ବିଏମସି ପକ୍ଷରୁ ପୂର୍ବରୁ ହୋଇଥିବା ଏବଂ ବର୍ତ୍ତମାନ ଜାରି ରହିଥିବା ବିଭିନ୍ନ କାର୍ଯ୍ୟର ସଠିକ୍ ତଦନ୍ତ କରାଯିବା ସହ ଦୁର୍ନୀତି ଅଭିଯୋଗକୁ ଭିତ୍ତି କରି ଏସବୁର ଭିଜିଲାନ୍ସ ତଦନ୍ତ କରିବାକୁ ବରିଷ୍ଠ ବିଜେପି ନେତା ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଦାବି କରିଛନ୍ତି । ସେ କହିଛନ୍ତି, ବ୍ରହ୍ମପୁର ସହରରେ ରାସ୍ତା, ଡ୍ରେନ୍, ପରିମଳ ସମସ୍ୟା

### ଭିଜିଲାନ୍ସ ତଦନ୍ତ ଦାବି

ନ କହିବା ଭଲ । ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ମହାନଗର ନିଗମ କହୁଥିବାବେଳେ ଲୋକେ ଏହାର ସୁଫଳ ପାଇପାରୁନାହାନ୍ତି । ସାମାନ୍ୟ ବର୍ଷା ହେଲେ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ତଳିଆ ଅଞ୍ଚଳ ଗୁଡିକର ଅବସ୍ଥା ନକହିବା ଭଲ । ସଠିକ୍ ଭାବେ ନାଳ ନର୍ଦ୍ଦମା ଗୁଡିକ ନିୟମିତ ସଫେଇ ହେଉନଥିବାରୁ ବର୍ଷା ଜଳ ସଠିକ୍ ଭାବେ ନିଷ୍କାସନ ନ ହୋଇ ନାଳ ପାଣି ଲୋକଙ୍କ ଘରେ ପଶୁଛି । ସେହିପରି ମଶା ମରା ନାଁରେ ତେଲ କିଣା,ଜଳଛତ୍ର, ସୌନ୍ଦର୍ଯ୍ୟକାରଣ ନାଁରେ କାନ୍ଥରେ ଚିତ୍ର ଆଙ୍କିବା, ପରିମଳ ବ୍ୟବସ୍ଥା,ସହର ଭିତ୍ତିଭୂମିର ବିକାଶ ନାଁରେ ଦୀର୍ଘ ବର୍ଷ ଧରି ଯେଉଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି,ସେଥିରେ ଦୁର୍ନୀତି ଓ ହରିଲୁଟ୍ ହେଉଥିବା ଅଭିଯୋଗ ହୋଇ ଆସୁଛି । ସେହିପରି ମହାନଗର ନିଗମର ଅନେକ ଗୁଡିଏ ପ୍ରକଳ୍ପ ଯଥା- ୱାଟର ଏଟିଏମ୍, ସିଟି ୱାଇ- ଫାଇ ଭଳି ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି କହିଲେ ଭୁଲ୍ ହେବନି । ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଥିବା ସୌନ୍ଦର୍ଯ୍ୟକାରଣ ସ୍ଥାନ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏସବୁ ଅବ୍ୟବସ୍ଥା ଭିତରେ ରହିଥିବା ଦେଖାଦେଇଛି । କୋଟି କୋଟି ଟଙ୍କା ବିଏମସି ଖର୍ଚ୍ଚ କରୁଥିଲେ ବି କାହିଁକି ଏସବୁ ସମସ୍ୟାର ସମାଧାନ ହେଉନାହିଁ, ତାକୁ ନେଇ ପ୍ରଶ୍ନ ଉଠାଇବା ସହ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଖର୍ଚ୍ଚ ହେଉଥିବା ଟଙ୍କାର ଭିଜିଲାନ୍ସ ତଦନ୍ତ କରିବାକୁ ବରିଷ୍ଠ ଭାଜପା ନେତା ଶ୍ରୀ ପତି ଦାବି କରିଛନ୍ତି ।

# ଚାରାରୋପଣ କାର୍ଯ୍ୟକ୍ରମ



ଜଗତସିଂହପୁର(ଭାସ୍କର ନ୍ୟୁଜ୍): ଜଗତସିଂହପୁର ରଘୁନାଥପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଙ୍କେତ ପକ୍ଷରୁ ବିଶ୍ୱ ପରିବେଶ ଦିବସ ସପ୍ତାହ ଅବସରରେ ବାଲିକୁଦା ବ୍ଲକ ଅଧିନ ଅଳାଭର ପଞ୍ଚାୟତ ଠାରେ ଏକ ସ୍ୱତନ୍ତ୍ର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସାମାଜିକ ସଂଗଠନର ମୁଖ୍ୟ ବଦ୍ରୀନାରାୟଣ ମହାନ୍ତି ପରିବେଶ ସଚେତନତା ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରାଇବା ସହିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉନ୍ନତ ମାନର ଆମ୍ବ ଚାରା ରୋପଣ କରିଥିଲେ । ବୃକ୍ଷ ରୋପଣ ଦ୍ୱାରା ଆମେ ଉତ୍ତରଦାୟଦ ମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ସହିତ ଅସନ୍ତୋଳିତ ପରିବେଶକୁ ସ୍ୱଚ୍ଛ ରଖିପାରିବା ବୋଲି ବଦ୍ରୀନାରାୟଣ ମହାନ୍ତି କହିଥିଲେ । ଏହି ଅବସରରେ ୫୦ ଜଣ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଆମ୍ବ ଚାରା ବାଡ଼ିରେ ରୋପଣ କରିବା ପାଇଁ ପ୍ରଦାନ କରାଯାଇଥିଲା । ସେହିଭଳି ଭାବରେ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଅୟର ପଂଚାୟତ ମୁରୁଣିଆ ଠାରେ ମଧ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଅଳାଭର ସରପଞ୍ଚ ମଧୁଛନ୍ଦା ସ୍ୱାଇଁ, ଦୁର୍ଗେଶ ନନ୍ଦିନୀ କାନୁନଗୋ, ସମାଜସେବୀ ବିଭୁତି ଭୂଷଣ ସ୍ୱାଇଁ ଓ ତପନ କୁମାର ରାଉତରାୟ, ଉଦୟନାଥ ଲେଙ୍କା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଦୁଇ ଅନାଥ ନାବାଳକଙ୍କୁ ସହାୟତା



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଅସହାୟ, ବେସାହାରା ହୋଇ ପଡିଛନ୍ତି ଦୁଇ ଅନାଥ ନାବାଳକ ।ମୁଣ୍ଡ ଉପରୁ ଉଠି ଯାଇଛି ବାପା ମାଆର ସ୍ନେହ, ଶ୍ରଦ୍ଧା ଓ ଆଶିର୍ବାଦ ।ପରିବାର କହିଲେ ସୃଷ୍ଟିଧର ସିଂ, ଧର୍ମ ପତ୍ନୀ ସିମା ସିଂ ଓ ଦୁଇ ପୁଅ ।ପ୍ରଥମେ ଆଠ ବର୍ଷ ପୂର୍ବେ ବାପା ହୃଦ ଘାତରେ ଜୀବନ ଚାଲିଗଲା ।ତଥାପି ମାଆ ସିମା ସିଂ ଦୁଇ ପୁଅକୁ ବଡ଼ ମଣିଷ କରିବା ପ୍ରୟାସରେ ନିଜେ କାମ ଧନ୍ଦା କରି ବେଶ ହସ ଖୁସିରେ ପରିବାର ଚଳାଉ ଥିଲେ ।ହଠାତ୍ ଯେମିତି ଏ ପରିବାରକୁ ଦୁଃଖର କଳାବାଦଲର ଛାଇ ଘୋଟି ଆସିଲା ।ମାଆ ଶ୍ରମିକ ଭାବରେ କାର୍ଯ୍ୟ କରୁ କରୁ ହୃଦ ଘାତରେ ଜୀବନ ଚାଲି ଗଲା ।ଏବେ ବଡ ପୁଅ ଅନୁପ ସିଂ ଓ ସାନ ପୁଅ ସନୁପ ସିଂ ବାପା ମାଆ ଛେଉଣ୍ଡ ହୋଇ ଯାଇଛନ୍ତି ।ଏହି ଘଟଣାଟି ଘଟିଛି ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ପଞ୍ଚାୟତର ମଙ୍ଗା ପୋଖରୀ ସାହିରେ ।ଏ ହୃଦୟ ବିଦାରକ ଦୃଶ୍ୟ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରସାରିତ ହେବା ପରେ ସେହି ଅନାଥ ଦୁଇ ଭାଇଙ୍କୁ ବରିଷ୍ଠ ବିଜେପି ନେତା ତଥା ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଝାଟିଅଡ଼ା ହରିପୁର ସ୍ଥିତ ଶ୍ରୀ ଅରବିନ୍ଦ ନଗର ଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆବାସିକ ବିଦ୍ୟାଳୟ ବା ହଷ୍ଟେଲରେ ରଖି ପାଠ ପଢ଼ାଉ ଥିବା ସ୍ଥାନରେ ଅପରାହ୍ନ ଚାରିଟା ସମୟରେ ଓଡିଶାର ୩୦ ଟି ଜିଲ୍ଲାରୁ ଅଲ୍ ଓଡ଼ିଶା ରେଶନ କାଡ ପରିଚାଳନା କେନ୍ଦ୍ର ଓ ଜିଲ୍ଲା ଅଭିଯୋଗ ପ୍ରତିକାର ଅଧିକାରୀଙ୍କ ତଥ୍ୟ ପ୍ରବେଶ ଚାଳକ ସଙ୍ଘ ମିଳିତ ଭାବେ ପହଞ୍ଚି ରାଜ୍ୟ ସଭାପତି ଉମେଶ ବାଗ, ଉପ ସଭାପତି ଦେବେନ ଦେବଦାସ ନାୟକ, ସଂପାଦକ ଜୀତେନ୍ଦ୍ର ସାହୁ, ଯୁଗ୍ମ ସଂପାଦକ ଶୁଭେନ୍ଦୁ କୁମାର ହୋତା, ସଂଗଠକ ସଂପାଦକ ଗଣେଶ ବେହେର ଦଳେଇ, ବାଲେଶ୍ୱର ଜିଲ୍ଲା ସଭାପତି ଜାନକୀ ଜେନା, ସଂପାଦକ ଆଲୋକ କୁମାର ନାୟକ, ତା ଛଡା ସନ୍ତୋଷ ପଣ୍ଡା, ବିରେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ବେହେରା, ଗୌତମ ନାୟକ, ଜ୍ୟୋତି ମହାପାତ୍ର,ଭବ ଶଙ୍କର ଜେନା ପ୍ରମୁଖ ସଭ୍ୟ ମାନେ ପହଞ୍ଚି ଅନାଥ ଦୁଇ ଭାଇଙ୍କ ବ୍ୟାଙ୍କ ଖାତାକୁ ୩୫ ହଜାର ଟଙ୍କା ସହାୟତା କରିଥିଲେ ।ସେହିପରି ଅନୁଗୋଳ ଜିଲ୍ଲାର ଜୟ ଜଗନ୍ନାଥ କ୍ଲବ ପକ୍ଷରୁ ମଧ ୨ ହଜାର ୫ ଶହ ଟଙ୍କା ସହାୟତା ପ୍ରଦାନ କରିଥିଲେ ।ବରିଷ୍ଠ ବିଜେପି ନେତା ଶ୍ରୀ ବ୍ରଜମୋହନ ପ୍ରଧାନଙ୍କ ସହ ବିଦ୍ୟାଳୟର ଅଧକ୍ଷ ସୁଧୀର କୁମାର ଚାନ୍ଦ, ଯୁବନେତା ରାଜେଶ ଖଟୁଆ, କାଳି ଚରଣ ଦାସ, ସଞ୍ଜୀବ କୁମାର ପାତ୍ର, ସାମ୍ବାଦିକ ମନୋଜ କୁମାର ଭୂୟାଁ, ରଞ୍ଜନ କୁମାର ବେହେରା, ଅଂଶୁମୋଚନ ଘୋଷ, ପ୍ରଶାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।ଆରୁହା ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ, ସମିତି ସଦସ୍ୟା ମଧୁସ୍ମିତା ମହାନ୍ତିଙ୍କ ସହ ପଞ୍ଚାୟତବାସୀ ଏହିଭଳି ମହତ୍ କାର୍ଯ୍ୟ ପାଇଁ ଶ୍ରୀଯୁକ୍ତ ପ୍ରଧାନଙ୍କ ସହିତ ସଂଗଠନକୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି ।

# ଶ୍ରମ ଆଇନକୁ ଭୁଲିଗଲେ ଠିକାଦାର, ୪୪ଡିଗ୍ରୀ ଉତ୍ତାପରେ କାମ କରୁଛନ୍ତି ଶ୍ରମିକ



କୋରେଇ(ଭାସ୍କର ନ୍ୟୁଜ୍): ସରକାର ସଦା ସର୍ବଦା ଶ୍ରମିକଙ୍କ ମାନଙ୍କ ହିତ ପାଇଁ ଚିନ୍ତା କରୁଥିବା ବେଳେ ଶ୍ରମିକଙ୍କ ସୁରକ୍ଷା ଓ ଶାରୀରିକ ସୁସ୍ଥତା ପାଇଁ ବିଭିନ୍ନ ପ୍ରକାରର ନିୟମ କରିଛନ୍ତି ।ଏହା ପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ ଶ୍ରମ ବିଭାଗ ମଧ ରହିଛି ।ଏହି ଶ୍ରମ ବିଭାଗ ର ଦାୟିତ୍ୱ ଶ୍ରମିକ ମାନଙ୍କ ସବୁ ପ୍ରକାର ଉନ୍ନତି ତଥା ସୁରକ୍ଷା ପ୍ରଦାନ କରିବା ସଚେତନତା କରାଇବା କିନ୍ତୁ ଦୁଃଖର ବିଷୟ ଏହା କେବଳ ଖାତା କଲମରେ ସୀମିତ ହେଇ ରହିଯାଇଛି ।ଶୁଣିବାକୁ ମିଳୁଛି କୁଆଡେ ଯାଜପୁର ରୋଡ ରେ ଶ୍ରମ କାର୍ଯ୍ୟାଳୟ ଟଙ୍କା ଦେଲେ କଳା କୁ ଧଳା ଦେବେ ଶ୍ରମ ଅଧିକାରୀ ।ଏହା ମଧ ଆଲୋଚନା ହେଉଛି ଶ୍ରମିକ କାର୍ଡ କରିବା ପାଇଁ ଶ୍ରମିକ ମାନଙ୍କ ଠାରୁ ଲାଞ୍ଚ ନେବା ପାଇଁ କିଛି ଦଲାଲ ପୋଷିଛି ଏହି ଶ୍ରମ ବିଭାଗ ।ସରକାର ଶ୍ରମିକ ମାନଙ୍କ ପାଇଁ ଶ୍ରମ ବିଭାଗ ଦ୍ୱାରା ଗ୍ରୀଷ୍ମ ଋତୁ ର ଏପ୍ରିଲ୍ ,ମେ ଓ ଜୁନ ମାସ ପାଇଁ ସ୍ୱତନ୍ତ୍ର ନିୟମ ଲାଗୁ କରିଥିବା ବେଳେ ଏହା କୋରେଇ ଓ ବ୍ୟାସନଗର ରେ କୌଣସି କାର୍ଯ୍ୟରେ ଠିକାଦାର ମାନୁନଥିବ ଦେଖିବାକୁ ମିଳୁଛି ।ଗ୍ରୀଷ୍ମ ଋତୁ ପାଇଁ ସକାଳୁ ୧୧ ଟା ଭିତରେ ଓ ଅପରାହ୍ନ ୩ ଟା ପରେ କାର୍ଯ୍ୟ କରିବା ସହ ଠିକାଦାର ଶ୍ରମିକ ମାନଙ୍କୁ ଓଆରଏସ ଦେବା ସହ ଥକା ମେଣ୍ଟାଇବା ପାଇଁ ଟେଣ୍ଟ ର ବ୍ୟବସ୍ଥା କରିବା ନିୟମ ରହିଛି ଯାହା କୌଣସି ଠିକାଦାର ପାଳନ କରୁନଥିବା ଦେଖିବାକୁ ମିଳୁଛି ।ସରକାର ଏପ୍ରିଲ୍ ମାସ ଠାରୁ ଜୁନ ୧୫ କୁ ସର୍ବାଧିକ ଗ୍ରୀଷ୍ମ ପ୍ରବାହ ହେଉଥିବା ସମୟ ଭାବେ ଘୋଷଣା କରିଥିବା ବେଳେ ଶ୍ରମିକ ମାନଙ୍କୁ ଡ଼ହ ଡହ ଖରାବେଳେ କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ହେଉଛି ।କୋରେଇ ଓ ବ୍ୟାସନଗର ଅଞ୍ଚଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ ସବୁଠି ଶ୍ରମିକ ମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି ।ଏହି କ୍ରମରେ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧିନରେ ଖଇରା ଠାରୁ ନହକା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଶ୍ରମିକ ମାନେ କରୁଥିବା ବେଳେ ଶ୍ରମ ଆଇନ୍ କୁ ଉଲହଂଗନ୍ କରୁଛି ଠିକା ସଂସ୍ଥା ।ଦିନ ୧୧ ଟା ଠାରୁ ଅପରାହ୍ନ ୩ ମଧରେ ଶ୍ରମିକ କରୁଥିବା କାର୍ଯ୍ୟକୁ ବନ୍ଦ ରଖିବାକୁ ଶ୍ରମ ବିଭାଗର ନିର୍ଦ୍ଦେଶ ଥିବା ବେଳେ ଦିନ ୧୨:୩୦ ରେ ୪୪ସ ରୁ ଉର୍ଦ୍ଧ ତାପମାତ୍ରାରେ ଶ୍ରମିକ ମାନଙ୍କୁ କାର୍ଯ୍ୟରେ ଠିକାଦାର ନିୟୋଜିତ କରୁଥିବା ଦେଖିବାକୁ ମିଳୁଛି ।ଏହି ରାସ୍ତାରେ ଧୂଳି ଝାଡୁ କରି ସଫା କରିବା ଓ ପିଚୁ କାର୍ଯ୍ୟ ଚାଲୁଥିବା ବେଳେ ଶ୍ରମିକ ମାନେ କାର୍ଯ୍ୟ କରୁଥିବା ଶ୍ରମ ଆଇନ୍ ର ଧଜିଆ ଉଡ଼ାଉଛି ଠିକା ସଂସ୍ଥା ।ଏହି ରାସ୍ତା ନିର୍ମାଣ ର ଅବଧି ୭ ମାସ ଥିବା ବେଳେ ୨୦୨୪ ଜୁଲାଇ ମାସରୁ ଅବଧି ଶେଷ ହୋଇଯାଇଛି ବର୍ତ୍ତମାନ ସୁଦ୍ଧା ୩୦% କାର୍ଯ୍ୟ ହୋଇଥିବା ଦେଖାଯାଉଛି ସେଥିପାଇଁ ଠିକାଦାର ଔଷଧ ବିକଳରେ ତାଟିଆ କାମୁଡି ଶ୍ରମିକଙ୍କ ଜୀବନ ସହ ଖେଳି କାର୍ଯ୍ୟରେ ଲଗାଇ ସବୁ ନିୟମ କୁ ଉଲଘଂନ କରୁଥିବା ଅଭିଯୋଗ ହେଉଛି ।ଏହି ରାସ୍ତା ନିର୍ମାଣ କାର୍ଯ୍ୟର ଠିକାଦାର ସୁନିଲ କୁମାର ମହାନ୍ତି ଙ୍କ ନାମରେ ଥିବା ବେଳେ ଜିଲ୍ଲା ପ୍ରଶାସନ ଉକ୍ତ ଠିକାଦାର ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି ।

# ଦୁର୍ଘଟଣାରେ ଜଣେ ଆହତ, ଜଣେ ଗୁରୁତର

ଆଳି(ଭାସ୍କର ନ୍ୟୁଜ୍):ଆଳି ବ୍ଲକ ନିଆଳ ପଞ୍ଚାୟତସ୍ଥିତ ନୟାରା ତେଲ ଟାଙ୍କି ନିକଟ ରେ ଆଜି ପୂର୍ବାହ୍ନ ୧୧. ୩୦ ମିନିଟ ସମୟରେ ଏକ ବାଇକ ସହିତ ସ୍କୁଟି ଚାଳକ ଙ୍କ ଦୁର୍ଘଟଣା ଘଟିଛି କ୍ଷ ସୂଚନା ରୁ ପ୍ରକାଶ ଯେ ଆଜି ପୂର୍ବାହ୍ନ ରେ ଆଳି ଥାନା ଟୁଙ୍ଗା ପଞ୍ଚାୟତ ବଉଳଜୋଡ଼ି ଗ୍ରାମର ପ୍ରତ୍ୟୁଷ ବିଶ୍ୱାଳ(୮) ତାଙ୍କ ମାଉସୀ ମମତା ଙ୍କ ସହ ଆଳି ନୟାରା ତେଲ ଟାଙ୍କି ତେଲ ପକାଇବା ପାଇଁ ଯାଉଥିବା ସମୟରେ ସେହି ରାସ୍ତାରେ ପଟ୍ଟାମୁଣ୍ଡାଇ ରୁ ଆଳି ନିଜ ଗ୍ରାମ ଦଶିପୁର କୁ ବାଇକ ଯୋଗେ ଫେରୁଥିବା ଦୀପକ ଦାଶ(୧୯) ଉଭୟ ଙ୍କୁ ଙ୍କୁ ପଛପଟୁ ଗାଡି ପିଟିଦେଇଥିଲେ କ୍ଷ ଫଳରେ ପ୍ରତ୍ୟୁଷ ସ୍କୁଟି ରୁ ବାହାରି ତଳେ ପଡିଯାଇଥିଲେ କ୍ଷ ତଳେ ପଡ଼ି ଯିବା ଫଳ ରେ ପ୍ରତ୍ୟୁଷ ଙ୍କ ହାତରେ ଓ ଗୋଡ଼ ରେ ଗଭୀର ଆଘାତ ଲାଗିବା ସହ ତାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିଲା କ୍ଷ ସେହି ବାଟ ଦେଇ ଆସୁଥିବା ଭୂଇଁପୁର ର ଜଣେ ସମାଜସେବୀ ଦଶରଥ ମଲିକ ଉଭୟ ଙ୍କୁ ନିଜ କାର ଯୋଗେ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ କ୍ଷ ଖବର ଶେଷ ସୁଦ୍ଧା ଉଭୟ ଙ୍କୁ ଡାକ୍ତର ଆଶୁ ଚିକିତ୍ସା କରିବା ପରେ ପ୍ରତ୍ୟୁଷଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପର୍ଣ ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ମେଡିକାଲ କୁ ସ୍ଥାନାନ୍ତର କରିଥିଲେ ।



କଟକ(ଭାସ୍କର ନ୍ୟୁଜ): ଆଜିର ପରିବର୍ତ୍ତିତ ପରିସ୍ଥିତିରେ ଆମର ବିଦ୍ୟାଳୟ ଓ ବିଦ୍ୟାଳୟ ଶିକ୍ଷା ଯୁଗାନୁକୂଳ ହେବା ଆବଶ୍ୟକତା ରହିଛି। ଶିକ୍ଷା ଶାଶ୍ୱତ, ସନାତନୀ ଓ ଚିରନ୍ତନୀ ଅଟେ। ଶିକ୍ଷାର ଲକ୍ଷ୍ୟ, ଜୀବନର ଲକ୍ଷ୍ୟ ସମାଜ କଲ୍ୟାଣକାରୀ ଓ ମାନବ କଲ୍ୟାଣକାରୀ ହେଉ। ବିଦ୍ୟାଭାରତୀ, ଶିକ୍ଷାବିକାଶ ସମିତି, ଓଡ଼ିଶାଙ୍କ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରାଦେଶିକ ସମ୍ପାଦକ ସମ୍ମିଳନୀ ସମାପିତ ହୋଇଯାଇଛି। ଏଥିରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ମହା ମନ୍ତ୍ରୀ ଦେଶରାଜ ଶର୍ମା ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଭାପତି ଡ. କିଶୋରଚନ୍ଦ୍ର ମହାନ୍ତି ଅଧ୍ୟକ୍ଷୀୟ ଅଭିଭାଷଣରେ ବ୍ୟକ୍ତ କରିଥିଲେ । ଉତ୍ତର ପୂର୍ବ ସମ୍ପାଗର ସଦସ୍ୟା ଡ. ଇନ୍ଦୁମତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଧାୟକ ଓ ସାଂସଦଙ୍କ ସମ୍ମିଳନୀ } ଆମ ପ୍ରତିଶ୍ରୁତିକୁ ବାସ୍ତବତାରେ ପରିଣତ କରିଛୁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଜି ରାଜ୍ୟର ସେବାରେ ଆମ ସରକାରଙ୍କ ଏକ ସଫଳ ବର୍ଷ ପୂରଣ ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପ୍ରଥମେ ଆତଙ୍କବାଦ ବିରୋଧରେ ଅପରେସନ ସିନ୍ଦୁରର ସଫଳତା ପାଇଁ ଭାରତର ସେନା ବାହିନୀକୁ ମୁଖ୍ୟମନ୍ତ୍ରୀ ସଲାମ କକରିବା ସହ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୃଢ ନେତୃତ୍ୱ ପାଇଁ ଅଭିନନ୍ଦନ ଜଣାଛନ୍ତି। ମୋଦୀଜୀଙ୍କ ଦୃଢ ନେତୃତ୍ୱରେ ଭାରତ ଆଜି ସାରା ବିଶ୍ୱରେ ଆତଙ୍କବାଦ ବିରୋଧରେ ଲଢେଇ କରୁଥିବା ସବୁଠାରୁ ଅଗ୍ରଣୀଦେଶ ଭାବେ ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି। ମାତୃଶକ୍ତିର ମର୍ଯ୍ୟାଦାର ସୁରକ୍ଷା ପାଇଁ ମୋଦୀଜୀ ହେଉଛନ୍ତି ଦେଶର ସର୍ବକାଳୀନ ସର୍ବଶ୍ରେଷ୍ଠ ନେତା। 'ଦେଶର ସୁରକ୍ଷା ସର୍ବୋପରି', ଏଥିରେ କୌଣସି ସାଲିସ ନାହିଁ। ଆଜିର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଁ କୋଟି ହୃଦୟର ନେତା ନରେନ୍ଦ୍ର ମୋଦୀଜୀଙ୍କୁ ପୁଣିଥରେ ମୋର କୃତଜ୍ଞତା ଜ୍ଞାପନ କରୁଛି। ପାକିସ୍ତାନର ଆତଙ୍କବାଦର ମୁଖାକୁ ସାରା ବିଶ୍ୱରେ ଖୋଲିବା ପାଇଁ ଓଡିଶାର ଦୁଇ ଜଣ ସାଂସଦ ଅପରାଜିତା ଷଡଙ୍ଗୀ ଏବଂ ବୈଜୟନ୍ତ ପଣ୍ଡା ଭାରତର ସଫଳ ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କୁ ମଧ ସେ ଅଭିନନ୍ଦନ ଜଣାଉଛି। ଆଜିକୁ ଏକ ବର୍ଷ ତଳେ ଅର୍ଥାତ ଜୁନ ୪, ୨୦୨୪ରେ ଓଡିଶାର ଜନ ସାଧାରଣ ଆମ ଉପରେ ଆସ୍ଥା ପ୍ରକଟ କରି ଆମକୁ ସମୃଦ୍ଧି ଓ ବିକଶିତ ଓଡ଼ିଶା ଗଠନର ଦାୟିତ୍ୱ ଦେଇଥିଲେ ଏବଂ ଜୁନ ୧୨ ତାରିଖରେ ଓଡିଶାରେ ପ୍ରଥମ ଥର ଭାବେ ଆମ ସରକାର ଗଠନ ହୋଇଥିଲା। ଏହା ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ କ୍ଷଣ ଥିଲା। ଗତ ଏକ ବର୍ଷର ଯାତ୍ରା ଏକ ସ୍ପଷ୍ଟ ଜନାଦେଶ ଏବଂ ଦୃଢ଼ ପ୍ରତିବଦ୍ଧତା ସହିତ ଆରମ୍ଭ ହୋଇଥିଲା। ସରକାରୀ ଚାକିରି ଆଶାୟୀଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୩୨ରୁ ୪୨କୁ ବୃଦ୍ଧି କରିଛୁ ଏବଂ ପ୍ରଥମ ବର୍ଷରେ ୨୭ ହଜାର ରୁ ଅଧିକ ସରକାରୀ ଚାକିରି ପୂରଣ କରିଛୁ। ଚଳିତ ବର୍ଷ ଆହୁରି ୪୦,୦୦୦ ଖାଲି ପଦବୀ ପୂରଣ କରିବାକୁ ଲକ୍ଷ୍ୟ ରଖିଛୁ। ରାଜ୍ୟର ଗରିବ ଏବଂ ଆର୍ଥିକ ଭାବେ ଅନୁଗ୍ରସର ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା, ବର୍ଦ୍ଧିତ ଦରରେ ବରିଷ୍ଠ ନାଗରିକଙ୍କୁ ପେନସନ ପ୍ରଦାନ, ଶ୍ରମିକ ତଥା କେନ୍ଦୁ ପତ୍ର ତୋଳାଳୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଲାଗୁ କରାଯାଇଛି। ସରକାରଙ୍କ କାର୍ଯ୍ୟ ଓଡ଼ିଶାର ଅର୍ଥନୈତିକ ଦୃଶ୍ୟପଟରେ ମଧ ପ୍ରତିଫଳିତ ହୋଇଛି। ଓଡ଼ିଶା ଅର୍ଥନୈତିକ ସର୍ବେକ୍ଷଣ ୨୦୨୪-୨୫ ରିପୋର୍ଟ ଅନୁଯାୟୀ ଆମ ରାଜ୍ୟର ଅଭିବୃଦ୍ଧି ହାର ୭.୨% ରହିଛି, ଯାହା ଜାତୀୟ ଅଭିବୃଦ୍ଧି ହାର ୬.୪% ଠାରୁ ଅଧିକ। ସମୃଦ୍ଧ ଓଡିଶା ଲକ୍ଷ୍ୟ ହାସଲ କରିବା ପାଇଁ ଆମକୁ ଏହି ବିକାଶ ଦରକୁ ଣ୍ଣବସଭଷ୍ଟବସଭ କିମ୍ବା ଅଧିକ ଦର ହାସଲ କରିବାକୁ ପଡିବ ଏବଂ ଆମେ ଏହି ଦିଗରେ ଅଗ୍ରସର ହେଉଛୁ। ଏହି ବୈଠକରେ ବାଚସ୍ପତି ସୁରମା ପାଢ଼ୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟମନ୍ତ୍ରୀ ମଣ୍ଡଳର ସଦସ୍ୟଗଣ, ରାଜ୍ୟ ସାଂସଦଗଣ ଓ ବିଧାୟକଗଣ ଉପସ୍ଥିତ ରହି ଏକ ବର୍ଷର ସଫଳତା ଓ ଭବିଷ୍ୟତ ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

### ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସର ବୈଷୟିକ କର୍ମଶାଳା ଉଦ୍‌ଘାଟିତ
## ନିର୍ମାଣର ସ୍ଥାୟିତ୍ୱ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବର୍ତ୍ତମାନ ଯୁଗ ହେଉଛି ଆଧୁନିକ ଜ୍ଞାନକୌଶଳର ଯୁଗ । ବିଭିନ୍ନ ଟେକ୍‌ନୋଲୋଜି ତଥା କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରି ବହୁ ଆସାଧ କାର୍ଯ୍ୟକୁ କମ୍ ସମୟ ମଧ୍ୟରେ ସମ୍ଭବ କରିହେଉଛି । ରାଜ୍ୟ ସରକାର ସବୁବେଳେ ଉନ୍ନତ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । ତେଣୁ ଆଧୁନିକ ଜ୍ଞାନକୌଶଳ ଓ ସବୁ ପ୍ରକାର ଟେକ୍‌ନୋଲୋଜିର ବ୍ୟବହାର କରି ଉନ୍ନତ ତଥା ଉତ୍କୃଷ୍ଟ ଭିତ୍ତିଭୂମି ନିର୍ମାଣ କରିବାକୁ ପୂର୍ତ୍ତ, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଇଣ୍ଡିଆନ୍ ବିଲ୍‌ଡିଂ କଂଗ୍ରେସ (ଆଇବିସି)ର କାର୍ଯ୍ୟକାରିଣି କମିଟି ବୈଠକ ଏବଂ ବୈଷୟିକ କର୍ମଶାଳା ଆଜି ଏଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଏବଂ ଆଇବିସି ପକ୍ଷରୁ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଓଡ଼ିଶା ଏକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ପରିଗଣିତ । ନିୟମିତ ଭାବେ ବନ୍ୟା, ବାତ୍ୟା ସହ ଅନେକ ସମୟରେ ଭୂମିକମ୍ପ ଘଟଣା ନଜରକୁ ଆସୁଛି । ଏହି କାର୍ଯ୍ୟକ୍ରମରେ ଆଇବିସି ଓଡ଼ିଶା ଚାପ୍‌ଟରର ଅଧ୍ୟକ୍ଷ ବିଜୟ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆଇବିସି, ନୂଆଦିଲ୍ଲୀର ସଭାପତି ଇଂ. ସି. ଦେବନାଥ ଏବଂ ପ୍ରତିଷ୍ଠାନ ସଭାପତି ଇଂ. ଓ.ପି. ଗୋଏଲ୍ ଆଇବିସିର କାର୍ଯ୍ୟଧାରା ସହ ଇଂଜିନିୟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ କର୍ମଶାଳା ଆୟୋଜନ ଏବଂ ପରସ୍ପର ମଧ୍ୟରେ ଅଭିଜ୍ଞତା ବଂଟନ, ନୂଆ ଟେକ୍‌ନୋଲୋଜିର ବ୍ୟବହାର ଉପରେ ନିଜର ମତ ରଖିଥିଲେ । ଏହି ଅବସରରେ ଇଂ. ଏମ୍ ମୁରୁଗେସନ୍ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ପ୍ରକଳ୍ପ ନିର୍ମାଣରେ ଆହ୍ୱାନ ଏବଂ ବିକଳ୍ପ ଡିଜାଇନ୍‌ର ଉପଯୋଗ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ହରିଚନ୍ଦନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହେବା ସହ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଆଇବିସିର ସମ୍ପାଦକ ଭି. ଆଁ. ବଂଶଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟର ଶିଳ୍ପାୟନ ସ୍ଥିତି ନୈରାଶ୍ୟଜନକ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗତ ୧ ବର୍ଷ ମଧ୍ୟରେ ଓଡ଼ିଶାର ଶିଳ୍ପାୟନ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପରିସଂଖ୍ୟାନ ବାସ୍ତବତା ଠାରୁ ବହୁ ଦୂରରେ ବୋଲି ବିଜୁ ଜନତା ଦଳ କହିଛି । ଆଜି ଏକ ପ୍ରେସ୍ ବିବୃତିରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି କହିଛି ଯେ, ଡବଲ ଇଞ୍ଜିନ ସରକାରରେ ରାଜ୍ୟର ଶିଳ୍ପାୟନ ସ୍ଥିତି ନୈରାଶ୍ୟଜନକ। ଡ଼ ମହାନ୍ତି ଆହୁରି କହିଥିଲେ ଯେ, ଓଡ଼ିଶା ୨୦୨୩-୨୪ ବର୍ଷରେ ଶ୍ରେଷ୍ଠ ନିବେଶଯୋଗ୍ୟ ରାଜ୍ୟ ଭାବେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରାଳୟ ଦ୍ୱାରା ଏବଂ ୨୦୨୨-୨୩ ବର୍ଷରେ ଦ୍ୱିତୀୟ ସର୍ବାଧିକ ନିବେଶ ଆକୃଷ୍ଟକାରୀ ରାଜ୍ୟ ଭାବେ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୨୦୨୩-୨୪ ବର୍ଷରେ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶା ପୁରସ୍କୃତ ହୋଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ସ୍ୱଚ୍ଛ ନୀତି ଫଳରେ ଓଡ଼ିଶା ଇସ୍ପାତ ଉତ୍ପାଦନରେ ୧୫ ଗୁଣା, ସିମେଂଟରେ ୨୨ ଗୁଣା, ଆଲୁମିନିୟମରେ ୭.୫ ଗୁଣା ଓ ଶକ୍ତି ଉତ୍ପାଦନରେ ୩.୫ ଗୁଣା ଅଭିବୃଦ୍ଧି ହାସଲ କରିପାରିଥିଲା । ଅପରପକ୍ଷରେ ଡବଲ ଇଞ୍ଜିନ ସରକାର ଆସିବା ପରଠାରୁ ଗତ ୧ ବର୍ଷ ମଧ୍ୟରେ ଓଡ଼ିଶା ପ୍ରତି ନିବେଶକଙ୍କ ଆସ୍ଥା ଓ ଭରସା କମିଯାଉଥିବା ପରିଲକ୍ଷିତ ହେଉଛି । ୪୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ କଟକର ନରାଜ ଠାରେ ପ୍ରତିଷ୍ଠା ହେବାକୁ ଥିବା ଜେଏସ୍‌ଡବ୍ଲ୍ୟୁର ବୈଦ୍ୟୁତିକ ଯାନ ଓ ବ୍ୟାଟେରୀ ଉତ୍ପାଦନ ପ୍ରକଳ୍ପ ଆଜି ମହାରାଷ୍ଟ୍ର ମୁହାଁ । କେନ୍ଦ୍ରାପଡ଼ା ଜିଲ୍ଲାରେ ହେବାକୁ ଥିବା ଆର୍ସଲେର ମିତ୍ତଲ-ନିପ୍ପନ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପ ଆନ୍ଧ୍ରକୁ ଚାଲିଯିବା ଏକପ୍ରକାର ନିଶ୍ଚିତ ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଉଛି । ଏଭଳି ସ୍ଥିତିରେ ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟ ସରକାର ନିଜ ପିଠି ନିଜେ ଥାପୁଡ଼େଇବା ପରିବର୍ତ୍ତେ ନବୀନ ସରକାର ଅମଳରେ ହୋଇଥିବା ଓଡ଼ିଶା ବିକାଶର ଧାରାକୁ ପ୍ରତିବଦ୍ଧତାର ସହ ଆଗକୁ ବଢ଼ାନ୍ତୁ ବୋଲି ଡ଼ ମହାନ୍ତି କହିଥିଲେ ।

### ନାରୀଶକ୍ତି ସମ୍ମିଳନୀ ଆୟୋଜନର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ
## ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା



କଟକ(ଭାସ୍କର ନ୍ୟୁଜ): ଦିନିକିଆ କଟକ ଗସ୍ତରେ ଆସି ରବିବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଜିଲ୍ଲାସ୍ତରୀୟ ନାରୀଶକ୍ତି ସମ୍ମିଳନୀ ଆୟୋଜନର ପ୍ରସ୍ତୁତି ସହ ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କଟକ ଜିଲ୍ଲା ଗସ୍ତରେ ଆସି ଶ୍ରୀ ସିଂହଦେଓ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତ । କୃଷି କ୍ଷେତ୍ରର ଉନ୍ନତି ନିମନ୍ତେ ଚାଷୀ ତଥା ଅଧିକାରୀମାନଙ୍କୁ ତାଲିମ ପ୍ରଦାନ, ଜୈବିକ କୃଷି, ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ, ସହର ଉନ୍ନତିକରଣ, ସ୍ୱଚ୍ଛତା ଆଦି ଦିଗରେ ପଦକ୍ଷେପ ନେବାକୁ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ଉପଆୟୁକ୍ତ କମିଶନରେଟ ପୋଲିସ୍ ଖିଲାରି ଋଷିକେଷ ଦ୍ୟାନଦେଓ କଟକ ସହରର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିବାବେଳେ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯାଇ ଅପରାଧ ନିୟନ୍ତ୍ରଣ କରାଯାଉଥିବା ବିଷୟ ଉଲ୍ଲେଖ କରିଥିଲେ । ସମୀକ୍ଷା ବୈଠକରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋଷ, ନିଆଳି ବିଧାୟକ ଛବି ମଲ୍ଲିକ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ, କଟକ ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପ ଜିଲ୍ଲାପାଳ କଟକ ସଦର, ଦିବ୍ୟଜ୍ୟୋତି ସ୍ମୃତିରନ ଦେଓ, ଉପଜିଲ୍ଲାପାଳ ଆଠଗଡ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ ବାଙ୍କୀ ପ୍ରଣବ କୁମାର ବେହେରା, ମିଶନ ଶକ୍ତି ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶିନୀ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।






" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳି ଯୋଗରେ। "

-ମଧୁସୂଦନ ରାଓ



## ଦେଶରେ କରୋନାର ଊର୍ଦ୍ଧ୍ୱମୁଖୀ ଧାରା

# ସରକାରୀ ମାର୍ଗଦର୍ଶିକା ପାଳନ ଜରୁରି

ଭାରତରେ ଦୁଇଟି ନୂଆ ପ୍ରଜାତିର କରୋନା ଭୂତାଣୁ ଏବେ ସକ୍ରିୟ ହୋଇଥିବା ବେଳେ ଗତ କିଛି ସପ୍ତାହ ଧରି ଏହି ରୋଗର ସଂକ୍ରମଣ ବୃଦ୍ଧି ପାଉଛି। ଏବେ ଦେଶର ଗୋଟିଏ ପରେ ଗୋଟିଏ ରାଜ୍ୟ କରୋନା କବଳିତ ହେଉଛି ଏବଂ ଆକ୍ରାନ୍ତଙ୍କ ସଂଖ୍ୟା ୬ହଜାରରେ ପହଞ୍ଚିବା ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଶନିବାର ଗୋଟିଏ ଦିନରେ ୩୯୧ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ଥଳେ ୪ଜଣଙ୍କର ମୃତ୍ୟୁ ଘଟିଛି। ଏଭଳି ଭାବରେ ମୃତ୍ୟୁସଂଖ୍ୟା ୬୦କୁ ଟପି ସାରିଛି ଏବଂ ଆଗକୁ ଏହା ଆହୁରି ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଆମ ରାଜ୍ୟ ଓଡ଼ିଶାରେ ମଧ କୋଭିଡ୍ ସଂକ୍ରମଣ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୪୫ରେ ପହଞ୍ଚିଛି। ଶନିବାର ଆଉ ୭ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି ହେବା ସଙ୍ଗେ ସଙ୍ଗେ ଅମ୍ଳଜାନ ସିଲିଣ୍ଡର, ଭେଣ୍ଟିଲେଟର, ହସ୍ପିଟାଲ୍‌ଗୁଡ଼ିକରେ ପୃଥକ୍ ଶଯ୍ୟା ଓ ଜରୁରିକାଳୀନ ଔଷଧ ମହଜୁଦ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କରୋନା କବଳରୁ ରାଜଧାନୀ ଦିଲ୍ଲୀ ଏବଂ ଅର୍ଥନୈତିକ ରାଜଧାନୀ ମୁମ୍ବାଇ ବର୍ତ୍ତିପାରି ନଥିବା ଲକ୍ଷ୍ୟ କରାଯାଉଛି। ଆଜକୁ ପାଞ୍ଚ ବର୍ଷ ପୂର୍ବେ କରୋନା ବା 'କୋଭିଡ୍-୧୯' ମହାମାରୀ ରୂପ ନେଇ ସମଗ୍ର ବିଶ୍ୱକୁ କବଳିତ କରିବା ସଙ୍ଗେ ସଙ୍ଗେ ଜନଜୀବନକୁ ଥରହର କରିଥିଲା। ଏହି ଭୂତାଣୁଜନିତ ବ୍ୟାଧିର ଉତ୍ପତ୍ତିସ୍ଥଳ ଚୀନ୍‌ର ଉହାନ୍ ହୋଇଥିଲେ ହେଁ କେଉଁ କାରଣରୁ ଏହା ଗୋଟିଏ ପରେ ଗୋଟିଏ ଦେଶକୁ ମାଡି ଚାଲି ମୃତ୍ୟୁର ତାଣ୍ଡବ ରଚାଇଲା, ତାହା ଏବେ ବି ଅସ୍ପଷ୍ଟ ରହିଛି। ଗତ ୨୦୨୦ ଓ ୨୦୨୧ ଏହି ଦୁଇବର୍ଷ କରୋନା ବିଭୀଷିକାକୁ ବିଶ୍ୱବାସୀ ଅଙ୍ଗେ ନିଭାଇଥିଲେ। ଏଥିଯୋଗୁଁ ସବୁ ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଠାରୁ ଆରମ୍ଭ କରି ବାଣିଜ୍ୟ ବ୍ୟବସାୟ ଅତ୍ୟଧିକ ମାତ୍ରାରେ ପ୍ରଭାବିତ ହେବା ସହିତ ଅର୍ଥନୈତିକ ଭିତ୍ତିଭୂମି ଦୋହଲି ଯାଇଥିଲା। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଦୁଇ ବର୍ଷର ବିଭୀଷିକାରେ ବିଶ୍ୱରେ ୫ କୋଟିରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ପ୍ରତିଷେଧକ ଟୀକା ଉଦ୍ଭାବନ ଏବଂ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ଫଳରେ ମହାମାରୀର ସଂକ୍ରମଣକୁ ରୋକାଯିବା ସମ୍ଭବ ହୋଇଥିଲା। ତଥାପି ମଝିରେ ମଝିରେ କୋଭିଡ୍ ଭୂତାଣୁର ନୂଆ ପ୍ରକାର ଭାରିଆଣ୍ଟ ବା ପ୍ରଜାତି ମୁଣ୍ଡ ଟେକିବାର ଖବର ନଜରକୁ ଆସୁଥିଲା। ଏଇ କିଛିଦିନ ହେଲା ଏସିଆ ମହାଦେଶର ସିଙ୍ଗାପୁର, ହଂକଂ, ଚୀନ୍ ଓ ଥାଇଲାଣ୍ଡରେ ପୁଣି କରୋନାର ପଦଧ୍ୱନି ଶୁଣାଯିବା ପରେ ତାହା ଏବେ ଅନ୍ୟ ଦେଶଗୁଡ଼ିକୁ ବ୍ୟାପିବାରେ ଲାଗିଛି। ଏହିସବୁ ଦେଶରେ ଭୂତାଣୁର ନୂଆ ପ୍ରଜାତି (ଭାରିଆଣ୍ଟ) ଯୋଗୁଁ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ସିଙ୍ଗାପୁରରେ ମଇ ୧ରୁ ୧୯ ତାରିଖ ମଧ୍ୟରେ ତିନି ହଜାର ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା। ସେହିପରି ହଂକଂରେ ଏଯାବତ ୮୧ଟି ନୂଆ ମାମଲା ଚିହ୍ନଟ ହୋଇଛି ଏବଂ ୩୦ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ମଧ୍ୟ ଘଟିସାରିଲାଣି। ଚୀନ୍ ଓ ଥାଇଲାଣ୍ଡରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ନେଇ କୌଣସି ସୂଚନା ମିଳିନଥିଲେ ମଧ୍ୟ ଏହି ଦୁଇ ଦେଶରେ ହାଇ-ଆଲର୍ଟ ଜାରି ହୋଇଛି। ବେସରକାରୀ ସୂତ୍ର ଅନୁଯାୟୀ ଚୀନ୍ ଓ ଥାଇଲାଣ୍ଡରେ ନୂଆ ଭାରିଆଣ୍ଟ ପୂର୍ବାପେକ୍ଷା ଦ୍ରୁତ ସଂକ୍ରାମକ କି ନୁହେଁ କିମ୍ବା ଅଧିକ ବିପଜ୍ଜନକ, ତାହାର କୌଣସି ପ୍ରମାଣ ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ମାତ୍ର ଏହି ନୂଆ ଲହର କମ୍ ରୋଗ ପ୍ରତିଷେଧକ ଶକ୍ତି ଥିବା ଲୋକଙ୍କ ଉପରେ ପ୍ରଭାବ ପକାଉଥିବାର ଲକ୍ଷ୍ୟ କରାଯାଉଛି। ଅନ୍ୟ ରାଜ୍ୟ ତୁଳନାରେ ଗୁଜୁରାଟ, କର୍ଣ୍ଣାଟକ, କେରଳ, ତାମିଲନାଡ୍ରୁ ଓ ମହାରାଷ୍ଟ୍ରରେ ଅଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ କେରଳରେ ଏହି ରୋଗର ତୀବ୍ରତା ଅଧିକ ଥିବାର ଦେଖାଯାଉଛି। ଅତୀତର ତିକ୍ତ ଅଭିଜ୍ଞତା ଦୃଷ୍ଟିରୁ କରୋନାର ପୁନଃ ସଂକ୍ରମଣକୁ ହାଲୁକା ଭାବରେ ଗ୍ରହଣ ନକରି ଆମକୁ ଜାଗ୍ରତ ଆଉ ରହିବାକୁ ପଡିବ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ କରୋନା କେବେହେଲେ ସଂପୂର୍ଣ୍ଣ ମୂଳପୋଛ ହେବନାହିଁ, ଏହା ସବୁକାଳେ ରହିବ। କିନ୍ତୁ ପ୍ରତିଷେଧକ ବଳରେ ଏହାକୁ କେବଳ ନିୟନ୍ତ୍ରଣରେ ରଖାଯାଇ ପାରିବ। ଏହାକୁ ଦୃଷ୍ଟିରେ ରଖି ସରକାର ଓ ଜନସାଧାରଣ ସବୁ ସମୟରେ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବିଜ୍ଞତାର କାର୍ଯ୍ୟ ହେବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମାର୍ଗ ଦର୍ଶିକାକୁ ଯେପରି କଡ଼ାକଡ଼ି ଭାବରେ ପାଳନ କରାଯାଏ ସେ ଦିଗରେ ପ୍ରଶାସନ ଧ୍ୟାନ ଦେବାର ଜରୁରି ଆବଶ୍ୟକତା ରହିଛି।

# ମୋଦୀଙ୍କ ୧୧ ବର୍ଷ: ଭାରତର ରୂପାନ୍ତରଣ ଯାତ୍ରାରେ ଏକ ମାଇଲଖୁଣ୍ଟ



ହରଦୀପ ଏସ୍ ପୁରୀ
ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ
ଭାରତ ସରକାର

ସମାଜର ବଞ୍ଚିତ ଏବଂ ଅବହେଳିତ ଲୋକଙ୍କ ପାଖରେ ଆବଶ୍ୟକ ସେବା ଓ ସାମଗ୍ରୀ ପହଞ୍ଚାଇବା ପ୍ରତିଟି ଗଣତନ୍ତ୍ର ପାଇଁ ଏକ ଆହ୍ୱାନ ଭାବେ ଗ୍ରହଣ କରାଯାଏ। ଏହା ସରକାର ପାଇଁ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଏହା କୌଣସି ସରଳ କାର୍ଯ୍ୟ ନୁହେଁ, ଏଥିଲାଗି ଲାଗି ଏକ ଉଚ୍ଚସ୍ତରର ପରୀକ୍ଷାର ମଧ୍ୟ ସରକାରଙ୍କୁ ସମ୍ମୁଖୀନ ହେବାକୁ ହୁଏ। ଭାରତ, ସେହି ପରୀକ୍ଷାର ସମ୍ମୁଖୀନ ହେଉଛି। ଏଠାରେ କୌଣସି ସ୍ଲୋଗାନ ବିନା ଭିତ୍ତିଭୂମିରେ ତିଷ୍ଠି ପାରେ ନାହିଁ, କି କୌଣସି ପରିଣାମ ବିନା ଦାବିରେ। ବାସ୍ତବରେ ରୂପାନ୍ତରଣର ଫାଇଦା ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚିବା ଉଚିତ, କାରଣ ଆମ ଗଣତନ୍ତ୍ରରେ, ଅନ୍ତ୍ୟୋଦୟ ଭୋଟ୍ ଦିଅନ୍ତି। ସେହି କାର୍ଯ୍ୟକୁ ମୋଦୀ ସରକାର ଗଲା ୧୧ ବର୍ଷ ହେଲା ବେଶ୍ ଯତ୍ନ ସହକାରେ ନିର୍ବାହ କରିଛନ୍ତି। ସେଥିପାଇଁ ତ, ମୋଦୀ ୩.୦ର ଗୋଟିଏ ବର୍ଷ ପରେ, ଦିଲ୍ଲୀ, ମହାରାଷ୍ଟ୍ର ଏବଂ ହରିୟାଣାରେ ବିଜେପିକୁ ଜବରଦସ୍ତ ଜନାଦେଶ ମିଳିପାରିଛି। ଏହା କେବଳ ଏକ ରାଜନୈତିକ ମାଇଲଖୁଣ୍ଟ ନୁହେଁ - ଏହା ପ୍ରମାଣର ପୁନର୍ଲିଖନ ଯେ ଆଜିର ଭାରତ, କେବଳ ଭାଷଣବାଜୀରେ ନୁହେଁ, ବିତରଣ ଦ୍ୱାରା ବିଶ୍ୱାସ ଅର୍ଜନ କରେ।

'ଅନ୍ତ୍ୟୋଦୟ ମାଧ୍ୟମରେ ସର୍ବୋଦୟ' ଦର୍ଶନରେ ସଂରକ୍ଷିତ କାର୍ଯ୍ୟକ୍ରମଗୁଡ଼ିକ ନିଶ୍ଚିତ କରେ ଯେ ଦେଶର ବିକାଶରେ କୌଣସି ଭାରତୀୟ ଯେମିତି ପଛରେ ନପଡ଼ିବେ। ଏହି ଆପ୍ତବାକ୍ୟକୁ ଆଧାର କରି ମୋଦୀ ସରକାରଙ୍କ ଶାସନ କାଳରେ ୨୫ କୋଟିରୁ ଅଧିକ ଲୋକଙ୍କୁ ବହୁମୁଖୀ ଦାରିଦ୍ର୍ୟରୁ ବାହାର କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିସାନ୍) ମାଧ୍ୟମରେ ୧୧ କୋଟିରୁ ଅଧିକ ଚାଷୀଙ୍କୁ ୩ ଲକ୍ଷ ୬୮ ହଜାର କୋଟିରୁ ଅଧିକ ଟଙ୍କା ବଣ୍ଟନ କରାଯାଇଛି। 'ଲକ୍ଷପତି ଦିଦି' ପଦକ୍ଷେପ ଦ୍ୱାରା ଏକ କୋଟିରୁ ଅଧିକ ଗ୍ରାମୀଣ ମହିଳା ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ଆୟ ହାସଲ କରିବାକୁ ସଶକ୍ତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପ୍ରାୟ ୩ କୋଟି ଘର ମଞ୍ଜୁର କରାଯାଇଛି।

ଜଳ ଜୀବନ ମିଶନ ୧୫ କୋଟି ୪୪ ଲକ୍ଷରୁ ଅଧିକ ଗ୍ରାମୀଣ ପରିବାରକୁ ଟ୍ୟାପ୍ ପାଣି ସଂଯୋଗ ପ୍ରଦାନ କରିଛି। ଆୟ ନିର୍ବିଶେଷରେ ୭୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ସମସ୍ତ ନାଗରିକଙ୍କ ପାଇଁ ପ୍ରତିବର୍ଷ ୫ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟ ବୀମା କଭରେଜ୍ ପ୍ରଦାନ କରିବା ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାକୁ ସମ୍ପ୍ରସାରିତ କରାଯାଇଛି। ଏହା ପ୍ରାୟ ୬ କୋଟି ବରିଷ୍ଠ ନାଗରିକଙ୍କୁ ଲାଭ ପହଞ୍ଚାଇବାର ଆଶା କରାଯାଉଛି। ଏହି ଯୋଜନା ସେମାନଙ୍କୁ ବ୍ୟାପକ ସ୍ୱାସ୍ଥ୍ୟସେବା ସୁବିଧା ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ କରିବ। ଏହା ସହିତ, ଏହି ଯୋଜନାରେ ସ୍ୱାସ୍ଥ୍ୟ କର୍ମୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ବ୍ୟବସ୍ଥା ରହିଛି। ଯେଉଁଭଳି ଭାବେ ଭାରତୀୟଙ୍କ ଆତ୍ମବିଶ୍ୱାସ ବୃଦ୍ଧି ଏବଂ ସେମାନଙ୍କୁ ଚିକିତ୍ସା ଗ୍ୟାରେଣ୍ଟି ଦେବାର ବ୍ୟବସ୍ଥା କରାଯାଇଛି ତାହା ଏହି ଯୋଜନା ପ୍ରତି ଲୋକଙ୍କ ଆକର୍ଷଣ ବଢ଼ାଉଛି। ଆଶ୍ଚର୍ଯ୍ୟଜନକ ଭାବେ ଲୋକଙ୍କ ପଞ୍ଜୀକରଣ ସଂଖ୍ୟା କେବଳ ପରିସଂଖ୍ୟାନକୁ ଦର୍ଶାଉ ନାହିଁ, ବରଂ ଲକ୍ଷ ଲକ୍ଷ ଭାରତୀୟ ପରିବାରରେ ରୂପାନ୍ତରଣର କାହାଣୀ କହୁଛି।

ପହଲଗାମ ଆକ୍ରମଣର ତୁରନ୍ତ ପ୍ରତିକ୍ରିୟାରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ସ୍ପଷ୍ଟ ହୋଇଥିଲା, ଯେଉଁଠାରେ ଆତଙ୍କବାଦୀମାନେ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ଟାର୍ଗେଟ କରିଥିଲେ। ଦେଶ ଏହି ଗଭୀର କ୍ଷତି ପାଇଁ ଶୋକ ପ୍ରକାଶ କରିଥିଲା କିନ୍ତୁ ଏକ ହୋଇ ଠିଆ ହୋଇଥିଲା, ଅପରେସନ ସିନ୍ଦୁରକୁ ସଠିକତା ଏବଂ ପ୍ରାଧାନ୍ୟ ସହିତ କାର୍ଯ୍ୟକାରୀ କରିଥିଲା, ଆତଙ୍କବାଦ ବିରୋଧରେ ଲଢ଼ିବା ଏବଂ ଏହାର ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ନିଜର ସଂକଳ୍ପକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଢ଼ ଏବଂ ନିର୍ଣ୍ଣାୟକ ନେତୃତ୍ୱ ଦ୍ୱାରା ସମର୍ଥିତ ଭାରତୀୟ ପ୍ରତିରକ୍ଷା ବାହିନୀର ପ୍ରଯୁକ୍ତିବିଦ୍ୟା ଏବଂ ରଣନୈତିକ ଶ୍ରେଷ୍ଠତା ବିଶ୍ୱ ଦେଖିଛି।

ଆତ୍ମନିର୍ଭରଶୀଳତାରେ ରଣନୈତିକ ନିବେଶ ଆମର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିକୁ ବୟାନ କରୁଛି। ଦେଶର ପ୍ରତିରକ୍ଷା ପାଇଁ ଆବଶ୍ୟକ ଉପକରଣକୁ ସ୍ୱଦେଶୀ ଜ୍ଞାନ କୌଶଳରେ ଭାରତରେ ପ୍ରସ୍ତୁତି କରିବା ଦ୍ୱାରା ଭାରତ ଅପରେସନ୍ ସିନ୍ଦୂର ସମୟରେ ଠିଣା ସମୟରେ ଦ୍ରୁତ ନିଷ୍ପତ୍ତି ନେବାରେ ସକ୍ଷମ ହୋଇ ପାରିଥିଲା। ୨୦୧୪ ପରେ, ଭାରତର ପ୍ରତିରକ୍ଷା ଉତ୍ପାଦନ ଦ୍ରୁତ ଆଧୁନିକୀକରଣ ହୋଇଛି, ରପ୍ତାନି ଯଥେଷ୍ଟ ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ଆକସ୍ମିକ ନୁହେଁ। ଆତ୍ମନିର୍ଭର ଭାରତ ମିଶନ ଅଧୀନରେ, ପ୍ରତିରକ୍ଷା ଅଧିଗ୍ରହଣ ପ୍ରକ୍ରିୟା, ପ୍ରତିରକ୍ଷା ଉତ୍ପାଦନ ଏବଂ ରପ୍ତାନି ପ୍ରୋତ୍ସାହନ ନୀତି, ଏବଂ କିଛି କ୍ଷେତ୍ର ପାଇଁ ୧୦୦% ଶତ ପ୍ରତିଶତ ବିଦେଶୀ ପୁଞ୍ଜି ନିବେଶ ପ୍ରତି ଦ୍ୱାର ଉନ୍ମୁକ୍ତ କରିବା ଭଳି ପ୍ରମୁଖ ସଂସ୍କାର କାର୍ଯ୍ୟକ୍ରମ ସ୍ୱଦେଶୀ ଫାର୍ମଗୁଡ଼ିକୁ ଉନ୍ନତି କରିବାରେ ସକ୍ଷମ କରିଛି।

ଡ୍ରୋନ୍ ଏବଂ ଏହାର ସରଞ୍ଜାମ ନିର୍ମାଣ ପାଇଁ ଦୁଇଟି ଉତ୍ସର୍ଗୀକୃତ ବିଏଲ୍ ଆଇ ଯୋଜନା ପ୍ରଚଳନ ପରବର୍ତ୍ତୀ ପିଢ଼ିର ନବସୃଜନକୁ ଆହୁରି ଉତ୍ସାହିତ କରିଛି। ଆଜି, ଭାରତ ଦ୍ୱାରା ଡିଜାଇନ୍ କରାଯାଇଥିବା କ୍ଷେପଣାସ୍ତ୍ର ବ୍ୟବସ୍ଥା, ସଶସ୍ତ୍ର ଯାନ ଏବଂ ନୌସେନା ପ୍ଲାଟଫର୍ମ କେବଳ ଆମର ସୈନ୍ୟ ବାହିନୀରେ ନିୟୋଜିତ ହୋଇଛି ତା' ନୁହେଁ ବରଂ ୮୦ରୁ ଅଧିକ ଦେଶକୁ ରପ୍ତାନି କରାଯାଉଛି, ଯାହା ଭାରତର ନିର୍ଭରଯୋଗ୍ୟ ଆଞ୍ଚଳିକ ପ୍ରତିରକ୍ଷା ଅଂଶୀଦାର ପ୍ରତିଛବିକୁ ମଜଭୁତ କରିଛି। ଏହାପୁଣି ସେହି ସମୟରେ ଯେତେବେଳେ ବିଶ୍ୱ ପ୍ରତିରକ୍ଷା ସହଯୋଗୀ ବାଛିବାରେ ଅତ୍ୟନ୍ତ ଉଚ୍ଚକୋଟୀର ମାପଦଣ୍ଡ ଆପଣାଏ।

ଏହି ଦୃଷ୍ଟିକୋଣର କେନ୍ଦ୍ରରେ ରହିଛି ଉତ୍ପାଦନ। ପ୍ରମୁଖ ନିବେଶ ଏବଂ ସରକାରୀ ପ୍ରୋତ୍ସାହନ ଦ୍ୱାରା ଭାରତ ସେମି କଣ୍ଡକ୍ଟର କ୍ଷେତ୍ରରେ ଅଗ୍ରଗତି କରୁଛି। ଟାଟା ଇଲେକ୍ଟ୍ରୋନିକ୍ସ ଆସାମରେ ୨୭,୦୦୦ କୋଟି ଟଙ୍କାର ଏକ ସେମି କଣ୍ଡକ୍ଟର ଆସେମ୍ବଲି ଏବଂ ପରୀକ୍ଷଣ କାରଖାନା ନିର୍ମାଣ କରୁଛି, ଯାହା ୨୦୨୫ ମଧ୍ୟଭାଗ ସୁଦ୍ଧା କାର୍ଯ୍ୟ ଆରମ୍ଭ କରିବ। ଏହି କାରଖାନା ପ୍ରାୟ ୨୭,୦୦୦ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ସେହିପରି ଏଚ୍‌ସିଏଲ୍ ଏବଂ ଫକ୍ସକନ୍ ମଧ୍ୟରେ ୩,୭୦୬ କୋଟି ଟଙ୍କାର ଏକ ମିଳିତ ଉଦ୍ୟୋଗ ଉତ୍ତର ପ୍ରଦେଶର ଜେୱାରଠାରେ ହେବାକୁ ଯାଉଛି। ଏହି ଯୌଥ ଉଦ୍ୟୋଗ ଏକ ସେମି କଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା କରିବାକୁ ଯାଉଛି, ଯାହା ଡିସପ୍ଲେ ଡ୍ରାଇଭର ଚିପ୍ସ ଉପରେ ଧ୍ୟାନ ଦେବ ଏବଂ ୨୦୨୭ ମସିହାରେ ଉତ୍ପାଦନ ଆରମ୍ଭ କରିବ।


ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ, ୧.୫୭ ଲକ୍ଷରୁ ଅଧିକ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ ଏଠାରେ ରହିଛି। ଯେଉଁଥିରେ ୧୦୦ ରୁ ଅଧିକ ହେଉଛନ୍ତି ୟୁନିକର୍ଣ୍ଣ ଏବଂ ୩,୬୦୦ ରୁ ଅଧିକ ଡିପ୍-ଟେକ୍ ଉଦ୍ୟୋଗ। ସେମାନେ ଏଆଇ, ବାୟୋଟେକ୍ ଏବଂ ସେମିକଣ୍ଡକ୍ଟର ଉପରେ ଧ୍ୟାନ ଦେଉଛନ୍ତି। କେବଳ ମହାକାଶ କ୍ଷେତ୍ରରେ ୨୦୦ ରୁ ଅଧିକ ଷ୍ଟାର୍ଟଅପ୍ ସୃଷ୍ଟି ହୋଇଛନ୍ତି, ଯାହା ଏକ ଆତ୍ମବିଶ୍ୱାସୀ ନବସୃଜନ ଅର୍ଥନୀତିର ଉତ୍ଥାନକୁ ସଙ୍କେତ ଦିଏ। ଷ୍ଟାର୍ଟଅପ୍ ଇକୋସିଷ୍ଟମ ପୂର୍ବରୁ ୧୭.୨ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିସାରିଛି ଏବଂ ସମସ୍ୟା ସମାଧାନକାରୀ ଏବଂ ଉଦ୍ୟୋଗୀମାନଙ୍କର ଏକ ନୂତନ ପିଢ଼ିକୁ ପ୍ରଜ୍ୱଳିତ କରିଛି।

ଏହି ସମୟରେ, ଭାରତ ନୀରବରେ ବିଶ୍ୱର ସବୁଠାରୁ ଉତ୍ତମ ସଂଯୁକ୍ତ ଗଣତନ୍ତ୍ର ଭାବରେ ଉଭା ହୋଇଛି। ୮୦ କୋଟିରୁ ଅଧିକ ଇଣ୍ଟରନେଟ୍ ବ୍ୟବହାରକାରୀ ଏବଂ ୧୩୬ କୋଟି ଆଧାର ପଞ୍ଜୀକରଣ ସହିତ, ଏହା ବିଶ୍ୱର ସର୍ବବୃହତ ଡିଜିଟାଲ୍ ପରିଚୟ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଆମେ ବର୍ତ୍ତମାନ ବିଶ୍ୱ ଡିଜିଟାଲ୍ ପେମେଣ୍ଟର ୪୬% ଅଂଶୀଦାର। ୟୁପିଆଇ ଭଳି ପ୍ଲାଟଫର୍ମ ଦ୍ୱାରା ଏହି ନେଣଦେଣ ପରିଚାଳିତ, ଯାହା ଆର୍ଥିକ କାରବାରକୁ ଗଣତାନ୍ତ୍ରିକ କରିଛି। ଏହି ବ୍ୟବସ୍ଥାଗୁଡ଼ିକ କେବଳ ନାଗରିକମାନଙ୍କୁ ସଶକ୍ତ କରିନାହିଁ, ବରଂ ଶାସନକୁ ଅଧିକ ସ୍ମାର୍ଟ, ଦ୍ରୁତ ଏବଂ ଅଧିକ ସ୍ୱଚ୍ଛ କରିଛି।

୨୦୨୪-୨୫ କେନ୍ଦ୍ର ବଜେଟ୍ ଆମ ସରକାରଙ୍କ ନିଷ୍ପତ୍ତିକୁ ପ୍ରତିପାଦନ କରୁଛି। ଏଥିରେ ମୋଟ ଖର୍ଚ୍ଚ ୪୪.୬ ଲକ୍ଷ କୋଟି ଧାର୍ଯ୍ୟ କରାଯାଇଛି, ପୁଞ୍ଜି ବ୍ୟୟ ଅଭୂତପୂର୍ବ ୧୦ ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି। ଟିକସ ଛାଡ଼କୁ ବୃଦ୍ଧି କରାଯିବା ସହ ଏଥିରେ, ମଧ୍ୟବିତ୍ତ ବର୍ଗର ରିହାତିକୁ ଦ୍ୱିଗୁଣିତ କରାଯାଇଛି। ଷ୍ଟାର୍ଟଅପ୍ ପାଇଁ ଦୀର୍ଘଦିନ ଧରି ଚିନ୍ତାର ବିଷୟ ଥିବା - ଏଞ୍ଜେଲ ଟିକସକୁ ଉଚ୍ଛେଦ କରାଯାଇଛି। ଏହି ସଂସ୍କାରଗୁଡ଼ିକ ଉଦ୍ୟୋଗକୁ ବୃଦ୍ଧି, ଉଦ୍ୟୋଗକୁ ଉତ୍ସାହିତ କରିବା ଏବଂ ଭାରତର ଦୀର୍ଘକାଳୀନ ଅଭିବୃଦ୍ଧି ପଥକୁ ସୁଦୃଢ଼ କରିବାରେ ସହାୟକ ହୋଇଛି।

ମୋଦି ୩.୦ର ଗୋଟିଏ ବର୍ଷ ପରେ, ଚିନ୍ତା ଓ କାର୍ଯ୍ୟକ୍ରମର ଗତି ଅତ୍ୟନ୍ତ ସ୍ପଷ୍ଟ। ରାସ୍ତା, କାରଖାନା ଏବଂ ସୌର ପ୍ୟାନେଲ କେବଳ ପ୍ରଗତିର ସଙ୍କେତ ନୁହେଁ, ଆକାଂକ୍ଷାର ମୂଳଦୁଆ। ପ୍ରତ୍ୟେକ କ୍ଷେତ୍ରରେ - ଅର୍ଥନୈତିକ, ସାମାଜିକ ହେଉ ଅବା ରଣନୈତିକ କ୍ଷେତ୍ରରେ ଏହା ସ୍ପଷ୍ଟ ଜଣାପଡ଼ିଛି। ଭାରତ ଜାତୀୟ ନବୀକରଣର ଏକ ନୂତନ ଅଧ୍ୟାୟ ଲେଖିଛି। ଜନାଦେଶ ସ୍ପଷ୍ଟ। ଦୃଷ୍ଟିକୋଣ ଅକ୍ଷୁର୍ଣ୍ଣ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ଏକ ନିର୍ଣ୍ଣାୟକ ଦଶନ୍ଧି ଆଗକୁ ବଢ଼ୁଛି ଭାରତ। ଇତିହାସ ଏହି ଅବଧିକୁ କେବଳ ଦ୍ରୁତ ଅଭିବୃଦ୍ଧିର ଏକ ଅଧ୍ୟାୟ ଭାବରେ ନୁହେଁ - ବରଂ ସେହି ମୁହୂର୍ତ୍ତ ଭାବରେ ରେକର୍ଡ କରିବ ଯେତେବେଳେ ଭାରତ ଯାହା ଚିନ୍ତା କରିଛି କରିଛି ତାହାକୁ ରୂପାନ୍ତରିତ କରିଛି ଏବଂ ନେତୃତ୍ୱ ନେଇଛି।

# ସଂସ୍କୃତ ବ୍ୟାକରଣର ସ୍ରଷ୍ଟା - ପାଣିନି



ପ୍ରସନ୍ନ କୁମାର ମିଶ୍ର
ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ: ୮୦୧୮୮୭୫୩୩୫

ବିଦ୍ୱାନମାନଙ୍କ ମତରେ ଖ୍ରୀ.ପୂ.୨୪୦୦ ମସିହାରେ ସିନ୍ଧୁ ନଦୀ କୂଳ ଗାନ୍ଧାର ଦେଶର ଶାଲାତୁଲା(ବର୍ତ୍ତମାନ ପାକିସ୍ତାନରେ) ନାମକ ଗ୍ରାମରେ ବିଶ୍ୱବିଖ୍ୟାତ ସଂସ୍କୃତ ଭାଷାର ଅମର ଗ୍ରନ୍ଥ 'ଅଷ୍ଟାଧ୍ୟାୟୀ'ର ସ୍ରଷ୍ଟା ପାଣିନି ଜନ୍ମଗ୍ରହଣ କରିଥିଲେ। ଶାଲାତୁଲା ବର୍ତ୍ତମାନ ଲାହୁର ଗ୍ରାମ ନାମରେ ପରିଚିତ। ସେହି କାରଣରୁ ପାଣିନିଙ୍କ ଅନ୍ୟ ଏକ ନାମ ଶାଲାତୁରୀୟ। ପାଣିନିଙ୍କ ପିତାଙ୍କ ନାମ ପାଣିନ ଓ ମାତାଙ୍କ ନାମ ଦାକ୍ଷୀ ଥିଲା। ପାଣିନି ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ ଥିଲେ। ସେଥିପାଇଁ ଦେଶ ଓ ବିଦେଶରୁ ବହୁ ଛାତ୍ର ଓ ପଣ୍ଡିତ ଶାସ୍ତ୍ର ଆଲୋଚନା ପାଇଁ ତାଙ୍କ ଗୃହକୁ ଆସୁଥିଲେ। ତାଙ୍କର ସନ୍ତାନ ନଥିଲା। ବହୁକାଳ ଶିବପୂଜା କରି ସେ ଏକ ସନ୍ତାନ ଲାଭ କରିଥିଲେ(ଖ୍ରୀ.ପୂ. ୫୨୦ - ୪୬୦)। ସେ ତା'ର ନାମ ରଖିଥିଲେ ପାଣିନି। ସେ ଖୁବ୍ ଚଳଚଞ୍ଚଳ ପ୍ରକୃତିର ଓ ବାପା ମା'ଙ୍କର ନୟନ ପିତୁଳା ଥିଲା। ଛୋଟ ଥିଲାବେଳେ ଦିନେ ପିତାଙ୍କର ଜଣେ ବାଲ୍ୟବନ୍ଧୁ ଓ ବିଖ୍ୟାତ ପଣ୍ଡିତ ତାଙ୍କୁ ସାକ୍ଷାତ କରିବା ପାଇଁ ଆସିଥିଲେ। ସେତେବେଳେ ପାଣିନି ପିତାଙ୍କ ନିକଟରେ ବସିଥିଲା। ଆଲୋଚନା ବେଳେ କାହିଁକି କେଜାଣି ଆଗନ୍ତୁକ ପଣ୍ଡିତ ପାଖରେ ବସିଥିବା ପୁଅଟିର ହସ୍ତରେଖା ଦେଖିବାରେ ଲାଗିଲେ। କେତେ ସମୟ ଧରି ଦେଖିସାରିବା ପରେ ତାଙ୍କ ଆଖିରେ ପରିବର୍ତ୍ତନ ଦେଖାଦେଲା। ସେ ଦୁଃଖିତ ହୋଇ ପଡିଲେ। ଏହାର କାରଣ ପଚାରିବାରୁ ସେ କହିଲେ- ବନ୍ଧୁ, ଆପଣ ମହାପଣ୍ଡିତ! ମାତ୍ର ପୁଅର ହାତରେ ବିଦ୍ୟା ଆଦୌନାହିଁ। ସେ ରେଖାହିଁ ନାହିଁ। ପିତାଙ୍କର ଆଗ୍ରହରେ ସେ ପୁଣି ଥରେ ପିଲାଟିର ହାତ ଦେଖି ଦୃଢ଼ ସ୍ୱରରେ କହିଲେ, ତା' ହାତରେ ବିଦ୍ୟାରେଖା ନାହିଁ। ବିଦ୍ୟା ଆସିବ କୁଆଡୁ? ମନଦୁଃଖରେ ସ୍ତବ୍ଧ ହୋଇ ବସି ପଡିଲେ ପାଣିନି ପଣ୍ଡିତେ। ଦୀର୍ଘ ନିଶ୍ୱାସ ଛାଡି ବନ୍ଧୁଙ୍କୁ କହିଲେ, ଉମାପତି ମହେଶ୍ୱରଙ୍କ କୃପାରୁ ଏଇଟିକି ମୁଁ ପାଇଛି। ତା' ଭାଗ୍ୟରେ ସେ ଯାହା ଲେଖିଥିବେ, ତାହା ହିଁ ହେବ।

ପାଖରେ ବସି ସବୁ ଶୁଣୁଥିଲା ପାଣିନି। ହସ୍ତରେଖା ବିଶେଷଜ୍ଞ ପଣ୍ଡିତଙ୍କୁ ସେ ବିନମ୍ର ଭାବରେ ପଚାରିଲା- ମହାଶୟ, ମୋ ହାତର କେଉଁସ୍ଥାନରେ ବିଦ୍ୟାରେଖା ଥାଏ ଦୟାକରି ଦେଖାଇଦେବେ କି ? ପଣ୍ଡିତ ମହାଶୟ ତା'ର ଦକ୍ଷିଣ ହସ୍ତର ପାପୁଲିରେ ରେଖା ରହିବା ସ୍ଥାନ ଦେଖାଇ ଦେଲେ। ସେ କିଛି ନକହି ସେଠାରୁ ବାହାରକୁ ଚାଲିଗଲା। ମାତ୍ର ଅଳ୍ପ ସମୟ ପରେ ତା'ର ବାମ ହାତରେ ଦକ୍ଷିଣ ହସ୍ତକୁ ଧରି ଘର ଭିତରେ ପ୍ରବେଶ କଲା। ସେତେବେଳେ ତା'ର ହାତରୁ ଝର ଝର ରକ୍ତ ବୋହୁଥିଲା। ବାସ୍ତବରେ ସେ ବାହାରକୁ ଯାଇ ଗୋଟିଏ ତୀକ୍ଷ୍ଣ ପଥରରେ ରେଖା ନଥିବା ସ୍ଥାନରେ ଲମ୍ବକରି ଗାର କାଟିଦେଇଥିଲା।

ପଣ୍ଡିତଙ୍କୁ ହାତ ଦେଖାଇ ପାଣିନି ପ୍ରଶ୍ନ କଲା, ଏବେ ଦେଖିଲେ ମୋ ହାତରେ ବିଦ୍ୟା ହେବ ତ? ପାଣିନିଙ୍କ ପିତା ଓ ପଣ୍ଡିତଙ୍କ ପାଟିରୁ କଥା ବାହାରିଲା ନାହିଁ। ଦୁହେଁ ଆଶ୍ଚର୍ଯ୍ୟ ହୋଇ କେବଳ ପାଣିନିର ମୁହଁକୁ ଚାହିଁ ରହିଥିଲେ।

ପାଣିନ କିନ୍ତୁ ଭାଗ୍ୟ ହାତରେ ପୁତ୍ରର ଭବିଷ୍ୟତ ଛାଡି ନଦେଇ ସେହିଦିନ ଠାରୁ ଅପୂର୍ବ ଉତ୍ସାହରେ ତାଙ୍କ ପୁତ୍ରକୁ ବିଦ୍ୟା ଶିକ୍ଷାଦେବା ଆରମ୍ଭ କରିଦେଲେ। ଶାସ୍ତ୍ରଜ୍ଞ ପଣ୍ଡିତ ପିତା ମାତ୍ର ଅଳ୍ପଦିନ ଭିତରେ ବାଳକଟିରେ ଜ୍ଞାନ ଆହରଣର ଅଭୂତପୂର୍ବ ଲାଳସା, ତୀବ୍ର ଆଗ୍ରହ ଓ ନିଷ୍ଠା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେ ନିଜେ ଜାଣି ପାରିଲେନି ଏହା ସମ୍ଭବ ହେଲା କିପରି। ଏହାର କିଛିଦିନ ପରେ ପାଣିନି ଅଧିକ ଜ୍ଞାନଲାଭ ଉଦ୍ଦେଶ୍ୟରେ ଭଗବାନ ଶିବଙ୍କୁ ଧ୍ୟାନ କରିବା ପାଇଁ ଦୃଢ ନିଷ୍ପତି ନେଇ ପ୍ରତିଦିନ ସମାଧିରେ ବସୁଥିଲେ। ଦୁଇବର୍ଷର କଠୋର ତପସ୍ୟା ପରେ ଶିବ ପ୍ରସନ୍ନ ହୋଇ ବାଳକ ପାଣିନି ସମ୍ମୁଖରେ ଉଭା ହୋଇଗଲେ। ମାତ୍ର ସେତେବେଳେ ପାଣିନି ଭଗବାନଙ୍କ ଆଡକୁ ଆଦୌ ଦୃଷ୍ଟି ନଦେଇ ପୂର୍ବଭଳି ଧ୍ୟାନମଗ୍ନ ରହିବାରୁ ଭଗବାନ ଶିବ ବାଧହୋଇ ତାକୁ ପୁନଃ ପୁନଃ ଡାକିଲେ। ତଥାପି ନିରବ ରହିଲା ପାଣିନି। ତା'ର ଧ୍ୟାନଭଙ୍ଗ ପାଇଁ ବାଧ ହୋଇ ଭଗବାନ ଡମ୍ବରୁ ବଜାଇବା ଆରମ୍ଭ କରିଦେଲେ। ଶିବଙ୍କ ଡମ୍ବରୁର କି ଆକର୍ଷଣ ଥିଲା କେଜାଣି ଏହାର ଅଷ୍ଟମ ନାଦରେ ପାଣିନିଙ୍କ ଦେହରେ ଅପୂର୍ବ ଶିହରଣ ଖେଳିଗଲା। ତାଙ୍କର ଧ୍ୟାନଭଙ୍ଗ ହେଲା। ସମ୍ମୁଖରେ ନିଜର ଆରାଧ୍ୟଙ୍କୁ ଦେଖି ପାଣିନି ସାଷ୍ଟାଙ୍ଗ ପ୍ରଣିପାତ କଲେ। ଶିବ ବାଳକକୁ ଆଶୀର୍ବାଦ କରି ଅଦୃଶ୍ୟ ହୋଇ ଗଲେ।

ଏହାପରେ ପାଣିନି ସଂସ୍କୃତର ମୂଳତତ୍ତ୍ୱ ଓ ନିୟମାବଳୀ, ଏହାର ଆକୃତି ବିଜ୍ଞାନ, ପଦ ବିନ୍ୟାସ ଓ ଶବ୍ଦାର୍ଥ ସମ୍ବଳିତ ୧୪ଟି ଶ୍ଳୋକ ରଚନା କରିଥିଲେ ଯାହାକି ଭଗବାନ ଶିବଙ୍କ ଡମ୍ବରୁ ଶବ୍ଦରୁ ଆହରଣ କରିଥିଲେ। ଏହାକୁ 'ମହେଶ୍ୱର ସୂତ୍ରାଣୀ' କୁହାଯାଏ। ଏହି ସୂତ୍ରକୁ ଅଷ୍ଟାଧ୍ୟାୟୀ ସୂତ୍ର ମଧ୍ୟ କୁହାଯାଏ ଯେହେତୁ ଏଥିରେ ୮ଟି ଅଧ୍ୟାୟ ଓ ୩୯୫୯ ସୂତ୍ର ରହିଛି। ଏହା ହିଁ ବିଶ୍ୱର ପ୍ରଥମ ବ୍ୟାକରଣ ଗ୍ରନ୍ଥ, ପ୍ରଥମ ଭାଷା ବିଜ୍ଞାନ।

ପାଣିନିଙ୍କ ସମ୍ବନ୍ଧରେ ପଣ୍ଡିତଙ୍କ ଭବିଷ୍ୟତ ବାଣୀ ମିଥ୍ୟା ପ୍ରମାଣିତ ହେଲା।

ଜ୍ୟୋତିଷ ମାନଙ୍କର ଭବିଷ୍ୟତ ବାଣୀ ସମ୍ବନ୍ଧରେ ୧୯୮୫ ମସିହାରେ ୧୮ ଜଣ ନୋବେଲ ପୁରସ୍କାର ବିଜେତା ଏକ ନିବେଦନ ପତ୍ରରେ କହିଥିଲେ ଯେ, 'ଉପରୋକ୍ତ ଭବିଷ୍ୟତ ବାଣୀ ବିଷୟରେ ସତର୍କ ରହନ୍ତୁ। ଏହାକୁ ବିଶ୍ୱାସ କରନ୍ତୁ ନାହିଁ। କାରଣ ଏଥିରେ କୌଣସି ବୈଜ୍ଞାନିକ ଆଧାର ନାହିଁ। ଏହା କେବେହେଁ ଆପଣଙ୍କୁ ଲକ୍ଷ୍ୟ ପଥରେ ପହଞ୍ଚାଇ ପାରିବ ନାହିଁ। 'ସେମାନଙ୍କ' ଉପରେ ନିଜର ଭାଗ୍ୟକୁ ନଛାଡ଼ି ଦୃଢ଼ ରହନ୍ତୁ ଓ ପୂର୍ଣ୍ଣ ଆତ୍ମବିଶ୍ୱାସ ସହିତ ଭବିଷ୍ୟତରେ ଘଟିବାକୁ ଥିବା ପରିସ୍ଥିତିକୁ ସାମ୍ନା କରନ୍ତୁ। ପରିଶ୍ରମ ଓ ଅଧ୍ୟବସାୟ ବଳରେ ନିଜେ ନିଜର ଭାଗ୍ୟ ଗଢ଼ିବାକୁ ଚେଷ୍ଟା କରନ୍ତୁ। 'ମହା ପଣ୍ଡିତ ପାଣିନି ହିଁ ଆମର ଆଦର୍ଶ ହୁଅନ୍ତୁ।

# ଏକବିଂଶ ଶତାବ୍ଦୀରେ ଅଭିଲେଖର ଆବଶ୍ୟକତା



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

ଲେଖ ଓ ଲେଖନୀର ଶକ୍ତି ତରବାରୀ ଠାରୁ ଅଧିକ ଶକ୍ତିଶାଳୀ। ସୃଷ୍ଟିର ଆଦିମ ସଭ୍ୟତାରୁ ଆଜିର ଆଧୁନିକ ସଭ୍ୟତା ପର୍ଯ୍ୟନ୍ତ ମଣିଷ ସବୁବେଳେ ଆଗକୁ ବଢିବାରେ ପ୍ରୟାସ ଜାରି କରିଆସୁଅଛି ଓ ଉକ୍ତ ପ୍ରୟାସର ଜୀବନ୍ତ ପ୍ରମାଣ ବା ସାକ୍ଷୀ ହେଉଛି ମଣିଷର ଲେଖନୀର ଉତ୍କର୍ଷତା। ମଣିଷ ଯଦି କିଛି ଲେଖୁ ନଥାନ୍ତା ବା ପ୍ରମାଣ ସ୍ୱରୂପ କିଛି ତାହାକୁ ସାଇତି ରଖୁ ନଥାନ୍ତା ତେବେ ପରବର୍ତ୍ତୀ ସମୟରେ ମଣିଷ କିଛି ଜାଣିବାର ସୁଯୋଗ ପାଇପାରନ୍ତା ନାହିଁ। ତେଣୁ ଲେଖା ହେଉଛି ଏକ ଦର୍ପଣ, ଯାହାଦ୍ୱାରା ମଣିଷ ଅତୀତର ଚିତ୍ରକୁ ସ୍ପଷ୍ଟ ଭାବେ ଅନୁଧ୍ୟାନ କରି ଗବେଷଣା କରି ପରିମାର୍ଜିତ ହୋଇ ଆଉ ଏକ ନୂତନ ଅଧ୍ୟାୟ ସୃଷ୍ଟି କରେ। ଲେଖିବା ଏକ ଅଭ୍ୟାସ ଯାହା ପରବର୍ତ୍ତୀ ସମୟରେ ଏକ ଆଲୋକ ବର୍ତ୍ତିକା ହୋଇ ଅନ୍ଧକାରରୁ ଆଲୋକିତ କରାଇଥାଏ, ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଉକ୍ତ ଲେଖା ପରବର୍ତ୍ତୀ ସମୟରେ ପ୍ରମାଣ ହୋଇ ଅନ୍ୟ ଏକ ଇତିହାସ ରଚନା କରେ। ସାଧାରଣତଃ ଇତିହାସ କହିଲେ କୌଣସି ବଂଶ, ଜାତି, ସମାଜର ଶାସନକୁ ବୁଝାଇ ଥାଏ। ମାତ୍ର ଇତିହାସ ହେଉଛି ପୃଥିବୀର ଏକ ମାତ୍ର ଦର୍ପଣ ଓ ପ୍ରମାଣ ଯାହାଦ୍ୱାରା ଲିଖିତ ସତ୍ୟର ଉଦ୍‌ଘାଟନ ହୋଇପାରେ। ବୈଜ୍ଞାନିକ ଘଟଣାକ୍ରମ ହେଉ ବା ଧାର୍ମିକ ଘଟଣାକ୍ରମ ହେଉ, ପ୍ରଶାସନିକ ଘଟଣାକ୍ରମ ହେଉ ବା ସାମାଜିକ ସ୍ଥିତି ପରିସ୍ଥିତିର ଘଟଣା ହେଉ, ପ୍ରତ୍ୟେକ ଘଟଣା ବା ସ୍ଥିତିର ଲେଖା ହେଉଛି ଇତିହାସ, ଯାହା ସତ୍ୟ ଉପରେ ଆଧାରିତ। ତେଣୁ ଉକ୍ତ ସତ୍ୟକୁ ପ୍ରାମାଣିକ ତଥ୍ୟ ହିସାବରେ ମଣିଷ ପରବର୍ତ୍ତୀ ପିଢି ଶିକ୍ଷା ଲାଭ କରେ ଓ ସେଥିରେ ଆଉ ନୂତନ ଚିନ୍ତାର ସଂଯୋଗ କରେ। ସର୍ବୋପରି ଲେଖା ହେଉଛି ଏକ ଜାତିର ନିଦର୍ଶନ ଯାହାର ଶାଖା ପ୍ରଶାଖାକୁ ପାଥେୟ କରି ବର୍ତ୍ତମାନର ଆଧୁନିକ ସମାଜ ଅଗ୍ରଗତି କରିଥାଏ। ତେଣୁ ଲେଖାରୁ ସୃଷ୍ଟି ହୋଇଥାଏ ଗ୍ରନ୍ଥ ବା ଦସ୍ତାବିଜ। ଯେକୌଣସି ଗ୍ରନ୍ଥର ରଚନା ଓ ତାହାର ପ୍ରୟୋଗକୁ ବିଚାର କଲେ ଉକ୍ତ ସମାଜର ଉତ୍କର୍ଷତାକୁ ଉପଲବ୍ଧି କରିହୁଏ। ସେଥିପାଇଁ କୁହାଯାଏ – 'କଷ୍ଟେନ ରଚିତ ଗ୍ରନ୍ଥ, ପୁତ୍ରବତ ପ୍ରତିପାଲୟେତ'। ପରିବାରରେ ପିଲାମାନଙ୍କୁ ଯେପରି ସ୍ନେହ ଶ୍ରଦ୍ଧା ଓ ସତର୍କତାର ସହ ଲାଳନ ପାଳନ କରାଯାଏ, ଠିକ୍ ସେହିପରି ଗ୍ରନ୍ଥଗୁଡିକୁ ମଧ୍ୟ ସାଇତି ରଖିଲେ ପରବର୍ତ୍ତୀ ଉତ୍ତର ଦାୟାଦ ତାହାକୁ ପାଥେୟ କରି ଶିକ୍ଷାଲାଭ କରିବେ। ଆଜି ପୃଥିବୀ ବକ୍ଷରେ ଯେତେ ପ୍ରକାରର ଐତିହାସିକ ତଥ୍ୟ ବା ଗ୍ରନ୍ଥ ରହିଅଛି ତାହା ଦିନେ ନିଶ୍ଚୟ ରଚନା କରାଯାଇଥିଲା ଓ ସେଥିପ୍ରତି ଅନୁରାଗ, ଇଚ୍ଛା, କର୍ତ୍ତବ୍ୟ ଓ ନିଷ୍ଠାର ପରାକାଷ୍ଠା ରହିଥାଏ।

ଯେତେବେଳେ ଉକ୍ତ ଲେଖା ଗୁଡିକର ଉପାଦେୟତା ବା ଗୁରୁତ୍ୱକୁ ଉପଲବ୍ଧି କରାଯାଇଥାଏ ସେତେବେଳେ ତାହାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସାଇତି ରଖାଯାଇଥାଏ ଯାହା ଅଭିଲେଖ ବୋଲି କୁହାଯାଏ। ଅଭିଲେଖ ହେଉଛି ଅତୀତର ପ୍ରାମାଣିକ ସାକ୍ଷୀ। ଅଭିଲେଖ ଆମକୁ ତଥ୍ୟ, ସତ୍ୟ, ଦୃଷ୍ଟାନ୍ତ ଇତ୍ୟାଦି ଅତୀତର କ୍ରିୟାକୁ ପାଥେୟ କରି ବର୍ତ୍ତମାନର ସମସ୍ୟାକୁ ବୁଝାଇଥାଏ। ସେଥିପାଇଁ କୁହାଯାଏ 'Old is Gold', ପୁରୁଣା ତଥ୍ୟକୁ ଜୀବନ୍ତ କରି ସମୟପୋଯୋଗୀ ବ୍ୟବହାର କରିପାରିଲେ ପ୍ରକୃତ ଉତ୍ତରଦାୟାଦର ମାନ୍ୟତା ମିଳିଥାଏ। ଯେଉଁ ଜାତି ବା ସମାଜ ନିଜସ୍ୱ ଐତିହ୍ୟ, ପରମ୍ପରା, ସଂସ୍କୃତି, ବିଜ୍ଞାନ, କାରିଗରୀ କୌଶଳ, ଗବେଷଣା, ତଥା କଳା କୌଶଳକୁ ଅନୁଧ୍ୟାନ କରି ନପାରେ ତେବେ ସେ ଉତ୍ତରଦାୟାଦର ଭୂମିକା ପରବର୍ତ୍ତୀ ଉତ୍ତରଦାୟାଦ ପାଇଁ ଅନ୍ଧକାର ସୃଷ୍ଟି କରେ। ତେଣୁ ଅଭିଲେଖ ହେଉଛି ତଥ୍ୟ ଭିତ୍ତିକ ସତ୍ୟକୁ ଜୀବନ୍ତ କରି ସାମାଜିକ ଓ ବୌଦ୍ଧିକ ସ୍ତରରେ ଯଥାସମୟରେ ପ୍ରୟୋଗ କରିବାରେ ସହାୟକ ହୋଇଥାଏ। ସମଷ୍ଟିଗତ ଅଭିଲେଖ ଯେଉଁଠି ଥାଏ ତାହାକୁ ଅଭିଲେଖାଗାର ବୋଲି କୁହାଯାଏ। ପ୍ରକୃତରେ ବିଜ୍ଞାନାଗାରରେ ଯେପରି ବିଭିନ୍ନ ରାସାୟନିକ ପଦାର୍ଥକୁ ପ୍ରୟୋଗ କରି ଅନୁସନ୍ଧାନ କରାଯାଇଥାଏ ଠିକ୍ ସେହିପରି ଅଭିଲେଖାଗାରରେ ଅଭିଲେଖ ତଥ୍ୟ ଗୁଡିକୁ ବିଶ୍ଳେଷଣ କରି ସତ୍ୟର ଉଦ୍‌ଘାଟନ କରାଯାଇଥାଏ। ତେଣୁ ଯଦି ଆମେ କୌଣସି ତଥ୍ୟ ଯାହା କାଗଜପତ୍ରରେ ହୋଇଥାଇପାରେ, ପଥରରେ ହୋଇଥାଇପାରେ, ମୁଦ୍ରାରେ ହୋଇଥାଇପାରେ, ତାଳପତ୍ର ପୋଥିରେ ହୋଇଥାଇପାରେ, ବୈଜ୍ଞାନିକ ପଦ୍ଧତିରେ ହୋଇଥାଇପାରେ ବା ଏକବିଂଶ ଶତାବ୍ଦୀର ଜ୍ଞାନ କୌଶଳରେ ହୋଇଥାଇପାରେ ଯଦି ଆମେ ଉକ୍ତ ତଥ୍ୟ ଗୁଡିକ ଉଚିତ୍ ପଦ୍ଧତିରେ ସାଇତି ନରଖିବା ତେବେ ପରବର୍ତ୍ତୀ ସମୟରେ ଆମେ ତଥା ଆମ୍ଭର ଉତ୍ତର ଦାୟାଦ ଉକ୍ତ ମୂଲ୍ୟବାନ ତଥ୍ୟରୁ ବଞ୍ଚିତ ହେବେ। ତଥ୍ୟକୁ ସାଇତି ରଖିବା ଏକ କଳା ଯାହା ପରବର୍ତ୍ତୀ ସମୟରେ ହୁଏତ କାହାର ଜୀବନ ରକ୍ଷା କରିପାରେ। ତେଣୁ ଅଭିଲେଖାଗାର ହେଉଛି ଏକ ପ୍ରୟୋଗଶାଳା ଯେଉଁଠାରେ ଅନୁସନ୍ଧାନର କ୍ଷେତ୍ର ପ୍ରସ୍ତୁତ ହୋଇଥାଏ। ସେଥିପାଇଁ ଜୁନ ୯କୁ ପ୍ରତିବର୍ଷ ସାରା ପୃଥିବୀରେ ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ରୂପେ ପାଳନ କରାଯାଇଥାଏ। ଯାହାର ଆଭିମୁଖ୍ୟ ହେଉଛି ସତ୍ୟର ସନ୍ଧାନ ଓ ସତ୍ୟ, ତଥ୍ୟକୁ ବିଭିନ୍ନ ଉପାୟରେ ସାଇତି ରଖିବା। ତେଣୁ ଅଭିଲେଖ ବା ଗ୍ରନ୍ଥ ହେଉଛି ସଭ୍ୟ ସମାଜର ଉତ୍କର୍ଷର ପରାକାଷ୍ଠା ଯାହା କଷ୍ଟଲବ୍ଧ ଧନକୁ ସାଇତି ରଖିବାରେ ଆନନ୍ଦ ଦେଇଥାଏ। ତେଣୁ ଇତିହାସ ଓ ସମାଜ ମଧ୍ୟରେ ଦୂରତ୍ୱ ବୃଦ୍ଧି ପାଇଥାଏ, ଯଦି ଅଭିଲେଖ ଭିତ୍ତିକ ଲିଖିତ ତଥ୍ୟର ଉପଯୁକ୍ତ ସଂରକ୍ଷଣ ନହୁଏ ବା ତତ୍‌ଜନିତ ସତର୍କତାର ଅବହେଳାରୁ ଗ୍ରନ୍ଥଗୁଡିକ ନଷ୍ଟ ହୋଇଯାଏ।

ଐତିହାସିକ ଦୃଷ୍ଟିକୋଣକୁ ବିଚାର କଲେ ଭାରତ ବର୍ଷରେ ଜାତୀୟ ଅଭିଲେଖାଗାରର ଆବଶ୍ୟକତା ୧୮୬୦ ମସିହାରେ ତତ୍କାଳୀନ ବ୍ରିଟିଶ ସରକାରଙ୍କର ଜଣେ ସିଭିଲ ଅଡିଟରଙ୍କ ଦ୍ୱାରା ହୋଇଥିଲା। ତାହା ବମ୍ବେର Elphinstone College ର ପ୍ରଫେସର G.W.Forrest ଙ୍କ ଦ୍ୱାରା ୧୮୮୯ ମସିହାରେ ସ୍ଥାପନର ଚିନ୍ତାଧାରାର ରୂପରେଖ ନେଲା। ଏହାର ଫଳ ସ୍ୱରୂପ ପ୍ରଫେସର G.W.Forrest ଙ୍କ ତତ୍ତ୍ୱାବଧାନରେ ୧୧ ମାର୍ଚ୍ଚ ୧୮୯୧ ମସିହାରେ କଲିକତାରେ Imperial Record Department (IRD) ନାମରେ ତତ୍କାଳୀନ East India Company ର ସମସ୍ତ ମୂଲ୍ୟବାନ ରେକର୍ଡଗୁଡିକ ସ୍ଥାନିତ ହେଲା। ସ୍ଥିତି ପରିସ୍ଥିତିର ଆବଶ୍ୟକତାକୁ ଉପଲବ୍ଧି କରି ତତ୍କାଳୀନ ସରକାର ୧୯୧୧ ମସିହାରେ କଲିକତାରୁ ନୂଆଦିଲ୍ଲୀକୁ ସମସ୍ତ ରେକର୍ଡ ସ୍ଥାନାନ୍ତରିତ କଲେ ଓ ୧୯୨୬ ମସିହାରେ ଇମ୍ପେରିଆଲ ରେକର୍ଡ ଡିପାଟମେଣ୍ଟ (IRD)ର ସମସ୍ତ ରେକର୍ଡ ଦିଲ୍ଲୀକୁ ସ୍ଥାନାନ୍ତରିତ ହେଲା। ସ୍ୱାଧୀନତା ପରେ ଉକ୍ତ IRD ଜାତୀୟ ଅଭିଲେଖାଗାରରେ ନାମିତ ହେଲା ଯାହା ବର୍ତ୍ତମାନ ନୂଆଦିଲ୍ଲୀରେ ଅବସ୍ଥିତ। ଅଭିଲେଖ ଚାରୋଟି ସ୍ତମ୍ଭରେ ନିଜର ଅସ୍ତିତ୍ୱକୁ ଉଜ୍ଜଳିତ କରିଥାଏ। ଏକବିଂଶ ଶତାବ୍ଦୀରେ ଅଭିଲେଖ ହେଉଛି ସମାଜର ଜ୍ଞାନର ସଶକ୍ତିକରଣ। ସମାଜରେ ଜ୍ଞାନର ସଶକ୍ତିକରଣକୁ ଦୃଢୀଭୂତ କରିବାକୁ ହେଲେ ଉପଯୁକ୍ତ ତଥା ନିର୍ଭୁଲ ତଥ୍ୟର ଆବଶ୍ୟକତା ଅତ୍ୟନ୍ତ ଜରୁରି ହୋଇଥାଏ ଯାହାକୁ ସ୍ଥାୟୀ ଜ୍ଞାନ ବୋଲି କୁହାଯାଏ। ସ୍ଥାୟୀ ଉନ୍ନତି ଓ ସ୍ଥାୟୀ ଉତ୍କର୍ଷ ପାଇଁ ସ୍ଥାୟୀ ଜ୍ଞାନର ଆବଶ୍ୟକତା ରହିଥାଏ ଯାହା ସ୍ଥାୟୀ ନିର୍ଭୁଲ ତଥ୍ୟ ଉପରେ ପର୍ଯ୍ୟବେଶିତ। ଉକ୍ତ ସ୍ଥାୟୀ ତଥ୍ୟର ଉପଲବ୍ଧି କେବଳ ଅଭିଲେଖାଗାରରେ ହୋଇଥାଏ ଯାହା ଏକବିଂଶ ଶତାବ୍ଦୀରେ ବିଭିନ୍ନ କଠୋର ପରିସ୍ଥିତିକୁ ସମ୍ମୁଖୀନ ହୋଇ ତଥ୍ୟ ଗୁଡିକ ସଂରକ୍ଷିତ ରହିଥାଏ। ଜଳବାୟୁ ପରିବର୍ତ୍ତନ, ଉପଯୁକ୍ତ ସଂରକ୍ଷଣ, ଆକସ୍ମିକ ଦୁର୍ଘଟଣା, ଚୋରି ଇତ୍ୟାଦି ହେଉଛି ଅଭିଲେଖଗୁଡିକର ଜଟିଳ ସମସ୍ୟା। କୌଣସି ଗବେଷଣାର ମୂଳ ଉପାଦାନ ହେଉଛି ବିଶ୍ୱାସଯୋଗ୍ୟ ଓ ସଠିକ ତଥ୍ୟର ଉପଯୋଗିତା। ଗ୍ରନ୍ଥ ବା ରେକର୍ଡ ଗୁଡିକର ସଂରକ୍ଷଣ ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ଭାରତ ସରକାର ଭାରତବର୍ଷର ଚାରି ଦିଗରେ ଚାରୋଟି (ଭୋପାଳ, ଜୟପୁର, ପଣ୍ଡିଚେରୀ ଓ ଓଡ଼ିଶାର ଭୁବନେଶ୍ୱରରେ) ଅଭିଲେଖାଗାରର ସ୍ଥାପନା କରିଛନ୍ତି। ଭାରତବର୍ଷର ପ୍ରତ୍ୟେକ ରାଜ୍ୟ ସରକାର ମଧ୍ୟ ଏକ ଏକ ରାଜ୍ୟ ଅଭିଲେଖାଗାର ସ୍ଥାପନା କରିଛନ୍ତି ଯାହା ବିଜ୍ଞାନ କାରିଗରୀ କୌଶଳ ତଥା ଚିକିତ୍ସା ବିଜ୍ଞାନରୁ ଆରମ୍ଭ କରି ସାମାଜିକ ପରିବର୍ତ୍ତନ ସମ୍ବନ୍ଧୀୟ ସମସ୍ତ ଐତିହାସିକ ତଥ୍ୟର ଏକ ପ୍ରାମାଣିକ ସାକ୍ଷୀ। ତେଣୁ ଏକବିଂଶ ଶତାବ୍ଦୀର ସମସ୍ତ ବ୍ୟକ୍ତି ଆଜିର ଏ ଆନ୍ତର୍ଜାତିକ ଅଭିଲେଖାଗାର ଦିବସରେ ତଥ୍ୟ ଓ ସତ୍ୟର ସଂରକ୍ଷଣ କରି ବର୍ତ୍ତମାନର ସ୍ଥିତିରେ ଅତୀତକୁ ରୋମନ୍ଥନ କରି ଭବିଷ୍ୟତକୁ ଜାଜ୍ଜ୍ୱଲ୍ୟମାନ କରନ୍ତୁ। ଏହା ହିଁ ଉକ୍ତ ଦିବସର ଉଦ୍ଦେଶ୍ୟ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ସେବା, ସୁରକ୍ଷା ଓ ସଂସ୍କାରକୁ ପାଥେୟ କରି ୧୯୮୪ ମସିହାରୁ ଭାରତବର୍ଷର କୋଟିକୋଟି ଯୁବକଙ୍କୁ ସଂଗଠିତ କରି ଆସୁଛି ରାଷ୍ଟ୍ରବାଦୀ ସଂଗଠନ ବଜରଙ୍ଗ ଦଳ। ଜଳେଶ୍ୱର ପ୍ରଖଣ୍ଡ ବଜରଙ୍ଗ ଦଳର ନୂତନ ସଂଯୋଜକ ଭାବେ ମହମ୍ମଦ ନଗର ପାଟଣାର ଯୁବକ ସାଗର କୁମାର ଦାସ ଏବଂ ସହ-ସଂଯୋଜକ ଭାବେ ଗୋବରଘଟ୍ଟା ପଞ୍ଚାୟତର ଯୁବକ ସଂଗ୍ରାମ ଜେନା, ଜଳେଶ୍ୱର ଷ୍ଟେସନ ବଜାର ଅଞ୍ଚଳର ବିନାୟକ ଦାସ, ଅବିନାଶ ଦାସ ପ୍ରମୁଖ ଦାଇତ୍ୱ ଗ୍ରହଣ କରିଛନ୍ତି।ସେହିପରି ମିଳନ କେନ୍ଦ୍ର ପ୍ରମୁଖ ଭାବେ ଗଜେନ୍ଦ୍ର ନାଥ ଖମାରୀ, ସହ ପ୍ରମୁଖ ଭାବେ ଚିନ୍ମୟ ବାରିକ, ମାକିଡ଼ିଆର ଶିବାଜୀଶଙ୍କର ଦାସ, ରାଇବଣିଆର ସାଗର କୁମାର ଦାନ ପ୍ରମୁଖ ବିଭିନ୍ନ ବିଭିନ୍ନ ପଦ ପଦବୀରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜଳେଶ୍ୱର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦର ବାଲେଶ୍ୱର ଜିଲ୍ଲା ସମ୍ପାଦକ ରଶ୍ମିରଞ୍ଜନ ଦାସ ଏକ ବୈଠକ ଡକାଇ ବଜରଙ୍ଗ ଦଳର କାର୍ଯ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଯୁବକମାନଙ୍କ ସହ ଆଲୋଚନା କରିଥିଲେ। ସନାତନ ସଂସ୍କୃତିର ପ୍ରଚାର ପ୍ରସାର, ଧର୍ମର ରକ୍ଷା ଏବଂ ହିନ୍ଦୁ ଧର୍ମରେ ସାମାଜିକ ଭେଦଭାବ ଦୂର କରି ରାଷ୍ଟ୍ରୀୟ ଏକତା ପାଇଁ କାର୍ଯ୍ୟ କରିବାକୁ ବଜରଙ୍ଗୀ ଯୁବକମାନେ ଶପଥ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିପ୍ଳବ ପ୍ରଧାନ, ଓରିନ ମହାନ୍ତି, ପ୍ରମୁଖ ଯୋଗଦାନ କରିଥିଲେ।



# ଜାଗ୍ରତ ଯୁବଶକ୍ତି ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ସମେତ ସାରା ରାଜ୍ୟରେ ପ୍ଲାଷ୍ଟିକ୍ ବ୍ୟବହାର ଏକ ସମସ୍ୟା ପାଲଟି ଥିବା ବେଳେ ଏହି ପ୍ଲାଷ୍ଟିକ୍ ବ୍ୟବହାର କରିବା ଦ୍ୱାରା ଲୋକମାନେ ଆଲର୍ଜି ଠାରୁ ଆରମ୍ଭ କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ଲାଷ୍ଟିକ୍ ବର୍ଜନ ନିମନ୍ତେ କଟକଣା ଜାରି ହୋଇଥିବା ବେଳେ ଅନେକ ବ୍ୟବସାୟୀ ଏହାକୁ ନ ମାନି ପ୍ଲାଷ୍ଟିକ୍ ବ୍ୟବହାର କରିବା ଦ୍ୱାରା ଲୋକମାନେ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଆଭିମୁଖ୍ୟ ନେଇ ମା' ମନସା ଠାକୁରାଣୀଙ୍କ ପୀଠ ଦିଘାଳୋ ଜଙ୍ଗଲରେ ଜାଗ୍ରତ ଯୁବଶକ୍ତି ଯୁବ ସଂଗଠନ ପକ୍ଷରୁ ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ନିମାପଡ଼ା-ଗୋପ ମୁଖ୍ୟ ରାସ୍ତା କଡ଼ରେ ଏହି ଜଙ୍ଗଲ ଅବସ୍ଥିତ ଥିବା ବେଳେ ଏହା ନିମାପଡ଼ା ବ୍ଲକ୍ ଅଧୀନରେ ଯାଉଅଛି। ଏଠାରେ ପ୍ରତ୍ୟେକ ଦିନ ବଣଭୋଜି ଲାଗି ରହିଥିବା ବେଳେ ଅଳିଆ ଆବର୍ଜନା ହୋଇ ପଡ଼ି ରହିଥିଲା। ଯୁବଶକ୍ତି ପକ୍ଷରୁ ସବୁଜିମା ବଜାୟ ରଖିବା ଲକ୍ଷ୍ୟ ନେଇ ସଂଗଠନର ସଦସ୍ୟଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇଟନ୍‌ରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ୍ ଆବର୍ଜନା, ପ୍ରଚୁର ଭଙ୍ଗା ବୋତଲ, ଜରି ପ୍ଲେଟ୍, ପରିତ୍ୟକ୍ତ ସାମଗ୍ରୀ ସଂଗ୍ରହ କରାଯାଇ ପୁନଃ ବ୍ୟବହାର ଯୋଗ୍ୟ ହେବା ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ଜାଗ୍ରତ ଯୁବଶକ୍ତି ସଂଗଠନର ସଂଯୋଜକ ସମୀର ରଂଜନ ରାଉତରାୟ, ଆବାହକ ଆଦର୍ଶ ଦାଶ, ଦେବାଶିଷ ଦାଶ, ଅନୁକୂଳ ସ୍ୱାଇଁ, ଆଶିଷ କୁମାର ଜେନା, ରାକେଶ କୁମାର ସ୍ୱାଇଁ, ତୁଷାରକାନ୍ତ ପରିଡ଼ା, ଚନ୍ଦନ ପଣ୍ଡା, ଅଭିଜିତ ମହାପାତ୍ର, ସତ୍ୟ ନାରାୟଣ ଆଚାର୍ଯ୍ୟ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବ ପରିବେଶବିତ୍ ଏହି ସ୍ୱଚ୍ଛତା ଅଭିଯାନରେ ନେତୃତ୍ୱ ନେଇଥିଲେ। ଏଠାରେ ବଣଭୋଜି କରିବା ପାଇଁ ପର୍ଯ୍ୟଟକମାନଙ୍କୁ ପରାମର୍ଶ ଦେଇଥିବା ବେଳେ ପ୍ଲାଷ୍ଟିକ୍ ବର୍ଜନ କରିବା ପାଇଁ ସଚେତନତା କରାଇଛନ୍ତି। ନିମାପଡ଼ାକୁ ଏକ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନ ନିମନ୍ତେ ଲୋକମାନଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି।

## ଗାଁ ମୁଖିଆଙ୍କ ଗଳା କାଟି ହତ୍ୟା କଲେ ମାଓବାଦୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଓବାଦୀ ମାନେ ପୁଣି ଜଣେ ଗ୍ରାମବାସୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସୂଚନା ଅନୁଯାଇ, ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡର ସୁକମା ଜିଲ୍ଲାର ଜଗରଗୁଣ୍ଡା ଥାନା ଅନ୍ତର୍ଗତ ପୂବର୍ତ୍ତି ଗାଁରେ ଶନିବାର ରାତିରେ ଶଶସ୍ତ୍ର ମାଓବାଦୀ ଆସି ଗାଁ ମୁଖିଆ ଗୋରକୋ ରାମାଙ୍କୁ ଘର ବାହାରକୁ ଡାକିଥିଲେ ପରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଉପରେ ୧୫ଜଣ ମାଓବାଦୀ ଆକ୍ରମଣ କରି ଗଳାକାଟି ହତ୍ୟା କରିଥିଲେ। ଏହି ହତ୍ୟା କାଣ୍ଡ ସମ୍ବନ୍ଧରେ ଗାଁ ଲୋକେ ନିକଟରେ ଥିବା ସିଆରପିଏଫ୍ କ୍ୟାମ୍ପରେ ଜଣାଇବା ପରେ ସୁରକ୍ଷାକର୍ମୀର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇବା ପରେ ହତ୍ୟାକାଣ୍ଡରେ ଜଡିତ ଥିବା ମାଓବାଦୀଙ୍କୁ ଧରିବା ପାଇଁ ପୂବର୍ତ୍ତି ଗାଁ ଲୋକମାନଙ୍କୁ ପଚାରାଉଚାରା କରିବା ସହ ଆଖପାଖ ଜଙ୍ଗଲରେ ତଲାସୀ ଜାରି ରଖିଥିବା ଜଣାପଡିଛି।

## ଘରୋଇ କଳିର କରୁଣ ପରିଣତି

# ପୁତୁରା ଘର ଜାଳି ପୋଲିସ ଭୟରେ ବିଷ ପିଇଲେ ବଡବାପା



ଭୁବନ, (ଭାସ୍କର ନ୍ୟୁଜ୍): ଘରୋଇ କଳିକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମରେ ବହୁ ପୁରୁଣା ଜମିଜମା ବିବାଦକୁ ନେଇ ପୁତୁରା ଉପରେ ଏସିଡ ପକାଇବା ସହ ଘରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ ବଡବାପା। ଘଟଣାରେ ପୁତୁରା ଗୁରୁତର ହୋଇ କଟକ ରେଫର୍ ହୋଇଥିବା ବେଳେ ପୋଲିସ ଭୟରେ ବିଷପିଇ ବଡବାପା ଗୁରୁତର ହୋଇ ଢେଙ୍କାନାଳ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ରବିବାର ସକାଳୁ ଜମିଜମା ଘଟଣାକୁ ନେଇ ସ୍ୱର୍ଗତ ବାବାଜୀ ସାହୁଙ୍କ ପୁଅ ଚୈତନ୍ୟ ସାହୁ ତାଙ୍କ ସାନଭାଇ ନିତ୍ୟାନନ୍ଦ ସାହୁଙ୍କ ସାନପୁଅ ଟୁକୁନା ସାହୁ (୨୩ )ଙ୍କୁ ପେଟ୍ରୋଲ ଏବଂ ଏସିଡ ପକାଇ ପୋଡି ମାରିଦେବାକୁ ଗୋଡ଼ାଇଥିଲେ। ମହୁଲପାଳ ଗ୍ରାମ ସାମଲ ସାହିରେ ଜଳଖିଆ ଦୋକାନ କରିଥିବା ଚୈତନ୍ୟ ସାହୁଙ୍କ ଦୋକାନକୁ ଲାଗି ଟୁକୁନା ସାହୁ ଏକ ପାନ ଦୋକାନ କରିଛନ୍ତି। ଦୀର୍ଘଦିନ ହେଲା ଉଭୟ ପରିବାର ମଧ୍ୟରେ ଜମିଜମା କଳି ରହିଛି। ରବିବାର ସକାଳେ ଚୈତନ୍ୟ ହଠାତ୍ ବୋତଲ ସାହାଯ୍ୟରେ ଟୁକୁନା ଉପରକୁ ଏସିଡ ଓ ପେଟ୍ରୋଲ ଢାଳିଦେଇ ନିଆଁ ଲଗାଇ ଦେଇଥିଲେ। ଦେହରେ ନିଆଁ ଲାଗିବାରୁ ଟୁକୁନା ପ୍ରାଣ ବିକଳରେ ଉଲଗ୍ନ ହୋଇ ଦୌଡ଼ି ପଳାଇଥିଲେ। ତାଙ୍କ ବଡବାପା ପରେ ଦୋକାନ ଘରେ ନିଆଁ ଲଗାଇ ଦେଇଥିଲେ। ଟୁକୁନାଙ୍କୁ ଦରମରା ଅବସ୍ଥାରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବେଳେ ଗ୍ରାମବାସୀ ଚୈତନ୍ୟଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଚୈତନ୍ୟ ଜାଣିପାରି ଦାନାଦର ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଟୁକୁନାଙ୍କୁ ସମ ହସ୍ପିଟାଲ ଏବଂ ଚୈତନ୍ୟଙ୍କୁ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଛି। ପୋଲିସ ତଦନ୍ତ ଜାରି ରହିଛି।

# କନ୍ୟା ଉତ୍ସବରେ ପ୍ରତିଭା ସମ୍ମାନ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ପୂର୍ବରୁ ଆମ ପରିବାରରେ ଜଣେ ଗୁରୁଜନଙ୍କୁ ଦେଖିଲେ ଭୂମିଷ୍ଠ ପ୍ରଣାମ କରୁଥିଲା। ହେଲେ ପାଶ୍ଚାତ୍ୟ ସଂସ୍କୃତି ପ୍ରଭାବରେ ତାହା ହଜିବାକୁ ବସିଲାଣି। ଏବେ ପୁଣି ତାହା ଫେରାଇ ଆଣିବାକୁ ପଡିବ। ନିଜ ଘରୁ ପିଲାଙ୍କୁ ସଂସ୍କାର ମିଳିଲେ ସଭ୍ୟତା ବଂଚିବ ବୋଲି କନ୍ୟା ଅନମୋଲ ହେ ଓ ରୋଟାରୀ ଆନୁକୂଲ୍ୟରେ ଆୟୋଜିତ ଚରଣ ସ୍ୱର୍ଶ ୫.୦ କାର୍ଯ୍ୟକ୍ରମରେ ବକ୍ତାମାନେ କହିଛନ୍ତି। ରବିବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରରେ କନ୍ୟା ଅନମୋଲ ହେ ପ୍ରତିଷ୍ଠାତା ତଥା ରୋଟାରିଆନ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଚରଣ ସ୍ୱର୍ଶ-୨୦୨୫ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଅଭିନେତା ତଥା ପୂର୍ବତନ ସାଂସଦ ପ୍ରଶାନ୍ତ ନନ୍ଦ,ସମାଜସେବୀ ତୁଳସୀ ମୁଣ୍ଡା ଓ ଓଡ଼ିଶାର ପ୍ରଥମ ମହିଳା ଅର୍ଜୁନ ପୁରସ୍କାର ବିଜେତା ମିନତୀ ମହାପାତ୍ର, କଣ୍ଠ ଶିଳ୍ପୀ ଗୀତା ଦାଶଙ୍କୁ ଚଳିତବର୍ଷର ଚରଣ ସ୍ୱର୍ଶ ସମ୍ମାନରେ ସମ୍ମାନିତ କରାଯାଇ ଥିଲା। ମୁଖ୍ୟ ଅତିଥି ଭାବେ ରୋଟାରୀ ୩୨୬୨ ପ୍ରାନ୍ତପାଳ (ଡିଜି) ଯଜ୍ଞାଶିଷ ମହାପାତ୍ର ଯୋଗଦେଇ କନ୍ୟା ସୁରକ୍ଷା ପାଇଁ ରୋଟାରୀ ଓ କନ୍ୟା ଅନମୋଲ ହେ କାର୍ଯ୍ୟକ୍ରମ ଜାରି ରଖିବେ ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ କବି ପ୍ରଶାନ୍ତ ଦାସ ଆମ ଭାରତୀୟ ସଂସ୍କୃତିର ମହାନତା ସମ୍ପର୍କରେ କହିଥିଲେ। ଏହାକୁ ବଞ୍ଚାଇ ରଖିବା ପାଇଁ ରୋଟାରୀ ଓ କନ୍ୟା ଅନମୋଲ ହେର ପ୍ରଚେଷ୍ଟାର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ଅନିଲ ସାମଲ, ଇନ୍ଦ୍ରଜିତ ସାହୁ ପ୍ରମୁଖ ଚରଣ ସ୍ୱର୍ଶର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ବିଜୟଲକ୍ଷ୍ମୀ କର, କଲ୍ୟାଣୀ ନନ୍ଦ, ସୁଜାତା ମହାପାତ୍ର ଓ ନିହାରିକା ମିଶ୍ର ସମ୍ମାନିତ ହେବା ପରେ ନିଜ ଘରୁ ମହିଳାଙ୍କୁ ସମ୍ମାନ ଦେବା ପରମ୍ପରା ବଜାୟ ରଖିବାକୁ କହିଥିଲେ। ଉପାସ୍ଥାପିକା ତପସ୍ୱିନୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ କନ୍ୟା ଅନମୋଲ ହେର ବରିଷ୍ଠ ସଦସ୍ୟ ରାମଜୀବନ ଗୋଛାୟତଙ୍କ ଅଧ୍ୟକ୍ଷତାରେ କନ୍ୟା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅତିଥି ଭାବେ ରୋଟାରୀ ଡିଜି ମହାପାତ୍ର, ରୋଟାରୀ ଇଲାଇଟ ସଭାପତି ନିହାରେନ୍ଦୁ ଭୂୟାଁ ମହାପାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କନ୍ୟା ଅନମୋଲ ହେର ପ୍ରତିଷ୍ଠାତା ସରୋଜ କୁମାର ଦାଶ, ସସ୍ମିତା ଦାଶ, ଅଧକ୍ଷା ଅଂଶୁ ତ୍ରିପାଠୀ, ସଭାପତି ଦେବସ୍ମିତା ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶତାବ୍ଦୀ ପଲାଇ ଧନ୍ୟବାଦ ଦେଇଥିଲେ। ସୌମ୍ୟରଞ୍ଜନ ବେହେରା, ବିଦିଶା ପ୍ରିୟଦର୍ଶିନୀ, ଲିପୁନ ମହାରଣା, ରାଜଲକ୍ଷ୍ମୀ ନନ୍ଦ, ସ୍ୱୀକୃତି ମିଶ୍ର, ରଶ୍ମିତା ନାୟକ, ସୂର୍ଯ୍ୟ ନାରାୟଣ ମହାନ୍ତି, ବାଦଲ ଆକାଶ କୁମାର, ଐଶ୍ୱର୍ଯ୍ୟା ନାୟକ, ବୈଶାଳୀ ଦଳେଇ, ସ୍ୱକୃତି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ।

## ପ୍ରକଳ୍ପ ନିର୍ମାଣକୁ ବିରୋଧ କରି ପ୍ରତିବାଦ କଲା ବିଜେଡି

ନିଆଳି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଆଳି ବ୍ଲକ ପହଂଗା ଗ୍ରାମ ପଂଚାୟତ ବଢ଼େଇ ସାହି କନ୍ଦଳ ନଦୀରେ ଆରମ୍ଭ ହୋଇଛି ବୃହତ ପାନୀୟ ଜଳପ୍ରକଳ୍ପ। ଏହି ପ୍ରକଳ୍ପରୁ ପୁରୀ ଜିଲ୍ଲା ନିମାପଡା, କାକଟପୁର, ଅସ୍ତରଙ୍ଗକୁ ପାନୀୟ ଜଳ ଯୋଗାଇବ। ଯାହା ଫଳରେ ଏହି ପ୍ରକଳ୍ପରେ ପାଣି ଗଲେ ନିଆଳି ବ୍ଲକର ୫ ଟି ପଂଚାୟତରେ ଜଳସ୍ତର କମିବ। ପାଣି ପୁରୀ ଜିଲ୍ଲାକୁ ଯିବା ପାଇଁ ବ୍ୟବସ୍ଥା କରାଯାଉଥିବା ବେଳେ ପ୍ରକଳ୍ପଟି ନିର୍ମାଣ ହେଉଛି କଟକ ଜିଲ୍ଲା ନିଆଳି ବ୍ଲକ ଅଧୀନରେ। ଏହି ପ୍ରକଳ୍ପ ନିର୍ମାଣ ବନ୍ଦ କରିବାକୁ ନିଆଳି ବିଜୁ ଜନତା ଦଳ ପକ୍ଷରୁ ପ୍ରକଳ୍ପ ବିରୋଧ କରିବା ଶହ କାମ ବନ୍ଦ କରିବା ଦାବିରେ ଏକ ପ୍ରତିବାଦ ସଭା ଆଜି ହୋଇଥିଲା। ଏହି ପ୍ରତିବାଦର ମୂଳ ଦୁଆ ପଡ଼ିଥିବା ବେଳେ ଆଗକୁ ବିଜୁ ଜନତା ଦଳ ତୀବ୍ର ବିରୋଧ କରିବା ଶହ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ପ୍ରତିବାଦ ସଭାରେ ନିଆଳି ବ୍ଲକର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ନିଆଳି ବ୍ଲକ ବିଜୁ ଜନତା ଦଳର ସଭାପତି ଅତୁଲ୍ୟ ଜେନା, କାର୍ଯ୍ୟକାରି ସଭାପତି




ଅନ୍ତର୍ଯ୍ୟାମୀ ବଡୁ, ବିଜେଡି ନେତା ଅଭିମନ୍ୟୁ ମଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ପରି ବାରିକ, ସରପଞ୍ଚ ନିରଞ୍ଜନ ବେହେରା, ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ଆମ୍ବାର ଅଧ୍ୟକ୍ଷ ବିଷ୍ଣୁ ସ୍ୱାଇଁଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ନେତା ଉପସ୍ଥିତ ରହିଥିଲେ।

## କଳା ପତାକା ପ୍ରଦର୍ଶନ ମାମଲାରେ କଂଗ୍ରେସର ପ୍ରତିବାଦ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ସାଂସଦଙ୍କୁ କଳା ପତାକା ପ୍ରଦର୍ଶନ କରିବା ଘଟଣାକୁ ନେଇ ରାଜନୀତିକ ନାରାବାଜି ଜୋର ଧରିଛି। ଏକାଧିକ ଯୁବକଙ୍କ ନାମରେ ମାମଲା ହୋଇଥିବା ବେଳେ ଜଣେ ଯୁବକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର କଂଗ୍ରେସ ଦଳ କର୍ମୀମାନେ କଳା ପତାକା ପ୍ରଦର୍ଶନ କରିଥିବା ଘଟଣାରେ ମାମଲା ରୁଜୁ ହେବା ପରେ କଂଗ୍ରେସ ଦଳ ଏହାକୁ ପ୍ରତିବାଦ କରି ନିମାପଡ଼ା ଥାନାଧିକାରୀଙ୍କୁ ଓ ପୋଲିସ ଉପଖଣ୍ଡ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ଥାନାରେ କଂଗ୍ରେସ ଦଳର ସଂଯୋଜକ କାଳନ୍ଦୀ ଚରଣ ବାରିକ ଅଭିଯୋଗ କରିଛନ୍ତି, ଆକ୍ରୋଶ ମୂଳକ ଭାବେ ମାମଲା କରାଯାଇଛି। ଏହି ମାମଲାକୁ ଉଚିତ୍ ତଦନ୍ତ କରା ନଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ୧୨ ତାରିଖରେ ନିମାପଡ଼ା ବ୍ଲକ୍ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଓ ପୁରୀ ଜିଲ୍ଲା ସଂଯୋଜକ ରାଜେଶ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଥାନା ସମ୍ମୁଖରେ ଧାରଣା ଦିଆଯିବ।


## ଚତୁର୍ଥ ବିଶ୍ୱକଲ୍ୟାଣ ମହାଯଜ୍ଞ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କୋଟସାହି ପଞ୍ଚାୟତର ମଦନମୋହନ ସାହି ସ୍ଥିତ ଶ୍ରୀଶ୍ରୀ ମଦନମୋହନଜିଉଙ୍କ ପୀଠରେ ତିନିଦିନ ବ୍ୟାପୀ ବିଶ୍ୱ କଲ୍ୟାଣ ମହାଯଜ୍ଞ ଆରମ୍ଭ ହୋଇଯାଇଛି। ପ୍ରଥମ ଦିବସରେ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୁରୁପୂଜା, ଗୋପୂଜା ଏବଂ ଶାଳା ପ୍ରବେଶ ବେଦମନ୍ତ୍ରରେ ରୀତିନିତି ଅନୁଯାୟୀ ଅନୁଷ୍ଠିତ ହୋଇଥିବା ବେଳେ ସାହିର ଶତାଧିକ ମହିଳା ଏହି ଶୋଭଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ପୀଠ ପରିସରରେ ସାଧୁସନ୍ଥଙ୍କ ସମ୍ମିଳନୀ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିବାବେଳେ ବିଭୁଧେନ୍ଦୁ ଷଡ଼ଙ୍ଗୀ ଓ ସରୋଜିନୀ ଷଡ଼ଙ୍ଗୀ କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ମଙ୍ଗଳବାର ଦିନ ପୂର୍ଣ୍ଣାହୂତି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ସୂଚନା ମିଳିଥିବା ବେଳେ ସାହିବାସିନ୍ଦା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଥିବା ଜଣାପଡ଼ିଛି।

## ଜମିଜମାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ୩ ଆହତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ମୁଲଣାସାହି ଗ୍ରାମର ଗାନ୍ଧୀ ମହାଳିକ ଓ ପଞ୍ଚାନନ ମହାଳିକଙ୍କ ପରିବାର ମଧ୍ୟରେ ଜମିଜମାକୁ ନେଇ ଶନିବାର ରାତିରେ ଗଣ୍ଡଗୋଳ ଉପୁଜିଛି। ଏହି ଗଣ୍ଡଗୋଳରେ ଗୋଟିଏ ପକ୍ଷର ପଞ୍ଚାନନ ମହାଳିକ ଓ ତାଙ୍କ ପୁଅ ମଣ୍ଟୁ ମହାଳିକ ଓ ଅନ୍ୟ ଅପକ୍ଷର ଗାନ୍ଧି ମହାଳିକଙ୍କ ପୁଅ ଉମାକାନ୍ତ ମହାଳିକ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୁଲିସ ଉମାକାନ୍ତ ମହାଳିକଙ୍କ ସ୍ତ୍ରୀ ତପସ୍ୱିନୀଙ୍କ ଅଭିଯୋଗ ମୂଳେ ଓ ପଞ୍ଚାନନ ମହାଳିକଙ୍କ ସ୍ତ୍ରୀ ଜୟନ୍ତୀଙ୍କ ଅଭିଯୋଗ ମୂଳେ ଦୁଇଟି ପୃଥକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଉଭୟ ପରିବାର ମଧ୍ୟରେ ପୂର୍ବରୁ ଜମିଜମାକୁ ନେଇ ବିବାଦ ଲାଗି ରହିଥିଲେ। ଯାହାକୁ ନେଇ ଶନିବାର ରାତିରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ରୂପ ନେଇଥିବା ଜଣାପଡ଼ିଛି।

# ବିଶ୍ୱ ପରିବେଶ ଦିବସ ଏବଂ ଓଡ଼ିଶା ପ୍ରକୃତି ମିତ୍ର ପୁରସ୍କାର



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର ପରିସରସ୍ଥ କୃଷି ଶିକ୍ଷା ସଦନ ଠାରେ ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ବିଶ୍ୱ ପରିବେଶ ଦିବସ ୨୦୨୫ର ଥିମ ହେଉଛି ଏକକ ପ୍ଲାଷ୍ଟିକ ବ୍ୟବହାର ନିୟନ୍ତ୍ରଣରେ ସଚେତନ ହୁଅନ୍ତୁ ଓ କରାନ୍ତୁ। ଏହି ଅବସରରେ ମହାନ ନଲେଜ ଓ ଚାରିଟେବଲ ଫାଉଣ୍ଡେନସନ୍, ସାଲେପୁର, କଟକ ପରିବେଶ ସୁରକ୍ଷା ଓ ସନ୍ତୁଳିତ ଓ ସହାବସ୍ଥାନ ପରିବେଶ ଗଠନ ଦିଗରେ ଉଲ୍ଲେଖନୀୟ ଭୂମିକା ଓ ପ୍ରଚେଷ୍ଟା ନିମନ୍ତେ ଓଡିଶା ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଫାଉଣ୍ଡେସନ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ଠାରୁ ପୁଷ୍ପଲତା କର ଏହି ପୁରସ୍କାର ଗ୍ରହଣ କରିଥିଲେ। ଉକ୍ତ ଉତ୍ସବରେ ସତ୍ୟବ୍ରତ ସାହୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପସ୍ଥିତ ଥିଲେ। କରଙ୍କ ନେତୃତ୍ୱରେ ବିଦ୍ୟାଳୟରେ ବୃକ୍ଷରୋପଣ, ଚାରା ବଣ୍ଟନ, ନୂତନ ଜଙ୍ଗଲ ସୃଷ୍ଟି, ମୃତ୍ତିକା ସଂରକ୍ଷଣ, ସଚେତନତା ସୃଷ୍ଟି, ଶକ୍ତି ସଂରକ୍ଷଣ ଓ ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ଭଳି ବିଭିନ୍ନ କାର୍ଯ୍ୟ ସଫଳତାର ସହ ସମ୍ପାଦିତ ହୋଇପାରିଛି। ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରିବା ପରେ କରଙ୍କ ନିଜ ପ୍ରତିକ୍ରିୟାରେ ଏହାର ଶ୍ରେୟ ଦେଇଛନ୍ତି। କରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ଏହି ପୁରସ୍କାର ତାଙ୍କୁ ଆଗାମୀ ଦିନରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଆହୁରି ଉତ୍ସାହିତ କରିବ ବୋଲି ସେ କହିଛନ୍ତି। ସାଲେପୁରର ବୁଦ୍ଧିଜୀବୀ ଓ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଉପଦେଷ୍ଟା ଶିବନାରାୟଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଧରତୀ ଆବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ଅନୁସୂଚିତ ଜନଜାତି ବହୁଳ ଗ୍ରାମ ଗୁଡିକରେ ଜନଜାତି ମାନଙ୍କର ସର୍ବାଙ୍ଗୀନ ବିକାଶର ଲକ୍ଷ୍ୟ ରହିଛି। ଭାରତ ସରକାରଙ୍କ ୧୭ଟି ବିଭାଗର ୨୫ଟି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରିବା ସହିତ ଜନଜାତି ସମ୍ପ୍ରଦାୟର ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। ଗୃହ ନିର୍ମାଣ, ଗମନା ଗମନ, ପାନୀୟ ଜଳ ଯୋଗାଣ, ଗ୍ୟାସ ସିଲିଣ୍ଡର ଯୋଗାଣ, ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ହଷ୍ଟେଲ ଓ ଆଶ୍ରମ ବିଦ୍ୟାଳୟ ସ୍ଥାପନ, ଗ୍ରାମ୍ୟ ବିଦ୍ୟୁତକରଣ ଅଣ୍ଡ ଗ୍ରୀଡ଼ରେ ସୌର ସଂଯୋଗ, ମହିଳାମାନଙ୍କ ଆର୍ଥିକ ସଶକ୍ତି କରଣ, ଜଙ୍ଗଲ ଅଧିକାର ଆଇନ ଇତ୍ୟାଦି ଯୋଜନା ମାଧ୍ୟମରେ ସେମାନଙ୍କ ବିକାଶ ସାଧନ ପାଇଁ ଜୁନ ୧୫ ତାରିଖରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ସୂଚନା- ଶିକ୍ଷା- ଯୋଗାଯୋଗ କାର୍ଯ୍ୟକ୍ରମ ଢେଙ୍କାନାଳ ଜିଲ୍ଲାର ୬ ଟି ବ୍ଲକର ୧୨୭ ଟି ଗ୍ରାମରେ ଅନୁଷ୍ଠିତ ହେବ। ଗ୍ରାମ ସ୍ତରରେ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯାଇ ଆଧାର କାର୍ଡ, ଆୟୁଷ୍ମାନ ଭାରତ କାର୍ଡ, ଜାତିଗତ ପ୍ରମାଣ ପତ୍ର, କିଷାନ କ୍ରେଡିଟ କାର୍ଡ ଇତ୍ୟାଦି ସୁବିଧା ଉପଲବ୍ଧ କରାଯିବ। ଏଥି ନିମନ୍ତେ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଓ ବ୍ଲକ ସ୍ତରରେ ବିଡ଼ିଓଙ୍କ ଅଧ୍ୟକ୍ଷତା କମିଟି ଗଠନ କରାଯାଇଛି।

# ବିଶ୍ୱ ସାମୁଦ୍ରିକ ଦିବସ ପାଳିତ




ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ନାଗପୁର ର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ୍ୱଲକମ୍ ପକ୍ଷରୁ ଆଜି କୋଣାର୍କ ଚନ୍ଦ୍ରଭାଗା ଠାରେ ବିଶ୍ୱ ସାମୁଦ୍ରିକ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଚୀ ମହାବିଦ୍ୟାଳୟ, ବାଙ୍ଗୁରୀଗାଁ ର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଦିଲ୍ଲିପ କୁମାର ସେନାପତି ଯୋଗଦେଇ ସମୁଦ୍ର ଆମ ପାଇଁ କେତେକ ଉପକାର ଓ ଅପକାରରେ ଦାୟୀ ସେ ସମ୍ପର୍କରେ ସଚେତନତା କରିଥିଲେ। ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ଚିତ୍ତରଞ୍ଜନ ବିଶ୍ୱାଳ, ସୁଦର୍ଶନ ବିଶ୍ୱାଳ, ସସ୍ମିତା ମହାପାତ୍ର, ଭିପୁଲ କୁମାର, ଭୁବନେଶ୍ୱର ଓ୍ୱଲକମ୍ ଅନୁଷ୍ଠାନର ସଭାପତି ପ୍ରତାପ କୁମାର ସେଠୀ, ସମ୍ପାଦକ ପ୍ରଭାତ କୁମାର ଦାସ, ସହ ସମ୍ପାଦକ ଆଦର୍ଶ କୁମାର ଖୁଣ୍ଟିଆ, ସଭ୍ୟ ବିଶ୍ୱଜିତ ପାତ୍ର, ଲକ୍ଷ୍ମୀଧର ମୁଦୁଲି, ରେଣୁବାଳା ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ସସ୍ମିତା ମହାପାତ୍ର ଆଜିର ସାମୁଦ୍ରିକ ଦିବସ ଅବସରରେ ଯୁବପିଢିଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରି ଜେବବିବିଧତା, ଜଳବାୟୁ ନିୟନ୍ତ୍ରଣ ଓ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ନିମନ୍ତେ ସଚେତନତା କରିଥିଲେ। ବିଜ୍ଞାନ ଶିକ୍ଷକ ଚିତ୍ତ ରଞ୍ଜନ ବିଶ୍ୱାଳ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଓ୍ୱଲକମ୍ ଅନୁଷ୍ଠାନର ଉପଦେଷ୍ଟା ଓଡିଶାର ଓ୍ୱାଟରମ୍ୟାନ ରଂଜନ କୁମାର ପଣ୍ଡା ସେଠାରେ ଉପସ୍ଥିତ ଥିବା ୫୦ରୁ ଉର୍ଦ୍ଧ୍ୱ ଯୁବକଯୁବତୀମାନଙ୍କ ସମେତ ଉପସ୍ଥିତ ଥିବା କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ନକରିବା ଏବଂ ପ୍ଲାଷ୍ଟିକକୁ ନିକଟସ୍ଥ ଜଳରାଶି ଠାରୁ ଦୂରେଇ ରଖିବା, ସମୁଦ୍ର ମଧ୍ୟରେ ପ୍ଲାଷ୍ଟିକ୍ ନଫିଙ୍ଗିବା ଆଦି ସାମୁଦ୍ରିକ ଜୀବନ, ଭବିଷ୍ୟତ ପ୍ରତି ଏବଂ ସୁସ୍ଥ ପୃଥିବୀ ପାଇଁ ନୀଳଗ୍ରହର ରକ୍ଷକ ହେବା ସହ ଜଳବାୟୁ ଦ୍ୱାରା ପରିବର୍ତ୍ତନ ହେଉଥିବା ବିଭିନ୍ନ କ୍ଷୟକ୍ଷତିର ମୁକାବିଲା, ଉପକୂଳ ସଂସଦର ସ୍ଥାୟୀ ପରିଚାଳନା ପାଇଁ ପ୍ରତିଜ୍ଞା ଓ ଶପଥ ପାଠ କରାଇଥିଲେ।

# ବିଜେପିରେ ସାମିଲେ ହେଲେ ବିଜେଡି ସରପଞ୍ଚ



ଆସିକା, (ଭାସ୍କର ନ୍ୟୁଜ୍): ବିଜେପିରେ ସାମିଲ ହେଲେ ଆସିକାର ଆଗଧାଡିର ସରପଞ୍ଚ ଓ ସମିତି ସହ ନେତା ଓ କର୍ମୀ। ବିଧାୟକ ସରୋଜ କୁମାର ପାଢ଼ୀଙ୍କ ନେତୃତ୍ୱରେ ଆଜି ମୁନିଗାଡ଼ି ପଂଚାୟତରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବହୁ ବିଜେଡି ସରପଞ୍ଚ ଓ ସମିତି ସଭ୍ୟ ଗେରୁଆ ଟୋପି ପିନ୍ଧିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ମୁନିଗାଡି ପଞ୍ଚାୟତ କେଶାରାପଲ୍ଲୀ, ମାଳତି, ସିଙ୍ଗିପୁରୁ, ବନ୍ଥପଲ୍ଲୀ ମୁନୀ ଗଡ଼ି ଏହି ସମସ୍ତ ଗ୍ରାମରେ ପଥପ୍ରାନ୍ତ ସଭା କରି ରାଜ୍ୟ ସରକାରଙ୍କ ଯୋଜନା ଉପରେ ଲୋକଙ୍କ ଜଣାଉଛନ୍ତି। ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ଥିବାବେଳେ ସରୋଜ ସେନାକୁ ଆହୁରି ସୁଦୃଢ଼ କରିବା ପାଇଁ ଆସିକା ବିଜେପି ରଣକୌଶଳ ଆରମ୍ଭ କରି ଦେଇଛି। ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କ ନେତୃତ୍ୱ ଓ ରୋକଠୋକ ଅନ୍ଦାଜକୁ ନେଇ ଚାରିଆଡେ ଚର୍ଚ୍ଚା ଚାଲିଥିବା ବେଳେ ଆଜିର ମିଶ୍ରଣପର୍ବ ଭିନ୍ନ ଏକ ରାଜନୈତିକ ବାର୍ତ୍ତା ଦେଖିବାକୁ ମିଳିଛି। ଗୁଣ୍ଡପଡା ସରପଞ୍ଚ ଶୈଳବାଳା ଦଳେଇ, ସମିତିସଭ୍ୟ ନାରାୟଣ ସ୍ୱାଇଁ, ଗଙ୍ଗାପୁର ସରପଞ୍ଚ ମନୋଜ ନାହାକ, କମାଗଡ଼ ସରପଞ୍ଚ ରିଙ୍କି ଲେଙ୍କା, ଯୁବ ନେତା ନିରାକାର ଦଳେଇ ସମେତ ବହୁ ରାଜନେତା ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି। ଉକ୍ତ ମିଶ୍ରଣ ପର୍ବରେ ବରିଷ୍ଠ ବିଜେପି ନେତା ଭଗବାନ ସାହୁ ଉପସ୍ଥିତ ରହି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ମୁନିଗାଡ଼ି ସରପଞ୍ଚ ସବିତା ସ୍ୱାଇଁ, ସମିତି ସଭ୍ୟା ନମିତା ବିଶୋଇ, ବରିଷ୍ଠ ନେତା ବିଜୟ ସ୍ୱାଇଁ,ଶିବ ନାହାକ, ଯୁବ ନେତା ସନ୍ତୋଷ ନାହାକ ବିଧାୟକ ସରୋଜ ପାଢୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବହୁ ଆଗଧାଡିର ବିଜେପି କର୍ମୀ ଉକ୍ତ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

# ବିଜ୍ଞାପିତ ଅଞ୍ଚଳ ପରିଷଦରେ କୁଢ଼ କୁଢ଼ ଆବର୍ଜନା; ପ୍ରଶାସନର ଦୃଷ୍ଟି ପଡ଼ିବ କେବେ !

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ବିକାଶ ହୋଇଛି କୁହାଯାଉଥିବା ବେଳେ ଏହା ବିନାଶ ଆଡ଼ିକି ଗତି କରୁଛି। ଚାରିଆଡ଼େ ଆବର୍ଜନା ପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିବା ବେଳେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଦୀର୍ଘଦିନ ହେବ ଆବର୍ଜନା ମୁକ୍ତ ନିମାପଡ଼ା ଘୋଷଣା ପାଇଁ ଦାବୀ ହୋଇ ଆସୁଥିଲେ ମଧ୍ୟ ସରକାରଙ୍କ ନାଲି ଫାଇଲ ତଳେ ଅଭିଯୋଗ ରହି ଯାଇଛି। କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଯାହାକୁନେଇ ବେଳକୁ ବେଳ ନିମାପଡ଼ାରେ ସ୍ୱଚ୍ଛ ଭାରତ ଯୋଜନା ବାଟବଣା ହେଉଛି। ପରିଷଦ ଲୋକ ଦେଖାଣିଆ ଭାବେ ଗୀତ ବୋଲି ପ୍ରଚାର ଗାଡ଼ିରେ ଅଳିଆ ସଂଗ୍ରହ କରାଯାଉଛି ବୋଲି ବାହାସ୍ପଟ ମାରୁଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଂଚଳରେ ସ୍ୱଚ୍ଛ ଭାରତ ଯୋଜନା ବାଟବଣା ହୋଇଛି। ଚାରିଆଡ଼େ ଆବର୍ଜନା ପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିବା ବେଳେ ପରିଷଦ ଆବର୍ଜନା ହଟାଉ ନାହିଁ। ଲୋକ ଦେଖାଣିଆ ଭାବେ କେତୋଟି ଗାଡ଼ି ବୋଲାଇ ଲୋକଙ୍କୁ ସଚେତନ କରାଯାଉଛି। ମାତ୍ର ତାହା କେତେଦୂର କାର୍ଯ୍ୟକାରୀ ହେଉଛି ସେ ଖବର ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ନିକଟରେ ନାହିଁ। ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବା ବେଳେ ମଶା, ଡ଼ାଆଁସ, ମାଛି ବଢ଼ିବାକୁ ଲାଗିଛି। ଦୀର୍ଘଦିନ ହେବ ଆବର୍ଜନା ହଟାଇବା ପାଇଁ ପରିଷଦ ଅଞ୍ଚଳର ବାସିନ୍ଦାମାନେ ଦାବି କରୁଛନ୍ତି। ମାତ୍ର ତାହା କାର୍ଯ୍ୟକାରୀ କରାଯାଉ ନାହିଁ। ପୁରୁଣା ମାଛ ମାର୍କେଟ ସମେତ ଚାରିଆଡ଼େ ଆବର୍ଜନା ପୂର୍ଣ୍ଣ ପରିବେଶ। ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତା କଡ଼ରେ କେତୋଟି ବିବାହ ମଣ୍ଡପ ରହିଥିବା ବେଳେ ଅଇଁଠା ଖଲିପତ୍ରକୁ ରାସ୍ତା ଉପରେ ପକା ଯାଉଛି । ଦୁର୍ଗା ମଣ୍ଡପ ନିକଟରେ ବିବାହ ଭୋଜିର ଆୟୋଜନ ହେଉଥିବା ବେଳେ ଅଇଁଠା ପତ୍ର ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତାରେ ପଡୁଛି। ଏପରି ଚାରିଆଡ଼େ ଦୁର୍ଗନ୍ଧମୟ ପରିବେଶ ଜନସାଧାରଣଙ୍କୁ ଅତିଷ୍ଠ କରିବାରେ ଲାଗିଛି। ଏହି ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ନିମାପଡ଼ାରେ ସୁସ୍ଥ ପରିବେଶ ସୃଷ୍ଟି କରିବା ସହ ଲୋକମାନଙ୍କୁ ରୋଗ ଦାଉରୁ ରକ୍ଷା କରିବା ପାଇଁ ସଚେତନ ନାଗରିକମାନଙ୍କ ପକ୍ଷରୁ ଦାବି ହୋଇଛି।



ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅଧିନସ୍ଥ ମୋହରା ଏବଂ ବେହେରାମୁଣ୍ଡା ମସଜିଦ ପରିସରରେ ଇଦ୍ ଉଜ ଜୁହା ପର୍ବ ମହାସମାରୋହର ସହିତ ପାଳିତ ହୋଇଯାଇଛି । ଆଜି ସକାଳୁ ସମସ୍ତ ମୁସଲମାନ ଭାଇ ଏକ ଶୋଭାଯାତ୍ରାରେ ନାରେ ତକବିର, ଅଲ୍ଲା ହୁ ଅକବର ଶ୍ଳୋଗାନ ଦେଇ ଇଦଗାହା ପଡିଆରେ ସମବେତ ହୋଇ ମୌଲାନା ସୋହେବ ରଜାଙ୍କ ପୌରହିତ୍ୟରେ ସମୁହ ନମାଜ ପାଠ କରିଥିଲେ। ନମାଜ ପାଠ ପରେ ପରସ୍ପର ପରସ୍ପରଙ୍କୁ ଇଦ୍‌ର ଅଭିନନ୍ଦନ ଜଣାଇଥିଲେ। ଏହା ପରେ ସମସ୍ତେ କବ୍ରିସ୍ତାନ (ଶ୍ମଶାନ)କୁ ଯାଇ ନିଜ ନିଜ ପରିବାରର ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ବଳିଦାନର ପର୍ବ ଇଦ୍ ଉଲ ଅଝା ମୁସଲମାନ ଧର୍ମାବଲମ୍ବୀଙ୍କ ଏକ ମୁଖ୍ୟ ପର୍ବ ହୋଇଥିବା ବେଳେ ଏହି ପର୍ବ ମୁସଲମାନ ମାନଙ୍କ ଭକ୍ତିପୁତ ତ୍ୟାଗର ନିଦର୍ଶନ ଅଟେ। ଏହି ପର୍ବ ମହାପୁରୁଷ ଇବ୍ରାହିମ ଅଲେସଲାମଙ୍କ ଆଲ୍ଲାଙ୍କ ପ୍ରତି ଥିବା ଦୃଢ ଭକ୍ତି ଏବଂ ତ୍ୟାଗକୁ ମନେପକେଇବା ନିମନ୍ତେ ପାଳନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ମୋହରା ମୁସଲିମ କମିଟି ସଭାପତି ସୁଲତାନ ଅଲ୍ଲୀ, ସମ୍ପାଦକ ମହମ୍ମଦ ସକିଲ୍ , କୋଷାଧକ୍ଷ ମହମ୍ମଦ ଇଲିୟାସ, ଉପସଭାପତି ମୁରାଦ ଅଲ୍ଲୀ, ଅବଦୁଲ ମଜିଦ, ମହମ୍ମଦ ହନିଫ, ମହମ୍ମଦ ଇଶା, ମହମ୍ମଦ ୟୁନୁସ, ମହମ୍ମଦ ସଫିକ, ମୁମତାଜ ଅଲ୍ଲୀ, ସହିଦ ଅଲ୍ଲୀ, ଅବଦୁଲ କୟୁମ, ମହମ୍ମଦ ଇକବାଲ, ସହାଦତ ଅଲ୍ଲୀ, ମକବୁଲ ଅଲ୍ଲୀଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଗ୍ରାମାଞ୍ଚଳରେ ମେଗା ସ୍ୱାସ୍ଥ୍ୟ ଶିବିର

- ୩ଶହରୁ ଉର୍ଦ୍ଧ ରୋଗୀଙ୍କୁ ମାଗଣା ଚିକିତ୍ସା, ଔଷଧ ବଣ୍ଟନ
- ଯୁବ ପ୍ରେମୀଙ୍କ ବିଶାଳ ଶୋଭାଯାତ୍ରାରେ ରାକେଶଙ୍କୁ ସ୍ୱାଗତ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ସ୍ୱାସ୍ଥ୍ୟ ହିଁ ସମ୍ପଦ। ଉଭୟ ବ୍ୟକ୍ତି ଓ ସମାଜ ପାଇଁ ଏହା ଶ୍ରେଷ୍ଠ ସମ୍ପତି। ଆଜି ବି ଅନେକ ଲୋକ ସମୟ ଅଭାବରୁ ନିଜର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ପାରୁନାହାନ୍ତି। ତେଣୁ ସେମାନେ କିଭଳି ସୁସ୍ଥ ରହିବେ ସେ ନେଇ ଅଣ୍ଟା ଭିଡିଛନ୍ତି ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ରାକେଶ କୁମାର ବିଶ୍ୱାଳ। କେବଳ ସ୍ୱାସ୍ଥ୍ୟ ନୁହେଁ ଲୋକଙ୍କୁ କିଭଳି ସେବା ଯୋଗାଇବା ପାଇଁ ଅହରହ ପ୍ରୟାସ କରିଛନ୍ତି ସାଂସଦଙ୍କ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ରାକେଶ ବିଶ୍ୱାଳ ଓରଫ ରିଙ୍କୁ। ରବିବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ପଂଚାୟତ ଅଧୀନ ନୀଳକଣ୍ଠେଶ୍ୱର ଟିମୋର ମନ୍ଦିର ପ୍ରାଙ୍ଗଣରେ ମେଡିକାଲ ବିଶେଷଜ୍ଞ ଡକ୍ଟର ମାନଙ୍କ ଦ୍ୱାରା ଜନସେବା ଓ ସବୁଜିମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳ ଯୁବ ପ୍ରେମୀ କୁଅଁରପୁର ଠାରୁ ବିଶାଳ ବାଇକ ଶୋଭାଯାତ୍ରାରେ ରାକେଶଙ୍କୁ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇଥିବାରୁ ଶୋଭାଯାତ୍ରା ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧନା କରି ନେବା ପରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଉଦ୍‌ଘାଟନ ହୋଇଥିଲା। ରାକେଶ ବିଶ୍ୱାଳ ନିଜ ବକ୍ତବ୍ୟରେ କହିଥିଲେ ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଏଭଳି ପ୍ରୟାସ ଜାରୀ ରଖିଛନ୍ତି। ଏହି ଅବସରରେ ଉପସ୍ଥିତ ଥିବା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କୁ ମାଗଣା ଚିକିତ୍ସା ପରେ ଏକ ଗଛ ପ୍ରଦାନ କରାଯାଇଥିଲା। ଶିବିରରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଭିଜ୍ଞ ଡକ୍ଟର ରୋଗୀ ଚିକିତ୍ସା କରିଥିଲେ। ଶିବିରରେ ବିଶେଷଜ୍ଞ ଚିକିତ୍ସକଙ୍କ ଦ୍ୱାରା ଅତ୍ୟାଧୁନିକ ପଦ୍ଧତି ଅନୁସରଣରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। କେବଳ ବ୍ଲଡ଼ ପ୍ରେସର ସୁଗାର ଆଦି ନୁହେଁ ସମସ୍ତ ପ୍ରକାର ପରୀକ୍ଷା କରାଯାଇଥିଲା। ଆଖି ଠାରୁ ଆରମ୍ଭ କରି ଦନ୍ତ, ଶଲ୍ୟ, ଅସ୍ଥିଶଲ୍ୟ, କୀଡନି ରୋଗ, ଭେଷଜ (ମେଡ଼ିସିନ ), ଦନ୍ତ ରୋଗ, ଶରୀର ଯନ୍ତ୍ରଣା ଜନିତ ରୋଗ ସହ ୩ଶହ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଗଣା ଔଷଧ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା କରାଯିବା ସହ ଡକ୍ଟରଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିଲା। ଏପରିକି ବୟସ୍କ ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଶିବିର ମଧ୍ୟ କରାଯାଇଥିଲା। ଉକ୍ତ ଅଞ୍ଚଳରେ ଅଭିଜ୍ଞ ଡକ୍ଟର ଡ଼ଃ ଅଭିଷେକ ବେହେରା, ଡ଼ଃ ଶଶୀଶେଖର ସେନାପତିଙ୍କୁ ଦେଖା କରିବା ପାଇଁ ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥାନ୍ତି। କିନ୍ତୁ ମାଗଣା ସ୍ୱାସ୍ଥ୍ୟ ଶିବିରରେ ରୋଗୀ ସୁବିଧାରେ ନିଜର ଚିକିତ୍ସା କରିପାରିଛନ୍ତି। ଗ୍ରାମାଞ୍ଚଳରେ ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିବାରୁ ସ୍ଥାନୀୟ ଲୋକେ ବେଶ ଖୁସି ଥିବା ଜଣାପଡ଼ିଛି। ଲୋକଙ୍କ ପାଇଁ ଏହିଭଳି ଶିବିର ଆଗକୁ ମଧ୍ୟ ଜାରୀ ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ମିଳିଛି।

## ହରିଶ୍ଚନ୍ଦ୍ର ଯୋଜନା କାହା ପାଇଁ !

# ମୃତ୍ୟୁର ଦୁଇ ବର୍ଷ ପରେ ବି ମିଳିନି ଶବଦାହ ପଇସା



ରାଜନଗର, (ଭାସ୍କର ନ୍ୟୁଜ୍) : କେନ୍ଦ୍ରପଡ଼ା ଜିଲ୍ଲା ରାଜନଗର ବ୍ଲକ ସାନ ବଡ଼ ଗୋପାଳପୁର ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନା ବାଟବଣା ହେବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଏହି ପଞ୍ଚାୟତର ବଡ଼ଓଲରା ଗ୍ରାମବାସୀ। ସୂଚନା ଯୋଗ୍ୟ ବଡ଼ଓଲରା ଗ୍ରାମର ସୁଦର୍ଶନ କୁଣ୍ଡ ୨୦୨୪ ଜୁନ୍ ୧୦ତାରିଖରେ ମୃତ୍ୟୁବରଣ କରିଥିଲା ବେଳେ ତା'ର କିଛି ଦିନ ପରେ ଉକ୍ତ ଗ୍ରାମରେ ପ୍ରମିଳା କୁଣ୍ଡ ମୃତ୍ୟୁବରଣ କରିଥିଲେ। ହେଲେ ଏହି ମୃତକ ଦୁଇ ଜଣଙ୍କୁ ହରିଶ୍ଚନ୍ଦ୍ର ଯୋଜନାର ଶବଦାହ କରିବା ପାଇଁ ଯେଉଁ ସରକାରୀ ଅର୍ଥ ପ୍ରଦାନ କରାଯାଏ ତାହା ଆଜି ପର୍ଯ୍ୟନ୍ତ ମିଳିପାରି ନାହିଁ। ବାରମ୍ବାର ପଞ୍ଚାୟତର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଏ ନେଇ କହିଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନଥିବା ବେଳେ ସାଇଟ୍ ଖୋଲୁ ନାହଁ ବୋଲି ସଫେଇ ଦେଇଛନ୍ତି ସରପଞ୍ଚ। ସରପଞ୍ଚଙ୍କ ଏପରି ମନ୍ତବ୍ୟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଥିବା ବେଳେ ଏହି ଦୁଇଜଣଙ୍କର ଅର୍ଥ ବାଟବଣା ହୋଇଥାଇପାରେ ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ଏହି ଅଭିଯୋଗ ନେଇ ସେତେବେଳେ ଦୁଇଜଣ ବିଡିଓଙ୍କୁ ଅବଗତ କରାଯାଇଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ୍ୟ। ଜିଲ୍ଲାପାଳ ଏହାକୁ ତଦନ୍ତ ପରିସର ଭୁକ୍ତ କରାଇ ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ପ୍ରଦାନ ବ୍ୟବସ୍ଥା କରିଲେ ମୃତକଙ୍କ ପରିବାର ସୁବିଧା ପାଇବେ ବୋଲି ସାଧାରଣରେ ଦାବି ହେଉଛି।

## ରଥଯାତ୍ରା ପ୍ରସ୍ତୁତି ବୈଠକ ସହ ଚାରାରୋପଣ କାର୍ଯ୍ୟକ୍ରମ



ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଧୋଡ଼ିପାଣି ହାଟପଦା ସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଦଣ୍ଡାମୁଣ୍ଡା ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଆଗାମୀ ରଥଯାତ୍ରାକୁ କିଭଳି ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା, ରଥ ନିର୍ମାଣ, ମହାପ୍ରଭୁଙ୍କ ନୀତିକାନ୍ତି, ଜନ ଗହଳି ନିୟନ୍ତ୍ରଣ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ପରେ ପରିଚାଳନା କମିଟି ପକ୍ଷରୁ ହାଟପଦା ଠାରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଥିଲା। ବୈଠକରେ ନରେନ୍ଦ୍ର ମାଝୀ, ସ୍ଥାନୀୟ ସରପଞ୍ଚ ଦୁଲ୍ଲବ ପୂଜାରୀ, ଗୌରହରି ନାୟକ, ନୀଳମଣି ଗୌଡ଼, ବଳି ଚିଲାଗୁନ, ମକର ନାୟକ, ମାନସ ବାଘ,ଭାଗିରଥି ମାଝୀ, ନରୋତ୍ତମ ନାୟକ, ବଳରାମ ପଟ୍ଟନାୟକ, ସିମାଞ୍ଚଳ ଗଣ୍ଡା, ସଂଗ୍ରାମ କେଶରୀ ସାହୁ, ଗୋବର୍ଦ୍ଧନ ଡଙ୍ଗରି, ପ୍ରତାପ ଗୌଡ଼, ଧବଳେଶ୍ୱର ପଟ୍ଟନାୟକ, ପରମେଶ୍ୱର ମାଝୀ, ସୁରେଶ ମାହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଲୋକ କଳା ସଂସ୍କୃତି ଗବେଷକଙ୍କ ସମାବେଶ



ବଲାଙ୍ଗିର, (ଭାସ୍କର ନ୍ୟୁଜ୍) : ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟରୁ ସ୍ୱୀକୃତି ପାଇଥିବା ପଶ୍ଚିମ ଓଡିଶାର ସମସ୍ତ କନିଷ୍ଠ ଏବଂ ବରିଷ୍ଠ ଲୋକ ସଂସ୍କୃତି ଗବେଷକ, ଯୁବ କଳାକାର ମେଧାବୃତ୍ତି ଏବଂ ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ମେଧାବୃତ୍ତିମାନଙ୍କ ଏକ ସମାବେଶ ପଶ୍ଚିମ ଓଡିଶା ଲୋକ ସଂସ୍କୃତି ଗବେଷକ ଏବଂ ଢୋଳ ମୁହୁରି କଳାପରିଷଦର ମିଳିତ ଆୟୋଜନରେ ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। କବି ସନ୍ଦିପ କୁଅଁର ଏବଂ କିର୍ତ୍ତନ ଦୀପଙ୍କ ସଂଯୋଜନାରେ ଦୁଇ ଗୋଟି ପର୍ଯ୍ୟାୟରେ ଲୋକ କଳା ସଂସ୍କୃତି ଚର୍ଚ୍ଚାରେ ତରଣୀସେନ ଦୀପ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅତିଥି ଭାବେ ଏପିଡି ତରଣୀ ସୁନା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଂଜନ ମିଶ୍ର, ଜାତୀୟ ବିସମିଲ୍ଲା ଖାନ୍ ଏୱାର୍ଡି ରବି ରତନ ସାହୁ, ଗବେଷକ ସୁରେନ୍ଦ୍ର ସାହୁ, କାଳିଚରଣ ବାଗ, ଡ. ନିଳାଂଚଳ ନନ୍ଦ, ସତ୍ୟନାରାୟଣ ଭୋଇ, ଶମ୍ଭୁ ନାଗ, ପ୍ରହଲ୍ଲାଦ ଦର୍ଜି, ନାଟ୍ୟକାର ପ୍ରକାଶ ଥନାପତି, ଗବେଷକ ନବୀନ କୁଅଁର, ସୂର୍ଯ୍ୟମଣି ସୁନା, ଶିକ୍ଷାବିତ୍ ନେପାଳ ଚନ୍ଦ୍ର ବାଗ, ବିଜୟ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଡକ୍ଟରେଟ୍ ପାଇଥିବା ନିଳାଂଚଳ ନନ୍ଦ ଏବଂ ବାସନ୍ତି ନନ୍ଦଙ୍କ ସହିତ ସମସ୍ତ ଗବେଷକ ଏବଂ ମେଧାବୃତ୍ତି ପ୍ରାପ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପଂଚାନନ ସେଠ, ହିମାଂଶୁ ଖମାରି, ରାଧେଶ୍ୟାମ ତ୍ରିପାଠି, ବାସୁଦେବ ମୁଗ୍ରୀ, ମହିଳା ସଭାନେତ୍ରି ସବିତା ନନ୍ଦ, ସୀତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ବିପିନ ବିହାରି ବାରିକ ସମେତ ପଶ୍ଚିମ ଓଡିଶାର ସମସ୍ତ ଜିଲ୍ଲାରୁ ଗବେଷକ, କଳାକାର, ସଂଗଠକ ଏବଂ ସମର୍ଥକ ଅଂଶଗ୍ରହଣ କରିଥିଲେ। ଡ. ନିଳାଂଚଳ ନନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ କିର୍ତ୍ତି ରଂଜନ ସିଂ ଏବଂ ମନୋରଂଜନ ପଟେଲ ଆୟୋଜନ କରିଥିଲେ।

# 'ପାରମ୍ପାରିକ ଖାଦ୍ୟ ଦେଉଛି ମହିଳାଙ୍କୁ ପ୍ରୋତ୍ସାହନ'



କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ପ୍ରାଥମିକ ବିଦ୍ୟାଳୟ, ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନିଲ କୁମାର ପ୍ରଧାନ, କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, କଣିହାଁ ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଖାଦ୍ୟ ଷ୍ଟଲ ଗୁଡିକ ଶୁଭାରମ୍ଭ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୧୪ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ସାମିଲ ହୋଇ ଖାଦ୍ୟ ଷ୍ଟଲ ଖୋଲିଥିଲେ। ସେମାନଙ୍କୁ ତାଙ୍କୁ ପାରମ୍ପରିକ ପିଠା ଓ ସ୍ନାକ୍ସ ଉପରେ ଖାଦ୍ୟ ପ୍ରସ୍ତୁତି କରିବା ପାଇଁ କୁହାଯାଇଥିଲା। ଖାଦ୍ୟ ପ୍ରସ୍ତୁତି ପରେ ଅତିଥି ଗଣ ଖାଦ୍ୟ ଷ୍ଟଲ ବୁଲି ଖାଦ୍ୟ ପରଖି ଥିଲେ। ପରେ ଉକ୍ତ ଖାଦ୍ୟର ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ବିଚାରକ ଭାବରେ ଏବିଇଓ ସୁଜନ ସାହୁ, ଏବିଇଓ ସନ୍ତୋଷ ପ୍ରଧାନ, କଣିହାଁ ମେଡ଼ିକାଲ ପିଏଚଇଓ ମଞ୍ଜିତ ସାହୁ ମୂଲ୍ୟାୟନ କରିଥିଲେ। ଏଥିରେ କଣିହାଁ ବ୍ଲକର ମା'ସରସ୍ୱତୀ ମହିଳା ସ୍ୱୟଂ ଗୋଷ୍ଠୀ, କମରେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ମା' ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ବିଜିଗୋଳ ୨ୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ପରେ ଅତିଥିଙ୍କ ଦ୍ୱାରା ପ୍ରଥମ ସ୍ଥାନ ଅଧିକାର କରିଥିବା ମହିଳା ଗୋଷ୍ଠୀଙ୍କୁ ୫ ହଜାର ଟଙ୍କା, ୨ୟ ସ୍ଥାନ ଅଧିକାର କରିଥିବା ଗ୍ରୁପଙ୍କୁ ୪ହଜାର ଟଙ୍କା ପ୍ରଦାନ କରିବା ସହ ଭାଗ ନେଇଥିବା ଅନ୍ୟ ଗ୍ରୁପ ମାନଙ୍କୁ ଶାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିପିସି ସତ୍ୟବ୍ରତ ଦାସ ଓ ବିପିଏମ ପ୍ରମୋଦ ବେହେରା ସଂଯୋଜନା କରିଥିବା ବେଳେ ସମସ୍ତ ଆଇସିଡିଏସ୍ ଷ୍ଟାଫ, ସମସ୍ତ ମିଶନ ଶକ୍ତି, ସମସ୍ତ ଏମ୍‌ବିକେ, ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ରଥଯାତ୍ରା ପାଇଁ ଚାଲିଛି ନିର୍ମାଣ କାର୍ଯ୍ୟ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖ ରଥଖଳାରେ ରଥ ନିର୍ମାଣ କାମ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଛି। ରଥଯାତ୍ରା ପାଇଁ ମହାରଣାମାନେ ପୁରୁଣା ରଥକୁ ମରାମତ କରିବା ଆରମ୍ଭକରି ଦେଇଛନ୍ତି। ଘୋଷଯାତ୍ରା ଆଉ ଅଳ୍ପଦିନ ଥିବାରୁ ମାଲକାନଗିରି ଜିଲ୍ଲା ସଦର ମହକୁମା ଜଗନ୍ନାଥ ମନ୍ଦିରର ରଥ ନିର୍ମାଣ କାମ ଜୋରଦାର ଚାଲିଛି। ଚଳିତବର୍ଷ ରଥରେ ଅଖ, ତଳ ଓ ଉପର ବିମ୍ ବଦଳାଯାଇ ନୂଆ ନିର୍ମାଣ କରାଯାଉଛି। ଏହାବ୍ୟତୀତ ରଥର ଟାହିଆ, ବାଡ଼ା, ନାଇକା ଖମ୍ବ, ଉପର ଛପର କାମ ସହ ଅନ୍ୟାନ୍ୟ କାମ ପର୍ଯ୍ୟାୟ କ୍ରମେ ହେବ। ଏହି ରଥ ନିର୍ମାଣ କାମରେ ମୁଖ୍ୟ ବିଣ୍ଧାଣି ଲକ୍ଷ୍ମଣ ମହାରଣା, ଖଲି ମହାରଣା, ରତ୍ନାକର ମହାରଣା, ବାବୁଲି ମହାରଣା, ତ୍ରିନାଥ ରାଜୁ, ଗୋପାଳ ମହାରଣା, ସୁମନ ମହାରଣା, ଶିବ ଶଙ୍କର ମହାପାତ୍ର, ରାହୁଲ ମହାରଣାଙ୍କ ସହିତ ଅନ୍ୟ ବଢ଼େଇ ମାନେ ଲାଗିଛନ୍ତି ଓ ଏହି ରଥ ନିର୍ମାଣ କାର୍ଯ୍ୟରେ ସାଇ ପଟ୍ଟନାୟକ, ତ୍ରିନାଥ ପାଢ଼ୀ, ମନ୍ଦିର ପୂଜକ ସନ୍ତୋଷ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିବା ସହିତ ନିର୍ମାଣ କାର୍ଯ୍ୟର ତଦାରଖ କରୁଛନ୍ତି। ପରମ୍ପରା ଅନୁଯାୟୀ ଗୈଡଗୁଡ଼ା ଗ୍ରାମର ଗୌଡ଼ ସମ୍ପ୍ରଦାୟର ଲୋକେ ରଥକାଠ ଯୋଗାଇଥାନ୍ତି। ମନ୍ଦିରରେ କାଠ ପୂଜା ହେବା ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହି ବର୍ଷ ମଧ୍ୟ ସେହି ରିତି ନୀତିରେ ଚାଲିଥିବା କଥା କହିଚନ୍ତି ତହସିଲଦାର ଶ୍ରୀ ଟପୋ।

# ରାଜ୍ୟସ୍ତରୀୟ ଇକୋ କ୍ଲବ ପ୍ରକଳ୍ପ ପ୍ରଦର୍ଶନୀ, ଦ୍ୱିତୀୟ ସ୍ଥାନରେ ଦୀପିକା




ଡେରାବିଶ, (ଭାସ୍କର ନ୍ୟୁଜ୍) : ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱରର ଓୟୁଏଟି କୃଷି ସଦନରେ ଆୟୋଜିତ ରାଜ୍ୟସ୍ତରୀୟ ଇକୋକ୍ଲବର ପ୍ରକଳ୍ପ ପ୍ରଦର୍ଶନୀରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ଛାତ୍ରୀ ଦିପିକା ପଣ୍ଡାଙ୍କ ପ୍ରକଳ୍ପ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛି । ଡେରାବିଶ ଶିକ୍ଷା ସର୍କଲ ଖମୋଳ ପଂଚାୟତ ଅନ୍ତର୍ଗତ ଡାଳିଜୀ ସ୍ଥିତ ବାଗଦେବୀ ବିଦ୍ୟାପୀଠର ନବମ ଶ୍ରେଣୀର ଛାତ୍ରୀ ଦିପିକା 'ସେଭେନ୍ ଆର୍ ମ୍ୟାନେଜମେଣ୍ଟ ଷ୍ଟେପସ୍ ଫର ସସ୍‌ଷ୍ଟେନେବୁଲ୍' ନାମକ ଏକ ଭିନ୍ନ ଧରଣର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ପ୍ରକଳ୍ପକୁ ଦୈନନ୍ଦିନ ଜୀବନରେ ଅନୁସରଣ କଲେ ଆମର ପରିବେଶରୁ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ହୋଇପାରିବା ସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିବ । ଏହି ପ୍ରକଳ୍ପଟିକୁ ପ୍ରସ୍ତୁତି ନିମନ୍ତେ ଦୀପିକାଙ୍କୁ ତାଙ୍କର ମାର୍ଗଦର୍ଶକ ଓ ଇକୋ କ୍ଲବର ସ୍କୁଲ ଅଧିକାରୀ ଶିକ୍ଷକ ନିର୍ମଳ କୁମାର ଜେନା ସହାୟତା କରିଥିଲେ । ଆଜି ଏକ ବର୍ଣ୍ଣାଢ୍ୟ ପରିବେଶରେ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଦିପିକାଙ୍କୁ ପରିବେଶ ସୁରକ୍ଷାରେ ସହାୟତା କରୁଥିବା ଏହି ପ୍ରକଳ୍ପ ନିମେନ୍ତ ପ୍ରମାଣପତ୍ର ଓ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ଏହି କୃତିତ୍ୱ ପାଇଁ ଦିପିକାଙ୍କୁ ଡେରାବିଶ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ସମାଜସେବୀ ଅନୁଷ୍ଠାନ ଓ ବୁଦ୍ଧିଜୀବମାନଙ୍କ ତରଫରୁ ଶୁଭେଚ୍ଛାର ସୁଅ ଛୁଟିଛି। ଡେରାବିଶ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ସହ ଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ, ଦେବଦତ ଶତପଥି, ଶଚିକାନ୍ତ ମିଶ୍ର, ସିଆରସିସି ପ୍ରମୋଦ କୁମାର ମଲ୍ଲ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କୃତୀ ଛାତ୍ରୀ ଦିପିକା, ମାର୍ଗଦର୍ଶକ ଶିକ୍ଷକ ନିର୍ମଳ କୁମାର ଜେନା ଓ ବାଗ୍‌ଦେବୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂୟସୀ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଛାତ୍ରୀ ଦିପିକା ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ସ୍ୱର୍ଗତ ଭାସ୍କର ଚନ୍ଦ୍ର ପଣ୍ଡାଙ୍କ ନାତୁଣୀ ତଥା ଚାନ୍ଦୋଳ କଲେଜଛକ ନିବାସୀ ରାଇଚରଣ ପଣ୍ଡାଙ୍କ କନ୍ୟା ଅଟନ୍ତି । ଏହି ପ୍ରଦର୍ଶନୀରେ ସରା ରାଜ୍ୟର ୩୦ଟି ଜିଲ୍ଲାରୁ ମୋଟ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

## ଭିତରକନିକାରେ ବିଶ୍ୱ ପରିବେଶ ଦିବସ ପାଳିତ

ରାଜନଗର, (ଭାସ୍କର ନ୍ୟୁଜ୍) : କନିକା ରେଞ୍ଜର କାର୍ଯ୍ୟାଳୟ, ଡ଼ାଙ୍ଗମାଳ ତରଫରୁ ବିଶ୍ୱ ପରିବେଶ ଦିବସ-୨୦୨୫ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାଜେଶ୍ୱରି ନଗର, ଡ଼ାଙ୍ଗମାଳ ଠାରେ ବ୍ରାହ୍ମଣୀ ନଦୀ ପଠାରେ ସମୂହ ବନୀକରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଏନ୍‌ଏସ୍ ଚିଲିକା ତରଫରୁ ଏନ୍‌ସିସି କ୍ୟାଡ଼ର ଏବଂ ଏନ୍‌ସିସି ଛାତ୍ର ଛାତ୍ରୀ ମାନେ ଲୁଣା ଜାତୀୟ ଗଛ ରୋପଣ କରିବା ସହିତ ଲୁଣା ଜଙ୍ଗଲ ସମ୍ବନ୍ଧୀୟ ତଥ୍ୟ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ, ଗଗନ ବିହାରୀ ମଲ୍ଲିକ, ଲକ୍ଷ୍ମୀଧର ବାରିକ ଫରେଷ୍ଟର, ନବୀନ କୁମାର ମଲ୍ଲିକ ଫରେଷ୍ଟର, ସୁନିଲ ରଞ୍ଜନ ରାଉତରାୟ, ବବୁଲ କୁମାର ପରିଡ଼ା, ମିସ୍ ସନ୍ଧ୍ୟାରାଣୀ ମଲ୍ଲିକ , ସତୀଶ କୁମାର ଲାକ୍ରା ଏବଂ ନିରାକାର ବେହେରା ପ୍ରମୁଖ ବନ କର୍ମଚାରୀ ସହଯୋଗ କରିଥିଲେ।

## ବିଶ୍ୱ ଶାନ୍ତି ପାଇଁ ଦୁଆ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ତ୍ୟାଗ ତିତିକ୍ଷା ଓ ବଳିଦାନର ପର୍ବ ଇଦ ଉଜ ଜୁହା ହର୍ଷ ଉଲ୍ଲାସର ସହିତ ପାଳିତ ହେଇଯାଇଛି କେନ୍ଦୁଝରରେ, ପ୍ରାତଃରୁ ମୁସଲିମ ସମ୍ପ୍ରଦାୟର ଆବାଳ ବୃଦ୍ଧ ଶୁଦ୍ଧପୁତ ଭାବେ ମସଜିଦ ମାନଙ୍କରେ ଆଲ୍ଲାଙ୍କ ଉଦ୍ଦେଶ୍ୟରେ ନମାଜ ପାଠ କରି ବିଶ୍ୱ ଶାନ୍ତି ସୌହାର୍ଦ୍ଦ୍ୟ ପାଇଁ ଦୁଆ କରିଥିଲେ। ପୁରୁଣା ସହର ଜୁମ୍ମା ମସଜିଦର ଇମାମ ଇର୍ସାଦ ଫଇଜି ନିଜ ତକରିରରେ କୁରବାନୀର ମହତ୍ୱ ଆବଶ୍ୟକତା ସମ୍ପର୍କ ରେ ବଖାଣି କହିଥିଲେ ଯେ କେବଳ ପଶୁଙ୍କ କୁରବାନୀ ଦିଅ ନାହିଁ । ଏହା ସହିତ ନିଜ ମଧ୍ୟରେ ଥିବା, ଇର୍ଷା, ପରଶ୍ରୀକାତରତା, ଦ୍ୱେଷ, ହିଂସା, ଭେଦ କୁ ପରିତ୍ୟାଗ କର ସ୍ନେହ ଦୟା କ୍ଷମା କୁ ବଣ୍ଟନ କର ସମଗ୍ର ମାନବ ଜାତିରେ ଏହାହିଁ ଆଲ୍ଲା ଙ୍କ ବାଣୀ ପୈଗମ୍ବରଙ୍କ ମାଧ୍ୟମରେ,ଏହାପରେ ପରସ୍ପରକୁ ଇଦ ମୁବାରକ ଜଣାଇବା ପରେ ଲଚ୍ଛା ସିମେଇ ବଣ୍ଟନ ଓ କୁରବାନୀ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସହର ତଥା ଜିଲାର ସମସ୍ତ ମସଜିଦମାନଙ୍କ ରେ ସାମୁହିକ ନମାଜ ପାଠ କରାଯାଇଥିଲା। ପୁଲିସ ବାହିନୀ ପକ୍ଷରୁ ସମସ୍ତ ମସଜିଦ ମାନଙ୍କରେ ଶାନ୍ତିଶୃଙ୍ଖଳା କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ କରାଯାଇଥିଲା ।

## ପ୍ରେରଣାଦାୟୀ ବାର୍ତ୍ତା ବାଣ୍ଟିଲେ ଆଇଏଏସ୍ ଅଫିସର




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି ପକ୍ଷରୁ ଚାଲିଥିବା ଦଶ ଦିନିଆ ଶିବିରର ଷଷ୍ଠ ଦିବସରେ ପ୍ରୋବେସନାରି ଆଇଏଏସ୍ ଅଫିସର ପଓ୍ୱନ କୁମାର ଯୋଗ ଦେଇ ଏନ୍‌ସିସି କ୍ୟାଡେଟ ମାନଙ୍କୁ ଭାରତୀୟ ପ୍ରଶାସନିକ ସେବା, ଏନ୍‌ଡିଏ ତଥା ସର୍ବ ଭାରତୀୟ ବିଭିନ୍ନ ପରୀକ୍ଷାରେ କିପରି କୃତକାର୍ଯ୍ୟ ହୋଇପାରିବେ ସେ ସମ୍ବନ୍ଧରେ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ସୋସିଆଲ ମିଡ଼ିଆ ଠାରୁ ଦୂରେଇ ରହି ନିଜର ଲକ୍ଷ୍ୟ ହାସଲ କରିବା ପର୍ଯ୍ୟନ୍ତ ନିଷ୍ଠାର ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଭବିଷ୍ୟତ ଗଠନ ସମ୍ପର୍କରେ କ୍ୟାଡେଟ ମାନଙ୍କ ଦ୍ୱାରା ପଚରାଯାଇଥିବା ବିଭିନ୍ନ ପ୍ରଶ୍ନକୁ ଅତି ସରଳ ଭାବରେ ସମାଧାନର ବାଟ ବୁଝାଇଥିଲେ। ଏହି ଅବସରରେ ପଓ୍ୱନ କୁମାରଙ୍କୁ ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସିର କମାଣ୍ଡିଂ ଅଫିସର କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ ଏବଂ ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଘାର୍ଗେ ମାନଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଲେଫ୍ଟନାଣ୍ଟ ଧର୍ମେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୈରବ ପଡିଆ ଯାତ୍ରା କମିଟି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ମାହାଙ୍ଗା, (ଭାସ୍କର ନ୍ୟୁଜ୍) : ମାହାଙ୍ଗା ବ୍ଲକ ହଳଦିଆ ପଞ୍ଚାୟତର ବହୁ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଭୈରବ ପଡିଆ ଯାତ୍ରା କମିଟିର ସମ୍ବର୍ଦ୍ଧନା ସଭା ଭୈରବ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଭାଗିରଥି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଜନାର୍ଦ୍ଦନ ରାଉତ ଯୋଗଦେଇ



ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୪ ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପୂର୍ବତନ ସଭାପତି ସୁରେନ୍ଦ୍ର ନାଥ ରାଉତ, ନୂତନ ସଭାପତି ଶ୍ରୀକାନ୍ତ ରାଉତ, ଧୋବି ପ୍ରଧାନ, ବନ୍ଧୁ ରାଉତ, ବିଷ୍ଣୁଚରଣ ରାଉତ, ବୃନ୍ଦାବନ ରାଉତ, ବସନ୍ତ କୁମାର ସାମଲ ନାଥ ପଧାନ, ଗୁଣ୍ଡୁଚି ସେଠୀ, ଭାବଗ୍ରାହୀ ରାଉତ, ରଞ୍ଜନ କୁମାର ଦାସ, ସୁରେନ୍ଦ୍ର ନାଥ ଜଟ, ଅରକ୍ଷିତ ସେଠୀ, ଫକିର ସେଠୀ, ନାରାୟଣ ସାମଲ, ଶୃତିକାନ୍ତ ସେଠୀ, ଜଳଧର ରାଉତ, ନରେଶ ବେହେରା, ରଞ୍ଜନ କୁମାର ବେହେରା, କାହ୍ନୁ ସେଠୀ, ସୁରେଶ ପୃଷ୍ଟି, ନିରାକର ପଧାନ, ଅନଚରଣ ରାଉତ, ରମେଶ ଚନ୍ଦ୍ର ରାଉତ, ମିନା ବେହେରା, ବିଶ୍ୱନାଥ ଜଟଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଶିକ୍ଷକ ରଞ୍ଜନ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉଦୟ ନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ପରିବେଶ ସୁରକ୍ଷା ପାଇଁ ଗାନ୍ଧୀ ବିଚାର ଲୋଡ଼ା'




କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଭବିଷ୍ୟତର ଭୟାବହତାକୁ ଚିନ୍ତା ନକରି ଆମେ ବିଭିନ୍ନ ପ୍ରକାରେ ପରିବେଶକୁ ପ୍ରଦୂଷିତ କରୁଛୁ। କଳ କାରଖାନାର ବୃଦ୍ଧି, ଗଛ କାଟିବା, ରାସ୍ତା ଘାଟରେ ଯାନବାହନ ଚଳାଚଳ ବୃଦ୍ଧି ଫଳରେ ଜଳାଶୟ ପ୍ରଦୂଷିତ ହେଉଛି ତା' ଉପରେ ଆମେ ଗୁରୁତ୍ୱ ଦେଉନାହୁଁ। ଯାହା ଫଳରେ ଆମ ଚତୁପାର୍ଶ୍ୱ ପ୍ରଦୂଷିତ ହେଉଛି। ଏଥିପାଇଁ ଏବେ ଠାରୁ ଆମକୁ ଗୁରୁତ୍ୱର ସହ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ମାନବିକ ଅଧିକାରୀ କମିଶନ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ କହିଛନ୍ତି। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଠାରେ ଆୟୋଜିତ ଏକ ସଭାରେ ଜଷ୍ଟିସ ପୁଜାରୀ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ପରିବେଶ ଦିବସରେ ଓଡ଼ିଶା ମାନବିକ ଅଧିକାର କମିଶନ ଓ କୁଜଙ୍ଗ ବାର ଆସୋସିଏସନ୍ ମିଳିତ ଆନୁକୁଲ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। କୁଜଙ୍ଗ ବାର ଆସୋସିଏସନ୍ ସଭାପତି ଏଏନ୍‌ଡି ଯାଦବ ସ୍ୱାଗତ ଭାଷଣ ଦେବା ପରେ ପୂର୍ବତନ ସଭାପତି ଆଡଭୋକେଟ ଅମୃତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଡ଼ଭୋକେଟ ଅସୀମ ଅମିତାଭ ଦାସ, ଚିତ୍ତରଞ୍ଜନ ମହାପାତ୍ର, ସାମ୍ବାଦିକ ପ୍ରିୟ ରଞ୍ଜନ ସାହୁ, ଜଗତସିଂହପୁର ଜିଲ୍ଲା ଜଜ୍ ଶ୍ରୀନିବାସ ପ୍ରତିହାରୀ ହାଇକୋର୍ଟର ବରିଷ୍ଠ ଆଡଭୋକେଟ୍ ସୌର ଚନ୍ଦ୍ର ମହାପାତ୍ର ପ୍ରମୁଖ ପରିବେଶ ସୁରକ୍ଷା ଦିଗରେ ଆମର ଅବଦାନ ଉପରେ ବିଶଦ ଆଲୋଚନା କରିଥିଲେ। ପରିବେଶ ସୁରକ୍ଷା ସମ୍ପର୍କରେ କୁଜଙ୍ଗର ଓକିଲମାନେ ମିଳିତ ଭାବେ କୁଜଙ୍ଗ ବଜାରରେ ମିଳୁଥିବା ପଲିଥିନକୁ କିଭଳି ଭାବରେ ବନ୍ଦ କରି ହେବ ସେଥିପାଇଁ ସଚେତନତା ସୃଷ୍ଟି କରିବାପାଇଁ ଆହ୍ୱାନ ଦେଇଥିଲେ। ଏହା ଫଳରେ ଯେଉଥିପାଇଁ ପରିବେଶ ଆଜି ଦୂଷିତ ହେଉଛି ତାହା ଦୂର ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ଜଗତସିଂହପୁର ଜିଲ୍ଲାର କମ ସଂଖ୍ୟକ ବୃକ୍ଷରାଜିକୁ ଆମେ କାଟିଦେଇ ସେହି ସ୍ଥାନରେ ଆଉ ବୃକ୍ଷରୋପଣ କରାଯାଉନଥିବା ଯୋଗୁଁ ପାଗ ଅନୁକୂଳ ହେଉନାହିଁ। ଝିପ ଝିପ୍ ବର୍ଷା ବଦଳରେ ତୁହାକୁ ତୁହା ବର୍ଷା ଓ ଝଡ଼ ସୃଷ୍ଟି ହେଉଛି। ଏଥିପାଇଁ ସରକାର ଓ କାରଖାନା ମାନେ ଦୃଷ୍ଟି ଦେବା ଆବଶ୍ୟକତା ରହିଛି। କୁଜଙ୍ଗ ବାର ଆସୋସିଏସନ୍ ନିର୍ବାଚିତ ସଦସ୍ୟ ମାନେ ଏହି ଉତ୍ସବରେ ସମସ୍ତ ସହଯୋଗ କରିଥିଲେ। କୁଜଙ୍ଗ ବିଭିନ୍ନ ଅଦାଲତରେ ବିଚାରପତି ମାନବିକ ଅଧିକାରର ସଦସ୍ୟ ପରିବେଶ ସୁରକ୍ଷା ସଦସ୍ୟ, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି, ଆଡଭୋକେଟେ ମାନେ ଯୋଗ ଦେଇଥିଲେ। କୁଜଙ୍ଗ ଓକିଲ ସଂଘ ସଂପାଦକ ବ୍ରଜ କିଶୋର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଇତିଶ୍ରୀ ପ୍ରିୟଦର୍ଶିନୀ ଉତ୍ସବରେ ସଂଯୋଜନା କରିଥିଲେ।



ମାହାଙ୍ଗା (ଭାସ୍କର ନ୍ୟୁଜ୍) : ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ନନ୍ଦକିଶୋରପୁର ଗ୍ରାମର କଳାକାର ତଥା ନାଟ୍ୟ ନିର୍ଦ୍ଦେଶକ ବଂଶୀଧର ବେହେରାଙ୍କ ଏକାଦଶାହ ତିଥିରେ ତାଙ୍କ ବାସଭବନ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସୁଦର୍ଶନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଭାକର ଗୋଛାୟତ, ସନାତନ କାହାଳି, ଶିବୁ ଗୋଛାୟତ, ଦ୍ୱଜା କାହାଳି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରା ଜଣେ ଉଚ୍ଚକୋଟିର କଳାକାର ବୋଲି ସମ୍ବୋଧନ କରିବା ସହ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଦିବାକର ବେହେରା, ସନ୍ତୋଷ କୁମାର ବେହେରା, ଛବିନ୍ଦ୍ର ବେହେରା, ଗଙ୍ଗାଧର ବେହେରା, ଅଭିମନ୍ୟୁ ବେହେରା, ଭାଗ୍ୟଧର ବେହେରା ପ୍ରମୁଖ ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶରତ ବେହେରା, ଝିଲ୍ଲୀ ବେହେରା, ସୁକାନ୍ତି ବେହେରା, ସରୋଜ ବେହେରା, କିଶୋର ବେହେରା, ବିକାଶ ଗୋଛାୟତ, ଲିପୁ ଗୋଛାୟତ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବାଲିମେଳା (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ପରି ଚଳିତ ବର୍ଷ ଜୁନ ୨୭ ତାରିଖରେ ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁଷ୍ଠିତ ହେବ ରଥଯାତ୍ରା। ଏଥିନିମନ୍ତେ ଗତ ଶୁକ୍ରବାର ସନ୍ଧ୍ୟାରେ ବାଲିମେଳା ଜଗନ୍ନାଥ ମନ୍ଦିର ପରିସରରେ ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ଦିଲ୍ଲୀପ କୁମାର ବେପାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଠାରୁ ବାହୁଡ଼ା ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଶ୍ରୀମନ୍ଦିର ବିଜେ ପର୍ଯ୍ୟନ୍ତ ଶୃଙ୍ଖଳା ସହ ଶ୍ରଦ୍ଧାଳୁ ଯେପରି କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ନହେବେ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ, ବରିଷ୍ଠ ନାଗରିକ ତଥା ସମାଜସେବୀ ବିଜୟ କୁମାର ରାଉତ, ରାଜେନ୍ଦ୍ର କୁଲଦୀପଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ଏହି ବୈଠକରେ ଉପସ୍ଥିତ ଥିଲେ। ମୁଖ୍ୟତଃ ସ୍ୱଚ୍ଛତା, ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ, ସୁରକ୍ଷା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। କେଉଁ ବିଭାଗ କେଉଁ ଦାୟିତ୍ୱ ତୁଲାଇବେ ସେ ନେଇ ଆଲୋଚନା କରାଯିବା ପରେ ବିଭିନ୍ନ ବିଭାଗକୁ ସର୍ବସମ୍ମତି କ୍ରମେ ପରିମଳ ବ୍ୟବସ୍ଥା ପାଇଁ ଏନଏସିକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ପାଇଁ ପିଏଚ୍‌ଡି ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଅଗ୍ନିଶମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିବାକୁ ନିଷ୍ପତି ନିଆଯାଇଛି। ରଥର ସୁରକ୍ଷା ଓ ଅଞ୍ଚଳରେ ଶାନ୍ତଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଯେଉଁ ୧୩ ଜଣଙ୍କ ନାମ ଘୋଷଣା କରାଯିବ କେବଳ ସେମାନେ ହିଁ ରଥ ଉପରେ ଉପସ୍ଥିତ ରହିବେ ବୋଲି ନିଷ୍ପତି ନିଆଯାଇଛି। ରଥଯାତ୍ରା ପରିଚାଳନା ନିମନ୍ତେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। କମିଟିର ଟ୍ରଷ୍ଟି ଶ୍ରୀ ବେପାରୀ, ଉପଦେଷ୍ଟା ଭାବେ ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ କୁମାର ପ୍ରଧାନ, ପଟେରୁ ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣଯନ୍ତ୍ରୀ ପୀତବାସ ସେଠୀ, ବାଲିମେଳା ବନାଞ୍ଚଳ ଅଧିକାରୀ ଲିପ୍‌ସିତା କହଁର, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା , ଉପ ସଭାପତି ଭାବେ ବାଲିମେଳା ଏନଏସିର ନଗରପାଳ ପ୍ରଦୀପ କୁମାର ନାୟକ, ବିଜୟ କୁମାର ରାଉତ, ନିମାଇଁ ଚରଣ ସ୍ୱାଇଁ, ସୁଭାଶିଷ କର, କୋଷାଧକ୍ଷ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଗୌଡ଼ ସମ୍ପାଦକ ଅରୁଣ କୁମାର ପାତ୍ର ପ୍ରମୁଖ ପରିଚାଳନା କମିଟିରେ ରହିଛନ୍ତି। ରଥଯାତ୍ରା ସମୟରେ ଶୃଙ୍ଖଳା ଭୋଗ ଦାୟିତ୍ୱରେ ଅକ୍ଷୟ ବିଶ୍ୱାଳ ଏବଂ ଅନ୍ନ ପ୍ରସାଦ ପାଇଁ ଶୀତଲ ଚର୍ଚ୍ଚିଙ୍କୁ କମିଟି ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରର ବରିଷ୍ଠ ସାଧାରଣ ପରିଚାଳକ ଦିଲୀପ କୁମାର ସ୍ୱାଇଁ ରଥରେ ରାଜା ଭାବେ ଛେରା ପହରା ଦାୟିତ୍ୱ ତୁଲାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି। ଆସନ୍ତା ୧୧ ତାରିଖରେ ଠାକୁରଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ଶ୍ରୀ ବେପାରୀ ସୂଚନା ଦେଇଛନ୍ତି।

# ମରଣଯନ୍ତା ପାଲଟିଛି ଅନୁଆପଡ଼ା-ସୋରିଷିଆ ରାସ୍ତା



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ କଲେଜଛକ ଠାରୁ ସୋରିସିଆ ପର୍ଯ୍ୟନ୍ତ ପ୍ରାଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ଅନୁଆପଡ଼ା-ସୋରିଷିଆ ରାସ୍ତାଟିଏ ଖାଲଖମାରେ ପୂର୍ଣ୍ଣ ହୋଇ ଏବେ ମରଣଯନ୍ତା ପାଲଟିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଅନୁଆପଡ଼ା-ସୋରିଷିଆ ଭାୟା ଗହଗା ନରସିଂହପୁର ପର୍ଯ୍ୟନ୍ତ ୪ କିଲୋମିଟର ୫୨୦ ମିଟର ଦୈର୍ଘ୍ୟ ବିଶିଷ୍ଟ ରାସ୍ତା ନିର୍ମାଣ ପରେ ରକ୍ଷଣାବେକ୍ଷଣର ଅବଧି ଗତ ଏକ ବର୍ଷ ହେବ ଶେଷ ହୋଇଗଲାଣି। ଏହି ରାସ୍ତାର ଏକ କିଲୋମିଟର ପକ୍କା ଢଳେଇ ହୋଇଥିବା ବେଳେ ଅବଶିଷ୍ଟ ୩ କିଲୋମିଟର ୫୨୦ ମିଟର ପିଚୁ କାର୍ଯ୍ୟ ହୋଇଥିଲା। ଏବେ ରାସ୍ତାରୁ ବହୁ ସ୍ଥାନରୁ ପିଚୁ ଉଠି ରାସ୍ତାରେ ବଡ଼ ବାଡ଼ ଗାଡ଼ ସୃଷ୍ଟି ହୋଇଗଲାଣି। ବର୍ଷା ଆରମ୍ଭ ହୋଇଗଲେ ଏହି ରାସ୍ତାର ଖାଲଖମା ବୃଦ୍ଧି ହୋଇ ଯାତାୟତ ପାଇଁ ଅନୁପଯୋଗୀ ହୋଇଯିବ। ଏହି ରାସ୍ତା ଦେଇ ରତାଦିଆଖଣ୍ଡସାହି, ଦାନପୁର ଏବଂ ଲୁଣା-କରାଣ୍ଡିଆ ଦ୍ୱିପାଞ୍ଚଳର ଅଧିବାସୀ ଯାତାୟତ କରିଥାନ୍ତି। ବର୍ଷା ପୂର୍ବରୁ ଏହାକୁ ମରାମତି କରାନଗଲେ ଯାତାୟତ ପାଇଁ ଜନସାଧାରଣ ବହୁ ଅସୁବିଧା ଭୋଗିବେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହି ରାସ୍ତାଟିକୁ ତୁରନ୍ତ ମରାମତି କରି ଯାତାୟତ ଉପଯୋଗୀ କରାଯିବାକୁ ଦାବି ହୋଇଛି।

## ଦୁଇଟି ଦୋକାନରୁ ଗ୍ୟାସ ଟାଙ୍କି ଚୋରି

ମାହାଙ୍ଗା (ଭାସ୍କର ନ୍ୟୁଜ୍) : ମାହାଙ୍ଗା ଥାନା ମୂଳବସନ୍ତ ପଞ୍ଚାୟତ ବାଲିଚନ୍ଦ୍ରପୁର ବଡ଼ଚଣା ପୂର୍ତ୍ତ ରାସ୍ତାର ସିପୁରା ଠାରେ ଥିବା ଦୁଇଟି ଦୋକାନରୁ ଗ୍ୟାସ ଟାଙ୍କି ଚୋରି ହୋଇଥିବା ଜଣାପଡିଛି। ପ୍ରକାଶ ଯେ ଗତକାଲି ସିପୁରା ମହାଦେବ ମନ୍ଦିର ଛକ ଠାରେ ଥିବା ମଳୟ କୁମାର ସାହୁ ରାତ୍ର ପ୍ରାୟ ୧୦ଟା ସମୟରେ ତାଙ୍କ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳେ ଆସି ଦେଖନ୍ତି ତ ଦୋକାନ ତାଲା ଭଙ୍ଗା ଯାଇ ଗୋଟେ ଗ୍ୟାସ ଟାଙ୍କି ଏବଂ ୮୦୦ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ସିପୁରା କ୍ଲବ ଛକ ନିକଟରେ ଥିବା ଗଣନାଥ ରାଉତରାୟଙ୍କ ଦୋକାନ ତାଲା ଭାଙ୍ଗି ଦୁଇଟି ଗ୍ୟାସ ଟାଙ୍କି ଚୋରି ହୋଇଥିବା ନେଇ ଜଣାପଡିଛି। ଏଠାରେ ସୂଚନା ଥାଉ କି ଗତ ୬ ତାରିଖ ଶୁକ୍ରବାର ଦିନ ଏହି ପଞ୍ଚାୟତ ଅଧୀନ ଗୋପାଳପୁର ଆଦେଇ ବାବୁ ଛକ ଶ୍ୟାମସୁନ୍ଦର ଲେଙ୍କାଙ୍କ ଦୋକାନରୁ ଏକ ଟାଙ୍କି ମଧ ଚୋରି ହୋଇଥିବା ଜଣାଯାଇଛି। ତେଣୁ ଏହି ଗ୍ୟାସ୍ ଟାଙ୍କି ଚୋରମାନଙ୍କୁ ତୁରନ୍ତ ଧରିବା ସହ ରାତ୍ରକାଳୀନ ପୋଲିସ ପେଟ୍ରୋଲିଂ କଡାକଡ଼ି କରିବା ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ବାଘଡ଼ାରେ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି

ଶୁଳିଆପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ସୀମାକୁ ଲାଗି ପଡୋଶୀ ପଶ୍ଚିମବଙ୍ଗ ଥିବାରୁ ଅନେକ ସମୟରେ ଚୋରା ବାଲି ଓ ଗୋ-ମାଫିଆ ମାନେ ସକ୍ରିୟ ହୋଇଥାନ୍ତି। ଏତେ ବଡ଼ ଇଲାକାକୁ ଗୋଟିଏ ଥାନା ସମ୍ଭାଳିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଯାହାଫଳରେ ବେଳେ ବେଳେ ଅପରାଧୀମାନେ କୋଷ୍ଠା ବାଘଡା ଦେଇ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରିବା ସହ ପୁଲିସକୁ ଚକମା ଦେଇ ଖସିଯିବାରେ ସଫଳ ହେଉଛନ୍ତି। ତା'ଛଡା ଅନେକ ଦୂରଦୂରାନ୍ତରୁ ଲୋକେ ଅଭିଯୋଗ ନେଇ ବିପଦଜନକ ଭାବରେ ରାତି ଅଧିଆ ଥାନାକୁ ଆସିବା ଉଚିତ୍ ମନେ କରୁନାହାନ୍ତି। ତେଣୁ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏବଂ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାକୁ ବାଘଡା ଠାରେ ଏକ ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଦଧିବାମନଜିଉ ମନ୍ଦିର କାମରେ ନିମ୍ନମାନର ଇଟା ବ୍ୟବହାର ଅଭିଯୋଗ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଜିଉଙ୍କ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଚାଲିଛି । ଗତ ବିଜେଡ଼ି ସରକାରଙ୍କ ସମୟରେ ୫ଟି ଯୋଜନାରେ ମଠ ଓ ମନ୍ଦିର ଉନ୍ନତିକରଣ



କାର୍ଯ୍ୟ ପାଇଁ ଡେରାବିଶର ଆରାଧ୍ୟ ପ୍ରଭୁ ଦଧିବାମନଜିଉଙ୍କ ମନ୍ଦିର ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ଏଥିରେ ମନ୍ଦିର ଭିତରେ ଓ ବାହାରେ ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ଏଥିପାଇଁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ଜନୈକ ଠିକାଦାର ଏହି କାର୍ଯ୍ୟକୁ ହାସଲ କରି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି । ଠିକାଦାର ଜଣକ ମଧ ପାଖାପାଖି ଅର୍ଦ୍ଧାଧିକ କାମ ସାରିଲେଣି। ହେଲେ ଆଜି ମନ୍ଦିର ସମ୍ମୁଖରେ ନିର୍ମାଣ ପାଇଁ ଠିକାଦାର ଜଣକ ଗଦା କରିଥିବା ଇଟା ଗତକାଲିର ସାମାନ୍ୟ ଲଘୁଚାପ ବର୍ଷାରେ ମିଳେଇ ଯିବା ଭଳି ଅବସ୍ଥା ଉପୁଜିଥିବା ଦେଖିବାକୁ ମିଳିଥିଲା। ତେବେ ଏହି ଇଟାଗଦାରୁ ଠିକାଦାର ଜଣକ ଅର୍ଦ୍ଧାଧିକ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିସାରିଥିବା ମଧ ଦେଖିବାକୁ ମିଳିଥିଲା। ଏଠାରେ ପ୍ରଶ୍ନ ଉଠୁଛି ଯଦି ସାମାନ୍ୟ ବର୍ଷାରେ ବାହାରେ ପଡ଼ିଥିବା ଇଟା ମିଳେଇ ଯାଉଛି ତେବେ ଏହି ନିମ୍ନମାନର ଇଟାରେ ନିର୍ମିତ ଘରର ସ୍ଥାୟିତ୍ୱ ନେଇ ସନ୍ଦେହ ଉପୁଜିଛି। ତେବେ ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ମୁଁ ଆସନ୍ତା କାଲି ଯାଇ ଏହାର ତଦାରଖ କରିବି, ଯଦି ନିମ୍ନମାନର ଇଟାରେ ନିର୍ମାଣ ହୋଇଥିବ ସେଥିପାଇଁ ମୁଁ ଠିକାଦାରଙ୍କୁ ଏହି କାମକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେବି ବୋଲି କହିଥିଲେ।

# ପ୍ରୋତ୍ସାହନ ଅଭାବ: 'ଛେଳି ଚାଷ' ପ୍ରତି ଚାଷୀ ବିମୁଖ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ୧୫ଗୋଟି ପଞ୍ଚାୟତ ଓ ଆଖପାଖ ଅଞ୍ଚଳରେ ଏବେ ପ୍ରାୟତଃ ସବୁ ଗାଁରେ ବ୍ରଏଲର କୁକୁଡ଼ା ଫାର୍ମ ଦେଖିବାକୁ ମିଳୁଛି। କିନ୍ତୁ ବହୁ ପୂର୍ବରୁ ଗରିବ ଓ ଖଟିଖିଆ ପରିବାରର ଏଟିଏମ୍ ବୋଲି ବିବେଚନା କରାଯାଉଥିବା 'ଛେଳି ଚାଷ 'ପ୍ରତି ଅଧିକାଂଶ ଚାଷୀ ମୁହଁ ମୋଡୁଥିବା ପରିଲକ୍ଷିତ ହେଉଛି। ଯଦିଓ ବଜାର କୁକୁଡ଼ା ମାଂସ ଅପେକ୍ଷା ଖାସୀ ମାଂସର ଚାହିଦା ଅଧିକ ରହିଛି, ତଥାପି ଛେଳି ପାଳନ କରିବାକୁ ଚାଷୀମାନେ ବିମୁଖ ହେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପୂର୍ବରୁ ଗରିବ ପରିବାରର ହଠାତ୍ କୌଣସି ସମସ୍ୟା ଦେଖା ଦେଲେ ତୁରନ୍ତ ଘରୁ ଛେଳିଟିଏ ବିକ୍ରି କରି ଉକ୍ତ ଟଙ୍କାରେ ସମସ୍ୟାର ସମାଧାନ ହୋଇଯାଉଥିଲା। ତେଣୁ ଛେଳିକୁ ଗରିବଙ୍କ ଏଟିଏମ୍ ବୋଲି କୁହାଯାଉଥିଲା। କିନ୍ତୁ ଧୀରେ ଧୀରେ ଏବେ ଆଉ ଗାଁ ଗହଳି ପୂର୍ବରୁ ଯେପରି ଛେଳି ଦେଖିବାକୁ ମିଳୁଥିଲା ଆଉ ସେତେ ମାତ୍ରାରେ ଦେଖିବାକୁ ମିଳୁନାହିଁ। କେବଳ ଗାଁ ଗହଳିରେ ନାମକୁ ମାତ୍ର ଚାଷୀ ବିନା କୌଣସି ସରକାରୀ ସହାୟତାରେ କିଛି ମାତ୍ରାରେ ଛେଳି ପାଳୁଛନ୍ତି। ଖରା, ବର୍ଷା ଓ ଶୀତ ସହ ସଂଗ୍ରାମ କରି ବର୍ଷ ତମାମ ବଣ ଜଙ୍ଗଲ ବୁଲି ଛେଳି ଚରାଇବା ପରେ ତାକୁ ବିକ୍ରି କରି ପରିବାର ପୋଷଣ କରୁଛନ୍ତି। ଏମାନଙ୍କ ଠାରୁ ବେପାରୀମାନେ ମୂଳ ଚାଲ କରି କମ୍ ଦାମରେ ଛେଳି କିଣି ଅସ୍ତରଙ୍ଗ ବଜାରରେ ମାଂସ କିଲୋ ପ୍ରତି ୭୦୦ରୁ ୭୫୦ଟଙ୍କାରେ ବିକ୍ରି କରି ମାଲେ ମାଲ ହେଉଛନ୍ତି। ଏଭଳି ସ୍ଥିତିରେ ଗରିବ ଖଟିଖିଆଙ୍କୁ ମିଳିବାକୁ ଥିବା ଲାଭ ସିଧା ସଳଖ ବେପାରୀଙ୍କ ପକେଟକୁ ଯାଉଛି। ତେଣୁ ଗାଁ ଗହଳିର ଏଭଳି ନିରୀହ ଗରିବ ଜନସାଧାରଣଙ୍କୁ ସରକାରୀ ସ୍ତରରେ ଛେଳି ପାଳନ ବାବଦରେ ତାଲିମ୍ ଦେବା ନିହାତି ଆବଶ୍ୟକ। ଛେଳି ରୋଗ ବାବଦରେ ସଚେତନ କରାଯିବା ସହ ଶୀଘ୍ର ବଢୁଥିବା ଉନ୍ନତ ପ୍ରଜାତିର ଛେଳି ଯୋଗାଇଦେବା ବ୍ୟବସ୍ଥା କରାଗଲେ ଭବିଷ୍ୟତରେ ଅନେକ ଚାଷୀ ଏଥିପ୍ରତି ଆଗ୍ରହ ପ୍ରକାଶ କରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ପୂର୍ବରୁ ଗାଁ ଗହଳିରେ ଘରେ ଘରେ ଛେଳି ପାଳନ କରାଯାଉଥିଲା। କିନ୍ତୁ ଏବେ ଶିଶୁଅ, କୋରଣା, ପାଟଳଦା, କେନ୍ଦ୍ରାପଟି, ତାଳଦା, ଆଳସାହି, ଅସ୍ତରଙ୍ଗ ପଞ୍ଚାୟତରେ କିଛି ମାତ୍ରାରେ ଛେଳି ଅଧିକାଂଶ ଚାଷୀ ଛେଳି ପାଳନ କରୁଥିବା ଜଣାପଡିଛି। କିନ୍ତୁ କୌଣସି ସରକାରୀ ସହାୟତା ଏମାନେ ପାଉ ନାହାନ୍ତି। ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ସମୟରେ କ୍ଷତି ସହିବାକୁ ପଡୁଥିବାରୁ ଗାଁ ଗହଳିର ଲୋକେ ଧୀରେ ଧୀରେ ଛେଳି ପାଳନ ଠାରୁ ଦୂରେଇ ଯାଉଛନ୍ତି। ଫଳରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପୂର୍ବ ଅପେକ୍ଷା ଛେଳି ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସେ ପଟେ ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ ଅବା ଗ୍ରାମାଞ୍ଚଳ ରେ ଖାସୀ ମାଂସ ଚାହିଦା ଅଧିକ ରହିଥିବା ଏବଂ ଆବଶ୍ୟକତା ଠାରୁ କମ୍ ଛେଳି ମିଳୁଥିବାରୁ ବେପାରୀ ମାନେ ବାହାର ରାଜ୍ୟରୁ ହାଇବ୍ରିଡ଼ ଛେଳି ଆଣି ଅସ୍ତରଙ୍ଗ ମୁଖ୍ୟ ବଜାରରେ ଖାଉଟିମାନଙ୍କୁ ଆବଶ୍ୟକତା ପୂରଣ କରୁଛନ୍ତି। ତେଣୁଏ ଦିଗରେ ସରକାର ବିଶେଷ ଧ୍ୟାନ ଦେଇ ଛେଳି ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଆଳସାହି ଗ୍ରାମର ଛେଳି ଚାଷୀ ଚାରୁଲତା ମହାନ୍ତି କହିଛନ୍ତି ଛେଳି ବିକ୍ରି ଟଙ୍କାରେ ଆମ ଘର ଚଳୁଛି। ଆଜି ପର୍ଯ୍ୟନ୍ତ ଛେଳି ଚାଷ ପାଇଁ କୌଣସି ସରକାରୀ ସହାୟତା ପାଇନାହୁଁ। ସେହିପରି ଶିଶୁଅ ଗ୍ରାମର ବସନ୍ତ କାଣ୍ଡି କୁହନ୍ତି, ଆମ ପୂର୍ବଜମାନେ ଶହ ଶହ ଛେଳି ପାଳୁଥିଲେ। ଆମେ କଷ୍ଟେ ମଷ୍ଟେ ୪୦ଟି ଛେଳି ପାଳିଛୁ। କିନ୍ତୁ ଛେଳି ରହିବାକୁ ଘରଟିଏ ନାହିଁ। ପ୍ରତିବର୍ଷ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଛେଳି ମରୁଥିବାରୁ ଆମେ କ୍ଷତି ସହୁଛୁ। କୌଣସି କ୍ଷତି ପୂରଣ ମିଳୁନାହିଁ। ଆଗକୁ ସମସ୍ତ ଛେଳି ବିକ୍ରି କରି ଦେଇ ମୁଲ ମଜୁରୀ ଲାଗି ଚଳିବୁ। ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ଗୋପାଳନ ଭଳି ଛେଳି ପାଳନକୁ ଯଦି ଗୁରୁତ୍ୱ ଦିଆଯାନ୍ତା, ତେବେ ଅନେକ ଚାଷୀ ଉପକୃତ ହେବା ସହ ଭବିଷ୍ୟତରେ ଛେଳି ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଆନ୍ତା।

# ଜିଲ୍ଲା ଜ୍ୟୋତିଷ ପ୍ରମୁଖ ହେଲେ ଡ଼ ଅରୁଣ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଧର୍ମ ଜାଗରଣ ସମନ୍ୱୟ ଓଡ଼ିଶା ପ୍ରାନ୍ତର ପ୍ରାନ୍ତ ଅଭ୍ୟାସ ବର୍ଗରେ ଜଗତସିଂହପୁର ଜିଲ୍ଲାର ଜ୍ୟୋତିଷ ପ୍ରମୁଖ ଭାବେ କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତର ଚାନ୍ଦପୁର ଗ୍ରାମର ବିଶିଷ୍ଟ ଜ୍ୟୋର୍ତିବିଦ୍ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼ ଅରୁଣ କୁମାର ପାଣିଙ୍କୁ ଚୟନ କରାଯାଇଛି। ଜିଲ୍ଲାରେ ସମସ୍ତ ଦାୟିତ୍ୱ ସମ୍ପନ୍ନ ଜ୍ୟୋର୍ତିବିଦ୍ ମାନଙ୍କୁ ନେଇ ଧର୍ମ ଏବଂ ରାଷ୍ଟ୍ରର ସୁରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି ଡ. ପାଣି। ଏଠାରେ ପ୍ରକାଶଯୋଗ୍ୟ ଯେ ଡ.ପାଣି ଉଚ୍ଚଶିକ୍ଷା ଅର୍ଜନ ପରେ ନିଜେ ଜ୍ୟୋତିଷ ଏବଂ ବାସ୍ତୁବିଦ୍ୟାକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ ମଧ ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟତ୍ୱ ଲାଭ ପରେ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ସମାଜ ସୁଧାର ପାଇଁ କାର୍ଯ୍ୟ କରି ଆସୁଛନ୍ତି। ବିଭିନ୍ନ ସମୟରେ ତାଙ୍କର ହିନ୍ଦୁତ୍ୱର ସୁରକ୍ଷା ଓ ହିନ୍ଦୁ ଧର୍ମ ତାତ୍ତ୍ୱିକ ସଚେତନତା ବାର୍ତ୍ତା ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହୋଇ ସେ ବେଶ ଚର୍ଚ୍ଚିତ। ଦାୟିତ୍ୱ ଗ୍ରହଣ ପରେ ଅନେକ ବୁଦ୍ଧିଜୀବୀ, ନେତୃବୃନ୍ଦ, ସାଧୁସନ୍ଥ, ଜ୍ୟୋର୍ତିବିଦ୍, କର୍ମକାଣ୍ଡବିତ୍ ପଣ୍ଡିତମାନେ ଡ. ପାଣିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଘରେ କଳାକନା ବୁଲାଇଲେ ଚୋର



ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। କେଉଁଠି ଦିନ ଦ୍ୱିପ୍ରହରରେ ଛକରୁ ବାଇକ୍ ଚୋରି ହେଉଛି ତ କେଉଁଠି ଘରର ଗ୍ରିଲ୍ ତାଡି ଚୋର ମାନେ କଳାକନା ବୁଲାଇ ଦେଉଛନ୍ତି। ଏମିତି ଏକ ଘଟଣା ଧାମନଗର ବ୍ଲକ ସୋହାଡ଼ା ପଞ୍ଚାୟତ ମିଶ୍ରପୁର୍ ଗ୍ରାମରେ ଦେଖିବାକୁ ମିଳିଛି। ଏତଲାକାରୀ ସରସ୍ୱତୀ ସାହୁ (୩୧ବର୍ଷ)ଙ୍କ ଅଭିଯୋଗରୁ ଜଣାଯାଇଛି ଯେ ତାଙ୍କ ଗ୍ରାମରେ ଡ୍ରାମା ହେଉଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ପରିବାର ଲୋକ ଖାଇ ସାରି ଘର ଚାବି ପକାଇ ଡ୍ରାମା ଦେଖିବାକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ଘର ଚାବି ଭାଙ୍ଗି ଗ୍ରିଲ୍ ଓ କବାଟକୁ ଶାବଳରେ ତାଡି ଘରେ ପଶି ଏକ ବାକ୍ସରେ ଥିବା ନଗଦ ୨୦ ହଜାର ଟଙ୍କା, ଦୁଇ ଭରିରୁ ଅଧିକ ସୁନା ଅଳଙ୍କାର, ୨୫୦ ଶହ ଗ୍ରାମରୁ ଅଧିକ ରୂପା ଅଳଙ୍କାର, କଂସା, ପିତ୍ତଳ, ଷ୍ଟିଲ ବାସନ, ଦାମିକା ଶାଢ଼ି ନେବା ସହ ଚାରିଆଡ଼େ ଫୋପାଡି ଦେଇଛନ୍ତି। ଏନେଇ ସରସ୍ୱତୀଙ୍କ ସ୍ୱାମୀ ସୁଶାନ୍ତ କୋଲକାତାରେ ଥିବାରୁ ସରସ୍ୱତୀ ଶନିବାର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଧାମନଗର ପୋଲିସ ରବିବାର ମଧ୍ୟାହ୍ନରେ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳ ତଦନ୍ତ କରିଛି। ତେବେ ସନ୍ଧାନୀ କୁକୁର ଚୋରି ସଂପର୍କରେ କୌଣସି ସୁରାକ ପାଇନାହିଁ। ଏକ ମାସ ତଳେ ମଧ୍ୟାହ୍ନରେ ଖଡ଼ିପଦା ଛକ ଓ କାଞ୍ଜିଆପାଳ ରାସ୍ତା ମୋଡ ପାଖରୁ ଦୁଇଟି ବାଇକ୍ ଚୋରି ସାଙ୍ଗକୁ ଘର ଚାବି ଭାଙ୍ଗି ଚୋରି ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିପ୍ରତି ପୋଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଦିବ୍ୟାଙ୍ଗ ବାପା-ପୁଅଙ୍କୁ ସହାୟତାର ହାତ ବଢ଼ାଇଲା ହେଲ୍ପ ଫର ୟୁ ଫାଉଣ୍ଡେସନ



ଜଳେଶ୍ୱର (ଭାସ୍କର ନ୍ୟୁଜ୍): ସମସ୍ତେ କୁହନ୍ତି ଦୁଃଖ ପରେ ସୁଖ ଆଉ ସୁଖ ପରେ ଦୁଃଖ ଆସେ। କିନ୍ତୁ ଏ ପରିବାରକୁ ଦୁଃଖ ଯେମିତି ଛାଡିଯିବା ପାଇଁ ପ୍ରସ୍ତୁତ ନୁହେଁ, ସତରେ ସୁଖ କ'ଣ ଏମାନଙ୍କ ଭାଗ୍ୟରେ ନାହିଁ। ଆଖି ଛଳଛଳ କରି ଅତି ବିକଳରେ ନିଜର ଦୁଃଖ ବଖାଣୁଛନ୍ତି, କହୁଛନ୍ତି ଆମେ ତ ଗରିବ ଆଜ୍ଞା, ସୁଖ ଆମ ଭାଗ୍ୟରେ କାହିଁ, ଭଲ ପିନ୍ଧିବା, ଭଲ ଖାଇବା ପାଇଁ ପଇସା କୁଆଡୁ ଆଣିବୁ ଆଜ୍ଞା। ଏହି ଲୁହ ଭିଜା ପଦେ କଥା ଶୁଣିଲା ପରେ ସଙ୍ଗଠନର କର୍ମକର୍ତ୍ତାମାନେ ସ୍ତବ୍ଧ ହୋଇ ଯାଇଥିଲେ। ବଞ୍ଚି ଥାଉ ଥାଉ କ'ଣ ଏମିତି ମିଳିଥାଏ ଦୁଃଖ, କଷ୍ଟ, ଯନ୍ତ୍ରଣା। ପେଟକୁ ମୁଠାଏ ଦାନା ଦେବା ପାଇଁ କ'ଣ ଏମିତି ବି ସଂଘର୍ଷ କରିବାକୁ ପଡେ। ଯେଉଁ ସଂଘର୍ଷମୟ ଜୀବନ ଏତେ କଷ୍ଟଦାୟକ ଯେ ତାକୁ ସମ୍ଭାଳିବା ଅସମ୍ଭବ। କାନ୍ଦି କାନ୍ଦି ନିଜକୁ ସମ୍ଭାଳି ପାରୁନାହାନ୍ତି ତାଙ୍କ ଧର୍ମ ପତ୍ନୀ। ଅଗ୍ନିକୁ ସାକ୍ଷୀ ରଖି ଯାହାଙ୍କ ସହିତ ସାତ ଜନ୍ମ ପାଇଁ ଜୀବନ ବିତେଇବେ ବୋଲି ଶପଥ ନେଇଥିଲେ, ଆଜି ସେ ବିଛଣାରେ ଓ ବୟସର ଅପରାହ୍ନରେ ଆଜି ଯେମିତି ଅଲୋଡ଼ା ହୋଇ ପଡିଛନ୍ତି। ସେ ଆଜି ଦୁନିଆଁ ଦେଖି ପାରୁନାହାଁନ୍ତି କି ବାର୍ଦ୍ଧକ୍ୟ ଅବସ୍ଥାରେ କିଛି ରୋଜଗାର କରି ପରିବାର ପ୍ରତି ପୋଷଣ କରିପାରୁ ନାହାନ୍ତି। ବାର୍ଦ୍ଧକ୍ୟ ଭତ୍ତାରୁ ମଧ ବଞ୍ଚିତ ଅଛନ୍ତି। ଏକମାତ୍ର ଅନ୍ଧର ଲଉଡି ପୁଅ ମଧ ମାନସିକ ବିକୃତ। ପୁଅକୁ ସୁସ୍ଥ କରିବା ପାଇଁ ଡାକ୍ତରଖାନା ମଧ ନେଇପାରୁ ନାହାଁନ୍ତି। କାରଣ ନିଜର ଚିକିତ୍ସା ଓ ପୁଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଭଙ୍ଗା ଝାଟିମାଟି କୁଡ଼ିଆ ଘରେ ବିତୁଛି ଏ ପରିବାରର ଜୀବନ। ନା ଅଛି ପକ୍କା ଘର ନାଁ ଅଛି କିଛି ରୋଜଗାର। ଗୋଟିଏ ଓଳି ଚୁଲି ଜଳୁଛି ତ ଆଉ ଗୋଟିଏ ଓଳି ଭୋକିଲା ରହିବାକୁ ପଡୁଛି। ସୁଧାକର ମଲ୍ଲିକ ଭାଗ୍ୟକୁ ଦୋଷ ଦେବା ଛଡ଼ା ଆଉ ତାଙ୍କ ପାଖରେ କିଛି ବିକଳ୍ପ ନାହିଁ। ଦାରିଦ୍ର୍ୟ ଏତେ କଷ୍ଟ ଦେଉଛି ଯେ ନିଜେ ଚିକିତ୍ସା ହେବେ ନା ପୁଅକୁ ଦେଖାଇବେ, ବାର୍ଦ୍ଧକ୍ୟ ଅବସ୍ଥାରେ ସାହାରା ସାଜିଥିବା ଦଉଡି ଧରି ଚାଲିବା ପାଇଁ ପ୍ରୟାସ କରି ମଧ ବିଫଳ ହେଉଛନ୍ତି। କେତେ କଷ୍ଟ ଦାୟକ ଏ ଜୀବନ। ଯଦି ବା ଏକ ମାତ୍ର କୁନି ଝିଅ ଏ ପରିବାରର ସାହାରା ହୋଇଥାନ୍ତା ତାକୁ ମଧ ଠିକ୍‌ରେ ପାଠ ପଢାଇ ପାରୁ ନାହାଁନ୍ତି। ଏହି ହୃଦୟ ବିଦାରକ କରୁଣ କାହାଣୀଟି ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଅନ୍ତର୍ଗତ ବୋଳଙ୍ଗ ପଞ୍ଚାୟତ ସ୍ଥିତ ବୋଳଙ୍ଗ ଗ୍ରାମର ସୁଧାକର ମଲ୍ଲିକଙ୍କ ପରିବାର। ଏହି ହୃଦୟ ବିଦାରକ ଘଟଣାଟି ଜଳେଶ୍ୱର ଅଞ୍ଚଳର ହେଲ୍ପ ଫର ୟୁ ଫାଉଣ୍ଡେସନକୁ ସେଠାକାର ଗ୍ରାମବାସୀ ଖବର ଦେବା ପରେ ସଙ୍ଗଠନର ସମସ୍ତ ସଦସ୍ୟ ସଦସ୍ୟା ଓ ବସ୍ତା, ଜଳେଶ୍ୱର ଉପଆରକ୍ଷୀ ଅଧିକ୍ଷକ ମାନସ ଦେଓ ମଧ ସହଯୋଗ ସହିତ ଅଣ୍ଟା ଭିଡିଥିଲେ ସହାୟତାର ହାତ ବଢାଇବା ପାଇଁ। ଜନ ସେବାକୁ ମହାନ ବ୍ରତ ବୋଲି ଭାବି ନିଃସ୍ୱାର୍ଥପର ଭାବରେ ସଙ୍ଗଠନର ସମସ୍ତ ସଦସ୍ୟ ସଦସ୍ୟାମାନେ ତାଙ୍କ ପରିବାର ପାଖରେ ପହଞ୍ଚି ଏହି ଅସହାୟ ପରିବାରର ବାପ, ପୁଅଙ୍କ ଚିକିତ୍ସା ପାଇଁ କିଛି ଆର୍ଥିକ ସହାୟତା ସହିତ ରାସନ ସାମଗ୍ରୀ, ମୁଢ଼ି, ଚାଉଳ, ପରିବାର, ନୂତନ ବସ୍ତ୍ର, କୁନି ଝିଅ ପାଇଁ ସ୍କୁଲ ବ୍ୟାଗ ଓ ପାଠ୍ୟ ସାମଗ୍ରୀ, ପନିପରିବା ଇତ୍ୟାଦି ପ୍ରଦାନ କରିଛନ୍ତି। ଏହି ମହାନ କାର୍ଯ୍ୟକୁ ଅଞ୍ଚଳବାସୀ ଭୁରି ଭୁରି ପ୍ରଶଂସା କରିଛନ୍ତି।

# ରାଶିଫଳ

ସୋମବାର, ୦୯ ଜୁନ୍ ୨୦୨୫



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ। ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ ଅଧିକ ମଧ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ।




**କର୍କଟ:** ଆଜି ଏକ ସାଧାରଣ ଦିନ ହେବ। ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।



**ସିଂହ:** ଆଜି ମିଶ୍ରିତ ଦିନ ହେବ। ବ୍ୟବସାୟରେ ଲାଭ ହେବ। ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ। ଏକ ଦୁର୍ଘଟଣା ମଧ ହୋଇପାରେ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।




**ବିଛା:** ଆଜି ଏକ ସାଧାରଣ ଦିନ ହେବ। କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।




**ଧନୁ:** ଆଜି ଏକ ସାଧାରଣ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ।



**ମକର:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି ।



ପ୍ରସ୍ତୁତି
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ୍): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବୌଦ୍ଧ ଟାଉନ ହଲ୍ ଠାରେ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଅଧକ୍ଷ ତଥା ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନ ମୋହନ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ସଂଘମିତ୍ରା ପଣ୍ଡା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର କିଶୋର ପଟ୍ଟନାୟକ, ଡ. ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ବୌଦ୍ଧ ବ୍ଲକର ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଗିରିଜା ପ୍ରସାଦ ମିଶ୍ର, କନ୍ଧମାଳ ସାଂସଦଙ୍କ ପ୍ରତିନିଧି (ସ୍ୱାସ୍ଥ୍ୟ ବିଭାଗ)ଦେବାଶିଷ ପୁରୋହିତ ମଞ୍ଚାସୀନ ଥିଲେ। ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଆଶା କର୍ମୀ, ଗାଁ କଲ୍ୟାଣ ସମିତିମାନଙ୍କୁ ଉକ୍ତ ଅବସରରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।



# ଜବରଦଖଲ ଉଚ୍ଛେଦକୁ ବିରୋଧ, ଆନ୍ଦୋଳନ ପାଇଁ ସଜବାଜ



ଉମରକୋଟ(ଭାସ୍କର ନ୍ୟୁଜ୍): ସରକାରୀ ଜମି ଉପରେ ଘର ନିର୍ମାଣ କରିଥିବା ଲୋକମାନଙ୍କ ଘର କିଛି ଦିନ ତଳେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଝରିଗାଁ ରୋଡ଼ ମେନ୍ଧାବେଡା ସ୍ଥିତ ମୁଖ୍ୟ ରାସ୍ତାକଡ଼ରେ ସରକାରୀ ଜମିରେ ଥିବା ଜବର ଦଖଲକାରୀଙ୍କ ପ୍ରାୟ ୧୮ ଟି ଦୋକାନ ଓ ଘରକୁ ପ୍ରଶାସନ ପକ୍ଷରୁ ବୁଲଡୋଜର ଲଗାଇ ଭାଙ୍ଗି ଦିଆଯାଇଥିଲା। ଏହାପରେ ସରକାରୀ ଜମିରେ ଘର କରି ରହିଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଯାଇଛି। ଅନ୍ୟପଟେ ଆଗାମୀ ଦିନରେ ଗୋଡିଗୁଡା ଏବଂ ଉପଖଣ୍ଡ ଚିକିତ୍ସାଳୟ ପାର୍ଶ୍ୱରେ ଥିବା ଘର ଗୁଡିକୁ ଜବର ଦଖଲ ଉଚ୍ଛେଦ କରିବା ପାଇଁ ଉମରକୋଟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଦିଆଯାଇଛି। ତହସିଲ ପ୍ରଶାସନ ପକ୍ଷରୁ ନୋଟିସ ଜାରି ପରେ ବରିଷ୍ଠ ରାଜନେତା ଜୟଦେବ ପରିଡାଙ୍କ ନେତୃତ୍ୱରେ ଉମରକୋଟ ସହର ଥିବା ବାବା ବୈଦ୍ୟନାଥ ମନ୍ଦିର ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତିଗୁଡା, ଢ଼େପଗୁଡା, ମେନ୍ଧାବେଡା, ମେଡିକାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ଡାଙ୍ଗରୀଗୁଡା ଅଞ୍ଚଳର ଶତାଧିକ ଲୋକେ ଯୋଗଦେଇ ପ୍ରଥମେ ସର୍ଭେ ଓ ସେଟେଲମେଣ୍ଟ ନ କରି ଯଦି ପ୍ରଶାସନ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରେ ଏହାକୁ ଉମରକୋଟ ସହରବାସୀ ପ୍ରତିରୋଧ କରିବେ ଦରକାର ପଡିଲେ ଆନ୍ଦୋଳନକୁ ଓହ୍ଲାଇବା ନେଇ ନିଷ୍ପତି ନିଆଯାଇଛି। ଏଥିସହ ମେନ୍ଧାବେଡା ଠାରେ ଭଙ୍ଗା ଯାଇଥିବା ଲୋକଙ୍କୁ ପ୍ରଥମେ ଥଇଥାନ ଓ କ୍ଷତିପୂରଣ ପ୍ରଶାସନ ପ୍ରଦାନ ପାଇଁ ମଧ ଦାବି କରାଯାଇଛି। ଅପରପକ୍ଷେ ବୈଠକରେ ଉମରକୋଟ ସହରର ବରିଷ୍ଠ ନାଗରିକମାନଙ୍କ ଏକ ଟିମ୍ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସାକ୍ଷାତ କରି ତାଙ୍କ ନିକଟରେ ସବିଶେଷ ତଥ୍ୟ ରଖି ଉଚ୍ଛେଦ ଅଭିଯାନ ବନ୍ଦ କରି ସର୍ଭେ ଓ ସେଟେଲମେଣ୍ଟ କାର୍ଯ୍ୟ ପାଇଁ ଦାବି କରାଯିବା ନେଇ ମଧ ନିଷ୍ପତି ହେଇଥିଲା।

## ହାଟପିଣ୍ଡି ନିର୍ମାଣ ପ୍ରସଙ୍ଗ

# ଗୋଟିଏ ପିଣ୍ଡି ପାଇଁ ଦୁଇଥର ବିଲ୍ ଉଠାଇଥିବା ଅଭିଯୋଗ



କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଏମ କେରାଗାଁ ପଂଚାୟତ ସଦର ମହକୁମାରେ ନିର୍ମିତ ହୋଇଥିବା ହାଟପିଣ୍ଡି କାର୍ଯ୍ୟରେ ହରିଲୁଟ ହୋଇଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ପ୍ରକାରେ ୨୦୨୨-୨୩ ଆର୍ଥିକ ବର୍ଷରେ କୋଷାଗୁମୁଡା ବ୍ଲକର ଏମ କାରାଗାଁ ପଂଚାୟତ ସଦର ମହକୁମାରେ ୨ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ହାଟପିଣ୍ଡି ନିର୍ମାଣ ହୋଇଥିଲା। ଏହି କାର୍ଯ୍ୟ ଆଇଟିଡିଏ ବିଭାଗ ପକ୍ଷରୁ ତ୍ୱରାନ୍ୱିତ କରାଯାଇଥିବା ବେଳେ ପୁଣିଥରେ ଏମଜିଏନଆରଇଜିଏ ପକ୍ଷରୁ ୨ଲକ୍ଷ ୮୩ହଜାର ଟଙ୍କା ଉକ୍ତ କାର୍ଯ୍ୟ ପାଇଁ ବ୍ୟୟ କରାଯାଇଛି । ଏହି କାର୍ଯ୍ୟ ପାଇଁ ୧୦ଲକ୍ଷ ଟଙ୍କା ବିଲ କରିବା ନେଇ ପୂର୍ବ ପ୍ରସ୍ତୁତି କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଯଦି କାର୍ଯ୍ୟର ତର୍ଜମା କରାଯାଏ ତେବେ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ପିଣ୍ଡି ଉପରେ ହାତ ମାରିଦେଲେ ପିଣ୍ଡିର ଉପରି ଭାଗ ବାହାରି ପଡୁଥିବା ଅଭିଯୋଗ ହେଉଛି ।କାର୍ଯ୍ୟରେ ହରିଲୁଟ ହୋଇଥିବା ନେଇ କେରାଗାଁ ଗ୍ରାମବାସୀ ପ୍ରଥମେ ବିଡ଼ିଓଙ୍କ ଦ୍ୱାରସ୍ତ ହୋଇଥିଲେ । ହେଲେ ବିଡ଼ିଓ ମହାଶୟ ଅଭିଯୋଗ ପତ୍ର ପାଇ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବାରୁ ଶେଷରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ତଥାପି କାର୍ଯ୍ୟାନୁଷ୍ଠାନ ଶୂନ। ଶେଷରେ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଗ୍ରାମରେ ଏବେ ଏକ ଗ୍ରାମ କମିଟି ମଧ ଗଠନ କରାଯାଇଛି । କାର୍ଯ୍ୟର ତଦନ୍ତ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଏଯାଏ କୌଣସି ଅଧିକାରୀ ଗ୍ରାମରେ ପହଂଚି ନାହାନ୍ତି କି କାର୍ଯ୍ୟର ତଦନ୍ତ କରାଯାଉନି । କୋଷାଗୁମୁଡା ବ୍ଲକରେ ଏମିତି ଅନେକ ସ୍ଥାନରେ ହରିଲୁଟ ହୋଇଛି । ବିନା କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କାର ବିଲ ହେଉଛି ।ହେଲେ ମଧ ଉପରିସ୍ଥ ଅଧିକାରୀମାନେ ଏସବୁ ଦୁର୍ନୀତି ଉପରେ ନଜର ଦେଉନାହାନ୍ତି ।ତେଣୁ ଉଭୟ ବିଭାଗୀୟ ଅଧିକାରୀ ଓ ଠିକାଦାରମାନଙ୍କ ମଧୁଚନ୍ଦ୍ରିକାରେ କୋଟି କୋଟି ସରକାରୀ ଅର୍ଥ ହରିଲୁଟ ହେଉଛି। ଏମ କେରାଗାଁ ପଂଚାୟତର ହାଟପିଣ୍ଡି ନିର୍ମାଣ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ସହିତ ସମ୍ପୃକ୍ତ ଅଭିଯୋଗ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଦିନିକିଆ ଗଜପତି ଗସ୍ତ

## 'ବିକଶିତ ଗାଁ ବିକଶିତ ଓଡ଼ିଶା' ୧୧ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ




ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ଗଜପତି ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି କାଶୀନଗର ବ୍ଲକ ଅନ୍ତର୍ଗତ ଶିଆଳି ଗ୍ରାମ ପଞ୍ଚାୟତ ଓ ଅଳଡା ଗ୍ରାମ ପଞ୍ଚାୟତସ୍ଥିତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅମୃତ ସରୋବର ଯୋଜନାରେ ଚାରାରୋପଣ ଦେଖିବା ସହିତ ସ୍ଥାନୀୟ ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଖଣ୍ଡଭା ଗ୍ରାମ ପଞ୍ଚାୟତସ୍ଥିତ ପାଲାସିଂ ଠାରେ ନିର୍ମିତ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ବୁଲି ଦେଖିବା ସହ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ଓ ତୁରନ୍ତ କାମ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିକଶିତ ଗାଁ ବିକଶିତ ଓଡ଼ିଶାର ୧୧ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ମୋହନା ଦାଶରଥି ଗମାଙ୍ଗ, ଜିଲ୍ଲାପାଳ ବିଜୟ କୁମାର ଦାଶ, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି ଏନ.ନାଗାରାଜୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ପଡି ରହିଥିବା ଅନ୍ୟ ସମସ୍ତ କାମକୁ ତୁରନ୍ତ ସାରିବା ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ତାଲିମ୍ ନେଇ ସାରିଥିବା ୧୮ ଜଣ ଛାତ୍ରୀମାନଙ୍କୁ ମନ୍ତ୍ରୀ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ ।

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି(ଭାସ୍କର ନ୍ୟୁଜ୍): ନିଖିଳ ଉତ୍କଳ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନୂତନ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରହୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷା ସମସ୍ୟା ସମ୍ପର୍କରେ ସଂଘ ପକ୍ଷରୁ ଆଲୋଚନା କରାଯାଇଥିଲା। ସମୟ ନିର୍ଘଣ୍ଟ ଉପରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପାଣିଗ୍ରାହୀ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଘ ସଭାପତି ତାରକ ମଣ୍ଡଳ, ରାଜ୍ୟ ସଂଘ ଉପସଭାପତି ରଞ୍ଜିତ ନାୟକ, ରାମପ୍ରସାଦ ପାଢ଼ି, ଅରବିନ୍ଦ ପ୍ରସାଦ ଜେନା, ଗୁରୁପଦ ସରକାର, ମନୋରଞ୍ଜନ ବେହେରା, ସୁକାନ୍ତ ସାହୁ, କଳ୍ପତରୁ ନାୟକ, ସାଧନା ମଣ୍ଡଳ, ଉପଦେଷ୍ଟା ଗଣେଶଚନ୍ଦ୍ର ଜେନା, ମନୋରଞ୍ଜନ ସେଠୀ ପ୍ରମୁଖଙ୍କ ସହ ବିଭିନ୍ନ ବ୍ଲକରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# ଉମରକୋଟରେ ଭୂବନ୍ଦୋବସ୍ତ କେବେ !

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ଏକ ପ୍ରମୁଖ ସହର। ଦୀର୍ଘ ସତୁରି ବର୍ଷ ହେଲା ଏଠାରେ ଭୂ-ବନ୍ଦୋବସ୍ତ ବ୍ୟବସ୍ଥା ହୋଇନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ନୂତନ ସରକାର ସରକାରୀ ଜମି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରୁଥିବାବେଳେ ସରକାରୀ ଜମିରେ ରହୁଥିବା ସହରବାସୀ ଏବେ ଆତଙ୍କରେ। ଏଠାରେ ନିରିହ ଆଦିବାସୀ ଓ ଗରିବ ଶ୍ରେଣୀର ଲୋକମାନେ ବଳି ପଡୁଛନ୍ତି। ୧୯୫୮ ମସିହାରେ ବାଙ୍ଗଲାଦେଶ ଗୃହ ଯୁଦ୍ଧ ସମୟରେ ଥଇଥାନ ପାଇଁ ଭୂ-ବନ୍ଦୋବସ୍ତ ବ୍ୟବସ୍ଥା ଶେଷ ଥର ପାଇଁ ହୋଇଥିଲା। ତାହା ପରେ ଆଉ ହୋଇନଥିବା ଯୋଗୁଁ ପଚାଶରୁ ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ହେବ ଘର ତିଆରି କରି ରହୁଥିବା ଲୋକେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖିନ ହେଉଛନ୍ତି। ବିଶେଷ କରି ଜାତି ପ୍ରମାଣ ପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଓ ଆୟ ପ୍ରମାଣ ପତ୍ର ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୨୨ ମସିହା ଜୁଲାଇ ୨୫ ତାରିଖରେ ଭୂ-ବନ୍ଦୋବସ୍ତ ବ୍ୟବସ୍ଥା ଶୀଘ୍ର କରାଯାଉ ବୋଲି ତତ୍କାଳୀନ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବିଧାନ ସଭାରେ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ପାଦେ ଆଗେଇ ପାରିନାହିଁ। ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନ ସରକାର। ସେତେବେଳେର ବିଧାୟକ ବର୍ତ୍ତମାନ ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ। ତାହା ପୁଣି ନିଜ ନିର୍ବାଚନ ମଣ୍ଡଳୀର। ଆଗକୁ ଦେଖିବାର ବାକି ରହିଲା ମନ୍ତ୍ରୀ ଉମରକୋଟ ବାସୀଙ୍କ ପାଇଁ ଭୂ-ବନ୍ଦୋବ୍ୟବସ୍ଥା କରିବେ ନାଁ ଉମରକୋଟବାସୀଙ୍କ ଘର ଉପରେ ବୁଲଡୋଜର ଚଢେଇବେ।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ନାରାୟଣ ପାଟଣା ବ୍ଲକ ସଦର ସ୍ଥିତ ମାଉସୀ ମା'ଙ୍କ ମନ୍ଦିର ଭିତରୁ ଶନିବାର ସକାଳେ ଦୁର୍ଗନ୍ଧ ବାହାରୁଥିବା ଖବର ଚାରିଆଡେ ବ୍ୟାପିବା ପରେ ଭିଡ଼ ଜମିଥିଲା। ଭିତରେ ଏକ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ପଡ଼ିଥିବା ଦେଖି ଭିଡ ଭିତରୁ କେହି ପୋଲିସକୁ ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମନ୍ଦିର ଭିତରକୁ ପ୍ରବେଶ କରି ମୃତ ଦେହ ଉଦ୍ଧାର କରିଥିଲା। ଉକ୍ତ ମୃତଦେହ ନାରାୟଣପାଟଣାରେ ବୁଲୁଥିବା ଜଣେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କର ଚିହ୍ନଟ ହୋଇଛି।

# ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆଣ୍ଠୁଏ ପାଣି, ନାହିଁ ଡ୍ରେନେଜ୍ ସୁବିଧା



ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ୍): କିଛି ଦିନ ହେବ ସନ୍ଧ୍ୟା ସମୟରେ ବିଭିନ୍ନି ଅଞ୍ଚଳରେ ବର୍ଷା ହେଉଛି । ବର୍ଷା ହେବା ଫଳରେ କିଛି ଅଞ୍ଚଳରେ କୃତ୍ରିମ ପୋଖରୀ ଦେଖିବାକୁ ମିଳୁଛି । ଏଭଳି ଅବସ୍ଥା ତେନ୍ତୁଳି ଖୁଣ୍ଟି ବ୍ଲକ ଅଞ୍ଚଳଗୁମା ଜଗନ୍ନାଥ ମନ୍ଦିର ସମ୍ମୁଖରେ ବି ଦେଖିବାକୁ ମିଳିଛି। ଅଳ୍ପ ବର୍ଷାରେ ମନ୍ଦିର ସମ୍ମୁଖରେ ପାଣି ଭର୍ତ୍ତି ହେଇ ଯାଉଛି। ଯାହା ଫଳରେ ମନ୍ଦିରକୁ ଆସୁଥିବା ଭକ୍ତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଞ୍ଚଳଗୁମା ମୁଖ୍ୟ ରାସ୍ତା ଟି କଂକ୍ରିଟ ରାସ୍ତା ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ କୌଣସି ଡ୍ରେନେଜ୍‌ର ସୁବିଧା ହୋଇ ପାରିନି। ଗ୍ରାମର ଜଗନ୍ନାଥ ମନ୍ଦିର ରାସ୍ତା କଡ଼ରେ ରହିଛି । ଫଳରେ ରାସ୍ତା ର ସମସ୍ତ ବର୍ଷା ଜଳ ମନ୍ଦିର ପରିସର ରେ ଜମି ରହିଛି । ବର୍ଷା ଜଳ ସହ ଅଳିଆ ଆବର୍ଜନା ମଧ ଭାସି ଆସି ଜମି ରହୁଛି ।ତେଣୁ ମନ୍ଦିର ପରିସର ଅସନା ହେଉଛି । ମନ୍ଦିର ସମ୍ମୁଖରେ ଜମି ରହିଥିବା ଜଳ ନିଷ୍କାସିତ ହୋଇ ପାରୁନାହିଁ । ବହୁ ସମୟ ଧରି ଜଳ ଜମି ରହିବା ଫଳରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଆଗକୁ ଜଗତର ନାଥ ଜଗନ୍ନାଥଙ୍କ ରଥଯାତ୍ରା ଥିବାରୁ ଭକ୍ତ ମାନେ ଚିନ୍ତାରେ ରହିବା ସହ ସମସ୍ୟା ନେଇ ଅଭିଯୋଗ କରିଛନ୍ତି ।ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରି ମନ୍ଦିର ପରିସରକୁ ସ୍ୱଚ୍ଛ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଭକ୍ତ ତଥା ଗ୍ରାମବାସୀ ଦାବି କରିଛନ୍ତି ।

# ନିଶା ଓ ଅପମିଶ୍ରିତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ରଥ ଶୁଭାରମ୍ଭ




ବୌଦ୍ଧ(ଭାସ୍କର ନ୍ୟୁଜ୍): ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ଦିଗରେ ନିଶା ଏକ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରି ଜାଗ୍ରତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ଜିଲ୍ଲା ଅବକାରୀ ବିଭାଗ ତରଫରୁ ନିଶା ନିବାରଣ ସଚେତନତା ରଥ 'ଆମ ସଂକଳ୍ପ, ନିଶା ନୁହେଁ ଜୀବନ' ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ଅଦ୍ୟ ତା. ୬.୬.୨୦୨୫ ରିଖ (ଶୁକ୍ରବାର) ସକାଳ ୯ ଘଟିକା ସମୟରେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ମାଦକ ଦ୍ରବ୍ୟ ବିରୋଧରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା ରଥର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ,ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଉକ୍ତ ରଥ ଜିଲ୍ଲାରେ ପରିକ୍ରମା କରି ମାଦକ ଦ୍ରବ୍ୟ ତଥା ଅପମିଶ୍ରିତ ମାଦକ ଦ୍ରବ୍ୟ ଠାରୁ ଦୂରେଇ ରହିବାକୁ ଜନସାଧାରଣରେ ସଚେତନତା ସୃଷ୍ଟି କରିବ। ଏହି ଅବସରରେ ଅତିଥି ବୃନ୍ଦ ନିଶାମୁକ୍ତ ସମାଜ ଏବଂ ନିଶାମୁକ୍ତ ଜିଲ୍ଲା ଗଠନରେ ସମସ୍ତେ ସଚେତନ ହୋଇ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସଚେତନତା ରଥ ଜିଲ୍ଲା ର ୩ ଟି ବ୍ଲକ, ସମସ୍ତ ପଂଚାୟତ ଓ ବୌଦ୍ଧଗଡ଼ ଏନଏସି ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିବ ।

# ଲୋକକଳା ସଂସ୍କୃତି ଗବେଷକ ମାନଙ୍କ ସମାବେଶ

ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟରୁ ସ୍ୱୀକୃତି ପାଇଥିବା ପଶ୍ଚିମ ଓଡିଶାର ସମସ୍ତ କନିଷ୍ଠ ଏବଂ ବରିଷ୍ଠ ଲୋକ ସଂସ୍କୃତି ଗବେଷକ, ଯୁବ କଳାକାର ମେଧାବୃତ୍ତି ଏବଂ ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ମେଧାବୃତ୍ତିମାନଙ୍କ ଏକ ସମାବେଶ ପଶ୍ଚିମ ଓଡିଶା ଲୋକ ସଂସ୍କୃତି ଗବେଷକ ଏବଂ ଢୋଲ ମହୁରୀ କଳାପରିଷଦର ମିଳିତ ଆୟୋଜନରେ ସ୍ଥାନୀୟ ସମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଅଛି । କବି ସଂଦିପ କୁଅଁର ଏବଂ କିର୍ତ୍ତନ ଦୀପ ଙ୍କ ସଂଯୋଜନାରେ ଦୁଇ ଗୋଟି ପର୍ଯ୍ୟାୟରେ ଲୋକକଳା ସଂସ୍କୃତି ଚର୍ଚ୍ଚାରେ ତରଣୀସେନ ଦୀପ କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ଅତିଥି ଭାବେ ଏପିଡି ତରଣୀ ସୁନା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଂଜନ ମିଶ୍ର, ଜାତୀୟ ବିସମିଲ୍ଲା ଖାନ୍ ଏୱାଡି ରବି ରତନ ସାହୁ, ଗବେଷକ ସୁରେନ୍ଦ୍ର ସାହୁ, କାଳିଚରଣ ବାଗ, ଡ. ନିଳାଂଚଳ ନନ୍ଦ, ସତ୍ୟନାରାୟଣ ଭୋଇ, ଶମ୍ଭୁ ନାଗ, ପ୍ରହଲ୍ଲାଦ ଦର୍ଜି, ନାଟ୍ୟକାର ପ୍ରକାଶ ଥନାପତି, ଗବେଷକ ନବୀନ କୁଅଁର, ସୂର୍ଯ୍ୟମଣି ସୁନା, ଶିକ୍ଷାବିତ୍ ନେପାଳ ଚନ୍ଦ୍ର ବାଗ, ବିଜୟ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଡକ୍ଟରେଟ୍ ପାଇଥିବା ନିଳାଂଚଳ ନନ୍ଦ ଏବଂ ବାସନ୍ତି ନନ୍ଦଙ୍କ ସହିତ ସମସ୍ତ ଗବେଷକ ଏବଂ ମେଧାବୃତ୍ତିପ୍ରାପ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ପଂଚାନନ ସେଠ, ହିମାଂଶୁ ଖମାରି, ରାଧେଶ୍ୟାମ ତ୍ରିପାଠି, ବାସୁଦେବ ମୁଗ୍ରୀ, ମହିଳା ସଭାନେତ୍ରୀ ସବିତା ନନ୍ଦ, ସୀତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ବିପିନ ବିହାରି ବାରିକ ସମେତ ପଶ୍ଚିମ ଓଡିଶାର ସମସ୍ତ ଜିଲ୍ଲାରୁ ଗବେଷକ, କଳାକାର, ସଂଗଠକ ଏବଂ ସମର୍ଥକ ଅଂଶଗ୍ରହଣ କରିଥିଲେ ।

# ପରିବେଶ ସଚେତନତା କାର୍ଯ୍ୟକ୍ରମ



କୋରାପୁଟ(ଭାସ୍କର ନ୍ୟୁଜ୍): ବିଶ୍ୱ ପର୍ଯ୍ୟାବରଣ ଦିବସ ଅବସରରେ ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ସ୍ଥାନିୟ ଜୟପୁର ରାଜନଅର ଛକଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଛ ଲଗାନ୍ତୁ, ପରିବେଶ ବଂଚାନ୍ତୁ , ଜଳ ହିଁ ଜୀବନ, ପ୍ଲାଷ୍ଟିକ ବର୍ଜନ କରନ୍ତୁ, ପରିବେଶ ସୁରକ୍ଷିତ ରଖନ୍ତୁ ଆଦି ସ୍ଲୋଗାନ ଦେଇ ମଂଚ କାର୍ଯ୍ୟକର୍ତା ସଚେତନତା ପ୍ରଦର୍ଶନ କରିଥିଲେ । ଏହା ସହ ମଂଚ ତାର ମୂଳ ଉଦେଶ୍ୟ ବିଦେଶୀ ବର୍ଜନ, ସ୍ୱଦେଶୀ ଗ୍ରହଣର ବାର୍ତା ଦେଇ ଜନସାଧାରଣଙ୍କୁ ସଚେତନତା କରାଇଥିଲେ । ମଂଚର ରାଜ୍ୟ ସହସଂଯୋଜକ ମନୋରଞ୍ଜନ ରାଉତରାୟ ଅନଲାଇନ ବଜାର(ଆମାଜନ, ଫ୍ଲିପ କାର୍ଟ) ଆଦି କମ୍ପାନିଙ୍କୁ ବହିଷ୍କାର କରି ସ୍ଥାନିୟ ବଜାରରୁ ଜିନିଷ କିଣିବା ପାଇଁ ଆହ୍ୱାନ ଦେଇଥିଲେ। ଯାଦ୍ୱାରା ସ୍ଥାନିୟ ଲୋକେ ସ୍ୱାବଲମ୍ବୀ ଏବଂ ସ୍ୱରୋଜଗାରୀ ହୋଇପାରିବେ ଏବଂ ଆମ ଦେଶ ସମୃଦ୍ଧ ହୋଇପାରିବ । ସ୍ଥାନିୟ ଜନସାଧାରଣଙ୍କ ସହଭାଗୀତାରେ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯିବ ତଥା ପଂଚାୟତ ସ୍ତରରେ ପଂହଚାଇବା ପାଇଁ ଲକ୍ଷ୍ୟ ରଖିଥିବା ମଂଚ ପକ୍ଷରୁ ଜଣାଯାଇଛି । ସଚେତନତା ପ୍ରଦର୍ଶନ କାର୍ଯ୍ୟକ୍ରମରେ ମଂଚର ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥି, ରବି ନାରାୟଣ ମିଶ୍ର, ସୌମେନ୍ଦ୍ର ସ୍ୱାଇଁ, ମୁରଲୀଧର ଅଧିକାରୀ, ସୁଧାଂଶୁ ପଟନାୟକ, ସଦାଶିବ ତ୍ରିପାଠି, ପ୍ରଭାତ ବ୍ରହ୍ମା, କେଶବ ପଟନାୟକ, ପାର୍ଥ ସାରଥୀ ପଣ୍ଡା, ଜଗଦିଶ ପାଢି, ଅଭୟ ସାହୁ, ଡମ୍ବରୁଧର ପାଣିଗ୍ରାହୀ, ମନୋଜ ବେହେରା, ସୁରେନ୍ଦ୍ର ମଣ୍ଡି, ନିରଞ୍ଜନ ପାଣିଗ୍ରାହି ପ୍ରମୁଖ ଉପସ୍ଥିତ ଥିଲେ ।

# ମତୁଆ ସମ୍ପ୍ରଦାୟର ଶୁଦ୍ଧିକ୍ରିୟାକୁ ନେଇ ବିବାଦ ଜୋର ଧରିଲା



**ଶୁଦ୍ଧିକ୍ରିୟାରେ ବ୍ରାହ୍ମଣ ପୁରୋହିତ ନଲଗାଇବା ଘଟଣା**

କାଳିମେଳା (ଭାସ୍କର ନ୍ୟୁଜ୍): କାଳିମେଳା ବ୍ଲକ୍ ଅନ୍ତର୍ଗତ ପୋଟେରୁ ହରିଚାନ୍ଦ ମନ୍ଦିର ପ୍ରାଙ୍ଗଣରେ ମତୁଆ ସମାଜ ଆନୁକୂଲ୍ୟରେ ସଭାପତି ତପନ ମଣ୍ଡଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାର ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଗତ ତା ୨୯.୦୫.୨୦୨୫ ରିଖ ଦିନ ରାତ୍ର ସମୟରେ ସ୍ୱର୍ଗତ ନନୀ ଗୋପାଳ ବିଶ୍ୱାସଙ୍କ ଘରକୁ ଉତ୍ତମ ଓଝା ନାମକ ଜନୈକ ବ୍ୟକ୍ତିଙ୍କ ନେତୃତ୍ୱରେ ପ୍ରାୟ ୫୦ ଜଣ ଯାଇଥିଲେ । ଶୁଦ୍ଧିକ୍ରିୟାରେ ବ୍ରାହ୍ମଣ ପୁରୋହିତ ନ ଲଗେଇଥିବାରୁ ଶ୍ରୀ ଓଝା ଓ ତାଙ୍କ ସହଯୋଗୀମାନେ ଅପ୍ରୀତିକର ଘଟଣା ଘଟେଇ ଥିବାରୁ ପରବର୍ତ୍ତୀ ସମୟରେ ପୋଲିସ୍ ଏକ ମକଦ୍ଦମା ରୁଜୁ କରିଥିଲା। କେସ୍ ରେଜିଷ୍ଟ୍ରି ହେବାର ୮ ଦିନ ପରେ ମଧ ଉତ୍ତମ ଓଝା ଗିରଫ ହୋଇ ନଥିବାରୁ ଆଜି ପୋଟେରୁ ସଭାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକାଶ ଥାଉ କି ଦୁଇଦିନ ତଳେ ଉତ୍ତମ ଓଝା କାଳିମେଳାସ୍ଥିତ ନିଜ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ସଂପୂର୍ଣ୍ଣ ମିଥ୍ୟା ବୟାନ ଗୁଡ଼ିକ ପ୍ରକାଶ କରି କହିଛନ୍ତି ଯେ ସେ ବ୍ରାହ୍ମଣ ପୁରୋହିତ ଦ୍ୱାରା ଶୁଦ୍ଧି ହେବାକୁ ବାଧ କରିନଥିଲେ, କେବଳ ରାସ୍ତା କଡ଼ରେ ଟେଣ୍ଟବନ୍ଧା ବିଷୟକୁ ବିରୋଧ କରିଥିଲେ। ଶ୍ରୀ ଓଝା ଜଣେ ଗୁଣ୍ଡା ପ୍ରକୃତି ମଣିଷ ହୋଇଥିବାରୁ ମେ ମାସ ୩୦ ତାରିଖ ଦିନ ଏକ ବ୍ରାହ୍ମଣ ପୁରୋହିତଙ୍କୁ ସାଙ୍ଗରେ ନେଇ ମୃତ ନନୀ ଗୋପାଳଙ୍କ ଘରକୁ ଯାଇ ଜୋରବରଦସ୍ତି ଭାବେ ପୁନର୍ବାର ବୈଦିକ ରୀତିରେ ମନ୍ତ୍ରାଦି ଶୁଦ୍ଧି କ୍ରିୟା ସମାପନ କରିଛନ୍ତି। ଶ୍ରୀ ଓଝାକୁ ଏ ଅଧିକାର କିଏ ଦେଲା ବୋଲି ପ୍ରଶ୍ନ କରିଛନ୍ତି ମୃତ ନନୀ ଗୋପାଳଙ୍କ ସ୍ତ୍ରୀ ସାରଥୀ ବିଶ୍ୱାସ। ନିକଟରେ ଉତ୍ତମ ଓଝା ନିଜର ଜନ୍ମଦିନର ଉତ୍ସବ କାଳିମେଳାର ରାଜ ରାସ୍ତାକଡ଼ରେ ନିଜେ ଟେଣ୍ଟ ପକେଇ ଜନ୍ମଦିନ ପାଳନ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା । ସେ ନିଜେ ରାସ୍ତା କଡ଼ରେ ଟେଣ୍ଟ ମାରିଥିବା ଲୋକ ପରବର୍ତ୍ତୀ ସମୟରେ ନନୀ ଗୋପାଳଙ୍କ ଶ୍ରାଦ୍ଧ ଭୋଜିରେ ରାସ୍ତାକଡର ଟେଣ୍ଟକୁ ବିରୋଧ କରିବା ଆକ୍ରୋଶର କାରଣ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି । ଅସାମାଜିକ ବ୍ୟକ୍ତି ଶ୍ରୀ ଓଝାଙ୍କ ସମେତ ଅନ୍ୟ ସହଯୋଗୀମାନଙ୍କୁ ଆଇନ ଅନୁଯାୟୀ ଗିରଫ କରିବା ସହ ଫେରେଇ ଦେଇଥିବା ଦୁଇଟି ଏତଲା ପକ୍ଷ ତୁରନ୍ତ ପଞ୍ଜୀକୃତ ଦାୟର କରିବାକୁ ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା। ଆଜିର ଏହି ବୈଠକରେ ସର୍ବ ଭାରତୀୟ ମତୁଆଚାର୍ଯ୍ୟ ରବୀନ୍ଦ୍ର ନାଥ ବିଶ୍ୱାସ, ପୂର୍ବତନ ମତୁଆ ସମାଜ ସଭାପତି ଅଶୋକ ହାଲଦାର, ମତୁଆ ସମାଜ ଉପଦେଷ୍ଟା ଦୁର୍ଗା ତ୍ରିପାଠୀ, ଗୁରୁ ଚାନ୍ଦ ଆମ୍ବେଦକର ଚେତନା ମଞ୍ଚ ସଭାପତି ଲକ୍ଷଣ ଚନ୍ଦ୍ର ଘରାମୀ, ହରେକୃଷ୍ଣ ସରକାର ଗୋସାଇଁ, ଦୁଲାଲ ମଣ୍ଡଳ, ମତୁଆ ସମାଜର ଉପଦେଷ୍ଟା ସପନ କିର୍ତ୍ତନିଆ, ଅନୁସୂଚିତ ଜାତି/ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଜରା ଶବର ମାଢ଼ି, ମୁଖ୍ୟ ଉପଦେଷ୍ଟା ପ୍ରଭାକର ହନ୍ତାଳ, ମତୁଆ ସମାଜ ମୁଖପାତ୍ର ସୁଧାଂଶୁ ବିଶ୍ୱାସ, ପ୍ରଦୀପ ମାଡକାମି, କେନ୍ଦ୍ରୀୟ କମିଟି ସମ୍ପାଦକ ଅନିମେଶ ମଣ୍ଡଳ, ସାରଥୀ ବିଶ୍ୱାସ, ସର୍ବକୁମାର ବିଶୋଇ, ଡମ୍ବୁରୁ ବାଘ, ମା' ଗୃହ ସୁରକ୍ଷା ସେନା ଜିଲ୍ଲା ସଭାନେତ୍ରୀ ପ୍ରଶାନ୍ତି ଲତା ବିଷୋୟୀଙ୍କ ସମେତ ମତୁଆ ଭକ୍ତର ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଆଜିର ବୈଠକରେ ଉପସ୍ଥିତ ହୋଇଥିଲେ।

# ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଖଇରପୁଟ(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସ୍ଥିତ ମିଶନ ଶକ୍ତି ଗୃହ ପରିସରରେ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମାଥିଲି ସିଡିପିଓ ମିନତୀ ବେହେରା, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଶାଳିନୀ ସାହୁ, ପ୍ରାଣୀ ଚିକିତ୍ସାଳୟର ଡାକ୍ତର ବିପଦ ତରଣ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ସରକାରୀ ନିର୍ବାହୀଯନ୍ତ୍ରୀ ହୃଦୟ ରଞ୍ଜନ ବାଘ, ଗ୍ରାମପଞ୍ଚାୟତ ବିକାଶ ଅଧିକାରୀ ରତନ ରାଏ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୦ଟି ପଞ୍ଚାୟତ ମଧ୍ୟରୁ ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆୟୋଜିତ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ମାଥିଲି ଗ୍ରାମ ପଞ୍ଚାୟତର ମା ବିରଜା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୀର୍ତନ ପାଲ୍ଲି ଗ୍ରାମ ପଞ୍ଚାୟତର ମା ପାଟ ମାଉଲି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ୧୩ଟି ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଥିଲି ବ୍ଲକ ମିଶନ ଶକ୍ତିର ବିପିସି ମିଳିନି ସିଂ ଓ ଓଡ଼ିଶା ଜୀବିକା ମିଶନର ବିଏଲସି ଅନିର୍ବାଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ବୋଲଗଡ(ଭାସ୍କର ନ୍ୟୁଜ): ଗୋବିନ୍ଦପୁର ପଂଚାୟତ ଅନ୍ତର୍ଗତ ପରିଛଳ ଗ୍ରାମ ସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳ ପରିସରରେ ଆଦର୍ଶ ପରିବାର ନିର୍ମାଣ ଶିବିର ଉଦଘାଟିତ ହୋଇଛି । ଏଥିରେ ଗୁରୁକୂଳର ପ୍ରତିଷ୍ଠାତା ତଥା ବିଶିଷ୍ଟ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତା ଓ ନିରୋଦ କୁମାର ଖୁଣ୍ଟିଆଙ୍କ ସଂଯୋଜନାରେ ସ୍ୱାମୀ ମୁକ୍ତାନନ୍ଦ ପରିବ୍ରାଜକ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ଓଡ଼ିଏମର ପ୍ରତିଷ୍ଠାତା ଡ଼ଃ ସତ୍ୟ ବ୍ରତ ମିନକେତନ ମୁଖ୍ୟବକ୍ତା, ନିର୍ଦ୍ଦେଶିକା ନିରୁପମା ରାୟ ଓ ପରିଚାଳକ ଆର୍ତ୍ତତ୍ରାଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍ତମ ରାଷ୍ଟ୍ର ଗଠନ କରିବାରେ ଆଦର୍ଶ ପରିବାରର ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବାହ୍ନରେ ଯୋଗ, ଆସନ ଓ ପ୍ରାଣାୟାମ, ଯଜ୍ଞ ଏବଂ ଷୋଡଶ ସଂସ୍କାର ସହ ଆଦର୍ଶ ପରିବାର ଗଠନ ଉପରେ ପ୍ରଶିକ୍ଷଣ ନେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ ଓ ଭଦ୍ରଖ ଜିଲ୍ଲା ପାଳିଆ କଲେଜର ଅଧ୍ୟାପକ ବିଶ୍ୱରଂଜନ ଦାଶ ଅତିଥି ଭାବେ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ ।

## ଅଭିଶପ୍ତ ଗାଁ ଦୟାଲତଙ୍ଗ
## ୩୦ବର୍ଷ ବୟସରେ ମୃତ୍ୟୁବରଣ କରୁଛନ୍ତି ଯୁବକ

ମାଲକାନଗିରି(ଭାସ୍କର ନ୍ୟୁଜ): ବୟସ ୩୦ ଛୁଇଁବା କ୍ଷଣି ହାତ ଠାରି ଡାକୁଛି ମୃତ୍ୟୁ। ରୋଗର କାରଣ ଓ ନିରାକରଣ ଜାଣିବା ପୂର୍ବରୁ ଚାଲି ଯାଉଛି ଜୀବନ। ଜଣେ କି ଦୁଇ ଜଣ ନୁହେଁ ଗ୍ରାମର ସମସ୍ତ ପରିବାରର ଯୁବକମାନଙ୍କ ୩୦ ବର୍ଷ ବୟସରେ ମୃତ୍ୟୁ ଘଟଣା ଚକିତ କରିଛି । ଅଜଣା ମୃତ୍ୟୁର ଜାଲରେ ଛନ୍ଦି ହୋଇ ପଡ଼ିଥିବା ଅଭିଶପ୍ତ ଗାଁ ହେଉଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ତେଲରାଇ ପଞ୍ଚାୟତର ଦୟାଲତଙ୍ଗ। ଗ୍ରାମରେ ୧୨ଟି ଘର ରହିଛି। ଜନସଂଖ୍ୟା ୪୫। ସେଥି ମଧ୍ୟରୁ ମହିଳାଙ୍କ ସଂଖ୍ୟା ହେଉଛି ୩୧। ଗାଁରେ ବୟସ୍କ ପୁରୁଷ କେହି ନଥିବା ବେଳେ ବିଧବା ମହିଳାଙ୍କ ସଂଖ୍ୟା ୧୨। ବିଧବା ମହିଳାଙ୍କ ମଧ୍ୟରୁ ବାରି ଉଲାମା, ବାଦାରି ଚିଲକାରୁ, ବାଦାରି କଚଲାମା, ଏଲକା ଗୁଲାମା, ବାଦାରି ଶିଶାମ୍ମା, ବାଦାରି କାନାମ୍ମା, ବାରି ଡୁନାମ୍ମା, ଏଲକା ଗୁନାମ୍ମା ପ୍ରମୁଖଙ୍କ ସ୍ୱାମୀ ୩୦ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁର କାରଣ ସମ୍ପର୍କରେ କେହି କିଛି ଜାଣିନଥିବା ବେଳେ ଅଜଣା ରୋଗରେ ପୀଡ଼ିତ ହୋଇ ସମସ୍ତେ ମୃତ୍ୟୁବରଣ କରିଥିବା କହିଛନ୍ତି। ବିଧବା ମହିଳାଙ୍କ ପୁଅ, ଝିଅ ରହଥିବା ବେଳେ ନିଜେ କାମ କରି ପିଲାଙ୍କ ଭରଣପୋଷଣ କରୁଥିବା କହିଛନ୍ତି। ନିକଟରେ ଦୟାଲତଙ୍ଗ ଗ୍ରାମର ୬ ଯୁବକ ବିବାହ କରିଛନ୍ତି। ଏମାନଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ହେବ। ଏହି ଯୁବକଙ୍କ ପରିବାର ଭୟ ଓ ଆତଙ୍କ ଭିତରେ ରହିଛନ୍ତି। ପୂର୍ବରୁ ଗାଁରେ କେହି ବି ପୁରୁଷ ୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିନାହାନ୍ତି। ଆନ୍ଧ୍ର ସୀମାନ୍ତରେ ଥିବା ଗାଁର ସମସ୍ତ ପରିବାର ତେଲୁଗୁ ଭାଷାରେ କଥାବାର୍ତ୍ତା କରୁଛନ୍ତି। ଚାଷ କାର୍ଯ୍ୟ ଜୀବନ ଜୀବିକାର ମାଧ୍ୟମ ହୋଇଛି। ନକ୍ସଲ ପ୍ରଭାବିତ ଏହି ଗାଁରେ ବିକାଶର ଚିହ୍ନବର୍ଣ୍ଣ ନାହିଁ। ଗାଁର ଯୁବତୀ ସୁମତି ଓରଫ ସୀତାମ୍ମା ନକ୍ସଲ ସଂଗଠନ ସହ ଜଡ଼ିତ ହୋଇଥିଲେ। ଏବେ ସ୍ଥିତି ବଦଳିବା ସହ ନକ୍ସଲମୁକ୍ତ ହୋଇଛି ଗାଁ। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ୍ ଭଳି କୌଣସି ସୁବିଧା ନାହିଁ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଏହି ଗାଁର ସ୍ଥିତି ସଂପର୍କରେ ଅବଗତ ନଥିବା କହିଛନ୍ତି। କାଁ ଭାଁ କିଛି ପରିବାରଙ୍କୁ ସରକାରୀ ସୁବିଧା ମିଳୁଥିବା ଗାଁର ମହିଳାମାନେ କହିଛନ୍ତି। ଗାଁର ଯୁବକଙ୍କ ଅକାଳ ବିୟୋଗ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଇ କାରଣ ଖୋଜିବାକୁ ଦାବି ହୋଇଛି।

## ଗ୍ରାମୀଣ କଳା ମହୋତ୍ସବ ଉଦ୍ୟାପିତ



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ସ୍ଥିତ ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀ ଆନୁକୂଲ୍ୟରେ ଓ ପ୍ରତିଷ୍ଠାତା ସତ୍ୟବାନ ପଶ୍ଚିମ କବାଟଙ୍କ ଆବାହକତ୍ୱରେ ଏବଂ ରୌପ୍ୟ ଜୟନ୍ତୀ ଉପଲକ୍ଷେ ଚତୁର୍ଥ ତମ ବୋଲଗଡ ଗ୍ରାମୀଣ କଳା ମହୋତ୍ସବ ଆଜି ଉଦ୍ୟାପିତ ହୋଇଯାଇଛି । ଏହି ମହୋତ୍ସବରେ ଅଶ୍ୱିନୀ କୁମାର ସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ମୁଖ୍ୟବକ୍ତା ଭାବେ ଓଡିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ଓ ସମ୍ମାନିତ ଅତିଥିଭାବେ ରାଜ୍ୟ କିନ୍ନର ସଂଘ ସଭା ନେତ୍ରୀ ମୀରା ପରିଡା,ଚଳଚିତ୍ର ଅଭିନେତ୍ରୀ ପ୍ରତିଭା ପଣ୍ଡା,ହାସ୍ୟ ଅଭିନେତା ବ୍ରଜ ବିହାରୀ ସୁବୁଦ୍ଧି, ସେଣ୍ଟ ଜାଭିୟର ହାଇସ୍କୁଲ ଅଧକ୍ଷା ରିକରାଣୀ ପଟ୍ଟନାୟକ, ଓଡିଶୀ ନୃତ୍ୟ ଗୁରୁ ଅଭିଜିତ ଦେବ ପ୍ରମୁଖ ଯୋଗଦେଇଥିଲେ । ମହୋତ୍ସବର ପ୍ରାରମ୍ଭରେ ସମସ୍ତ ନିମନ୍ତ୍ରିତ ଅତିଥିମାନେ ଜଗନ୍ନାଥଙ୍କ ପ୍ରତି ମୂର୍ତ୍ତିରେ ଫୁଲ,ଚନ୍ଦନ ଓ ଧୂପ ଦୀପ ଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ । ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀର ଛାତ୍ର ଛାତ୍ରୀମାନେ ଗୁରୁ ବନ୍ଦନା ସହିତ ବେଦ ପାଠ ଗାନ କରିଥିଲେ । ସଭାପତି ଅଶ୍ୱନୀ କୁମାର ସିଂହ ସ୍ୱାଗତ ଭାଷଣ ଦେଇ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦିକା କାଦମ୍ବିନୀ ସୁବୁଦ୍ଧି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । କଳା, ସାହିତ୍ୟ, ସଂସ୍କୃତି ମାନବ ସମାଜର ସମ୍ମାନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଶାନ୍ତି ଆଣିଥାଏ ବୋଲି ମୁଖ୍ୟ ଅତିଥି ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସୂଚନା ଦେଇଥିଲେ । ଗ୍ରାମୀଣ କଳାର ବିକାଶ ଘଟିଲେ ଓଡିଶା ରାଜ୍ୟର ସମ୍ମାନ ବୃଦ୍ଧି ପାଇବ ବୋଲି ମୁଖ୍ୟବକ୍ତା ଓଡିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ପରାମର୍ଶ ଦେଇଥିଲେ । ବିଭିନ୍ନ କୃତୀ ପ୍ରତିଭା ସମ୍ବର୍ଦ୍ଧ କଳାକାରମାନଙ୍କୁ ଓ ମାନବ ସେବା ପାଇଁ ଗଣତନ୍ତ୍ର ଚତୁର୍ଥ ସ୍ତମ୍ଭ ସାମ୍ବାଦିକ ମାନଙ୍କୁ ଉତ୍ତରୀୟ, ଫୁଲ ତୋଡ଼ା ଓ ମାନପତ୍ର, ଟ୍ରଫି ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା । ବୋଲଗଡ ଆରାଧନା ପ୍ରିନ୍ସେସ ଡ୍ୟାନ୍ସ ଏକାଡେମୀର କଳାକାର ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଆଧୁନିକ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ ଗୋଟି ପୁଅ ନୃତ୍ୟ ପରିବେଷଣ କରାଯାଇଥିଲା ସମ୍ବଲପୁରୀ ନୃତ୍ୟ ସମସ୍ତ ଦର୍ଶକ ମାନଙ୍କର ମନମହିଥିଲା । ଏହି ଗ୍ରାମୀଣ କଳା ମହୋତ୍ସବକୁ ବହୁ ଦର୍ଶକ ମନଭରି ଉପଭୋଗ କରିଥିଲେ ।

## ଭିଜିଲାନ୍ସ ଜାଲରେ ଉପଜିଲ୍ଲାପାଳ

ଧର୍ମଗଡ଼(ଭାସ୍କର ନ୍ୟୁଜ): ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା। ଜଣେ କ୍ରସର ମାଲିକଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ତାଙ୍କୁ ଭିଜିଲାନ୍ସ ଧରିବା ସହ ସମସ୍ତ ଟଙ୍କା ଜବତ କରିଛି। ଏଥିସହ ତାଙ୍କ ଘରେ ଚଢାଉ କରାଯାଇ ୪୭ଲକ୍ଷ ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ସାରା ରାଜ୍ୟରେ ଦୁର୍ନୀତି ରୋକିବା ପାଇଁ ଭିଜିଲାନ୍ସ ଚଢାଉକୁ ଜୋରଦାର କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଉ ୭ ନୂଆ...

ହୋଇଥିବା ରୋଗୀଙ୍କ କୋଭିଡ ପରୀକ୍ଷା ମଧ୍ୟ କରାଯାଉଛି। ତେବେ ସାରା ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୬ ହଜାର ମୁହାଁ ହୋଇଛି। ମୋଟ ମାମଲା ୫ହଜାର ୭୫୫ରେ ପହଞ୍ଚିଛି। କେରଳ କରୋନାର ହଟ୍‌ସ୍ପଟ୍ ଭାବେ ଚିହ୍ନଟ ହୋଇଛି। ଏଥିସହ ମହାରାଷ୍ଟ୍ର, ଗୁଜରାଟ, ଦିଲ୍ଲୀ, ତାମିଲନାଡୁ, ଉତ୍ତରପ୍ରଦେଶ, କର୍ଣ୍ଣାଟକରେ ମଧ୍ୟ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

### ୧୨ ମାସରେ...

ପଦକ୍ଷେପ ନିଆଯିବ। ଆଗାମୀ ୫ ବର୍ଷ ଭିତରେ ଲକ୍ଷ୍ୟଠାରୁ ବି ଅଧିକ କାମ ହେବ । ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ଓଡ଼ିଶା । ମୁଖ୍ୟମନ୍ତ୍ରୀ କହିଥିଲେ, ଆଗାମୀ ୪ ବର୍ଷ ଓଡ଼ିଶା ୨୦୩୬ ପାଇଁ ମୂଳଦୁଆ ପକାଇବ। ଆମେ ଆଇଓସିଏଲ, ଜେଏସ୍‌ଡବ୍ଲୁ, ଜେଏସପିଏଲ, ଟାଟା ଷ୍ଟିଲ, ବେଦାନ୍ତ, ହିଣ୍ଡାଲକୋ ଏବଂ ଆଦାନୀ ଭଳି ଅଂଶୀଦାରମାନଙ୍କ ଦୃଢ ସମର୍ଥନ ସହିତ ଖଣି, ଧାତୁ ଏବଂ ସବୁଜ ରାସାୟନିକ କ୍ଷେତ୍ରରେ ଆମେ ଆମର ନେତୃତ୍ୱକୁ ନିର୍ମାଣ କରିବୁ। ଏହି ଅବସରରେ ଏମଏସଏମଇ ଏବଂ ମତ୍ସ୍ୟ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଶିଳ୍ପ) ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଳ୍ପ ବିଭାଗ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡି ଧନ୍ୟବାଦ ଦେଇଥିଲେ।

### ପାରଦ ୪୩...

ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଗତ କିଛିଦିନ ହେବ ରାଜ୍ୟରେ ତାତି ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ପୁଣି ଅସହ୍ୟ ତାତି ଲୋକଙ୍କୁ କଲବଲ କରିବ ବୋଲି ଆଶା କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ମଧ୍ୟମରୁ ହାଲୁକା ବର୍ଷା ହୋଇଥିବା ମଧ୍ୟ ରେକର୍ଡ କରାଯାଇଛି। ସକାଳ ୮ଟାରୁ ତାତିର ପ୍ରଭାବ ଅନୁଭୂତ ହେଉଛି। ତେଣୁ ୧୦ଟା ପରେ ଦୋକାନ ବଜାର ବନ୍ଦ ହେବା ସହ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଅତି ଆବଶ୍ୟକ ନଥିଲେ ପ୍ରଚଣ୍ଡ ଖରାରେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି।

### ଡ୍ରୋନ ସାହାଯ୍ୟରେ...

ଚାରମାଳ ଥାନା ବଡ଼ମାଳ ଅଞ୍ଚଳରେ ଥିବା ଜଙ୍ଗଲରେ ଆତ୍ମଗୋପନ କରିଥିବା ସୂଚନା ମିଳିବା ପରେ ସେମାନଙ୍କ ଗତିବିଧି ଉପରେ ନଜର ରଖିବାକୁ ଡ୍ରୋନ୍ କ୍ୟାମେରାର ସହାୟତା ନିଆଯାଉଛି। ମାଓବାଦୀଙ୍କୁ ଡ୍ରୋନ୍ ସାହାଯ୍ୟରେ ଖୋଜି ଚାଲିଛନ୍ତି ସୁରକ୍ଷାକର୍ମୀ। ସମ୍ବଲପୁରର ନାକଟିଦେଉଳ ଜଙ୍ଗଲରେ ଡ୍ରୋନ୍ ଉଡୁଥିବାର ଦେଖିବାକୁ ମିଳୁଛି। ଯଦିଓ ସରକାରୀ ଭାବେ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ, ତେବେ ଜଙ୍ଗଲରେ ଲୁଚିଥିବା ମାଓବାଦୀଙ୍କୁ ନିଶ୍ଚିତ ନିପାତ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ମାଓବାଦୀମାନେ ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର, ବୌଦ୍ଧ ଓ ସମ୍ବଲପୁର ଆଦି ଜିଲ୍ଲାରେ ପ୍ରବେଶ କରି ପୁରୁଣା ସଂଗଠନକୁ ସକ୍ରିୟ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ମାଓବାଦୀଙ୍କ ଗତିବିଧି ନେଇ ସୂଚନା ମିଳିବା ପରେ ପୋଲିସ ଓ ଏସଓଜିର ମିଳିତ କମ୍ବିଂ ଅପରେସନ ଆରମ୍ଭ ହୋଇଯାଇଛି। ୪ ପ୍ଲାଟୁନ୍ ଯବାନଙ୍କୁ ନେଇ ଅପରେସନ ଜୋରଦାର ହୋଇଛି। ପୂର୍ବରୁ ଯୁଯୁମୁରା ଓ ମେଘପାଲ ଆଦି ଅଞ୍ଚଳ ମାଓବାଦୀ ଗଡ଼ଭାବେ ପରିଚିତ ଥିଲେ। ଛତିଶଗଡ଼ ଓ ଆନ୍ଧ୍ରପଟୁ ମାଓବାଦୀମାନେ ଓଡ଼ିଶା ଭିତରକୁ ପଶି ସୋନପୁର, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ଆଡ୍ଡା ଜମାଉଥିବା ଚର୍ଚ୍ଚା ମଧ୍ୟ ଲାଗି ରହିଛି। ତେବେ ସୁରକ୍ଷାକର୍ମୀଙ୍କ ଜୋରଦାର ସର୍ଚ୍ଚ ଅପରେସନ ସେମାନଙ୍କୁ ଠାବ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ତିନିରଥର ଛନ୍ଦା ଗୟଳ ମୋଡା ଶେଷ

ପୁରୀ (ଭାସ୍କର ନ୍ୟୁଜ) : ତିନି ରଥର ମୋଟ ୩୨ ଗୋଟି ଗୟଳ ମଧ୍ୟରୁ ୧୬ ଗୋଟି ପୋଲ ଗୟଳ ତିନିରଥ ରେ ମୋଡା ଶେଷ ହୋଇଥିଲା, ବାକି ୧୬ ଗୋଟି ଛନ୍ଦା ଗୟଳ ମଧ୍ୟରୁ ତିନି ରଥ ଉଭୟ ପାର୍ଶ୍ୱରେ ଗୋଟିଏ ଗୋଟିଏ ଛନ୍ଦା ଗୟଳ ମୋଡା ଯାଇ କଣ୍ଟା ବସିବା ପାଇଁ ଦଉଡିରେ ବାନ୍ଧେଣୀ ପଡ଼ିଥିଲା। ବାକି ୧୦ ଗୋଟି ଛନ୍ଦା ଗୟଳରୁ ତାଳଧ୍ୱଜ ରଥର ୪ ଗୋଟି, ନନ୍ଦିଘୋଷ ରଥର ୪ ଗୋଟି ଏବଂ ଦର୍ପଦଳନ ରଥର ୨ ଗୋଟି ଛନ୍ଦା ଗୟଳ ରଥ ଉଭୟ ପାର୍ଶ୍ୱରେ ମୋଡା ଶେଷ ହୋଇ ବାନ୍ଧେଣୀ ପଡ଼ିଛି। ଏହା ଦୁଇ ପାର୍ଶ୍ୱ ନିରାଡ଼ିରେ ସଂଯୋଗ ହୋଇ ଗୟଳ ଏବଂ ନିରାଡିରେ ଖୋଦେଇ କାପ ଶେଷ ହୋଇ କଣ୍ଟା ବାଡ଼ିଆ ଶେଷ ହୋଇଛି। ଦର୍ପଦଳନ ରଥର ଦୁଇଗୋଟି ପାର୍ଶ୍ୱ ଚାନ୍ଦା ଗୟଳ ମଧ୍ୟରୁ ଗୋଟିଏ ଛନ୍ଦା ଗୟଳ କାପ ପରେ କଣ୍ଟା ବସିବା ପାଇଁ ଦଉଡିରେ ଭିଡ଼ି ବାନ୍ଧେଣୀ ସମୟରେ ଛନ୍ଦା ଗୟଳଟି ମଝିରୁ ଫାଟି ଭାଙ୍ଗିଯିବା କାରଣରୁ ଦର୍ପଦଳନ ରଥର ମୁଖ୍ୟ ମହାରଣା ସେବକ ନାରାୟଣ ମହାରଣାଙ୍କ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ନୂତନ ୪୦ ଫୁଟିଆ ଧଉରା କାଠକୁ ଦ୍ୱୋ ରଥ ର ସହଯୋଗୀ ମହାରଣା ସେବକ ମାନେ ଚଉପଟ ଶେଷ କରି ଉଦ୍ଦିଷ୍ଟ ଛନ୍ଦା ଗୟଳକୁ ମାପ ପ୍ରକାରେ କାପ ଖୋଦେଇ ସହ ଛନ୍ଦା ଗୟଳ ପଡ଼ି ଦଉଡିରେ ବାନ୍ଧେଣୀ ସହ କଣ୍ଟା ବାଡ଼ିଆ ଶେଷ କରିଛନ୍ତି। ତିନି ରଥର ୪୪ ଗୋଟି ଯୋକା ଫିଟିଙ୍ଗ ପାଇଁ ପୂର୍ବ ପ୍ରସ୍ତୁତି ଶେଷ ରଥ ନିର୍ମାଣ କାର୍ଯ୍ୟ ଶେଷ ହେବା ପୂର୍ବରୁ ଭୋଇ ସେବକ ମାନେ ନିର୍ମାଣ ଶେଷ ହୋଇଥିବା ଯୋକା ଗୁଡ଼ିକୁ ନେଇ ତିନି ରଥରେ ଡେରିଛନ୍ତି। ଆସନ୍ତାକାଲି ତିନି ରଥରେ ଯୋକା ଗୁଡ଼ିକ ଫିଟିଙ୍ଗ କରାଯିବ ବୋଲି ସୂଚନା ମିଳିଛି। ଏଥି ସହ ଆଜି ମହାରଣା ସେବକମାନେ ତିନି ରଥର ଚାରି ଗୋଟି ଲେଖାଏଁ ଧ୍ୱଜବତା ନିର୍ମାଣ ଶେଷ କରିଛନ୍ତି। ରୂପକାର ସେବକମାନେ ତିନିରଥ ନାଟ ଗୋଡ଼ରେ ରାହୁ ରୂପ ବା ଗନ୍ଧର୍ବ ରୂପ ଖୋଦେଇ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ଗୟଳ କଣ୍ଟା ଶେଷ କରି ତିନି ରଥର ତେର ପରାସ୍ତ ପୋଟଳ ନିର୍ମାଣ ପାଇଁ ଜଂଘା କଣ୍ଟା, ବାଗିଆ କଣ୍ଟା, ଗୋଡ଼ି ଛାଲ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।



## ମହାପ୍ରଭୁଙ୍କ ପାଇଁ ଖୋଲାଯିବ ଡିଜିଟାଲ ହୁଣ୍ଡି

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀ ମନ୍ଦିର ପାଇଁ ଆରମ୍ଭ ହେବ ଡିଜିଟାଲ ହୁଣ୍ଡି । ଏନେଇ ସମର୍ପଣ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର କୋଣ ଅନୁକୋଣରେ ଥିବା ବ୍ୟାଙ୍କର ବିଭିନ୍ନ ଶାଖାରେ ଡିଜିଟାଲ ହୁଣ୍ଡି ସ୍ଥାପନ ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ଆଇନ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି । ଏହାଦ୍ୱାରା ଭକ୍ତମାନେ ୟୁପିଆଇ ମାଧ୍ୟମରେ ସିଧାସଳଖ ଜଗନ୍ନାଥ ମନ୍ଦିରର ଖାତାକୁ ନିଜର ଦାନ ପ୍ରଦାନ କରିପାରିବେ।ମହାପ୍ରଭୁଙ୍କ ପାଣ୍ଠି ବଢ଼ାଇବାକୁ ଆରମ୍ଭ ହେବ ସମର୍ପଣ କାର୍ଯ୍ୟକ୍ରମ। ଦେଶର କୋଣ ଅନୁକୋଣରେ ଥିବା ବ୍ୟାଙ୍କର ବିଭିନ୍ନ ଶାଖାରେ ରହିବ ଡିଜିଟାଲ ହୁଣ୍ଡି। ବିଭିନ୍ନ ବ୍ୟାଙ୍କର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କ ସହ ଡିଜିଟାଲ ହୁଣ୍ଡି ଆରମ୍ଭ କରିବା ପାଇଁ ଆଲୋଚନା ଆରମ୍ଭ ସମର୍ପଣ କାର୍ଯ୍ୟକ୍ରମ ଦ୍ୱାରା ଅନଲାଇନ ଦାନ ପ୍ରକ୍ରିୟାକୁ ସୁଗମ ଓ ସରଳ କରିବାର ଲକ୍ଷ୍ୟ ରଖାଯାଇଛି। ଫଳରେ ଭକ୍ତମାନେ ଯେକୌଣସି ସ୍ଥାନରୁ ମନ୍ଦିର ପାଇଁ ଦାନ କରିପାରିବେ। ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ ଓ ବାହାରେ ଥିବା ବ୍ୟାଙ୍କଗୁଡ଼ିକରେ ପୃଥକ ଡିଜିଟାଲ ହୁଣ୍ଡି ସ୍ଥାପନ କରାଯିବ।

OFFICE OF THE PRINCIPAL CUM SECRETARY
PANCHAYAT SAMITI DEGREE COLLEGE, TUREKELA
AFFILIATED TO RAJENDRA UNIVERSITY
AT/ PO- TUREKELA, DIST- BALANGIR (ODISHA) PIN-767060
Email Id- psdegreecollege2018@gmail.com, Contact-7873995924
No: 140/PSDCT Dated: 07.06.2025

ADVERTISEMENT FOR WALK-IN INTERVIEW

Applications are invited from the eligible candidate for the following post to be engaged on Contractual basis at Panchayat Samiti Degree College, Turekela, Dist- Balangir. Interested candidates having requisite qualification should report at the Office of the undersigned with their CV with original and Xerox copies of all Educational Certificate and Mark sheet from H.S.C onwards and two passport size photograph duly self attested by them and attain interview at 10:00 am on Dt:22.06.2025 (Sunday) in the College Premises.

Requirement Post and Qualification:

1. Lecturer in History (2nd Post), M.A in History with Aggregate 55% Mark. (M.Phil or Ph.d Candidates are more preferable).
2. Librarian, M.Lib or B.Lib with Aggregate 55% Mark.
3. P.E.T, M.Ped or B.Ped with Aggregate 55% Mark.

N.B
* No TA/ DA will be paid for attending the said interview.
* The engagement will be purely temporary and may be terminated at any time without assigning any reason thereof.
* The Governing Body reserves the right of appointment.
* Candidate must have attained the age of 21 and must not be above to 42.
* Candidate must obtain their Degree from a Recognized University on Regular mode.
* Preference will be given to candidate having Higher Qualification.

Sd/-Principal - Cum- Secretary
P.S Degree College, Turekela

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ରୂପମ ଟେକ୍ସଟାଇଲ୍ସ ଟ୍ରେଡିଙ୍ଗ ପ୍ରାଇଭେଟ ଲିମିଟେଡ୍ (ଲିକ୍ୱିଡେସନରେ)
(ମାନ୍ୟବର ଏନସିଏଲଟି ଆଦେଶ ତାରିଖ ୨୫/୦୪/୨୦୨୫ ଅନୁସାରେ କମ୍ପାନୀର ଲିକ୍ୱିଡେସନ ପ୍ରକ୍ରିୟା)
ସିଆଇଏନ୍ : ୟୁ୧୮୧୦୧୦ଆର୨୦୦୪ପିଟିସି୦୦୭୫୭୯
କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ : ଏକ , ଜନପଥ, ଖାରବେଳ ନଗର, ଭୁବନେଶ୍ୱର ୭୫୧୦୦୧, ଓଡ଼ିଶା
ଲିକ୍ୱିଡେଟରଙ୍କ ବିବରଣୀ: ସିଏ(ଆଇପି) ପାୟଲ ଅଗ୍ରୱାଲ, ଯୋଗାଯୋଗ ନଂ- ୯୪୩୮୭୩୦୦୦୦
E-mail: agarwalpayal2008@gmail.com/roopam.cirp@gmail.com

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କୁ ସୂଚାଇ ଦିଆଯାଉଅଛି ଯେ ଇନସଲଭେନସୀ ଆଣ୍ଡ ବ୍ୟାଙ୍କ୍ରପ୍ଟସୀ ବୋର୍ଡ ଅଫ ଇଣ୍ଡିଆ (ଲିକ୍ୱିଡେସନ ପ୍ରକ୍ରିୟା) ରେଗୁଲେସନସ୍, ୨୦୧୬ ଅନୁଯାୟୀ ରୂପମ ଟେକ୍ସଟାଇଲ୍ସ ଟ୍ରେଡିଙ୍ଗ ପ୍ରାଇଭେଟ ଲିମିଟେଡ (ଲିକ୍ୱିଡେସନରେ) (କର୍ପୋରେଟ୍ ଋଣଗ୍ରହୀତା)ର ସମ୍ପତ୍ତିଗୁଡ଼ିକୁ ଇ-ନିଲାମ ପ୍ଲାଟଫର୍ମ https://ibbi.baanknet.com ମାଧ୍ୟମରେ, ଏକୀକୃତ ଭିତ୍ତିରେ ନିମ୍ନପ୍ରଦତ୍ତ ବିବରଣୀ ଆଧାରରେ ବିକ୍ରୟ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଇ-ନିଲାମ "ଯେଉଁଠାରେ ଯେପରି ଅଛ", "ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା କୌଣସି ଆଇନଗତ ସହାୟତା" ଭିତ୍ତିରେ ଅନୁଷ୍ଠିତ ହେବ।

| କ୍ର. ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ (ଟଙ୍କାରେ) | ଅମାନତ ଜମାରାଶି(ଟଙ୍କାରେ) | ବିଡ୍ ବୃଦ୍ଧି ପରିମାଣ (ଟଙ୍କାରେ) |
|---|---|---|---|---|
| ୧ | ମହିଳା ଏବଂ ପିଲାମାନଙ୍କ ରେଡିମେଡ୍ ପୋଷାକଗୁଡ଼ିକର ଷ୍ଟକ୍ | ଟ.୭,୮୭,୫୦୦/- | ଟ.୭୮,୭୫୦/- | ଟ.୧୦,୦୦୦/- |
| ୨ | ଟାଟା ଟିଆଗୋ କାର୍ | ଟ.୭୪,୧୫୦/- | ଟ.୭,୪୧୫/- | ଟ.୧୦,୦୦୦/- |

| | |
|---|---|
| ଯୋଗ୍ୟତା କାଗଜାତ୍ ଦାଖଲର ଅନ୍ତିମ ତାରିଖ | ତା ୨୩.୦୬.୨୦୨୫ରିଖ |
| କର୍ପୋରେଟ ଋଣଗ୍ରହୀତାଙ୍କ ସମ୍ପତ୍ତିଗୁଡ଼ିକର ତନଖି କରିବାର ସମୟ ଅବଧି | ତା ୨୩.୦୬.୨୦୨୫ରିଖ ଠାରୁ ତା ୦୩.୦୭.୨୦୨୫ରିଖ ପର୍ଯ୍ୟନ୍ତ (ପୂର୍ବାହ୍ନ ୧୧:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ପର୍ଯ୍ୟନ୍ତ) |
| ଅମାନତ ଜମାରାଶି ଦାଖଲ କରିବାର ଅନ୍ତିମ ତାରିଖ | ତା ୦୬.୦୭.୨୦୨୫ରିଖ |
| ଯୋଗ୍ୟ ବିଡରମାନଙ୍କ ନିମନ୍ତେ ନିଲାମ ତାରିଖ ଏବଂ ସମୟ | ତା ୦୭.୦୭.୨୦୨୫ରିଖ (ପୂର୍ବାହ୍ନ ୧୦:୩୦ ଘଟିକାରୁ ଅପରାହ୍ନ ୧୨:୩୦ ଘଟିକା ପର୍ଯ୍ୟନ୍ତ) |

ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ନିମ୍ନମତେ:-
୧. ଆଗ୍ରହୀ ବିଡରମାନେ ଇ-ନିଲାମ ପ୍ରକ୍ରିୟା କାଗଜାତ୍ ନିର୍ଦ୍ଧାରିତ ନିୟମ ଏବଂ ସର୍ତ୍ତାବଳୀକୁ ବାଧ୍ୟତାମୂଳକ ଭାବରେ ପଢ଼ିବା ଏବଂ ସେଥିରେ ରାଜି ହେବା ପରେ ଅଂଶଗ୍ରହଣ କରିବେ ଏବଂ ତଦନୁସାରେ ଇ-ନିଲାମ ପ୍ରକ୍ରିୟା କାଗଜାତ୍ ନିର୍ଦ୍ଧାରିତ ପଦ୍ଧତିରେ ସେମାନଙ୍କର ଆଗ୍ରହ ଉପସ୍ଥାପନ କରିବେ।
୨. ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟାର ବିସ୍ତୃତ ନିୟମ ଏବଂ ସର୍ତ୍ତାବଳୀ ସହିତ ବିଡ୍‌ଫର୍ମ ୱେବସାଇଟ୍: https://baanknet.com/ ରୁ ଡାଉନଲୋଡ୍ କରାଯାଇପାରିବ।
୩. ସମ୍ଭାବ୍ୟ ବିଡରମାନେ ଆଗ୍ରହର ପରିପ୍ରକାଶ (EOI) ଦାଖଲ ସମୟରେ ଏକ ପ୍ରତିଶ୍ରୁତିପତ୍ର ଦାଖଲ କରିବେ ଯେ ସେମାନେ ପ୍ରଯୁଜ୍ୟ ସଂସ୍ଥା ନିକଟରେ କୋଡ୍‌ର ଧାରା ୨୯ଏ ଅନୁଯାୟୀ କୌଣସି ପ୍ରକାରେ ଅଯୋଗ୍ୟ ନୁହଁନ୍ତି। ଆହୁରି ମଧ୍ୟ, ଯଦି କୌଣସି ପର୍ଯ୍ୟାୟରେ ଅଯୋଗ୍ୟ ବୋଲି ଜଣାପଡ଼େ, ତେବେ ସେମାନଙ୍କର ଅମାନତ ଜମା ରାଶି ବାଜ୍ୟାପ୍ତ କରାଯିବ।
୪. ଲିକ୍ୱିଡେଟରଙ୍କର କୌଣସି କାରଣ ନ ଦର୍ଶାଇ, ଯେ କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ/ଗୁଡ଼ିକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବା କିମ୍ବା ଇ-ନିଲାମକୁ ସ୍ଥଗିତ ରଖିବା/ବାତିଲ/ ସଂଶୋଧନ/ ରଦ୍ଦ କରିବା କିମ୍ବା ନିଲାମ ପ୍ରକ୍ରିୟାରୁ ଏହାର କୌଣସି ସମ୍ପତ୍ତିକୁ ପ୍ରତ୍ୟାହାର କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି।
୫. ଅମାନତ ଜମାରାଶି ଦାଖଲ କରିବା ଏବଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପୂର୍ବରୁ, ବିସ୍ତୃତ ଇ-ନିଲାମ ପ୍ରକ୍ରିୟା କାଗଜାତ୍‌ରେ ଉଲ୍ଲେଖ ଥିବା ସମସ୍ତ ନିୟମ ଏବଂ ସର୍ତ୍ତାବଳୀଗୁଡ଼ିକୁ ଅନୁସରଣ କରାଯିବା ବାଧ୍ୟତାମୂଳକ।
୬. ସଫଳ ନିଲାମଧାରୀମାନେ ଲିକ୍ୱିଡେଟରଙ୍କ ଦ୍ୱାରା ଇଣ୍ଟେଣ୍ଟ ପତ୍ର ଜାରି ହେବା ତାରିଖର ୩୦ ଦିନ ମଧ୍ୟରେ ନିଷ୍ପତ୍ତି ହୋଇଥିବା ବିକ୍ରୟ ରାଶିର ଅବଶିଷ୍ଟାଂଶ ପଇଠ କରିବେ। ୩୦ ଦିନ ଅତିକ୍ରାନ୍ତ ପରେ ୯୦ ଦିନ ମଧ୍ୟରେ ଅବଶିଷ୍ଟ ବିକ୍ରୟ ରାଶି ପଇଠ କରାଗଲେ ସେଥିପାଇଁ ୧୨% ହାରରେ ସୁଧ ଲାଗୁ କରାଯିବ। ଇଣ୍ଟେଣ୍ଟ ପତ୍ର ଜାରି ହେବା ତାରିଖ ଠାରୁ ୯୦ ଦିନ ମଧ୍ୟରେ ଦେୟ ପଇଠ କରାନଗଲେ ବିକ୍ରୟ ବାତିଲ କରାଯିବ।

ସ୍ୱା/- ସିଏ (ଆଇପି) ପାୟଲ ଅଗ୍ରୱାଲ
ପଞ୍ଜିକୃତ ନଂ.: IBBI/IPA-001/IP-P-02254/2021-22/13571
ଲିକ୍ୟୁଡେଟର, ରୂପମ ଟେକ୍ସଟାଇଲ୍ସ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ ବିଷୟରେ
ଏଏଫ୍‌ଏ ବୈଧତା- ୩୧.୧୨.୨୦୨୫ ପର୍ଯ୍ୟନ୍ତ
ସ୍ଥାନ: କଟକ
ତାରିଖ: ୦୯.୦୬.୨୦୨୫

## ନଗର ଉନ୍ନୟନ ବିଭାଗକୁ ମୁଖ୍ୟ ପ୍ରଶାସକଙ୍କ ଚିଠି
## କୋଠାବାଡି ପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କର

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଅବସ୍ଥିତ ତଥା ଭବିଷ୍ୟତରେ ନିର୍ମିତ ହେବାକୁ ଥିବା କୋଠାବାଡି ପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ ନିମନ୍ତେ ପଦକ୍ଷେପ ଗ୍ରହଣ ଲାଗି ରାଜ୍ୟ ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ଲେଖିଥିବା ପତ୍ରରେ ମୁଖ୍ୟ ପ୍ରଶାସକ ଦର୍ଶାଇଛନ୍ତି ଯେ, ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ସୁରକ୍ଷା ତଥା ଏହାର ସାଂସ୍କୃତିକ ଐତିହ୍ୟକୁ ଦୃଷ୍ଟିରେ ରଖି ଏହି କୋଠାବାଡିଗୁଡ଼ିକର ଉଚ୍ଚତା ଧାର୍ଯ୍ୟ ହେବା ସହ ସାମ୍ମୁଖଭାଗ କଳିଙ୍ଗ ସ୍ଥାପତ୍ୟ ଢାଞ୍ଚାରେ କରାଯିବା ନେଇ ଏକ ନୀତି ପ୍ରସ୍ତୁତି ହେବା ଜରୁରୀ । ସେହିପରି କୋଠାବାଡିଗୁଡିକ ବ୍ୟବହାର କରୁଥିବା ନାମଫଳକ ଏବଂ ବିଜ୍ଞାପନ ଉପରେ ମଧ ଆବଶ୍ୟକ କଟକଣା ପାଇଁ ଏଥିରେ ବ୍ୟବସ୍ଥା କରାଯାଇପାରେ ବୋଲି ସେ ଜଣାଇଛନ୍ତି । ଏହାସହ ସମଗ୍ର ଅଂଚଳରେ ଆଧ୍ୟାତ୍ମିକ ବାତାବରଣକୁ ବଜାୟ ରଖିବା ପାଇଁ ସୌନ୍ଦର୍ଯ୍ୟକରଣ ତଥା ଖାଲି ସ୍ଥାନ ବ୍ୟବହାର ନେଇ ମଧ ସେହି ନୀତିରେ ବିଚାର କରିବାକୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି । ପୂର୍ବରୁ ଗତ ତା ୨୬-୦୫-୨୦୨୫ରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ଉଚ୍ଚସ୍ତରୀୟ ପ୍ରଶାସନିକ କମିଟି ବୈଠକରେ ଏନେଇ ଆଲୋଚନା ହେବା ସହ ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ହୋଇଥିଲା ।

ZILLA PARISHAD, KANDHAMAL
(Panchayati Raj & Drinking Water Department)
CAD-700
TCN NO 2193 /2025-26/XLVIII-13/2025 Dated 05.06.2025
TENDER CALL NOTICE

Sealed tender(Percentage Rate) are invited from the interested "C" & "D" Class Contractors in respected to each works, registered with the Govt. for execution of civil works under Zilla Parishad, Kandhamal, Phulbani. The detail notification is available at official web site kandhamal.Odisha.gov.in . Interested Contractors fulfilling the eligibility criteria may submit their proposal(s) with EMD, Tender Paper Cost and document as per tender call notice. The bidder(s) have to submit their complete proposal(s) in all respect through Registered Post/ Speed Post at the Zilla Parishad, Kandhamal, Phulbani should reach the undersigned on or before 20-06-2025 at 5.30PM. The undersigned reserves the right to reject any or all the tenders without assigning any reason thereof.

Sd/-
C.D.O.-cum-E.O.,Zilla Parishad, Kandhamal, Phulbani.
OIPR 10015/11/0028/2526

B-187
E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)

File No-B-I-Tourism-06/2025 Lr. No.- 22056 Bhubaneswar, the 4th June, 2025

Invitation for Bids

Bid Identification No. C.E. (B) – 10 / 2025-26

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work, "Construction of Proposed Dhanuyatra Raj Mahal at Nishamani High School Field, Bargarh" as detailed below. | | |
| 2. | Nature of work | : | Building work |
| 3. | No. of work | : | 01 No. |
| 4. | Bid Cost. | : | ₹10,000/- (each) |
| 5. | Class of Contractor | : | 'A' / Special Class |
| 6. | Availability of Bid Documents in the website | : | From dt.10.06.2025 to 17.00 Hours of dt.25.06.2025. |
| 7. | Date of Opening of Bid | : | Dt.26.06.2025 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR 34117/11/0102/2526
Sd/-Chief Engineer (Buildings-I), Odisha, Bhubaneswar

GOVT. OF ODISHA, e- PROCUREMENT NOTICE
A-266
DEPARTMENT OF WATER RESOURCES
E-PROCUREMENT NOTICE
E-mail: eessdivision@gmail.com,
BID IDENTIFICATION NO- 02/2025-26

1. The Executive Engineer, Support Services Division, Bhubaneswar on behalf of Govt. of Odisha invites bid in Single Cover system in ONLINE MODE from eligible manpower service provider as detailed below:
2. Number of Works : 2 Nos
3 Date & Time of availability of Bid Documents in the Portal : 10.06.2025 to 18.06.2025 up to 04.00 PM
4. Last Date & Time of Online Bidding : 18.06.2025 up to 04.00 PM
5. Date & Time of Opening of Online Bid : 18.06.2025 at 05.00 PM
5. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/ corrigendum/ cancellation of tender can also be seen in the said site.

| Sl No | Name of Work | Bid Identification No. | Cost of Work in Lakhs of Rupees | Paper Cost (in Rs.) | E.M.D. in Rupees (1%) | Period | Class of Contract or |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | Sweeping, cleaning and sanitation to the Secha Sadan Building premises and Annual Maintenance of Garden and Lawn of the Secha Sadan Complex, Bhubaneswar, Odisha for the period of 01.07.2025 to 29.03.2026 | EE, SSD 02(1)/25-26 | 23.53 | 6,000.00 | 23,600.00 | 9Months | Human Resources Supply |
| 02 | Sweeping, cleaning and Sanitation to the HP Administrative Building(including inside & outside of premises) at Delta Square, Bhubaneswar, Odisha for the period of 01.07.2025 to 29.03.2026 | EE, SSD 02(2)/25-26 | 12.32 | 6,000.00 | 12,400.00 | 9Months | Human Resources Supply |

Sd/-
Executive Engineer,
Support Services Division
Bhubaneswar.
OIPR 32447/11/0019/2526

GOVERNMENT OF ODISHA
A-262
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
HEAD WORKS DIVISION, SAMAL
INVITATION FOR BIDS (IFB)
Email ID- ee.hwd.samal@gmail.com
'e'-Procurement Notice No. SE-HWD- 02/2025-26

The Superintending Engineer, Head Works Division, Samal on behalf of Governor of Odisha invites Item Rate bid in single cover system to be received in ONLINE MODE from reputed and experienced manpower service provider for providing Outsourcing Personnel on Department of Water Resources, O/o Superintending Engineer, Head Works Division, Samal who must possess valid labour license for engagement of labour for different works mentioned below. The proof of registration from the appropriate authority shall be enclosed along with the Bid.

| | | | |
|---|---|---|---|
| 1 | Name of the works | : | Labour supply for operation and maintenance of water supply system at Samal Barrage Township for the period May 2025 to March 2026 |
| 2 | Estimated Cost | : | Approximately 19.84 lakhs |
| 3 | Cost of tender paper | : | Rs. 6000.00 (Non-refundable) |
| 4 | EMD/ Bid Security | : | Rs.19,900.00 (Refundable) |
| 5 | Class of contractor | : | 'Registered firm with valid labour license', EPF and ESI registration certificate |
| 6 | Period of Completion of work | : | During the FY 2025-26 |
| 7 | Date and time of availability of bid Document in the website | : | From 11.00 A.M of Dt. 09.06.2025 to 5.00 P.M. of Dt.18.06.2025 in the website (www.tendersodisha.gov.in) |
| 8 | Date, time and place of opening of online tender | : | Dt.19.06.2025 at 11.00 A.M in O/o the Superintending Engineer, Head Works Division, Samal |
| 9 | Date, time and place for finalization of tender through Transparent Lottery System (if required) | : | Intimate later |
| 10 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 11 | Name and Address of Officer inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township Dist: Angul, Odisha, PIN-759037 Email ID- ee.hwd.samal@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Superintending Engineer
Head Works Division, Samal
OIPR 32020/11/0012/2526



ନୂଆଦିଲ୍ଲୀ: ଅପରେସନ ସିନ୍ଦୂରରେ ପାକିସ୍ତାନର ଅନେକ ଏୟାରବେସ୍ ଭାରତର କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱଂସ ହୋଇଛି । ଅନ୍ୟପଟେ ପାକିସ୍ତାନ କିନ୍ତୁ ନିଜ ଜନତାଙ୍କୁ ଖୁସି କରାଇବା ପାଇଁ ମିଛ ଦାବି କରିବାରେ ଲାଗିଛି । ପାକିସ୍ତାନ ଦାବି କରିଥିଲା ଯେ ସେ ଭାରତର ଆଦମପୁର ଏୟାରବେସ ଉପରେ ଆକ୍ରମଣ କରିଥିଲା ଓ ସୁଖୋଇ ବିମାନକୁ କ୍ଷତି ପହଞ୍ଚାଇଛି । ଭାରତ ସ୍ପଷ୍ଟ ଭାବରେ ଏହି ଦାବିକୁ ଖଣ୍ଡନ କରିଥିଲା । ନିଜେ ପ୍ରଧାନମନ୍ତ୍ରୀ ମୋଦୀ ସେନାର ଯବାନଙ୍କୁ ଭେଟିବା ପାଇଁ ଆଦମପୁର ଏୟାରବେସ୍ ପହଞ୍ଚିଥିଲେ । ଏୟାରବେସ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ପ୍ରମାଣିତ ହୋଇଥିଲା । ବର୍ତ୍ତମାନ, ଜିଓ ପଲିଟିକ୍ସ ଏକ୍ସପର୍ଟ ଡେମିୟନ ସାଇମନ ଏକ୍ସର ଫଟୋ ସହ ପାକିସ୍ତାନ କରୁଥିବା ଦାବିର ଫ୍ୟାକ୍ଟ ଚେକ୍ କରିଛନ୍ତି । ସେ ଲେଖିଛନ୍ତି, ରିପୋର୍ଟରେ ଦାବି କରାଯାଇଥିଲା ଯେ ପାକିସ୍ତାନ ଆଦମପୁର ଏୟାରବେସ୍ ଉପରେ ଆକ୍ରମଣ କରିଛି ଓ ସୁଖୋଇ ଏସୟୁ-୩୦ ଏମକେଆଇ ବିମାନକୁ କ୍ଷତି ପହଞ୍ଚାଇଛି । କିନ୍ତୁ ପାକିସ୍ତାନ ସଂଘର୍ଷର ଦୁଇ ମାସ ପୂର୍ବରୁ ମାର୍ଚ୍ଚରେ ନିଆଯାଇଥିବା ସାଟେଲାଇଟ୍ ଫଟୋ ସେୟାର କରିଛି ।

# ନାରୀ ଶକ୍ତି ବିକଶିତ ଭାରତ ସଂକଳ୍ପର ଅଙ୍ଗ : ମୋଦି




ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବିକଶିତ ଭାରତ ଦିଗରେ ଜାରି ରହିଥିବା ଯାତ୍ରାରେ ମହିଳାମାନେ ଗ୍ରହଣ କରିଥିବା ପରିବର୍ତ୍ତନକାରୀ ଭୂମିକା ଉପରେ ଆଲୋକପାତ କରିଛନ୍ତି। ଏଥିସହିତ ସେ ଗତ ୧୧ ବର୍ଷ ମଧ୍ୟରେ ମହିଳା ନେତୃତ୍ୱାଧୀନ ବିକାଶ ଉପରେ ସରକାରଙ୍କ ପ୍ରାଥମିକତା ଉପରେ ଆଲୋକପାତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମର ମା', ଭଉଣୀ ଏବଂ ଝିଅମାନେ ଏପରି ସମୟ ଦେଖିଛନ୍ତି, ଯେତେବେଳେ ସେମାନଙ୍କୁ ପ୍ରତ୍ୟେକ ପଦକ୍ଷେପରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। କିନ୍ତୁ ଆଜି ସେମାନେ କେବଳ ଏକ ବିକଶିତ ଭାରତର ସଂକଳ୍ପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁନାହାନ୍ତି, ବରଂ ଶିକ୍ଷା ଠାରୁ ବ୍ୟବସାୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଉଦାହରଣ ମଧ୍ୟ ସୃଷ୍ଟି କରୁଛନ୍ତି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏନଡିଏ ସରକାର ପ୍ରଭାବଶାଳୀ ପଦକ୍ଷେପର ଏକ ଶୃଙ୍ଖଳା ମାଧ୍ୟମରେ ମହିଳା ନେତୃତ୍ୱାଧୀନ ବିକାଶକୁ ପୁନଃପରିଭାଷିତ କରିଛି। ଏଥିରେ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ମର୍ଯ୍ୟାଦା ସୁନିଶ୍ଚିତ କରିବା ଠାରୁ ଆରମ୍ଭ କରି ଜନଧନ ଆକାଉଣ୍ଟ ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ତୃଣମୂଳ ସ୍ତରରେ ସଶକ୍ତିକରଣ ଅନ୍ତର୍ଭୁକ୍ତ। ସେ ଉଜ୍ଜ୍ୱଳା ଯୋଜନାକୁ ଏକ ମାଇଲଖୁଣ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯାହା ଅନେକ ପରିବାରକୁ ଧୂଆଁମୁକ୍ତ ରୋଷେଇ ଘର ଯୋଗାଇ ଦେଇଛି। ପ୍ରଧାନମନ୍ତ୍ରୀ ବେଟୀ ବଚାଓ ବେଟୀ ପଢ଼ାଓ ଅଭିଯାନର ବିଷୟରେ ଉଲ୍ଲେଖ କରି ଏହାକୁ ସେ କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ଏକ ଜାତୀୟ ଆନ୍ଦୋଳନ ଭାବରେ ବର୍ଣ୍ଣନା କରିଥିଲେ। ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି, ଯେ ବିଜ୍ଞାନ, ଶିକ୍ଷା, କ୍ରୀଡା, ଷ୍ଟାର୍ଟଅପ୍ ଏବଂ ସଶସ୍ତ୍ର ବାହିନୀ ସମେତ ସମସ୍ତ କ୍ଷେତ୍ରରେ ମହିଳାମାନେ ଉତ୍କୃଷ୍ଟ ପ୍ରଦର୍ଶନ କରୁଛନ୍ତି ଏବଂ ଅନେକ ଲୋକଙ୍କୁ ପ୍ରେରଣା ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଏକ୍ସରେରେ ପୋଷ୍ଟର ଏକ ଶୃଙ୍ଖଳା ମାଧ୍ୟମରେ ଲେଖିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ, ଏନଡିଏ ସରକାର ମହିଳା ନେତୃତ୍ୱାଧୀନ ବିକାଶକୁ ପୁନଃ ପରିଭାଷିତ କରିଛନ୍ତି। ସ୍ୱଚ୍ଛ ଭାରତ ମାଧ୍ୟମରେ ମର୍ଯ୍ୟାଦା ସୁନିଶ୍ଚିତ କରିବା ଠାରୁ ଆରମ୍ଭ କରି ଜନଧନ ଆକାଉଣ୍ଟ ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପର୍ଯ୍ୟନ୍ତ ବିଭିନ୍ନ ପଦକ୍ଷେପ ଜରିଆରେ ଆମର ନାରୀ ଶକ୍ତିକୁ ସଶକ୍ତ କରିବା ଉପରେ ଧ୍ୟାନ ଦିଆଯାଇଛି। ଉଜ୍ଜ୍ୱଳା ଯୋଜନା ଅନେକ ପରିବାରକୁ ଧୂଆଁମୁକ୍ତ ରୋଷେଇ ଘର ଦେଇଛି । ମୁଦ୍ରା ଋଣ ଲକ୍ଷ ଲକ୍ଷ ମହିଳା ଉଦ୍ୟୋଗୀଙ୍କୁ ନିଜସ୍ୱ ସ୍ୱପ୍ନ ପୂରଣ କରିବାରେ ସକ୍ଷମ କରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳାମାନଙ୍କ ନାମରେ ଘର ମିଳିବା ମଧ୍ୟ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇଛି। ବେଟୀ ବଚାଓ ବେଟୀ ପଢ଼ାଓ କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ଏକ ଜାତୀୟ ଆନ୍ଦୋଳନକୁ ପ୍ରଜ୍ୱଳିତ କରିଛି। ବିଜ୍ଞାନ, ଶିକ୍ଷା, କ୍ରୀଡା, ଷ୍ଟାର୍ଟଅପ୍ ଏବଂ ସଶସ୍ତ୍ର ବାହିନୀ ସମେତ ସମସ୍ତ କ୍ଷେତ୍ରରେ ମହିଳାମାନେ ଉତ୍କୃଷ୍ଟ ପ୍ରଦର୍ଶନ କରୁଛନ୍ତି ଏବଂ ଅନେକ ଲୋକଙ୍କୁ ପ୍ରେରଣା ଦେଉଛନ୍ତି।

# ୨୦୨୬ରେ ପଶ୍ଚିମବଙ୍ଗ-ତାମିଲନାଡୁରେ ସରକାର ଗଢ଼ିବୁ: ଶାହା



ଚେନ୍ନାଇ: ପଶ୍ଚିମବଙ୍ଗ ପରେ ପୁଣି ତାମିଲନାଡୁରେ ବିଜେପି ସରକାର ଗଢିବା ନେଇ ଦମ୍ଭୋକ୍ତି ଦେଖାଇଲେ ଶାହ। ମଦୁରାଇରେ ଏକ ଜନସଭାରେ ଖୋଲା ଘୋଷଣା କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି- ଆମେ ୨୦୨୫ରେ ଦିଲ୍ଲୀରେ ସରକାର ଗଢ଼ିଲୁ । ୨୦୨୬ରେ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ବିଜେପି ସରକାର ଗଢିବାକୁ ଯାଉଛି । କିଛିଦିନ ତଳେ କୋଲକାତା ଗସ୍ତରେ ଥିବା ଶାହ ପଶ୍ଚିମବଙ୍ଗରେ ଏଥର ପଦ୍ମ ଫୁଟୁଥିବା କହିଥିବା ବେଳେ ପୁଣି ସେହି କଥାକୁ ତାମିଲନାଡୁରେ ଦୋହରାଇ ପଶ୍ଚିମବଙ୍ଗ ସହ ତାମିଲନାଡୁରେ ବି ବିଜେପି ସରକାର ଗଢୁଥିବା ସେ ଦମ୍ଭ ଦେଖାଇଛନ୍ତି । ଏଥିସହ ମଦୁରାଇରେ ଷ୍ଟାଲିନ୍ ସରକାରଙ୍କୁ ନିଶାନା କରିଛନ୍ତି ଶାହ । ଦୁର୍ନୀତିର ସବୁ ସୀମା ଟପିଗଲାଣି ଡିଏମକେ ସରକାର । ଗତ ୪ ବର୍ଷ ଭିତରେ ଗରିବଙ୍କୁ ଶୋଷଣ, ବାଲି ଦୁର୍ନୀତି ଭଳି ବଡ ବଡ଼ ସ୍କାମରେ ଲିପ୍ତ ରହିଥିବା ଷ୍ଟାଲିନ୍ ସରକାର ଏଥର ଗାଦି ହରାଉଛି ଆଉ ତାମିଲନାଡୁରେ ବିଜେପି ସରକାର ଗଢୁଛି ବୋଲି କହିଛନ୍ତି ଶାହ। ଓଡ଼ିଶା, ହରିୟାଣା, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ବିଜେପିର ବିଜୟ ପରେ ଆତ୍ମବିଶ୍ୱାସ ସହ ଆଗକୁ ବଢୁଥିବା ବିଜେପି ଆସନ୍ତାବର୍ଷ ନିର୍ବାଚନରେ ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ସରକାର ଗଠନ କରିବାର ଦମ୍ଭୋକ୍ତି ରାଜନୀତିରେ ହଟଚମଟ ସୃଷ୍ଟି କରିଛି । କାରଣ ବିଭିନ୍ନ ରାଜ୍ୟକୁ ଗେରୁଆ କରିବାରେ ସଫଳ ହେଲାଣି ବିଜେପି।

# କାନାଡାରେ ସାମ୍ବାଦିକଙ୍କୁ ଆକ୍ରମଣ




ନୂଆଦିଲ୍ଲୀ: କାନାଡାରେ ଖଲିସ୍ତାନୀ ସମର୍ଥିତ ଆତଙ୍କରାଜ। କାନାଡାର ଜଣେ ଜଣାଶୁଣା ମୁକ୍ତ ସାମ୍ବାଦିକତା କରୁଥିବା ସାମ୍ବାଦିକଙ୍କୁ ଆକ୍ରମଣ କରିଛନ୍ତି। ଦେଶର ଜଣାଶୁଣା ଇନଭେଷ୍ଟିଗେଟ୍ ଜର୍ଣ୍ଣାଲିଷ୍ଟ ମୋଚା ବେଜିର୍ଗନ ନିଜେ ଏହି ଦାବି କରିଛନ୍ତି । ରବିବାର ଭେଙ୍କୁବରରେ ଆୟୋଜିତ ଏକ ରାଲିର ରିପୋର୍ଟିଂ ବେଳେ ଏହି ଆକ୍ରମଣ ହୋଇଥିବା ସେ କହିଛନ୍ତି । ସାମ୍ବାଦିକ ମୋଚା ବେଜିର୍ଗନ କହିଛନ୍ତି ଯେ ତାଙ୍କର ସମ୍ବାଦକୀୟ ଓ ଖଲିସ୍ତାନ ସହ ଜଡ଼ିତ ବିରୋଧ ପ୍ରଦର୍ଶନ ଉପରେ ପୂର୍ବ ରିପୋର୍ଟ ଯୋଗୁ ତାଙ୍କୁ ଟାର୍ଗେଟ୍ କରାଯାଇଛି । ମୋଚା ବେଜିର୍ଗନ କହିଛନ୍ତି, ସେ କେବଳ କାର୍ଯ୍ୟକ୍ରମ କଭର୍ କରିବାକୁ ଯାଇଥିଲେ, କିନ୍ତୁ ସେଠାରେ କିଛି ଖଲିସ୍ତାନୀ ତାଙ୍କୁ ଘେରି ପକାଇଥିଲେ। ପରେ ଧମକ ଦେବା ସହ ମୋବାଇଲ୍ ଛଡ଼ାଇ ନେଇଥିଲେ । ଏଏନଆଇକୁ ପ୍ରତିକ୍ରିୟା ଦେଇ ମୋଚା ବେଜିର୍ଗନ କହିଛନ୍ତି, ଏହି ଘଟଣା ଭେଙ୍କୁବରରେ ଏକ ଖଲିସ୍ତାନୀ କାର୍ଯ୍ୟକ୍ରମ ବେଳେ ଘଟିଥିଲା । ସେଠାରେ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା କରିଥିବା ଲୋକଙ୍କୁ ସହିଦ ଦର୍ଶାଇ ସମ୍ମାନିତ କରାଯାଉଥିଲା । ଏହି ଘଟଣା ପାଇଁ ଏବେ ବି ଭୟଭୀତ ଥିବା ସେ କହିଛନ୍ତି । ମୋଚା ବେଜିର୍ଗନ ଏକ ଭିଡିଓରେ କହିଛନ୍ତି, 'ମୁଁ କାନାଡା, ବ୍ରିଟେନ, ଆମେରିକା, ନ୍ୟୁଜିଲାଣ୍ଡରେ ଖଲିସ୍ତାନ ବିରୋଧ ପ୍ରଦର୍ଶନକୁ କଭର୍ କରୁଛି। ମୋର ଏକମାତ୍ର ଲକ୍ଷ୍ୟ ମୁକ୍ତ ସ୍ୱାମ୍ବାଦିକତା କରିବା ଓ ଯାହା କିଛି ଘଟୁଛି ତାକୁ ରେକର୍ଡ ଓ ରିପୋର୍ଟ କରିବା । କାରଣ ସମ୍ପାଦକ ଭାବେ ମୁଁ ସ୍ୱତନ୍ତ୍ର ଅଛି, ଏଥିପାଇଁ ଏହା କିଛି ଲୋକଙ୍କୁ ନିରାଶ କରୁଛି। ସାମ୍ବାଦିକ ଜଣକ ଅଭିଯୋଗ କରିଛନ୍ତି, ମୁକ୍ତ ଭାବେ ନକହିବା ପାଇଁ ଖଲିସ୍ତାନ ସମର୍ଥକ ତାଙ୍କୁ କିଣିବାକୁ ଚାହୁଁଥିଲେ ଓ ପ୍ରଭାବିତ କରିବାକୁ ଚାହୁଁଛନ୍ତି। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଖଲିସ୍ତାନୀଙ୍କ ଦ୍ୱାରା ଡରାଇବା ଓ ଧମକାଇବାର କୌଣସି ପ୍ରଭାବ ପଡ଼ିବ ନାହିଁ।

## ଅପରେସନ ସିନ୍ଦୂରକୁ ନେଇ ନୂଆ ତଥ୍ୟ ପ୍ରକାଶ

# ୧୯ ବ୍ରହ୍ମୋସ ଓ କ୍ରିଷ୍ଟାଲ ମେଜ୍ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା ଭାରତ




ନୂଆଦିଲ୍ଲୀ : ପହଲଗାମରେ ପର୍ଯ୍ୟଟକଙ୍କ ହତ୍ୟାର ପ୍ରତିଶୋଧ ପାଇଁ ଭାରତୀୟ ସେନା ଯେଉଁ 'ଅପରେସନ ସିନ୍ଦୂର' ଚଳାଇ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରିଥିଲା ସେ ନେଇ ନୂଆ ତଥ୍ୟ ଏବେ ସାମ୍ନାକୁ ଆସିଛି। ଏଥିରେ ଭାରତୀୟ ସେନା ଲସ୍କର ଓ ଜୈସ ମୁଖ୍ୟାଳୟ ଉପରେ ଅଲଗା ଅଲଗା କ୍ଷେପଣାସ୍ତ୍ର ବ୍ୟବହାର କରିଥିବାର ସୂଚନା ମିଳିଛି। ଏହା ଛଡା ପାକିସ୍ତାନ ସହ ୪ ଦିନ ଧରି ଚାଲିଥିବା ସଂଘର୍ଷରେ କେଉଁ ଅସ୍ତ୍ର ବ୍ୟବହାର ହୋଇଥିଲା ଓ ଏଥିରୁ କେତେ ମାତ୍ରାରେ କ୍ଷତି ହୋଇଥିଲା ତାର ସୂଚନା ମଧ୍ୟ ଆସିଛି। ଏହି ୪ ଦିନରେ ଭାରତ ମୋଟ ୧୯ଟି ବ୍ରହ୍ମୋସ ଓ କ୍ରିଷ୍ଟାଲ ମେଜ କ୍ଷେପଣାସ୍ତ୍ର ବ୍ୟବହାର କରି ପାକିସ୍ତାନକୁ ଆଣ୍ଠୁମାଡ଼ି ବସେଇ ଦେଇଥିଲା। ହିନ୍ଦୁସ୍ତାନ ଟାଇମସର ଏକ ରିପୋର୍ଟରୁ ଏହି ତଥ୍ୟ ମିଳିଛି। ଏହି ରିପୋର୍ଟ ଅନୁସାରେ ଜାତୀୟ ସୁରକ୍ଷା ସମ୍ପର୍କିତ ଯୋଜନା ପ୍ରଣୟନକାରୀ ଓ ସେନା ମୁଖ୍ୟମାନେ ଅପରେସନ ସିନ୍ଦୂରର ୧ ମାସ ପୂର୍ତ୍ତି ଅବସରରେ ଉତ୍ସବ ମଧ୍ୟ ପାଳନ କରିଛନ୍ତି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରାଳୟ ତିନି ସେନାଙ୍କୁ ଅସ୍ତ୍ରଶସ୍ତ୍ର ଓ କ୍ଷେପଣାସ୍ତ୍ର କିଣିବା ପାଇଁ ଅନୁମତି ମଧ୍ୟ ଦେଇଛି। ସୂତ୍ର ଅନୁସାରେ ସେନା କାର୍ଯ୍ୟାନୁଷ୍ଠାନ ଓ ଉପଗ୍ରହରୁ ମିଳୁଥିବା ଛବିରୁ ଏହା ପୁଷ୍ଟି ହେଉଛି ଯେ ଅପରେସନ ସିନ୍ଦୂର କାଳରେ ଭାରତୀୟ ବାୟୁସେନା ଭୂ-ପୃଷ୍ଠରୁ ଆକାଶକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ଓ ଏସ୍-୪୦୦ ଡିଫେନ୍ସ ସିଷ୍ଟମ ପାକିସ୍ତାନର ୪ଟି ଯୁଦ୍ଧବିମାନ (ଚିନ୍ ନିର୍ମିତ) ଓ ଦୁଇଟି ବଡ଼ ବିମାନ (ସମ୍ଭବତଃ ଗୋଟିଏ ସି-୧୩୦ ଜେ ଓ ଏସଏଏବି ୨୦୦୦ ଆୱାକ୍ସ ବିମାନ)କୁ ଖସେଇ ଦେଇଛନ୍ତି। ସୂତ୍ର ଏହା ମଧ୍ୟ କହିଛନ୍ତି ଯେ ସରଗୋଧା, ରଫିକୀ, ଜ୍ୟାକବାବାଦ ଓ ନୂର ଖାନ (ଚକଲାଲା ରାୱଲପିଣ୍ଡି) ସହିତ ୧୧ଟି ବାୟୁସେନା ଘାଟି ଉପରେ ଭାରତୀୟ ବାୟୁସେନା କ୍ଷେପଣାସ୍ତ୍ର ଆକ୍ରମଣରେ ୨ଟି ଏଫ-୧୬ ଯୁଦ୍ଧ ବିମାନ ଆଂଶିକ ରୂପେ କ୍ଷତିଗ୍ରସ୍ତ ହୋଇଛି। ରିପୋର୍ଟରୁ ଜଣାପଡିଛି ଯେ ଭାରତର ରାଫେଲ ଯୁଦ୍ଧ ବିମାନ, ଏସ୍-୪୦୦ ବାୟୁ ରକ୍ଷା ପ୍ରଣାଳୀ ଓ ଏମ୭୭୭ ହ୍ୱିଟଜର ତୋପ ୪ ଦିନର ଯୁଦ୍ଧକାଳରେ ନିଜକୁ ବେଶ୍ ପ୍ରମାଣିତ କରିଛନ୍ତି। ରିପୋର୍ଟ ମୁତାବକ ମେ ୭ରେ ଭାରତର ପ୍ରଥମ ଆତଙ୍କବାଦ ବିରୋଧୀ ଆକ୍ରମଣ ସଫଳ ହୋଇଥିବାର ପର୍ଯ୍ୟାପ୍ତ ପ୍ରମାଣ ମିଳିଛି। ମୁରିଦକେସ୍ଥିତ ଲସ୍କର ମୁଖ୍ୟାଳୟ ମରକଜ-ଏ-ତୈୟବା ଓ ଜୈଶ-ଏ-ମହମ୍ମଦର ଆଡ୍ଡା ମରକଜ-ଏ-ଶୁଭାନ ଅଲ୍ଲାହ ଉପରେ ରାଫେଲ ଯୁଦ୍ଧ ବିମାନରୁ ୬ଟି ସ୍କାଲଫ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏଥିରେ ବଙ୍କର ବଷ୍ଟିଂ ଟେକ୍ନୋଲଜି ଉପଯୋଗ କରି ଆତଙ୍କବାଦୀ ଆଡ୍ଡାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଯାଇଥିଲା। ସେହିପରି ଭାରତୀୟ ସେନା ଏମ-୭୭୭ ହ୍ୱିଟଜର ତୋପରେ ଆମେରିକା ନିର୍ମିତ ଏକ୍ସକାଲିବର ଗୋଳା ବ୍ୟବହାର କରି ପାକିସ୍ତାନର ଦ୍ୱିତୀୟ ଧାଡିରେ ଥିବା ପ୍ରତିରକ୍ଷା କ୍ଷେତ୍ରକୁ ଧ୍ୱଂସ କରିଦେଇଥିଲା।

# ବିଷ୍ଣୁଦେବଙ୍କ ମନ୍ତ୍ରିମଣ୍ଡଳର ଚିନ୍ତନ ଶିବିର ୨.୦ ଆରମ୍ଭ




ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ମନ୍ତ୍ରିମଣ୍ଡଳର ଚିନ୍ତନ ଶିବିର ୨.୦ ରବିବାରଠାରୁ ଆରମ୍ଭ ହୋଇଛି। ରାୟପୁରର ଆଇଆଇଏମ୍‌ଠାରେ ଏହା ଅନୁଷ୍ଠିତ ହୋଇଛି। ଛତିଶଗଡ ପ୍ରଶାସନ ପକ୍ଷରୁ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଆଇଆଇଏମ୍ ସହଯୋଗରେ ଏହି ଦିନିକିଆ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଛତିଶଗଡର ଶାସନର ପାରଦର୍ଶିତା, ସଂସ୍କୃତି, ସୁଶାସନ, ରାଷ୍ଟ୍ର ନିର୍ମାଣ ତଥା ସକ୍ଷମତା ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ରାଜ୍ୟର ବିକାଶ ପାଇଁ ଅର୍ଥ ମହତ୍ତ୍ୱପୂର୍ଣ୍ଣ ଥିବାରୁ ଏନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହି ଶିବିର ଦୁଇ ଦିନ ଧରି ଚାଲିବ। ପ୍ରଥମ ଦିନରେ ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦର ପୂର୍ବତନ ଅଧ୍ୟକ୍ଷ ବିନୟ ସହସ୍ର ବୁଦ୍ଧେ, ଆଇଆଇଏମ୍ ଇଣ୍ଡୋର ନିର୍ଦ୍ଦେଶକ ପ୍ରଫେସର ହିମାଂଶୁ ରାୟ, ଆଇଆଇଏମ୍ ଅହମ୍ମଦାବାଦର ରବିନ୍ଦ୍ର ଢ଼ୋଲକିଆ, ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶ ପରିଷଦର ସଦସ୍ୟ ସଞ୍ଜୀବ ସାନେଲ୍, ସାମ୍ବାଦିକ ତଥା ରାଜନୈତିକ ସମୀକ୍ଷକ ଉଦୟ ମାହୁରକର, ସ୍ୱାସ୍ଥ୍ୟ ବିଶେଷଜ୍ଞ ରାଜେନ୍ଦ୍ର ପ୍ରସାଦ ଗୁପ୍ତା ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବାଣିଜ୍ୟ



ୱାଶିଂଟନ: କୋଟିପତି ବ୍ୟବସାୟୀ ଏଲନ ମସ୍କ ଆମେରିକା ରାଜନୀତିରେ ନୂଆ ପରିବର୍ତ୍ତନ ଆଣିବା ଲାଗି ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବା ପରେ ମସ୍କ ଆମେରିକାରେ ଏକ ନୂଆ ରାଜନୈତିକ ଦଳ 'ଦ ଆମେରିକାନ ପାର୍ଟି' ଗଠନ କରିବାକୁ ଘୋଷଣା କରିଛନ୍ତି। ଏପରିକି ନୂଆ ରାଜନୈତିକ ଦଳ ଗଠନ ନେଇ ମସ୍କ ଆମେରିକାବାସୀଙ୍କ ଠାରୁ ମତାମତ ଲୋଡିଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମରେ ମସ୍କ ଆମେରିକାର ୮୦% ମଧ୍ୟବିତ୍ତଙ୍କୁ ପ୍ରଶ୍ନ କରିଛନ୍ତି ଯେ ଦେଶରେ ନୂଆ ରାଜନୈତିକ ଦଳର ଆବଶ୍ୟକତା ରହିଛି କି ନାହିଁ। ତେବେ ଅଧିକାଂଶ ୟୁଜର୍ସ ଏହି ନୂଆ ଚିନ୍ତାଧାରାକୁ ସମର୍ଥନ ଜଣାଇଛନ୍ତି। ୟୁଜର୍ସଙ୍କ ସମର୍ଥନ ପାଇବା ପରେ ମସ୍କ ବେଶ ଉତ୍ସାହିତ ହୋଇ ଉଠିଛନ୍ତି। ସେ କହିଛନ୍ତି ଯେ ଆମେରିକାର ମଧ୍ୟବିତ୍ତଙ୍କ ପ୍ରତିନିଧିତ୍ୱ କରିବା ପାଇଁ ନୂଆ ଦଳର ଆବଶ୍ୟକତା ରହିଛି। ଆଉ ମଧ୍ୟ ମସ୍କଙ୍କ ଏପରି ଚିନ୍ତାଧାରାକୁ ନେଇ ଆମେରିକାରେ ବ୍ୟାପକ ଆଲୋଚନା ଆରମ୍ଭ ହୋଇଛି। ତେବେ ମସ୍କ ତାଙ୍କ ନୂଆ ରାଜନୈତିକ ଦଳ ଗଠନ ନେଇ କୌଣସି ବିଧିବଦ୍ଧ ଘୋଷଣା କରି ନାହାନ୍ତି।

# ଟ୍ରାନ୍ସୟୁନିୟନ୍ ସିବିଲ ଓ ସା-ଧନ ମଧ୍ୟରେ ସହଯୋଗିତା



ନୂଆଦିଲ୍ଲୀ: ଟ୍ରାନ୍ସୟୁନିୟନ ସିବିଲ ପକ୍ଷରୁ ସା-ଧନ ସହିତ ସହଯୋଗିତା ସ୍ଥାପନ କରାଯାଇଛି । ମାଇକ୍ରୋଫାଇନାନ୍ସ ବ୍ୟବସ୍ଥାରେ ଋଣ ସାକ୍ଷରତାକୁ ବଢ଼ାଇବା ଓ ଉଚିତ ଋଣ ପ୍ରଥା ଆରମ୍ଭ କରିବା ଲାଗି ପ୍ରସ୍ତୁତ ଏହି ଅଭିଯାନ ସାରା ଭାରତର ମାଇକ୍ରୋଫାଇନାନ୍ସ ଗ୍ରାହକ ଓ ଋଣ ପ୍ରଦାନକାରୀଙ୍କୁ ସମର୍ଥନ କରିବ। ଏହି ସହଯୋଗିତା ତଥ୍ୟ ଭିତ୍ତିକ ସୂଚନା, ଟୁଲ ଓ ତାଲିମ ଜରିଆରେ ଋଣ ଆକଳନ ଓ ନିରୀକ୍ଷଣ ଦକ୍ଷତାରେ ଉନ୍ନତି ଆଣି ମାଇକ୍ରୋଫାଇନାନ୍ସ ଅନୁଷ୍ଠାନ (ଏମଏଫଆଇ) ଗୁଡ଼ିକୁ ସଶକ୍ତ କରିବ। ଏହି ସହଯୋଗିତାରେ ଟ୍ରାନ୍ସୟୁନିୟନ ସିବିଲ ଓ ସା-ଧନ ମିଳିତ ଭାବେ ଆଂଚଳିକ କର୍ମଶାଳା, ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଓ ତାଲିମ ମଡ୍ୟୁଲ ପ୍ରସ୍ତୁତ କରିବେ ଯାହା ଏମଏଫଆଇ ଓ ସେମାନଙ୍କ ଟିମକୁ କ୍ରେଡିଟ ସ୍କୋରକୁ ଭଲ ଭାବେ ବୁଝିବାରେ ସହାୟକ ହେବ। ଏହି ସହଯୋଗିତା ସମ୍ପର୍କରେ ଟ୍ରାନ୍ସୟୁନିୟନ ସିବିଲର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଭବେଶ ଜୈନ କହିଛନ୍ତି ଯେ, 'ଋଣ ସାକ୍ଷତାର ଋଣ ନେବାଠାରୁ ବହୁତ କିଛି। ଆଜିର ଆର୍ଥିକ ଦୁନିଆରେ ବିଶ୍ୱାସ ଓ ଭରସା ଗଠନ କରିବାକୁ ଏହା ଦର୍ଶାଉଛି। ୨୦୨୪ ଡିସେମ୍ବର ସୁଦ୍ଧା ୧୩ କୋଟିରୁ ଅଧିକ ଲୋକ ସିବିଲ ରିପୋର୍ଟ ଓ ସ୍କୋର ହାସଲ କରିଥିବା ବେଳେ ଗ୍ରାହକଙ୍କ ଭିତରେ ଋଣ ସଚେତନତା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ସା-ଧନ ସହିତ ଆମ ସହଯୋଗିତା ଏମଏଫଆଇ ଓ ସେମାନଙ୍କ ଗ୍ରାହକଙ୍କୁ ଋଣକୁ ଭଲ ଭାବେ ବୁଝି ନିଜ ଆର୍ଥିକ ଭବିଷ୍ୟତ ଉପରେ ନିୟନ୍ତ୍ରଣ ହାସଲ କରିବାରେ ସଶକ୍ତ କରିବ।' ସା-ଧନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଜିଜି ମାମେନ କହିଛନ୍ତି ଯେ, ଅର୍ଥପୂର୍ଣ୍ଣ ଓ ସ୍ଥାୟୀ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ 'ଗୋଷ୍ଠୀ ସ୍ତରରେ ଋଣ ସଚେତନତାର ପ୍ରସାର କରିବା ଜରୁରୀ ହୋଇପଡ଼ିଛି। ଯେତେବେଳେ ଲୋକମାନେ ଋଣ ଓ ତାହାକୁ ହାସଲ କରିବାର ଆବଶ୍ୟକତା ଓ ଜୀବନଜୀବିକା ସୁଯୋଗରେ ଉନ୍ନତି ଆଣିବାର ଭୂମିକାକୁ ବୁଝିପାରିବେ, ସେମାନେ ଅଧିକ ବିଶ୍ୱାସ ଓ ଦକ୍ଷତାର ସହ ସଂଗଠିତ ଅର୍ଥନୀତିରେ ଯୋଗ ଦେଇପାରିବେ। ଯେଉଁଠାରେ ନିହାତି ଆବଶ୍ୟକ ଏହି ସହଯୋଗିତା ସେଠାରେ ଜ୍ଞାନକୁ ସିଧାସଳଖ ପହଂଚାଇବ।

# 'ଟ୍ରେଣ୍ଡ୍ସ' ପକ୍ଷରୁ ରଜ ମଉଜ ଓ ଶ୍ରେଷ୍ଠ ରଜ ଲୁକ୍ସ ପ୍ରତିଯୋଗିତା



ନୂଆଦିଲ୍ଲୀ: 'ଟ୍ରେଣ୍ଡ୍ସ' ପକ୍ଷରୁ 'ରଜ ମଉଜ ଓ ଶ୍ରେଷ୍ଠ ରଜ ଲୁକ୍ସ ପ୍ରତିଯୋଗିତା' ସହ ରଜ ଅଭିଯାନ ଶୁଭାରମ୍ଭ ଘୋଷଣା କରାଯାଇଛି। ରଜ ଅଭିଯାନକୁ ଗ୍ରାହକଙ୍କ ପାଇଁ ଅଧିକ ରୋମାଞ୍ଚକର ଏବଂ ଲାଭଦାୟକ କରିବା ପାଇଁ ଟ୍ରେଣ୍ଡ୍ସ ଏକ ସ୍ୱତନ୍ତ୍ର ପଦକ୍ଷେପ ଆରମ୍ଭ କରିଛି ଯେଉଁଥିରେ ୩,୪୯୯/- ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର କିଣାକିଣି କରୁଥିବା ଗ୍ରାହକମାନେ ମାତ୍ର ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇପାରିବେ। ଏଥିସହ ଏହି ଅବଧି ମଧ୍ୟରେ ଗ୍ରାହକମାନେ ଶ୍ରେଷ୍ଠ ରଜ ଲୁକ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆକର୍ଷଣୀୟ ପୁରସ୍କାର ମଧ୍ୟ ଜିତିପାରିବେ। ଟ୍ରେଣ୍ଡ୍ସ ଗ୍ରାହକମାନଙ୍କ ଠାରୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆବେଦନ ଆମନ୍ତ୍ରଣ କରୁଛି ଯେଉଁଥିରେ ସେମାନେ ନିଜର ଏକ ସେଲ୍ଫି କ୍ଲିକ୍ କରି ସେମାନଙ୍କ ଇନଷ୍ଟାଗ୍ରାମ କିମ୍ବା ଫେସବୁକ୍ ପ୍ରୋଫାଇଲରେ ପୋଷ୍ଟ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟାୟାର ୧, ଟାୟାର ୨ ସହର ଏବଂ ଏହା ବାହାରେ ଭାରତର ଉପଭୋକ୍ତାମାନଙ୍କ ସହ ଏହାର ଉପଲବ୍ଧତା ଏବଂ ଯୋଗାଯୋଗକୁ ସୁଦୃଢ଼ କରି ଟ୍ରେଣ୍ଡ୍ସ ପ୍ରକୃତରେ ଭାରତରେ ଫ୍ୟାସନକୁ ଗଣତାନ୍ତ୍ରିକ କରୁଛି।

# ଟିପିସିଓଡିଏଲ୍ ପକ୍ଷରୁ ରୁଫଟପ୍ ସୋଲାର ବ୍ୟବସ୍ଥା ପାଇଁ ପ୍ରକ୍ରିୟାକରଣ ଫି ଛାଡ଼



ନୂଆଦିଲ୍ଲୀ: ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜିଳି ଯୋଜନା (ପିଏମ୍‌ଏସଜିଏମବିୱାଇ) ଅଧୀନରେ ଓଡିଶାରେ ରୁଫଟପ୍ ସୋଲାର ବ୍ୟବସ୍ଥା ସ୍ଥାପନକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯାନ ଜୋରଦାର କରାଯାଇଛି। ଗ୍ରାହକମାନଙ୍କ ସୁବିଧା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜିଳି ଯୋଜନା ଅଧୀନରେ ରୁଫଟପ୍ ସୋଲାର ବ୍ୟବସ୍ଥା ପାଇଁ ନେଟ୍ ମିଟରିଂ ପ୍ରକ୍ରିୟାକରଣ ଫିସ୍ ୫୦୦ ଟଙ୍କା ଛାଡ କରାଯାଇଛି। ଏହା ଦ୍ୱାରା ଅନଲାଇନ୍ ଡିମାଣ୍ଡ ନୋଟ୍ ସୃଷ୍ଟି ଏବଂ ପେମେଣ୍ଟ ଗେଟୱେ ମାଧ୍ୟମରେ ଦେୟ ପ୍ରଦାନ ଆବଶ୍ୟକତା ଦୂର ହୋଇଛି। ପୂର୍ବରୁ ଟିପିସିଓଡିଏଲ୍ ୧୦ କିଲୋୱାଟ୍ ପର୍ଯ୍ୟନ୍ତ ବ୍ୟବସ୍ଥା ପାଇଁ ଟେକ୍ନିକାଲ୍ ଫିଜିବିଲିଟି ଷ୍ଟଡିର ଆବଶ୍ୟକତାକୁ ରଦ୍ଦ କରିଥିଲା ଏବଂ ସେକ୍ସନ୍ ମ୍ୟାନେଜରଙ୍କୁ ସମସ୍ତ କାର୍ଯ୍ୟପାଇଁ ସିଂଗଲ୍ ପଏଣ୍ଟ କଣ୍ଟାକ୍ଟ ଭାବେ ନିଯୁକ୍ତ କରି ସାଇଟ୍ ନିରୀକ୍ଷଣ, ନେଟ୍ ମିଟରିଂ ଚୁକ୍ତିନାମା ସ୍ୱାକ୍ଷର, ନେଟ୍ ମିଟର୍ ସ୍ଥାପନ ଇତ୍ୟାଦି ପାଇଁ ଲାଗୁଥିବା ସମୟକୁ ମଧ୍ୟ ହ୍ରାସ କରିଥିଲା। ଯୋଜନାକୁ ଅଧିକ ଗ୍ରାହକ ଅନୁକୂଳ କରିବା ପାଇଁ ଟିପିସିଓଡିଏଲ୍ ନିୟାମକ ଢାଞ୍ଚା ମଧ୍ୟରେ ପ୍ରକ୍ରିୟାଗୁଡିକୁ ସରଳ କରିବା ପାଇଁ ନିରନ୍ତର ପ୍ରୟାସ କରୁଛି। ଟିପିସିଓଡିଏଲ୍ ଏହାର ସମସ୍ତ ଆବାସିକ ଗ୍ରାହକଙ୍କୁ ରୁଫଟପ୍ ସୋଲାର ବିଦ୍ୟୁତ୍ ବ୍ୟବସ୍ଥା ସ୍ଥାପନ କରିବା, ନିଜସ୍ୱ ସବୁଜ ଶକ୍ତି ଉତ୍ପାଦନ କରିବା ଏବଂ ବିଜୁଳି ବିଲରେ ସଞ୍ଚୟ କରିବାକୁ ଉତ୍ସାହିତ କରୁଛି। ସମସ୍ତ ଆବାସିକ ଗ୍ରାହକଙ୍କୁ କେନ୍ଦ୍ର ଏବଂ ରାଜ୍ୟର ଆକର୍ଷଣୀୟ ଆର୍ଥିକ ସହାୟତା ମିଳୁଛି ଯାହା ତିନି ବର୍ଷ ମଧ୍ୟରେ ନିବେଶ ରାଶି ଫେରିପାଇବାକୁ ନିଶ୍ଚିତ କରୁଛି। ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, 'ଅକ୍ଷୟ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିବଦ୍ଧ। ଏହି ଅଭିଯାନ କେବଳ ରୁଫଟପ ସୋଲାର ସ୍ଥାପନ ନୁହେଁ; ବରଂ ଏହା ଆମ ସମାଜ ପାଇଁ ଏକ ସ୍ଥାୟୀ ପରିବର୍ତ୍ତନ ସୃଷ୍ଟି କରିବା ଉପରେ ଧ୍ୟାନ ଦେଇଛି। ଆମେ ସାଧାରଣ ଲୋକ ଏବଂ ବ୍ୟବସାୟିକ ଅନୁଷ୍ଠାନ ଗୁଡିକୁ ସୌର ଶକ୍ତି ଗ୍ରହଣ କରିବାକୁ ଏବଂ ଏକ ସବୁଜ ଓଡିଶା ଗଠନରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ।'

# ସାତ୍ତ୍ୱିକ ସୋଲାର ପକ୍ଷରୁ ମଡ୍ୟୁଲ୍ ଉତ୍ପାଦନ କାରଖାନା ପ୍ରକଳ୍ପର ଶିଳାନ୍ୟାସ

SAATVIK

ନୂଆଦିଲ୍ଲୀ: ଭାରତର ଅକ୍ଷୟ ଶକ୍ତି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସଦୃଶ ସାତ୍ୱିକ ଗ୍ରିନ୍ ଏନର୍ଜି ଲିମିଟେଡ୍ (ଏସ୍‌ଜିଇଏଲ୍)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ସାତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏସ୍‌ଆଇଓପିଏଲ୍) ପକ୍ଷରୁ ଓଡ଼ିଶାର ଗାମ ଜିଲ୍ଲାର ଗୋପାଳପୁରରେ ଥିବା ଟାଟା ଷ୍ଟିଲ୍ ସ୍ପେସିଆଲ୍ ଇକୋନମିକ୍ ଜୋନ୍ ଲିମିଟେଡ୍‌ର (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଗୋପାଳପୁର ଶିଳ୍ପ ପାର୍କରେ ୫୭ ଏକର ଜମିରେ ୪.୦୦ ଗିଗାୱାଟ୍ ସୋଲାର ପିଭି ମଡ୍ୟୁଲ୍ ଉତ୍ପାଦନ କାରଖାନାର ଶିଳାନ୍ୟାସ କରାଯାଇଛି। ଏସ୍‌ଜିଇଏଲ୍‌ର ସିଇଓ ପ୍ରଶାନ୍ତ ମାଥୁର କହିଛନ୍ତି ଯେ, 'ଅକ୍ଷୟ ଶକ୍ତି କ୍ଷେତ୍ରରେ ଆମ ସ୍ଥିତିକୁ ବଜାୟ ରଖିବା ଏବଂ ସୁଦୃଢ଼ କରିବା ପାଇଁ ଆମେ ଉଭୟ କ୍ଷମତା ସମ୍ପ୍ରସାରଣ ଓ ମୂଲ୍ୟଯୁକ୍ତ ସେବା ଉପରେ ଗୁରୁତ୍ୱାରୋପ କରୁଥିବା ଦୃଷ୍ଟିକୋଣ ପ୍ରତି ପ୍ରତିବଦ୍ଧ ରହିଛୁ। ଆମର ଲକ୍ଷ୍ୟ ହେଉଛି ସୌର ଶକ୍ତି ଉତ୍ପାଦନ ଓ ଇପିସି ସମାଧାନରେ ଆଗରେ ରହିବା ଏବଂ ଉଭୟ ଭାରତ ଓ ଅନ୍ତର୍ଜାତୀୟ ସ୍ତରରେ ବଢୁଥିବା ଚାହିଦାକୁ ପୂରଣ କରିବା। ଓଡ଼ିଶାରେ ଏକ ୪.୮୦ ଗିଗାୱାଟ୍‌ର ସମନ୍ୱିତ ସେଲ୍ ଓ ୪.୦୦ ଗିଗାୱାଟ୍‌ର ମଡ୍ୟୁଲ୍ ଉତ୍ପାଦନ କାରଖାନା ସ୍ଥାପନ କରିବାର ଅଗ୍ରଣୀ ପର୍ଯ୍ୟାୟରେ ଆମେ ରହିଛୁ ଯାହା ଯଥାକ୍ରମେ ୨୦୨୭ ଆର୍ଥିକ ବର୍ଷ ଓ ୨୦୨୬ ଆର୍ଥିକ ବର୍ଷରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।

# ଆର୍‌ଏସ୍‌ପି ପକ୍ଷରୁ ପାର୍ଶ୍ୱାଞ୍ଚଳ ମହିଳାଙ୍କୁ ସଶକ୍ତିକରଣ



ରାଉରକେଲା (ଭାସ୍କରନ୍ୟୁଜ୍) : ମୁଁ ଏକ ଅତ୍ୟନ୍ତ ନିମ୍ନ ଆୟବର୍ଗ ପରିବାରରୁ ଆସିଛି, ଏବଂ ଜୀବିକା ନିର୍ବାହ କରିବା କେବେ ବି ମୋ ପାଇଁ ସହଜ ନଥିଲା। ମୁଁ ଆତ୍ମନିର୍ଭରଶୀଳ ହୋଇ ମୋ ପରିବାରକୁ ସହଯୋଗ କରିବାର ସ୍ୱପ୍ନ ଦେଖୁଛି ଯାହା ଦ୍ୱାରା ଆମେ ସମ୍ମାନ ଏବଂ ସ୍ଥିରତାର ଜୀବନ ଅତିବାହିତ କରିପାରିବୁ ବୋଲି ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ବିଭାଗ ଦ୍ୱାରା ଆୟୋଜିତ ସିଲେଇ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ୩୬ ବର୍ଷୀୟା ହିତାଧିକାରୀ ରୋସ୍ମିଲା ମାଝୀ କୁହନ୍ତି। ଜଳଦା ପୁନର୍ବସତି କଲୋନୀରେ ଟେଲରିଂ ଦକ୍ଷତା ବିକାଶ ଏବଂ ଏକ ତାଲିମ୍ ସହ ଉତ୍ପାଦନ କେନ୍ଦ୍ର (ଟିସିଟିପି) ସ୍ଥାପନ ମାଧ୍ୟମରେ ପାର୍ଶ୍ୱାଞ୍ଚଳର ଅବହେଳିତ ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆରଏସପି ଏହି ପ୍ରମୁଖ ସିଏସଆର ପଦକ୍ଷେପ କାର୍ଯ୍ୟକାରୀ କରୁଛି। ସେହିପରି ଅନ୍ୟ ଜଣେ ଅଂଶଗ୍ରହଣକାରୀ ସୁମିତ୍ରା ମୁଣ୍ଡା କୁହନ୍ତି 'ଯଦିଓ ମୁଁ ଜୀବନରେ ଅନେକ ସମୟ ସଂଘର୍ଷ ଦେଇ ଗତି କରିଛି, ଏଠାକୁ ଆସିବା ମୋତେ ଗଭୀର ଆତ୍ମବିଶ୍ୱାସ ଦେଇଛି। ମୁଁ ଅଧିକ ଶିଖିବାକୁ ଆଗ୍ରହୀ ଯାହା ଦ୍ୱାରା ମୁଁ ଭଲ ରୋଜଗାର କରି ମୋ ପରିବାରକୁ ପ୍ରତିପାଳନ କରିପାରିବି। 'ସାଥୀ ପ୍ରଶିକ୍ଷାର୍ଥୀ ରାକ୍ଷୀ ମୁଣ୍ଡାରୀ କେନ୍ଦ୍ରର ସକାରାତ୍ମକ ପରିବେଶର ପ୍ରଶଂସା କରି କୁହନ୍ତି, 'ମୋତେ ତାଲିମ କେନ୍ଦ୍ରର ପରିବେଶ ଏବଂ କାର୍ଯ୍ୟ ସମନ୍ୱୟ ବହୁତ ଭଲ ଲାଗୁଛି। ଆରଏସପି-ସିଏସଆର ତାଲିମ ସମୟରେ ଆମର ପରିବହନ, ଖାଦ୍ୟପେୟ ଏବଂ ମୌଳିକ ଆବଶ୍ୟକତାଗୁଡ଼ିକର ଯତ୍ନ ନେଉଛି ଏବଂ ଏକ ଅତ୍ୟନ୍ତ ଅନୁକୂଳ ଶିକ୍ଷଣ ପରିବେଶରେ ମୂଲ୍ୟଯୁକ୍ତ ସିଲେଇ ଦକ୍ଷତା ପ୍ରଦାନ କରୁଛି।' ଉଲ୍ଲେଖନୀୟ ଯେ, ଲାଠିକଟା ବ୍ଲକ ଅନ୍ତର୍ଗତ ଜଳଦା ପୁନର୍ବସତି କଲୋନୀର ୧୫ଜଣ ମହିଳା ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟକ୍ରମ ନା କେବଳ ତାଲିମ ପ୍ରଦାନ ବରଂ ଛଅ ମାସ ପରେ ଏକ ଲହରୀ ପ୍ରଭାବ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛି ଯେଉଁଥିରେ ପ୍ରଶିକ୍ଷିତ ମହିଳାମାନଙ୍କର ମୂଳ ଗୋଷ୍ଠୀ ସମ୍ପ୍ରଦାୟର ଅନ୍ୟ ମହିଳାମାନଙ୍କୁ ତାଲିମ ଦେବେ, ପରବର୍ତ୍ତୀ ସମୟରେ ଏହାର ପ୍ରଭାବକୁ ସମୟ ସହିତ ବହୁଗୁଣିତ କରିବେ। ତାଲିମରୁ ଉଦ୍ୟୋଗୀତାକୁ ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ, ପ୍ରାରମ୍ଭିକ ବ୍ୟବସାୟିକ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ ଟିସିପିସିର ମୂଳ ଗୋଷ୍ଠୀକୁ ୩୫୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।

# ଆଇକ୍ସ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

AEQUS
ecosystems of efficiency

ନୂଆଦିଲ୍ଲୀ: ମେକ ଇନ ଇଣ୍ଡିଆ ପାଇଁ ଅଗ୍ରଣୀ କମ୍ପାନି ଆଇକସ ଲିମିଟେଡ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଗୋପନୀୟ ଭାବେ ଡ୍ରାଫ୍ଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। କମ୍ପାନି ୨୦୦ ନିୟୁତ ଡଲାରର ଆଇପିଓ ଆଣିବାକୁ ଚାହୁଛି। ଏଥିରେ କମ୍ପାନି ଉଭୟ ନୂଆ ସେୟାର ଜାର କରିବ ଏବଂ ଅଫର ଫର ସେଲରେ ଅଂଶଧନକାରୀମାନେ ସେୟାର ବିକ୍ରି କରିବେ। ଏହି ଅଫରର ବୁକ ରନିଂ ଲିଡ ମ୍ୟାନେଜରମାନେ ହେଉଛନ୍ତି କୋଟକ ମହିନ୍ଦ୍ରା କ୍ୟାପିଟାଲ, ଜେଏମ ଫାଇନାନ୍ସିଆଲ ଓ ଆଇଆଇଏଫଏଲ କ୍ୟାପିଟାଲ ବୋଲି ଜଣାପଡ଼ିଛି। ୨୦୨୩-୨୪ରେ କମ୍ପାନିର ମୋଟ ଆୟ ପ୍ରାୟ ୯୮୮ କୋଟି ଥିଲା ଏବଂ ମୋଟପରିଚାଳନା ଆୟ ୯୭୦ କୋଟି ଟଙ୍କା ରହିଛି। କମ୍ପାନିର ଆୟ ୪୫ ପ୍ରତିଶତ ଚକ୍ରବୃଦ୍ଧି ହାରରେ ବୃଦ୍ଧି ପାଉଛି। କମ୍ପାନିର ଅଧ୍ୟକ୍ଷ ଓ ସିଇଓ ଅରବିନ୍ଦ ମେଲ୍ଲିଗେରିଙ୍କ ଏରୋସ୍ପେସ କ୍ଷେତ୍ରରେ ଦଶକ ଧରି ଅଭିଜ୍ଞତା ରହିଛି। ସେ କ୍ୱେଷ୍ଟ ଗ୍ଲୋବାଲ୍ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡର ସହ-ପ୍ରତିଷ୍ଠାତା ଥିଲେ। କମ୍ପାନି ନିକଟରେ ଜିନ୍-ମିଚେଲ୍ କଣ୍ଡାମିନ୍‌ଙ୍କୁ ଏୟାରୋସ୍ପେସ୍ ଡିଭିଜନର ସିଇଓ ଭାବରେ ନିଯୁକ୍ତି ଦେଇଛି। ରାଜୀବ କୌଲ୍ ଆଇକସ୍ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ରହିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର



ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ ରେ ଦୀର୍ଘ ୧୭ବର୍ଷ ପରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଟ୍ରଫି ହାତେଇଛି। ଆରସିବିର ବିଜୟ ପରେ ଦଳର ପ୍ରଶଂସକମାନେ ଖୁବ ଉତ୍ସାହିତ ହୋଇ ପଡିଥିଲେ। ଏହି ପ୍ରଶଂସକମାନଙ୍କ ମଧ୍ୟରୁ ଏମିତି କିଛିଜଣ ଅଛନ୍ତି ଯେଉଁମାନଙ୍କର ଖେଳ ପ୍ରତି ଖୁବ ଦୁର୍ବଳତା ରହିଛି। ସମୟ ସମୟରେ ଦଳ ବିଜୟୀ ହୋଇଗଲେ ପ୍ରଶଂସକମାନେ ଖୁବ ଉତ୍ସାହିତ ହୋଇ ସେମାନଙ୍କ ପାଗଳାମୀ ଦେଖାଇବା ଆରମ୍ଭ କରି ଦେଇଥାଆନ୍ତି। ଏପରି କିଛି ଭିଡିଓ ଆରସିବିର ବିଜୟ ହେବାପରେ ସାମ୍ନାକୁ ଆସିଛି। ସୋସିଆଲ୍ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ, ଆରସିବି ଏବଂ ବିରାଟ କୋହଲିଙ୍କ ଜଣେ ପ୍ରଶଂସକ ଏତେ ମାତ୍ରାରେ ଉତ୍ସାହିତ ହୋଇଯାଇଥିଲେ ଯେ, ସେ ତାଙ୍କ ହାତ କାଟି ଦେଇଛନ୍ତି। ହାତ କାଟିବା ପରେ ସେଥିରୁ ବାହାରୁଥିବା ରକ୍ତକୁ ନେଇ ଫ୍ୟାନ୍ସ ଜଣକ ବିରାଟଙ୍କ ପୋଷ୍ଟରରେ ଟିକା ଲଗାଉଥିବାର ଦେଖିବାକୁ ମିଳୁଛି। ତେବେ ବିରାଟଙ୍କ ମଥାରେ ଟିକା ଲଗାଇବା ପାଇଁ ଉକ୍ତ ଖେଳପ୍ରେମୀ ଓ ବିରାଟଙ୍କ ଫ୍ୟାନ୍ସ ଜଣକ ଥରେ ନୁହେଁ ତିନିଥର ଏକ ବ୍ଲେଡ଼ ସାହାଯ୍ୟରେ ହାତକୁ କାଟି ଦେଇଥିଲେ। ପ୍ରଶଂସକଙ୍କ ଏପରି ହାବଭାବ ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କ ହାତରୁ ରକ୍ତ ବାହାରୁଥିବା ମଧ୍ୟ ଭିଡିଓରୁ ଦେଖିବାକୁ ମିଳୁଛି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ବହୁ ମାତ୍ରାରେ ବ୍ୟାପୁଥିବାର ଲାଗିଛି।



## ବିରାଟଙ୍କ ନାଁରେ ମାମଲା




ବେଙ୍ଗାଲୁରୁ: ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ଦୀର୍ଘ ୧୭ବର୍ଷ ପରେ ଆଇପିଏଲ୍ ଟ୍ରଫି ହାତେଇଥିଲା। ଏଥି ନିମନ୍ତେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ୍ ବିଜୟ ଉତ୍ସବ ପାଳନ କରିଥିଲା। ଏହି ଅବସରରେ ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ବାହାରେ ହୋଇଥିବା ଦଳଚକଟାରେ ୧୧ଜଣ ପ୍ରଶଂସକ ପ୍ରାଣ ହରାଇବା ଏବଂ ୫୦ରୁ ଅଧିକ ଲୋକ ଆହତ ହେବା ମାମଲାରେ ଜଣେ ସାମାଜିକକର୍ମୀ, ବରିଷ୍ଠ ଖେଳାଳି ବିରାଟ କୋହଲିଙ୍କ ନାଁରେ ମାମଲା ରୁଜୁ କରିଛନ୍ତି। କର୍ଣ୍ଣାଟକର ଶିବମୋଗା ଜିଲ୍ଲାର ଏଚ୍‌ଏମ୍ ଭେଙ୍କଟେଶ ନାମକ ଏହି ସାମାଜିକକର୍ମୀ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ନିକଟରେ ଥିବା କାର୍ବନ ପାର୍କ ପୁଲିସ ଥାନାରେ ଲିଖିତ ଅଭିଯୋଗ କରି କୋହଲିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଗ୍ରହଣ କରିବା ସହ ଏହାକୁ ତଦନ୍ତ ପରିସରଭୁକ୍ତ କରିବ ବୋଲି କହିଛି।

### ବେଙ୍ଗାଲୁରୁ ଦଳାଚକଟା ମାମଲା

## ଇସ୍ତଫା ଦେଲେ ସଚିବ ଓ କୋଷାଧ୍ୟକ୍ଷ



କର୍ଣ୍ଣାଟକ: ଚିନ୍ନାସ୍ୱାମୀ ଷ୍ଟାଡିୟମ ଦଳାଚକଟା ଘଟଣାରେ ବଡ ଟ୍ୱିଷ୍ଟ। କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘର ସମ୍ପାଦକ ଏ ଶଙ୍କର ଏବଂ କୋଷାଧ୍ୟକ୍ଷ ଇଏସ ଜୟରାମ ଇସ୍ତଫା ଘୋଷଣା କରିଛନ୍ତି। ଉଭୟ ନୈତିକ ଦୃଷ୍ଟିର ଇସ୍ତଫା ଦେଇଥିବା ସୂଚନା ମିଳିଛି। ଦଳାଚକଟା ମାମଲାରେ, ଆରସିବିର ମାର୍କେଟିଂ ମୁଖ୍ୟ ନିଖିଲ ସୋସାଲେଙ୍କ ସମେତ ଚାରି ଜଣଙ୍କୁ କର୍ଣ୍ଣାଟକ ପୋଲିସ ଗିରଫ କରିଥିଲା। ସୋସାଲେଙ୍କ ବ୍ୟତୀତ, ଡିଏନଏ ଏଣ୍ଟରଟେନମେଣ୍ଟ ପ୍ରାଇଭେଟ ଲିମିଟେଡର ସୁନୀଲ ମାଥ୍ୟୁ, ସୁମନ୍ତ ଏବଂ କିରଣ କୁମାରଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ସୋସାଲେ ତାଙ୍କ ଗିରଫଦାରୀକୁ ବେଆଇନ ବୋଲି କହି କର୍ଣ୍ଣାଟକ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଛନ୍ତି। ସୂଚନା ଥାଉକି, ଜୁନ୍ ୪ ବୁଧବାର ଦିନ ବେଙ୍ଗାଲୁରୁରେ ଆରସିବି ବିଜୟର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କିନ୍ତୁ ଏହି ସମୟରେ, ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଏକ ଅପ୍ରୀତିକର ଘଟଣା ଘଟିଥିଲା ଏବଂ ଦଳାଚକଟାରେ ୧୧ ଜଣ ପ୍ରଶଂସକଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ, ଆରସିବି, କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ ଏବଂ ଇଭେଣ୍ଟ ମ୍ୟାନେଜମେଣ୍ଟ ଫାର୍ମ ଡିଏନଏ ଏଣ୍ଟରଟେନମେଣ୍ଟ ନେଟୱାର୍କସ୍ ବିରୁଦ୍ଧରେ ଏକ ଏଫଆଇଆର ରୁଜୁ କରାଯାଇଥିଲା। ଏଫଆଇଆର ପଞ୍ଜିକୃତ ହେବା ପରେ, କେଏସସିଏ ଏବଂ ଆରସିବି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷରେ, କର୍ଣ୍ଣାଟକ ହାଇକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ନୋଟିସ୍ ଜାରି କରି ସବୁ ପରିସ୍ଥିତି ଉପରେ ରିପୋର୍ଟ ମାଗିଥିଲେ। ହାଇକୋର୍ଟ ପରବର୍ତ୍ତୀ ଜୁନ୍ ୧୦ରେ ମାମଲାର ଶୁଣାଣି କରିବେ।

### ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ୟୁରୋପିଆନ ଲେଗ୍

## ଭାରତୀୟ ପୁରୁଷ ଦଳର ପରାଜୟ



ନୂଆଦିଲ୍ଲୀ: ଏଫଆଇଏଚ ପୁରୁଷ ହକି ପ୍ରୋ ଲିଗ ୨୦୨୪-୨୫ର ୟୁରୋପିଆନ ଲେଗ୍ ଆରମ୍ଭ ହୋଇଯାଇଛି। ଶନିବାର ଭାରତୀୟ ପୁରୁଷ ହକି ଦଳ ଏହି ଲେଗ୍‌ରେ ପ୍ରଥମ ମ୍ୟାଚ ନେଦରଲ୍ୟାଣ୍ଡ ବିପକ୍ଷରେ ନେଦରଲ୍ୟାଣ୍ଡର ଆମଷ୍ଟେଲଭିନର ୱାଗେନର ହକି ଷ୍ଟାଡିୟମରେ ଖେଳିଥିଲେ। ତେବେ ଭାରତୀୟ ପୁରୁଷ ଦଳ ଏହି ମ୍ୟାଚରେ ନେଦରଲ୍ୟାଣ୍ଡ ଠାରୁ ୧-୨ ଗୋଲରେ ପରାସ୍ତ ହୋଇଛି। ଭାରତର ଅଧିନାୟକ ହରମନପ୍ରୀତ ସିଂହ ପ୍ରଥମେ ଗୋଲ କରିଥିଲେ। ପରେ ବିପକ୍ଷ ନେଦରଲ୍ୟାଣ୍ଡ ଦଳର ଥିଜସ୍ ଭାନ୍ ଡାମ୍ ନେଦରଲ୍ୟାଣ୍ଡ ପାଇଁ ଦୁଇଟି ଗୋଲ୍ କରି ଭାରତକୁ ପରାସ୍ତ କରିଥିଲେ। ଭାରତ ଦଳ ୯ ଜୁନରେ ପୁଣି ଥରେ ନେଦରଲ୍ୟାଣ୍ଡ ବିପକ୍ଷରେ ଖେଳିବ। ବର୍ତ୍ତମାନ ପଏଣ୍ଟ ଟେବୁଲରେ ନେଦରଲ୍ୟାଣ୍ଡ ୧୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି। ଭାରତ ୧୫ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ଭାରତୀୟ ପୁରୁଷ ହକି ଦଳର ଉପ-ଅଧିନାୟକ ହାର୍ଦ୍ଦିକ ସିଂହ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ମାଇଲଖୁଣ୍ଟରେ ପହଞ୍ଚିଛନ୍ତି। ନେଦରଲ୍ୟାଣ୍ଡ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ର ୟୁରୋପୀୟ ପର୍ଯ୍ୟାୟର ଭାରତର ଉଦଘାଟନୀ ମ୍ୟାଚରେ ୧୫୦ତମ ଅନ୍ତର୍ଜାତୀୟ କ୍ୟାପ୍ ଅର୍ଜନ କରିଛନ୍ତି ହାର୍ଦ୍ଦିକ।

## ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଚାମ୍ପିଅନ୍‌ସିପ୍: ବରଗଡ଼ ଏଫସି ଚାମ୍ପିଅନ୍



ଭୁବନେଶ୍ୱର/ ରାଉରକେଲା (ଭାସ୍କର ନ୍ୟୁଜ୍) : ସିଏମ୍ ଟ୍ରଫି - ଲକ୍ଷ୍ୟ ଏକ, ପ୍ରତିଭା ଅନେକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିଲା ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍ - ୨୦୨୫। ବିଗତ ୧୬ ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ବହୁ ପ୍ରତିକ୍ଷୀତ ଫାଇନାଲ୍ ମ୍ୟାଚ୍ ରବିବାର ରାଉରକେଲା ସ୍ଥିତ ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଫାଇନାଲ୍ ମ୍ୟାଚ୍ ବରଗଡ଼ ଏଫସି ଏବଂ ଭୁବନେଶ୍ୱର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଏଫସି ଭୁବନେଶ୍ୱର ଏଫସିକୁ ୩-୨ ଗୋଲ୍ ବ୍ୟବଧାନରେ ପରାସ୍ତ କରି ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍ -୨୦୨୫ର ବିଜେତା ହୋଇଛି। ଆଜି ଅନୁଷ୍ଠିତ ହୋଇଥିବା ଫାଇନାଲ୍ ମ୍ୟାଚ୍‌ରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କ୍ରୀଡ଼ାବିତମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ନିଜର ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମ ଥର ପାଇଁ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍‌ର ଆୟୋଜନ କରାଯାଇଥିଲା। ତୃଣମୂଳ ସ୍ତରରୁ ଓଡ଼ିଶାର ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ ସେହି ଲକ୍ଷ୍ୟରେ ସିଏମ୍ ଟ୍ରଫି ଚାମ୍ପିୟାନସିପ୍‌ର ଆୟୋଜିତ ହୋଇଥିଲା। ଆଜି ଏହି ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଛି। ବିଜୟୀ ଦଳ ବରଗଡ଼ ଏଫସି ଏବଂ ଏହି ଚାମ୍ପିୟାନସିପ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡ଼ାବିତମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି। ସିଏମ୍ ଟ୍ରଫି ଚାମ୍ପିୟାନସିପ୍ ନିଶ୍ଚିତ ରୂପେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିପାରିଛି। ଏହି ଚାମ୍ପିୟାନସିପ୍‌ରୁ ଶ୍ରେଷ୍ଠ ୧୦୦ଜଣ କ୍ରୀଡ଼ାବିତମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିସହିତ ଆଗାମୀ ଦିନରେ ବିଭିନ୍ନ କ୍ରୀଡ଼ା ଯଥା ଆଥଲେଟିକ୍ସ, ବ୍ୟାଡ଼ମିଣ୍ଟନ, ଖୋଖୋ, କବାଡ଼ି, ହକି ଓ ଅନ୍ୟାନ୍ୟ କ୍ରୀଡ଼ାକୁ ମଧ୍ୟ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପ୍‌ରେ ସାମିଲ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ସୂରଜ ମତପ୍ରକାଶ କରିଥିଲେ। ଆଜିର ସିଏମ୍ ଟ୍ରଫି ଚାମ୍ପିୟାନସିପ୍‌ର ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର ପ୍ରେସିଡେଣ୍ଟ ତଥା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ। ସିଏମ୍ ଟ୍ରଫି ଚାମ୍ପିୟାନସିପ୍ ଓଡ଼ିଶାର ସମସ୍ତ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ଏହି ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିଛି ଏବଂ ରାଜ୍ୟରେ କ୍ରୀଡ଼ାର ବିକାଶର ଏହି ଜୟଯାତ୍ରା ଆଗକୁ ମଧ୍ୟ ଏହିପରି ଭାବେ ଜାରି ରହିବ ବୋଲି ସେ କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଫୁଟବଲ ଆସୋସିଏସନ୍ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିଅନ୍‌ସିପ୍‌ର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ମାସ ୧୬ ତାରିଖରୁ ଏପ୍ରିଲ ମାସ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ଅଂଶଗ୍ରହଣ କରିଥିଲେ। ଏହାପରେ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲ୍ ସ୍ତରୀୟ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରରୁ ଚୟନିତ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ଜୋନ୍-ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ସିଏମ୍-ଟ୍ରଫି ସେମି ଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲ୍‌ରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଇଥିବାରୁ ବାସ୍ତବରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିଛି। ଏଥିସହିତ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପର ଲୋଗୋ, ଟ୍ରଫି, ଜର୍ସି ଓ ଆନଥେମ୍‌କୁ ମଧ୍ୟ ନିକଟ ଅତୀତରେ ଉନ୍ମୋଚିତ କରାଯାଇଥିଲା। କ୍ରୀଡ଼ାବିତମାନଙ୍କ ମଧ୍ୟରେ ରହିଥିବା ଅଦମ୍ୟ ଉତ୍ସାହ ଓ ଦୃଢ଼ ପ୍ରତିବଦ୍ଧତାକୁ ଆନଥେମ୍‌ରେ ଖୁବ୍ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

### ଧଳା ବଲ କ୍ରିକେଟର ଅଧିନାୟକ ରେସ୍‌ରେ ଶ୍ରେୟାଶ

ନୂଆଦିଲ୍ଲୀ: ଭାରତୀୟ ଦଳ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଇଂଲଣ୍ଡ ଗସ୍ତରେ କରିଛି। ଶୁଭମନ ଗିଲଙ୍କ ନେତୃତ୍ୱରେ ଯୁବ ଖେଳାଳିଙ୍କ ପାଇଁ ଏହି ସିରିଜ ଭବିଷ୍ୟତ ନିମନ୍ତେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ। । ତେବେ ଇତି ମଧ୍ୟରେ ଆଇପିଏଲରେ ଶ୍ରେୟାଶ ଆୟାରଙ୍କ ନେତୃତ୍ୱ ଓ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଛି। ଏପରିକି ତାଙ୍କୁ ଧଳା ବଲ କ୍ରିକେଟରେ ଭାରତର ଭବିଷ୍ୟତ ଅଧିନାୟକ ଭାବେ ମଧ୍ୟ ଚିତ୍ରଣ କରାଯାଉଛି। ମ୍ୟାଚର ଚାପଭରା ପରିସ୍ଥିତିରେ ସେ ଦଳର ନେତୃତ୍ୱ ଠିକ ଭାବେ ନେଇ ପାରୁଛନ୍ତି।୨୦୨୭ ଦିନିକିଆ ବିଶ୍ୱକପରେ କିଏ ଭାରତର ନେତୃତ୍ୱ ନେବ ତାହା ଅବଶ୍ୟ ଏବେଠାରୁ ଆକଳନ କରିହେବନି, ମାତ୍ର ଶ୍ରେୟାଶ ଲମ୍ବା ରେସର ଘୋଡା ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି।

## ଜିଲ୍ଲାସ୍ତରୀୟ ଦ୍ୱିତୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ




ବାରିପଦା:(ଭାସ୍କର ନ୍ୟୁଜ୍) : ଆଜି ବାରିପଦାର ଦେବେନ୍ଦ୍ରପୁର ସ୍ଥିତ ବିଜୁପଟ୍ଟନାୟକ ସନ୍ତରଣାଗାର ଠାରେ ଓଡିଶା ରାଜ୍ୟ ସନ୍ତରଣ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦ୍ୱିତୀୟ ସନ୍ତରଣ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସମ୍ମାନନୀୟା ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ପଞ୍ଚମ ବାଟାଲିୟନର କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ଅବସରରେ ମହାରାଣୀ ପ୍ରତିଯୋଗତାରେ ଅଂଶଗ୍ରହଣକାରି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ଉତ୍ସାହଭରା ଶବ୍ଦ ମାଧ୍ୟମରେ ସେମାନଙ୍କ ଭବିଷ୍ୟତ ଜୀବନ ଅଗ୍ରଗତିର ମଙ୍ଗଳ କାମନା କରିଥିଲେ। ସେହିପରି କମାଣ୍ଡାଣ୍ଟ ଶ୍ରୀ ନାୟକ କହିଥିଲେ ଯେ, ଅନ୍ୟାନ୍ୟ ଖେଳ କୁଦ ସହିତ ସନ୍ତରଣ ଶିଖିବା ନିଶ୍ଚିତ ଭାବେ ପିଲାମାନଙ୍କର ଏକ ଅନନ୍ୟ ପ୍ରତିଭା। ଏହା କେବଳ ଯେ ନିଜର ଦକ୍ଷତାର ପରିଚୟ ଦେଇ ଥାଏ ତା ନୁହେଁ ବରଂ ଜଳରେ ବୁଡିଯିବା ଭଳି ଆକସ୍ମିକ ବିପଦ ସମୟରେ ଆତ୍ମରକ୍ଷାର ମାଧ୍ୟମ ସାଜିଥାଏ। କାରଣ ବନ୍ୟାବାତ୍ୟା ଓ ଅନ୍ୟାନ୍ୟ ସମୟରେ ଦୁର୍ଭାଗ୍ୟ ବଶତଃ ଲୋକମାନେ ପାଣିରେ ବୁଡି ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ତେଣୁ ଛୋଟ ବେଳରୁ ସନ୍ତରଣ କୌଶଳ ତାଲିମ ନେଇଥିଲେ ଜଳରେ ବୁଡିଯିବା ଭଳି ଆକସ୍ମିକ ବିପଦରୁ ନିଜେ ରକ୍ଷା ପାଇବା ସହିତ ଅନ୍ୟ ମାନଙ୍କ ଅମୂଲ୍ୟ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇପାରିବେ। ଆଜିର ଅନୁଷ୍ଠିତ ପ୍ରତିଯୋଗିତାରେ ପାଖାପାଖି ୧୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାକୁ ହୁର୍ଣ୍ଣୀ ମହାପାତ୍ର, ହେମନ୍ତ କୁମାର ବଳ, କମଳ କୁମାର କୁଅଁରବାବୁ ଓ ଅବିନାଶ ସାହୁ ଆୟୋଜନ କରିଥିଲେ।

## ସରିଲା ରିଙ୍କୁ ସିଂହଙ୍କ ନିର୍ବନ୍ଧ



ନୂଆଦିଲ୍ଲୀ: କ୍ରିକେଟର ରିଙ୍କୁ ସିଂହ ଓ ଉତ୍ତର ପ୍ରଦେଶର ମଛଲୀସହରରୁ ସାଂସଦ ପ୍ରିୟା ସରୋଜଙ୍କ ନିର୍ବନ୍ଧ ହୋଇଛି। ଏହି ନିର୍ବନ୍ଧ କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଯୋଗ ଦେଇଥିଲେ। ରିଙ୍କୁ ସିଂହ ନିଜ କ୍ରିକେଟରେ ସଭିଙ୍କୁ ପ୍ରଭାବିତ କରୁଥିବା ବେଳେ ପ୍ରିୟା ସରୋଜ ରାଜନୀତିରେ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ପ୍ରିୟା ସରୋଜ ପ୍ରଥମ ଥର ୨୦୨୪ରେ ମଛଲୀସହର ଲୋକସଭା ଆସନରୁ ଜିତି ୨୫ ବର୍ଷ ବୟସରେ ସାଂସଦ ହୋଇଥିଲେ। ଦୁହେଁ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ। ତେବେ ଦୁହିଁଙ୍କ ଆୟରେ ଆକାଶ ପାତାଳର ବ୍ୟବଧାନ ରହିଛି। ରିଙ୍କୁ ସିଂହଙ୍କ ପାଇଁ ୨୦୨୪ ଅନେକ ପରିବର୍ତ୍ତନ ଆଣିଥିଲା। ଏହି ବର୍ଷ ସେ ନିଜ ତାଙ୍କ ବାନ୍ଧବୀ ତଥା ସାଂସଦ ପ୍ରିୟା ସରୋଜଙ୍କୁ ଭେଟିଥିଲେ। ଅନ୍ୟପଟେ ମେଗା ଅକ୍ସନରେ କୋଲକାତା ନାଇଟ୍ ରାଇଡର୍ସ ତାଙ୍କୁ ବାର୍ଷିକ ୧୩ କୋଟି ଟଙ୍କାରେ ରିଟେନ୍ କରିଥିଲା। ଏହା ପୂର୍ବରୁ ରିଙ୍କୁ ସିଂହ ୨୦୨୨ରୁ ୨୦୨୪ ଯାଏ ବାର୍ଷିକ କେବଳ ୫୫ ଲକ୍ଷ ଟଙ୍କା ଫି' ପାଉଥିଲେ, କିନ୍ତୁ ମେଗା ନିଲାମୀ ପରେ ରିଙ୍କୁ ସିଂହଙ୍କ ସମ୍ପତ୍ତି ପ୍ରାୟ ୭ କୋଟି ଟଙ୍କାରୁ ବଢି ବାର୍ଷିକ ୧୮ କୋଟି ଟଙ୍କା ହୋଇଛି।

## ଇଂଲଣ୍ଡରେ ଭାରତୀୟ ଦଳର ଜୋରଦାର ଅଭ୍ୟାସ



ନୂଆଦିଲ୍ଲୀ: ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡରେ ପହଞ୍ଚି ସାରିଛି। ଜୁନ ୨୦ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଭାରତୀୟ ଦଳ ଅଭ୍ୟାସ୍ ଆରମ୍ଭ କରି ଦେଇଛି। ଯଶପ୍ରୀତ ବୁମରା, ପ୍ରସିଦ୍ଧ କୃଷ୍ଣା, ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କ ଦ୍ରୁତ ବୋଲର ୟୁନିଟ୍‌ଙ୍କ ବ୍ୟତୀତ ଅଧିନାୟକ ଶୁଭମନ ଗିଲ୍, ଋଷଭ ପନ୍ତ ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମାର୍ଗଦର୍ଶନରେ ଅଭ୍ୟାସ୍ କରିଛନ୍ତି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ବରିଷ୍ଠ ଖେଳାଳିଙ୍କ ସନ୍ନ୍ୟାସ ପରେ ଗିଲ୍‌ଙ୍କୁ ଭାରତର ୩୭ତମ ଟେଷ୍ଟ ଅଧିନାୟକ କରାଯାଇଛି। ସେ ଅପେକ୍ଷାକୃତ ଯୁବ ଦଳର ନେତୃତ୍ୱ ନେଉଛନ୍ତି। ଦଳର ଲକ୍ଷ୍ୟ ୨୦୦୭ ପରେ ଇଂଲଣ୍ଡରେ ଟେଷ୍ଟ ସିରିଜ୍ ଜିତିବା। ତେନ୍ଦୁଲକର-ଆଣ୍ଡରସନ ନାମରେ ନାମିତ ସିରିଜ୍‌ର ପ୍ରଥମ ମ୍ୟାଚ୍ ହେଡିଙ୍ଗ୍ଲେରେ ଖେଳାଯିବ। ଏହା ପରେ ଆଜବେଷ୍ଟନ, ଲର୍ଡ୍ସ, ଓଲ୍ଡ ଟ୍ରାଫର୍ଡ ଓ ଓଭାଲରେ ସିରିଜର ଅବଶିଷ୍ଟ ୪ଟି ମ୍ୟାଚ୍ ଖେଳାଯିବ। ଭାରତୀୟ ଟେଷ୍ଟ ଦଳରେ ସାମିଲ୍ କିଛି ଖେଳାଳି ଏବେ ଭାରତ ଏ ପକ୍ଷରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଦ୍ୱିତୀୟ ଅନୌପଚାରିକ ଟେଷ୍ଟ ମ୍ୟାଚ୍ ଖେଳୁଛନ୍ତି। ଏହି ଗସ୍ତ ଉପରେ ସଭିଙ୍କ ନଜର ରହିଛି। କାରଣ ଭାରତୀୟ ଦଳ ଏକ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ସମୟ ଦେଇ ଗତି କରୁଛି। ଇଂଲଣ୍ଡ ପହଞ୍ଚିଥିବା ଭାରତୀୟ କ୍ରିକେଟ୍ ଦଳରେ ଅନୁଭବ ଓ ଯୁବ ଖେଳାଳିଙ୍କ ମିଶ୍ରଣ ରହିଛି। ଭାରତୀୟ ଦଳ ନିଜର ଡବ୍ଲ୍ୟୁଟିସି ଅଭିଯାନକୁ ମଜବୁତ ସହ ଆରମ୍ଭ କରିବାକୁ ଚାହିଁବ। ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ/କରୁଣ ନାୟର/ ଅଭିମନ୍ୟୁ ଈଶ୍ୱରନ, ଶୁଭମନ ଗିଲ(ଅଧିନାୟକ), ଋଷଭ ପନ୍ତ (ୱିକେଟ୍ କିପର), ରବୀନ୍ଦ୍ର ଜାଡ଼େଜା, ନୀତିଶ କୁମାର ରେଡ୍ଡୀ, ମହମ୍ମଦ ସିରାଜ, ଯଶପ୍ରୀତ ବୁମରା, କୁଲଦୀପ ଯାଦବ, ପ୍ରସିଦ୍ଧ କୃଷ୍ଣ।

## ଏସୀୟ ଭାରୋତ୍ତୋଳନ ପାଇଁ ଓଡ଼ିଶାରୁ ଦୁଇ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଜୁଲାଇ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ କାଜାକସ୍ତାନର ଆସ୍ଥାନାଠାରେ ଖେଳାଯିବାକୁ ଥିବା ଏସୀୟ ଯୁବ ଓ କନିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତା ଲାଗି ଓଡ଼ିଶାରୁ ମୀନା ସାନ୍ତା (ଏ) ଏବଂ ବିଦ୍ୟୁସ୍ମିତା ଭୋଇ ଭାରତୀୟ ଦଳରେ ମନୋନୀତ ହୋଇଛନ୍ତି। ମୀନା ୫୮ କିଲୋଗ୍ରାମ ଓଜନ ବର୍ଗରେ ଏବଂ ବିଦ୍ୟୁସ୍ମିତା ୬୩ କିଲୋଗ୍ରାମ ଓଜନ୍ ବର୍ଗରେ ଅଂଶଗ୍ରହଣ କରିବେ। ଜୁନ୍ ୨ ତାରିଖରେ ପଞ୍ଜାବର ପାଟିଆଲାଠାରେ ଅନୁଷ୍ଠିତ ଜାତୀୟ ଦଳର ଚୟନ ଶିବିରରେ ଓଡ଼ିଶାରୁ ୬ ଜଣ ଭାଗ ନେଇଥିବାବେଳେ ଏହି ୨ ଜଣ ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୀନା କଳିଙ୍ଗ ଷ୍ଟାଡିୟମ୍ ଭାରେତ୍ତୋଳନ ଏଚ୍‌ପିସିରେ ଅଭ୍ୟାସ କରିବା ପରେ ଏବେ ପାଟିଆଲାର ଜାତୀୟ ଉତ୍କର୍ଷ କେନ୍ଦ୍ରରେ ଏବଂ ବୁଦୁସ୍ମିତା ଢ଼େଙ୍କାନାଳ ଏଚ୍‌ପିସି ସବ୍‌ସେଣ୍ଟରରେ ତାଲିମ ନେଉଛନ୍ତି। ଉଭୟ ଖେଳାଳିଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଂଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।

## ଡିଆର୍‌କେ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: କୋର୍ ହାଣ୍ଟର୍ସ ବିଜୟୀ



ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆର୍‌କେ କପ୍ ଦିବାରାତ୍ର ୨୦ - ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନର ମ୍ୟାଚରେ କୋର ହାଣ୍ଟର୍ସ, ରାଫେଲ ରକେଟ୍ସକୁ ୩ ୱିକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ରାଫେଲ ରକେଟ୍ସ ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ୯୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁବ୍ରତ କୁମାର ସିଂ ୨୯ ଓ ରୁପମ ମହାନ୍ତି ୧୯ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅଭିଷେକ ପରିଡା, କ୍ଷମାସାଗର ବଳ ଓ ଯଶୋବନ୍ତ ସିଂ ୨ ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ କୋର ହାର୍ଣ୍ଟର୍ସ ୧୫.୪ ଓଭରରେ ୭ ୱିକେଟ ହରାଇ ୯୯ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ଦିବ୍ୟେଶ ମହାନ୍ତି ୪୪ ଏବଂ କ୍ଷମାସାଗର ବଳ ଓ ଦୀପକ ବେହେରା ୧୧ ରନ ଲେଖାଏଁ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିନ୍‌ହା, ପ୍ରୀତିଦେବ ଜେନା ଓ ବିଶ୍ୱଜିତ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରରେ ସହାୟତା କରିଥିଲେ। ସୋମନାଥ ସିଂହ ଓ ବୁବୁ ସିନ୍‌ହା ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଟୁର୍ଣ୍ଣାମେଣ୍ଟର ଉପ ସଭାପତି କାଶୀନାଥ ରଣା, ପୂର୍ବତନ କ୍ରିକେଟ ଖେଳାଳି ଅଞ୍ଜନ ଜେନା ତଥା ଆୟୋଜକ ଅମିତାଭ ଦାସ ଓ ସତ୍ୟନାରାୟଣ ଜୀଉ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫ୍ରେଞ୍ଚ୍ ଓପନ୍ ଜିତିଲେ କୋକୋ ଗଫ୍



ନୂଆଦିଲ୍ଲୀ: ଫ୍ରେଞ୍ଚ୍ ଓପନ୍ ମହିଳା ଏକକ ବର୍ଗ ଫାଇନାଲ୍ ଜିତି ଆମେରିକାର କୋକୋ ଗଫ୍ ଇତିହାସ ରଚିଛନ୍ତି। ଫାଇନାଲ୍‌ରେ ସେ ଦୁନିଆର ଏକ ନମ୍ବର ଖେଳାଳି ଏରିନା ସାବାଲେଙ୍କାଙ୍କୁ ହରାଇଛନ୍ତି। କୋକୋ ଗଫ୍ ପ୍ରଥମ ସେଟ୍ ହାରିବା ପରେ ଜୋରଦାର କମ୍‌ବ୍ୟାକ୍ କରି ସାବାଲେଙ୍କାଙ୍କୁ ୬-୭, ୬-୨, ୬-୪ରେ ପରାସ୍ତ କରିଛନ୍ତି। ଏହାସହ କୋକୋ ନିଜର ପ୍ରଥମ ରୋଲାଣ୍ଡ ଗାରୋସ ଟାଇଟଲ୍ ଜିତିଛନ୍ତି। ପ୍ରଥମ ସେଟ୍‌କୁ କଡ଼ା ମୁକାବିଲାରେ ହାରିବା ପରେ କୋକୋ ନିଜ ଗିୟର ବଦଳାଇଥିଲେ ଓ ପରବର୍ତ୍ତୀ ଦୁଇ ସେଟ୍‌ରେ ସାବାଲେଙ୍କାଙ୍କୁ ଫେରିବାର ସୁଯୋଗ ଦେଇନଥିଲେ। ଫ୍ରେଞ୍ଚ ଓପନ୍ ଜିତିବା ପରେ କୋକୋ ଗଫ୍ ଷ୍ଟାଣ୍ଡରେ ଉପସ୍ଥିତ ନିଜ ମାଆ ଓ କୋଚ୍‌ଙ୍କୁ ଆଲିଙ୍ଗନ କରି ବିଜୟ ଖୁସି ମନାଇଥିଲେ। ଦ୍ୱିତୀୟ ରାଙ୍କିଂର ଗଫ୍ ଏହା ପୂର୍ବରୁ ୨୦୨୩ରେ ଆମେରିକୀୟ ଓପନ୍ ଜିତିଥିଲେ। ରୋଲାଣ୍ଡ ଗାରୋସରେ ୨୦୧୩ ପରେ ପ୍ରଥମ ଥର ପାଇଁ ଦୁନିଆର ଏକ ନମ୍ବର ଓ ଦୁଇ ନମ୍ବର ଖେଳାଳିଙ୍କ ମଧ୍ୟରେ ମୁକାବିଲା ଖେଳାଯାଇଥିଲା। ୧୨ ବର୍ଷ ପୂର୍ବେ ମାରିଆ ସାରାପୋଭାଙ୍କୁ ହରାଇ ସାରେନା ୱିଲିୟମ୍ସ ଟାଇଟଲ୍ ଜିତିଥିଲେ।

## ତାଇୱାନ୍ ଓପନ୍ ଭାରତକୁ ୬ ସ୍ୱର୍ଣ୍ଣ

ନୂଆଦିଲ୍ଲୀ: ତାଇୱାନ ଆଥଲେଟିକ୍ସ ଓପନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ପ୍ରଥମ ଦିନ ୬ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସୀୟ ବିଜୟିନୀ ଜ୍ୟୋତି ୟାରାଜୀ ୧୦୦ ମିଟର୍ ବାଧା ଦୌଡ଼ରେ ଚମତ୍କାର ସମୟ (୧୨.୯୯ ସେକେଣ୍ଡ) ସହ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ପୁରୁଷ ୧୧୦ ମିଟର୍ ବାଧାଦୌଡ଼ରେ ତେଜାସ ଶୀର୍ଷେ ନିଜ ଖେଳ ଜୀବନର ଦ୍ୱିତୀୟ ଦ୍ରୁତତମ ସମୟ (୧୩.୫୨ ସେକେଣ୍ଡ) ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ଭାରତ ପାଇଁ ମହିଳା ୧୫୦୦ ମିଟରରେ ପୂଜା ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଟ୍ରିପଲ୍ ଜମ୍ପ ?ରେ ଅବଦୁଲ୍ଲା ଅବୁବାକର୍ ଙ୍କ ସହିତ ପୁରୁଷ ଓ ମହିଳା ୪ ଗୁଣା ୧୦୦ ମିଟର୍ ରିଲେ ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।




ମସ୍ତିଷ୍କକୁ ଶକ୍ତିଶାଳୀ ରଖିବା ପାଇଁ ସୁସ୍ଥ ଜୀବନଶୈଳୀ ରଖିବା ଜରୁରୀ। ଆପଣଙ୍କ ଖାଦ୍ୟ ଏବଂ ଜୀବନଶୈଳୀ ମସ୍ତିଷ୍କ ଉପରେ ସମାନ ପ୍ରଭାବ ପକାଇଥାଏ। କିଛି ଔଷଧି ଏବଂ ଉଭିଦ ମଧ୍ୟ ମସ୍ତିଷ୍କକୁ ସୁସ୍ଥ କରିବାରେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ରୋଜମେରୀର ସୁଗନ୍ଧିତ ଉଭିଦ ମଧ୍ୟ ସେମାନଙ୍କ ମଧ୍ୟରୁ ଅନ୍ୟତମ, ଯାହା କେବଳ ଏକ ସୁଗନ୍ଧିତ ଉଭିଦ ନୁହେଁ ବରଂ ଏକ ଔଷଧୀୟ ମଧ୍ୟ ଯାହା ସ୍ମୃତି ଶକ୍ତିକୁ ତୀକ୍ଷ୍ଣ କରିବାରେ ବହୁତ ଲାଭଦାୟକ।ରୋଜମେରୀ ଏକ ସୁଗନ୍ଧିତ-ଔଷଧୀୟ ଉଭିଦ, ଏହାର ଛୁଞ୍ଚି ପରି ପତ୍ର ଏବଂ ବାଇଗଣୀ-ନୀଳ ଠାରୁ ଧଳା ରଙ୍ଗ ପାଇଁ ଜଣାଶୁଣା। ରୋଜମେରୀ ଫୁଲର ବିଶେଷତ୍ୱ ହେଉଛି ଏହି ଫୁଲଗୁଡ଼ିକ ଖାଇବାଯୋଗ୍ୟ। ଖାଦ୍ୟରେ ଏକ ଭିନ୍ନ ସ୍ୱାଦ ଏବଂ ସୁଗନ୍ଧ ଯୋଡିବା ପାଇଁ ଏହାକୁ ଅନେକ ପ୍ରକାରର ଖାଦ୍ୟରେ ବ୍ୟବହାର କରାଯାଏ। ରୋଜମେରୀ ଗଛ ଗରମ ଏବଂ ଆର୍ଦ୍ର ପରିବେଶରେ ଭଲ ଭାବରେ ବଢ଼ିଥାଏ। ଏହାକୁ ପୂର୍ଣ୍ଣ ସୂର୍ଯ୍ୟକିରଣ ଏବଂ ଭଲ ଜଳ ନିଷ୍କାସନ ହୋଇଥିବା ମାଟି ଆବଶ୍ୟକ। ଏହି ଉଭିଦ କେବଳ ସାଜସଜ୍ଜା ନୁହେଁ ବରଂ ସ୍ୱାସ୍ଥ୍ୟ, ସ୍ୱାଦ ଏବଂ ସୁଗନ୍ଧ ଦୃଷ୍ଟିରୁ ମଧ୍ୟ ବହୁତ ଉପଯୋଗୀ। ବୈଜ୍ଞାନିକ ଅଧ୍ୟୟନ ଅନୁସାରେ, ଯଦି ଆପଣ ରୋଜମେରୀର ସୁଗନ୍ଧ ଆଘ୍ରାଣ କରନ୍ତି, ତେବେ ଏହା ମସ୍ତିଷ୍କ ଶକ୍ତିକୁ ବୃଦ୍ଧି କରେ। କେବଳ ରୋଜମେରୀ ସୁଗନ୍ଧ ଦ୍ୱାରା, ଜଣେ ବ୍ୟକ୍ତିଙ୍କ ସ୍ମୃତିଶକ୍ତି ୬୦% ରୁ ୭୫% ପର୍ଯ୍ୟନ୍ତ ଉନ୍ନତ ହୋଇପାରିବ।



# ଅଲ୍ଲୁଙ୍କ ନାୟିକା ସାଜିବେ ଦୀପିକା

ଅଲ୍ଲୁଙ୍କ ସହ ରୋମାନ୍ସ କରିବେ ଦୀପିକା, ଭିଡିଓ ସେୟାର କରି ସ୍ୱାଗତ କଲେ ଫିଲ୍ମ ନିର୍ମାତା ଅଟଲି। ଅଟଲିଙ୍କ ସହ ହାତ ମିଳାଇଛନ୍ତି ଦୀପିକା ପାଦୁକୋନ। ଖୁବଶୀଘ୍ର ନିର୍ମାତାଙ୍କ ଆଗାମୀ ଫିଲ୍ମରେ ଆସିବେ ନଜର । ଯାହାର ନାଁ 'ଏଏଟୁଟୁଏକ୍ସଏସିକ୍ସ' ରଖାଯାଇଛି । ଫିଲ୍ମରେ ଦୀପିକା ପାଦୁକୋଣ ଏବଂ ଅଲ୍ଲୁ ଅର୍ଜୁନ ଏକ ରୋମାଣ୍ଟିକ ଯୋଡ଼ି ଭାବରେ ନଜର ଆସିବେ । ଶନିବାର ଫିଲ୍ମ ନିର୍ମାତା ଦୀପିକା ପାଦୁକୋଣଙ୍କୁ ସ୍ୱାଗତ କରିବା ପାଇଁ ଏକ ଭିଡିଓ ଜାରି କରିଛନ୍ତି । ଏଥିରୁ ସ୍ପଷ୍ଟ ଯେ ଦୀପିକା ପାଦୁକୋନ 'ଏଏଟୁଟୁଏକ୍ସଏସିକ୍ସ' ରେ ତାଙ୍କର ଆକ୍ସନ୍ ଅବତାର ଉପସ୍ଥାପନ କରିବେ। କ୍ଲିପର କ୍ୟାପସନରେ ନିର୍ମାତା ଦୀପିକାଙ୍କୁ ଜଣେ 'ରାଣୀ' ଭାବରେ ବର୍ଣ୍ଣନା କରିଛନ୍ତି, ଯିଏ 'ଜିତିବାକୁ' ପ୍ରସ୍ତୁତ। ତେବେ ଗୁଜବ ଥିଲା ଯେ ଫିଲ୍ମରେ ୨ ନାୟକଙ୍କ କାହାଣୀ ଥାଇପାରେ । କିନ୍ତୁ ଅଲ୍ଲୁ ଅର୍ଜୁନଙ୍କ ଟିମ୍ ସ୍ପଷ୍ଟ କରିଛନ୍ତି ଯେ ଅଭିନେତା ଡବଲ ରୋଲ୍‌ରେ ନଜର ଆସିବେ । ଯାହା ଫିଲ୍ମର କାହାଣୀରେ ଆକର୍ଷଣୀୟ ମୋଡ଼ ଆଣିବ । ମଜାଦାର କଥା ହେଉଛି ଦୀପିକାଙ୍କୁ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଫିଲ୍ମ ସ୍ପିରିଟରୁ ବାହାର କରାଯିବାର କିଛି ସପ୍ତାହ ପରେ ଅଟଲିଙ୍କ ଫିଲ୍ମରେ ଦୀପିକାଙ୍କୁ ଏଣ୍ଟ୍ରି ମିଳିଛି । ରିପୋର୍ଟ ଅନୁଯାୟୀ, ଆଠ ଘଣ୍ଟାର ସିଫ୍ଟ, ଉଚ୍ଚ ଦରମା ଏବଂ ଫିଲ୍ମର ଲାଭରେ ଅଂଶ ଦାବି କରିବା ପାଇଁ ଦୀପିକାଙ୍କୁ ବାହାର କରାଯାଇଛି । ନିର୍ଦ୍ଦେଶକ ଭାଙ୍ଗା ତାଙ୍କ ଦାବିକୁ ପସନ୍ଦ କରି ନଥିଲେ। ନିକଟରେ ମା ହୋଇଥିବା ଦୀପିକା ତାଙ୍କ କାର୍ଯ୍ୟ ସମୟ ହ୍ରାସ କରି ତାଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ସନ୍ତୁଳନ ରଖିବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି। ସ୍ପିରିଟ୍ ବ୍ୟତୀତ ନାଗ ଅଶ୍ୱିନଙ୍କ କଲକି-୨ରୁ ଦୀପିକା ପାଦୁକୋନଙ୍କୁ ବାହାର କରାଯିବା ନେଇ ହେଉଛି ଚର୍ଚ୍ଚା ।





# କାହିଁକି ହୁଏ ଫୁଡ୍ ଆଲର୍ଜି ?

## ଜାଣନ୍ତୁ ଏହାର ଲକ୍ଷଣ...



*ପେଟରେ ଗ୍ୟାସ୍, ବଦହଜମୀ କିମ୍ବା ଶରୀରରେ ଜଳାପୋଡା ହେବା କୌଣସି ବଡ ରୋଗର ଲକ୍ଷଣ ନ ହୋଇପାରେ । ଏସବୁ ଫୁଡ ଆଲର୍ଜିର ଲକ୍ଷଣ ମଧ୍ୟ ହୋଇପାରେ । ଖାଇବା ପରେ ଆପଣଙ୍କୁ କୌଣସି ଜିନିଷ ପ୍ରତି ଆଲର୍ଜି ହେଉଛି କି ନାହିଁ ତାହା ଜାଣିବା ବିଶେଷ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀର ଭିନ୍ନ ଭିନ୍ନ ହୋଇଥାଏ । କିଛି ଲୋକଙ୍କୁ ସବୁ ଖାଦ୍ୟ ପସନ୍ଦ ଆସୁଥିବା ବେଳେ ଆଉ କିଛି ଲୋକଙ୍କୁ କିଛି ଖାଦ୍ୟରେ ଆଲର୍ଜି ହୋଇଥାଏ । ଏହାକୁ ଫୁଡ ଆଲର୍ଜି କୁହାଯାଏ, କିନ୍ତୁ ଅଧିକାଂଶ ଲୋକ ଜାଣି ନଥାନ୍ତି ଯେ କେଉଁ ଖାଦ୍ୟରେ ସେମାନଙ୍କୁ ଆଲର୍ଜି ହୋଇଯିବ । ଆଲର୍ଜିର ଲକ୍ଷଣ ସାଧାରଣତଃ ଖାଇବାର କିଛି ମିନିଟ୍‌ରୁ ଦୁଇ ଘଣ୍ଟା ମଧ୍ୟରେ ଦେଖାଯାଏ, କିନ୍ତୁ ଲୋକମାନେ ଏହାକୁ ଗ୍ୟାସ୍ କିମ୍ବା ବଦହଜମୀ ବୋଲି ଭାବନ୍ତି ଏବଂ ସେହି ଅନୁସାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥାନ୍ତି। ଅନେକ କ୍ଷେତ୍ରରେ, ପରୀକ୍ଷା ରିପୋର୍ଟ ମଧ୍ୟ ନର୍ମାଲ ଆସେ ଏବଂ ସମସ୍ୟା କ'ଣ ତାହା ଜଣାପଡିନଥାଏ । ଏପରି ପରିସ୍ଥିତିରେ, ଆପଣଙ୍କୁ କିଛି ଲକ୍ଷଣ ଉପରେ ଧ୍ୟାନ ଦେବାକୁ ପଡିବ ଏବଂ ଆପଣଙ୍କର ଆଲର୍ଜି ପରୀକ୍ଷା ମଧ୍ୟ କରିବାକୁ ପଡିବ...*

### ଜାଣନ୍ତୁ ଫୁଡ ଆଲର୍ଜିର ଲକ୍ଷଣଗୁଡ଼ିକ କ'ଣ ?

କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି କିଛି ଖାଇବାର କିଛି ଘଣ୍ଟା ମଧ୍ୟରେ ଚର୍ମ କୁଣ୍ଡାଇ ହେବା କିମ୍ବା ଫୋଡ଼ି ହେବା ଭଳି ଲାଗିବା, ମୁହଁ, ଓଠ, ଜିଭ କିମ୍ବା ଗଳା ଫୁଲିବା, ପେଟ ଯନ୍ତ୍ରଣା, ବାନ୍ତି କିମ୍ବା ଡାଇରିଆ, ମୁଣ୍ଡ ବୁଲାଇବା କିମ୍ବା ଅଚେତ ହେବା ଭଳି ଲକ୍ଷଣ ଦେଖାଯାଏ, ତେବେ ଏହା ଫୁଡ ଆଲର୍ଜି ହୋଇଥାଇପାରେ । ଏହାକୁ ଚିହ୍ନଟ କରିବା ପାଇଁ ଆପଣ କିଛି ସ୍ୱାସ୍ଥ୍ୟ ପରୀକ୍ଷା କରିବା ଉଚିତ । ଏଥିପାଇଁ ସ୍କିନ୍ ପ୍ରିକ୍ ଟେଷ୍ଟ କରାଯାଏ । ଏଥିରେ, ସନ୍ଦେହଜନକ ଖାଦ୍ୟ ପଦାର୍ଥର ଏକ ଛୋଟ ପରିମାଣ ଶରୀରର ଯେକୌଣସି ଅଂଶରେ ଲଗାଯାଏ ଏବଂ ଚର୍ମକୁ ହାଲୁକା ଭାବରେ ଫୋଡ଼ାଯାଏ । ଯଦି ସେଠାରେ ଫୁଲା କିମ୍ବା ଲାଲ ଦାଗ ଦେଖାଯାଏ, ତେବେ ଏହା ଆଲର୍ଜିର ଲକ୍ଷଣ ହୋଇପାରେ। ଏହା ବ୍ୟତୀତ, ରକ୍ତ ପରୀକ୍ଷା ମଧ୍ୟ କରାଯାଏ । ଏଥିରେ, ଇମ୍ୟୁନୋଗ୍ଲୋବୁଲିନ୍ ଆଣ୍ଟିବଡିର ପରିମାଣ ମାପାଯାଏ, ଯାହା ଆଲର୍ଜି ପ୍ରତିକ୍ରିୟାକୁ ସୂଚିତ କରେ ।

### ଫୁଡ ଆଲର୍ଜି ହେଲେ କେଉଁ ଡାକ୍ତରଙ୍କ ସହ ପରାମର୍ଶ କରିବେ ?

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଖାଦ୍ୟ ଆଲର୍ଜିର ଚିକିତ୍ସା ପାଇଁ, ଆପଣଙ୍କୁ ଜଣେ ଆଲର୍ଜିଷ୍ଟ ଏବଂ ଜଣେ ଡାଏଟିସିଆନଙ୍କ ସହିତ ପରାମର୍ଶ କରିବା ଉଚିତ। ଏହି ଡାକ୍ତରମାନେ ଆଲର୍ଜି ଚିହ୍ନଟ କରିପାରିବେ ଏବଂ ସ୍ୱାସ୍ଥ୍ୟ ସମସ୍ୟା ଅନୁସାରେ ଆପଣଙ୍କ ପାଇଁ ଏକ ଡାଏଟ୍ ଚାର୍ଟ ମଧ୍ୟ ପ୍ରସ୍ତୁତ କରିପାରିବେ ।



# ବିବାହ କଲେ ନାଗାର୍ଜୁନଙ୍କ ସାନପୁଅ

ଦକ୍ଷିଣ ସୁପରଷ୍ଟାର ନାଗାର୍ଜୁନଙ୍କ ସାନ ପୁଅ ଅଖିଲ ଅକ୍କିନେନି। ଅଭିନେତା ଦୀର୍ଘଦିନର ପ୍ରେମିକା ଜୈନବ ରାଓ୍ୱଜୀଙ୍କୁ ବିବାହ କରିଛନ୍ତି। ଏହି କପଲ ଜୁନ୍ ୬ ତାରିଖ ଶୁକ୍ରବାର ଦିନ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଦୀର୍ଘଦିନର ପ୍ରେମିକା ଜୈନବ ରାଓ୍ୱଜୀଙ୍କୁ ହାଇଦ୍ରାବାଦରେ ଏକ ପାରମ୍ପରିକ ସମାରୋହରେ ବିବାହ କରିଛନ୍ତି। ସେମାନଙ୍କର ବିବାହର ପ୍ରଥମ ଫଟୋ ସାମ୍ନାକୁ ଆସିଛି। ଯାହା ଖୁବ୍ ଭାଇରାଲ୍ ହେବାରେ ଲାଗିଛି । ଅଖିଲ-ଜୈନବଙ୍କ ବିବାହ ଏକ ବ୍ୟକ୍ତିଗତ ସମାରୋହ ଥିଲା, ଯେଉଁଥିରେ ନିକଟ ସମ୍ପର୍କୀୟ ଏବଂ କିଛି ବିଶେଷ ବନ୍ଧୁ ଯୋଗ ଦେଇଥିଲେ। ସେହି ସମୟରେ, ନବ ବିବାହିତ ଦମ୍ପତିଙ୍କୁ ଆଶୀର୍ବାଦ ଦେବା ପାଇଁ ଅନେକ ଦକ୍ଷିଣ ସେଲିବ୍ରିଟି ପହଞ୍ଚିଥିଲେ। ରାମ ଚରଣ, ଚିରଞ୍ଜିବୀଙ୍କଠାରୁ ଆରମ୍ଭ କରି ଅନ୍ୟ ସେଲିବ୍ରିଟିଙ୍କ ସହ ବଡ ବଡ ଶିଳ୍ପପତି ମଧ୍ୟ ବିବାହ ଉତ୍ସବରେ ନଜର ଆସିଥିଲେ। ଜୈନବ ତାଙ୍କ ବିବାହରେ ପେଷ୍ଟେଲ ଆଇଭରି ଶାଢ଼ି ପିନ୍ଧିଥିଲେ। ଏହା ସହିତ, ସେ ଏକ ହିରାର ହେଭି ନେକ୍ଲେସ୍, ମାଙ୍ଗ ଟିକା ଏବଂ ହାତରେ ଅନେକ ଚୁଡ଼ି ପିନ୍ଧିଥିଲେ। ସେହି ସମୟରେ ଅଖିଲ ଅକ୍କିନେନି ଧଳା କୁର୍ତ୍ତା ଏବଂ ଧୋତିରେ ଏକ କ୍ଲାସିକ୍ ଏବଂ ପାରମ୍ପରିକ ଲୁକରେ ଦେଖାଯାଇଥିଲେ। କହିବାକୁ ଗଲେ ୨୬ ନଭେମ୍ବର, ୨୦୨୪ ରେ ନିର୍ବନ୍ଧ କରିଥିଲେ। ପୂର୍ବରୁ, ଉଭୟ ପରସ୍ପରକୁ ତିନି ବର୍ଷ ପାଇଁ ଡେଟ୍ କରିଥିଲେ। ଗୁରୁବାର ରାତିରେ, ପରିବାର ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ, ଯେଉଁଥିରେ ବାପା ନାଗାର୍ଜୁନ ଏବଂ ଭାଇ ନାଗା ଚୈତନ୍ୟ ଜୋରଦାର ଡ୍ୟାନ୍ସ କରିଥିଲେ। ନାଗାର୍ଜୁନଙ୍କ ବୋହୂ ଜୈନବ ରାଓ୍ୱଜୀ ପ୍ରସିଦ୍ଧ ଶୀର୍ଷ ଶିଳ୍ପପତି ଜୁଲଫି ରାଓ୍ୱଜୀଙ୍କ ଝିଅ। ଜୈନବ ନିଜେ ଜଣେ କଳାକାର ଏବଂ ଉଦ୍ୟୋଗୀ। ସେ ହାଇଦ୍ରାବାଦରେ ବଢ଼ିଥିଲେ କିନ୍ତୁ ବର୍ତ୍ତମାନ ମୁମ୍ବାଇରେ ରୁହନ୍ତି। ଅନ୍ୟପକ୍ଷରେ, ଅଖିଲ ଅକ୍କିନେନିଙ୍କ କ୍ୟାରିଅର ଭଲ ନଥିଲା। ସେ କେବଳ କିଛିଟା ଫିଲ୍ମରେ କାମ କରିଛନ୍ତି। ବର୍ତ୍ତମାନ,



ଅଖିଲ ତାଙ୍କର ଆଗାମୀ ଫିଲ୍ମ ଲେନିନ୍ ପାଇଁ ଖବରରେ ଅଛନ୍ତି। ମୁରଲୀ କିଶୋର ଆବୁରୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଶ୍ରୀଲିଲା ମୁଖ୍ୟ ଭୂମିକାରେ ଅଛନ୍ତି। ଏହି ଫିଲ୍ମଟି ଚଳିତ ବର୍ଷ ନଭେମ୍ବରରେ ମୁକ୍ତିଲାଭ କରିବାକୁ ଯାଉଛି।

# ବେଡ୍‌ରୁମ୍‌ରେ ଦିଅନ୍ତୁ ଏହି ରଙ୍ଗ

*ବାସ୍ତୁଶାସ୍ତ୍ର ଅନୁଯାୟୀ, ବେଡ୍‌ରୁମ୍‌ର ରଙ୍ଗ ବି ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ଓ ମାନସିକତା ଉପରେ ଅନେକ ପ୍ରଭାବ ପକାଇଥାଏ।*



- ଯେମିତିକି: ଧଳା ରଙ୍ଗକୁ ବାସ୍ତୁଶାସ୍ତ୍ରରେ ଶାନ୍ତି ଓ ପବିତ୍ରତାର ପ୍ରତୀକ ବୋଲି କୁହାଯାଏ। ବେଡ୍‌ରୁମ୍‌ର ରଙ୍ଗ ଧଳା ରହିଲେ, ମନ ଭିତରେ ଏକ ସକରାତ୍ମକ ଭାବ ସୃଷ୍ଟି ହୋଇଥାଏ।
- ବେଡ୍‌ରୁମ୍‌ର ରଙ୍ଗ ହାଲ୍‌କା ନୀଳ ଥିଲେ, ମନକୁ ବେଶ୍ ଶାନ୍ତି ମିଳେ। ବାସ୍ତୁଶାସ୍ତ୍ରରେ, ଏହି ରଙ୍ଗକୁ ସୁଖ ଓ ଆରାମର ପ୍ରତୀକ ବୋଲି କୁହାଯାଏ।
- ହାଲ୍‌କା ସବୁଜ ରଙ୍ଗକୁ ବି ବାସ୍ତୁଶାସ୍ତ୍ରରେ ଆରାମଦାୟକ ରଙ୍ଗ ବୋଲି କୁହାଯାଏ। ବୃଦ୍ଧାବୃଦ୍ଧ, ରୋଗଗ୍ରସ୍ତ ବ୍ୟକ୍ତିଙ୍କ ବେଡ୍‌ରୁମ୍‌ରେ ଏହି ରଙ୍ଗ ପ୍ରୟୋଗ କରିବା ଉତ୍ତମ ହୋଇଥାଏ। ଯଦି ବେଡ୍‌ରୁମ୍‌ର ରଙ୍ଗ ସବୁଜ କରିବା ସମ୍ଭବ ହେଉନାହିଁ, ସେ କ୍ଷେତ୍ରରେ ସବୁଜ ରଙ୍ଗର ଫର୍ନିଚର/ଡୋର୍ ସ୍କ୍ରିନ୍/ଇଣ୍ଡୋର ପ୍ଲାଣ୍ଟ ବି ରଖିପାରିବେ।
- ବାସ୍ତୁଶାସ୍ତ୍ରରେ ହଳଦିଆ ରଙ୍ଗକୁ ସନ୍ତୋଷ ତଥା ପ୍ରସନ୍ନତାର ପ୍ରତୀକ ଭାବେ ବିବେଚନା କରାଯାଏ। ପତିପତ୍ନୀଙ୍କ ବେଡ୍‌ରୁମ୍‌ରେ ଏହି ରଙ୍ଗ ଲଗାଇବା ସବୁଠୁ ଉତ୍ତମ ହୋଇଥାଏ।
- ବେଡ୍‌ରୁମ୍‌ର ରଙ୍ଗ ହାଲ୍‌କା ଗୋଲାପୀ ରହିଲେ, ରୋମାଣ୍ଟିକ୍ ପରିବେଶ ମିଳେ।
- ବାସ୍ତୁଶାସ୍ତ୍ର କହେ, ମହତ୍ତ୍ୱାକାଂକ୍ଷୀ ଲୋକଙ୍କ ବେଡ୍‌ରୁମ୍‌ର ଦକ୍ଷିଣ କାନ୍ଥରେ ନାରଙ୍ଗୀ ରଙ୍ଗ ଲାଗିବା ଶୁଭ। ଏହା ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। କିନ୍ତୁ କ୍ରୋଧୀ ସ୍ୱଭାବର ବ୍ୟକ୍ତିଙ୍କ ପାଇଁ ଏହି ରଙ୍ଗ ବାରଣ।
- ପିଲାଙ୍କ ବେଡ୍‌ରୁମ୍‌ର ରଙ୍ଗ ଇଣ୍ଡୋଗୋ ରହିବା ଶୁଭ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହା ସେମାନଙ୍କ ଭିତରେ ବୌଦ୍ଧିକ ଓ ଆଧ୍ୟାତ୍ମିକ ଭାବନା ବୃଦ୍ଧି କରେ ବୋଲି ବିଶ୍ୱାସ କରାଯାଏ।

'ଧୂମ୍-୪'ରେ ନଜର ଆସିବେ ରଣବୀର କପୁର । ଫିଲ୍ମରେ ତାଙ୍କ ଲୁକ୍ ପୂରାପୂରି ନୂଆ ଓ ଅଲଗା ହେବ । ଏହାର ପ୍ରସ୍ତୁତି ସେ ଏବେଠୁ ଆରମ୍ଭ କରିଦେଇଛନ୍ତି । ସଦ୍ୟ ରିପୋର୍ଟ ଅନୁସାରେ, 'ଧୂମ୍-୪' ଏପର୍ଯ୍ୟନ୍ତ ମୁକ୍ତିପ୍ରାପ୍ତ ସବୁ 'ଧୂମ୍' ଫିଲ୍ମଠୁ ଦମ୍‌ଦାର ହେବ। ଏଥିରେ ଭରପୂର ଆକ୍ସନ୍ ରହିବ । ପିଙ୍କ୍‌ଭିଲ୍ଲାର ରିପୋର୍ଟ ଅନୁସାରେ, ଆଦିତ୍ୟ ଚୋପ୍ରା 'ଧୂମ୍-୪'ର କାହାଣୀ ଲେଖିଛନ୍ତି । ଏହି କାହାଣୀ ପୁରୁଣା ଫ୍ରାଞ୍ଚାଇଜିକୁ ନୂଆ ରୂପ ଦେବ । ଦର୍ଶକଙ୍କ ଆଶା ଅନୁସାରେ ଏହା ମନୋରଞ୍ଜନର ଖୋରାକ ଦେବ । ରଣବୀର ଏହି ଭୂମିକା ପାଇଁ ପୂରାପୂରି ଫିଟ୍ ବୋଲି ରିପୋର୍ଟ ସ୍ପଷ୍ଟ କରିଛି । ତାଙ୍କ ବ୍ୟକ୍ତିତ୍ୱ ହିସାବରେ ତାଙ୍କର ଭୂମିକା ସ୍ଥିର ହୋଇଛି । ଫିଲ୍ମର କାହାଣୀ ଓ ଆକ୍ସନ୍ ବିଶ୍ୱର ସର୍ବୋତ୍କୃଷ୍ଟ ଆକ୍ସନ୍ ଫିଲ୍ମ ମଧ୍ୟରେ ଅନ୍ୟତମ ହେବ ବୋଲି ଗଣମାଧ୍ୟମ ସ୍ପଷ୍ଟ କରିଛି । ଫିଲ୍ମର ଅନ୍ଦାଜ୍ ପୂର୍ବର ୱାଇଆରଏଫ୍ ସ୍ପାଇ ୟୁନିଭର୍ସ ଫିଲ୍ମଠୁ ସମ୍ପୂର୍ଣ୍ଣ ଅଲଗା ହେବ । ୨୦୨୬, ଖରାଦିନେ 'ଧୂମ୍-୪'ର ସୁଟିଂ ଆରମ୍ଭ ହେବ। ଏହି ଘୋଷଣା ପରେ ଫ୍ୟାନ୍‌ଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । କିଛି ରଣବୀରଙ୍କ କାଷ୍ଟିଂକୁ ନେଇ ଉତ୍ସାହିତ ଅଛନ୍ତି । ଆଉ କିଛି ହ୍ରିତିକ ରୋଶନଙ୍କୁ କାଷ୍ଟ୍ କରିବାକୁ ଦାବି କରିଛନ୍ତି । ଅଦ୍ୟାବଧି 'ଧୂମ୍' ଫ୍ରାଞ୍ଚାଇଜିର ୩ ଫିଲ୍ମ ରିଲିଜ୍ ହୋଇସାରିଛି । ପ୍ରଥମ ଫିଲ୍ମରେ ଅଭିଷେକ ବଚ୍ଚନ, ଜନ୍ ଆବ୍ରାହମ୍, ଉଦୟ ଚୋପ୍ରା ଅଭିନୟ କରିଥିଲେ । 'ଧୂମ୍-୨'ରେ ଅଭିଷେକ ବଚ୍ଚନ, ରିତ୍ୱିକ ରୋଶନ ଓ ଐଶ୍ୱର୍ଯ୍ୟା ରାୟ ମୁଖ୍ୟ ଭୂମିକାରେ ଥିଲେ । 'ଧୂମ୍-୩'ରେ ଆମିର ଖାନ୍ ଡବଲ୍ ରୋଲ୍ କରିଥିଲେ । ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ କ୍ୟାଟ୍ରିନା କୈଫ୍ । ତେବେ ଆଗାମି ଦିନରେ ରଣବୀର ଏକାଧିକ ବଡ଼ ପ୍ରୋଜେକ୍ଟରେ ନଜର ଆସିବେ । ଏବେ ତାଙ୍କ ହାତରେ ନିତେଶ ତିଓ୍ୱାରୀଙ୍କ ନିର୍ଦ୍ଦେଶିତ ମେଗାବଜେଟ୍ ଫିଲ୍ମ 'ରାମାୟଣ' ରହିଛି । ଏଥିରେ ସେ ଶ୍ରୀରାମ ଭୂମିକା ନିର୍ବାହ କରିଛନ୍ତି। ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ 'ଆନିମଲ୍ ପାର୍କ'ରେ ବି ସେ ନଜର ଆସିବେ । କିଛି ଦିନ ତଳେ ସେ ସଞ୍ଜୟ ଲୀଲା ଭଂସାଲୀଙ୍କ ଫିଲ୍ମ 'ଲଭ୍ ଆଣ୍ଡ ୱାର' ସାଇନ୍ କରିଛନ୍ତି । ଏଥିରେ ସେ ଭିକି ଓ ଆଲିୟାଙ୍କ ସହ ନଜର ଆସିବେ । 'ବ୍ରହ୍ମାସ୍ତ୍ର-୨'ରେ ମଧ୍ୟ ତାଙ୍କୁ କାଷ୍ଟ୍ କରାଯାଇଛି ।

# ଆକ୍ସନ୍‌ରେ ଭରପୂର ରହିବ ରଣବୀରଙ୍କ 'ଧୂମ୍-୪'



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଜିଲ୍ଲା ସ୍ତରୀୟ ସପ୍ତ ଦିବସୀୟ ସନ୍ତରଣ ତାଲିମ କାର୍ଯ୍ୟକ୍ରମ (ବ୍ୟାଚ୍-୧) ଉଦଯାପିତ ହୋଇଯାଇଛି। ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଯୋଗ ଦେଇ ଏହି ସନ୍ତରଣ ତାଲିମ ପାଣି ସହ ଲଢ଼ିବାର କୌଶଳ ଶିଖାଇବା ସହିତ ଯେ କୌଣସି ପ୍ରତିକୂଳ ପରିସ୍ଥିତିକୁ ଅଭ୍ୟାସ ମାଧ୍ୟମରେ ଅତିକ୍ରମ କରିବାର ସାହସ ଯୋଗାଇ ଦେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ସମସ୍ତଙ୍କୁ ସ୍ୱାଗତ କରି ସପ୍ତ ଦିବସ ସନ୍ତରଣ ତାଲିମ ଓଡମା ସହାୟତାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦ୍ୱାରା ସଫଳତାର ସହିତ ସମାପନ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆଗକୁ ଆହୁରି ୯ଟି ବ୍ୟାଚ୍ରେ ୨୭୦ ଜଣ ପିଲାଙ୍କୁ ତାଲିମ୍ ପ୍ରଦାନ କରି ୱାଟର ସ୍ମାର୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।



# ବନାଯୋଡ଼ି ସାହି ରାସ୍ତା ଶୋଚନୀୟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ବନାଯୋଡି କିର୍ତ୍ତନ ମଣ୍ଡପ ଦେଇ ସିଲିସୁଆଁ ୟୁକେଲପଟାସ ପର୍ଯ୍ୟନ୍ତ ଯାଇଥିବା ଅଧ କିଲୋମିଟର ମାଟି ରାସ୍ତା ମରାମତି ଅଭାବରୁ ଅତି ଶୋଚନୀୟ ହୋଇ ପଡିରହିଛି। ବର୍ଷବର୍ଷ ଧରି ମାଟି ମୁଠେ ପଡୁନଥିବାରୁ ଛୋଟବଡ ଭାରୀଯାନ ଯାତାୟତ ଦ୍ୱାରା ବଡବଡ ଖାଲଖମା ସୃଷ୍ଟି ହୋଇଥିବାରୁ ଅଞ୍ଚଳବାସୀ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷାଦିନେ ଖାଲଖମାରେ ପାଣି ଜମି ପୋଖରୀର ଭ୍ରମ ସୃଷ୍ଟିକରୁଛି। ଫଳରେ ଚଲାପାଦ ବ୍ୟବହାର କରିବା କଷ୍ଟକର ହୋଇପଡୁଛି। ସ୍କୁଲ-କଲେଜ ସମେତ ୧୦୮ ଆମ୍ବୁଲାନ୍ସ ଗର୍ଭବତୀ ମହିଳା କିମ୍ବା ଗୁରୁତର ରୋଗୀଙ୍କୁ ମେଡିକାଲ ନେବାକୁ ରାସ୍ତାଦେଇ ଗଲାବେଳେ ନାକେଦମ୍ ହେଉଛି। ଏହାଛଡା କାଦୁଅ ପଚପଚ ହୋଇ ରହୁଥିବା ଯୋଗୁଁ ଦୁର୍ଗନ୍ଧ ହେବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ସ୍ଥାନୀୟ ଅଞ୍ଚଳରେ ତୁରନ୍ତ ରାସ୍ତା ମରାମତି କରାଯିବାକୁ ଇଶ୍ୱର ଚନ୍ଦ୍ର ବାରିକ୍, ରାଜୀବ ବେହେରା, ଦୁଷ୍ମନ୍ତ ନାଏକ, ସୁଶେଣ ଦେହୁରୀ, ନାଗେଶ୍ୱର ବାରିକ, ରାମଚନ୍ଦ୍ର ଦେହୁରୀ, ଜ୍ୟୋତିରଞ୍ଜନ ମହାନ୍ତ, ଚତୁରାନନ୍ଦ ଦେହୁରୀ, ଗଣେଶ୍ୱର ଦେହୁରୀ, ସଦାନନ୍ଦ ବାରିକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ଜାମଯୋଡ଼ିରେ ବିକଶିତ କୃଷି ସଂକଳ୍ପ ଅଭିଯାନ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଜାମଯୋଡ଼ି ପଞ୍ଚାୟତରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ତାଲିମ ଶିବିରେ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ଭାରତୀୟ ଅନୁସନ୍ଧାନ ପରିଷଦର ବୈଜ୍ଞାନିକ ଡ. ରାଜଲକ୍ଷ୍ମୀ ବେହେରା, ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ବିଜୟଲକ୍ଷ୍ମୀ ମହନ୍ତ ଓ ଡ. ବିଜୟଲକ୍ଷ୍ମୀ ରାଉତ, ବରିଷ୍ଠ ଗବେଷିକା ଭାନୁମତୀ ଧିନ୍ଦା, ସରପଞ୍ଚ ପ୍ରଭାତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଆଧୁନିକ ପ୍ରଣାଳିରେ ଚାଷ କଲେ କୃଷକମାନେ ଅଧିକ ଫସଲ ଉତ୍ପାଦନ କରିପାରିବେ। କୃଷକମାନେ ଅଧିକ ଅମଳ କଲେ ସେମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼



ହୋଇପାରିବ ବୋଲି କହିଥିଲେ। ଏହି ଶିବିରରେ ଯୋଗଦେଇଥିବା ମହିଳା ଓ ପୁରୁଷ କୃଷକମାନେ ସେମାନଙ୍କର ବିଭିନ୍ନ ସମସ୍ୟାକୁ ପ୍ରଶ୍ନ ଉତ୍ତର ମାଧ୍ୟମରେ ଜଣାଇଥିଲେ। ବିଶେଷତଃ ସ୍ଥାନୀୟ ଅଞ୍ଚଳରେ କୃଷି ପାଇଁ ପାଣିର ସମସ୍ୟା ଥିବାବେଳେ ମାଙ୍କଡ଼ ଓ ଷଣ୍ଢ ମାନଙ୍କ ପାଇଁ କୃଷିରେ ବାଧା ସୃଷ୍ଟି ହେଉଛି ବୋଲି କହିଥିଲେ। ଶିବିରରେ କୃଷି ବୈଜ୍ଞାନିକ ଓ ଗବେଷକମାନେ ଖରିଫ୍ ଚାଷ, ପନିପରିବା ଚାଷ, ମାଛ ଚାଷ, ଡାଲିଜାତୀୟ ଚାଷ, ଆଖୁ, ଅଦା, ପଶୁପାଳନ ଇତ୍ୟାଦି ଚାଷ ଉପରେ ତାଲିମ ଦେଇଥିଲେ। ଡିଟିଏମ ରଂଜିତ କୁମାର ସାହୁ, ଏଟିଏ ଅନୁରାଗ ନାୟକ, ଗିରିଜାଶଂକର ରାୟ ଚୌଧୁରୀ, ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀ ବିଜୟ କୁମାର ସିଂ ଓ ସତ୍ୟବ୍ରତ ନାୟକ, ମତ୍ସ୍ୟ ବିଭାଗ ଅଧିକାରୀ ସୁଚିତ୍ରା ବେହେରା ଓ ସଂଗୀତା ପତି, ଗ୍ରାମ୍ୟ କୃଷି କର୍ମଚାରୀ ତ୍ରିନାଥ ଭୋଇ, ସନ୍ତୋଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋ' ପାଳନ ଲାଗି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

ଝରୀଗାଁ, (ଭାସ୍କର ନ୍ୟୁଜ୍): ଝରିଗାଁ ସ୍ଥିତ ଆତ୍ମା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଗୋ' ପାଳନ ବିଷୟରେ ଚାଷୀଙ୍କ ଦକ୍ଷତା ବୃଦ୍ଧି ତାଲିମଶିବିର। ଉକ୍ତ ଶିବିରରେ ମୋଟ ୨୦ଜଣ ଗୋ'ପାଳକ ଅଂଶଗ୍ରହଣ କରିଥିଲା ବେଳେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାଧେଶ୍ୟାମ ନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ପଶୁ ଧନ ଉତ୍ପାଦନ ଡାକ୍ତର ମନୋରଞ୍ଜନ ନନ୍ଦ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ନବରଙ୍ଗପୁର ଡାକ୍ତର ପ୍ରଜ୍ଞା ପଣ୍ଡା, ଗୋ ପାଳନର ବିଭିନ୍ନ ଦିଗ ଯଥା ଗାଇମାନଙ୍କ ଗୋ ଜନିତ ରୋଗର ଲକ୍ଷଣ, କାରଣ, ନୀରାକରଣ, ଗାଇମାନଙ୍କ ଖାଦ୍ୟ ପ୍ରସ୍ତୁତି, ବାସସ୍ଥାନ, ତତ୍ସହିତ ଗୋ ପାଳନ ସମ୍ବନ୍ଧିତ ବିଭିନ୍ନ ପ୍ରକାର ସରକାରୀ ଯୋଜନା ଉପରେ ବିସ୍ତୃତ ଭାବେ ଚାଷୀମାନଙ୍କୁ ବୁଝେଇଥିଲେ। ଏହା ସହିତ ଆଜିର ପ୍ରଶିକ୍ଷଣ ଶିବିରରେ ମୋଟ ୧୫ଜଣ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗାଈ ପାଳନ ପାଇଁ ଅନୁମତି ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ତିନିଦିନ ଅର୍ଥାତ ୮ଜୁନ୍ରୁ ୧୦ ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଆଉ ଦୁଇଦିନ ମଧ୍ୟ ଏହି ତାଲିମ ଶିବିରଟି ଚାଲୁ ରହିବ। ତେବେ ଉକ୍ତ କାର୍ଯ୍ୟକ୍ରମରେ ଝରୀଗାଁ ପ୍ରାଣୀ ଚିକିତ୍ସାଳୟର ସମସ୍ତ କର୍ମଚାରୀ ମାନେ ବେଶ ସହଯୋଗ କରିଥିଲେ।




# କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୧ ବ୍ୟାଚ ବନ୍ଧୁମିଳନ



କାକଟପୁର, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୭୧ ବ୍ୟାଚର ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ସ୍ୱମେଶ୍ୱର ମହାଦେବଙ୍କ ପୀଠରେ ଏକ ବର୍ଣ୍ଣାଢ୍ୟ ପାରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ନିଜନିଜର ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ରୋମନ୍ଥନ କରିଥିଲେ। ଏଥିସହିତ ପରସ୍ପର ପାରିବାରିକ ଜୀବନ ସମ୍ପର୍କରେ ଅବଗତ ହୋଇଥିଲେ। ୧୯୭୧ ମସିହା ଡିସେମ୍ବର ୩ ତାରିଖରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ସମୟରେ ସହିଦ ହୋଇଥିବା ଗଞ୍ଜାମ ଆସିକା ଅଞ୍ଚଳର ଓଡ଼ିଆ ପୁଅ କାଶୀନାଥ ସାହୁଙ୍କ ସମେତ ସମସ୍ତ ସହିଦମାନଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରରେ କାକଟପୁର ମଙ୍ଗଳା ମହାବିଦ୍ୟାଳୟ ଏବଂ ଗୋପ ମହାବିଦ୍ୟାଳର ପ୍ରାକ୍ତନ ଅଧ୍ୟକ୍ଷ ଜମେଶ୍ୱର ଦୀକ୍ଷିତ, ବରିଷ୍ଠ ହୃଦରୋଗ ବିଶେଷଜ୍ଞ ପ୍ରଫେସର ଡ. ପ୍ରଭାତ କୁମାର ଦାଶ, ବାବାଜୀ ସେନାପତି, ପ୍ରମୋଦ ସେନାପତି, ରାଜକିଶୋର ଦାଶ, କ୍ଷୀରୋଦ ଦାଶ, କାଳୀ ପ୍ରସାଦ ଦାଶ, ହୃଷିକେଶ ଦୀକ୍ଷିତ, ପ୍ରମୋଦିନ ମହାନ୍ତି, ପ୍ରଫୁଲ ଦୀକ୍ଷିତ, ସର୍ବେଶ୍ୱର ଦୀକ୍ଷିତ, ବାଲୁଙ୍କେଶ୍ୱର ମିଶ୍ର ସମେତ ୪୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏକାଠି ହୋଇଥିଲେ। ପୁରୁଣା ସ୍ମୃତିକୁ ମନେ ପକାଇବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ କରିବାକୁ ସଂକଳ୍ପ ନେବାସହିତ ଦିବଂଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ମୃତିଚାରଣ କରିଥିଲେ। ଶେଷରେ ସମସ୍ତ ବନ୍ଧୁମାନେ ପ୍ରସାଦ ସେବନ କରିଥିଲେ।

## ତାରେଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ବନ୍ଦାଲୋ-ମଢିଆଳି ପଞ୍ଚାୟତ ଅନ୍ତର୍ଗତ ଖପୁରିଆପଦା ପଞ୍ଚବଟୀ ଛକରେ ଥିବା ମା' ତାରେଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଘଟାଧିବାସ, ସୂର୍ଯ୍ୟପୂଜା, ଯଜ୍ଞକୁଣ୍ଡ ସ୍ଥାପନ, ଷୋଡଶପୋଚାର ପୂଜା, ଚଣ୍ଡିପୂଜା ଅନୁଷ୍ଠିତ ହୋଇ ସନ୍ଧ୍ୟାରେ ପୂର୍ଣ୍ଣୟାହୂତି ହୋଇଥିଲା। କର୍ତ୍ତା ସୁବାସ ଚନ୍ଦ୍ର ପତି ଓ କର୍ତ୍ତି ନିରୂପମା ପତି ସଙ୍କଳ୍ପ କରିଥିଲେ। ମୁଖ୍ୟ ପୂଜକ ବ୍ରଜମୋହନ ମିଶ୍ର, ଲଳିତ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଧ୍ରୁବଚରଣ ପତି, ସୁମନ୍ତ ପଣ୍ଡା ଓ କିଶୋର ଚନ୍ଦ୍ର ପତି ପୂଜାକାର୍ଯ୍ୟ ବିଧିମତେ ତୁଲାଇଥିଲେ। ମଧ୍ୟାହ୍ନରେ ସାମୂହିକ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଦିଗାମ୍ବର ଜେନା ପ୍ରମୁଖଙ୍କ ସମେତ ବନ୍ଦାଲୋ, ମଢିଆଳି, ଖପୁରିଆପଦା ଗ୍ରାମବାସୀ ମାନେ ଏଥିରେ ସହଯୋଗ କରିଥିଲେ।



# ଦଲାଇଲାମାଙ୍କୁ ସାକ୍ଷାତ କଲେ ସାଂସଦ ଅନନ୍ତ ନାୟକ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସାଂସଦ ଅନନ୍ତ ନାୟକ ହିମାଚଳ ପ୍ରଦେଶର ଧର୍ମଶାଳା ନିକଟସ୍ଥ ମ୍ୟାକଲୋଡଗଞ୍ଜ ଠାରେ ନୋବେଲ ପୁରସ୍କାର ବିଜେତା ତଥା ତିବ୍ବତର ସର୍ବୋଚ୍ଚ ଧର୍ମଗୁରୁ ପରମ ପାବନ ଦଲାଇଲାମାଙ୍କୁ ସାକ୍ଷାତ କରି ତାଙ୍କ ଠାରୁ ଆଶୀର୍ବାଦ ନେଇଛନ୍ତି। ଏହି ଅବସରରେ ପରମ ପାବନ ଦଲାଇଲାମା ବୌଦ୍ଧ ଧର୍ମ ସମ୍ପର୍କରେ ଓ ନିର୍ବାସିତ ତିବ୍ବତୀୟମାନଙ୍କ ସମ୍ପର୍କରେ ନାୟକଙ୍କ ସହ ଆଲୋଚନା କରିଥିଲେ। ନାୟକ ମଧ୍ୟ ଚୀନ୍ ତିବ୍ବତକୁ ଅଧିକାର କରିନେବା ପରେ କିପରି ସେଠାରେ ତିବ୍ବତୀୟମାନଙ୍କ ସହ ପାଶବିକ ଅତ୍ୟାଚାର କରିବା ସହ ସେଠାକାର ତିବ୍ବତୀୟ ସଂସ୍କୃତିକୁ ନଷ୍ଟ କରିବାକୁ ସୁନିୟୋଜିତ ଭାବେ ଅଭିଯାନ ଚଳାଉଛି ତାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ତିବ୍ବତର ସ୍ୱାଧୀନତା ଉତ୍ତର ଭାରତର



ସୀମାନ୍ତର ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ନାୟକ ମତପ୍ରକାଶ କରିଥିଲେ। ଉଲ୍ଲେଖନୀୟ ଯେ କେନ୍ଦୁଝର ସାଂସଦ ନାୟକ ଏକ ସଂସଦୀୟ କମିଟିର ଗସ୍ତରେ ବର୍ତ୍ତମାନ ହିମାଚଳ ପ୍ରଦେଶ ଗସ୍ତରେ ଅଛନ୍ତି। ଏହି ସାକ୍ଷାତ ସମୟରେ ତାଙ୍କର ଧର୍ମପତ୍ନୀ ଲବଙ୍ଗଲତା ନାୟକ ମଧ୍ୟ ଉପସ୍ଥିତ ଥିଲେ। ଏହା ସହ ସଂସଦୀୟ କମିଟିର ଅନ୍ୟ ସଦସ୍ୟ ମାନେ ମଧ୍ୟ ପରମ ପାବନ ଦଲାଇଲାମାଙ୍କୁ ସାକ୍ଷାତ କରିଥିବା ଜଣାପଡିଛି।

# ବିଏ-ବିଏଡରେ ଗୌରବ ଆଣିଲେ ସାବିତ୍ରୀ ଗିରି

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ନିକଟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ବିଏ-ବିଏଡ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସାବିତ୍ରୀ ଗିରି ଓଡିଆ ଭାଷା ବିଭାଗରେ ଟପ୍ପର ହୋଇଛନ୍ତି। କିନ୍ତୁ +୨ ପରୀକ୍ଷାରେ ସେ ବାଲେଶ୍ୱର ଜିଲା ଟପ୍ପର ହୋଇଥିବାରୁ ସାଂସଦ ପ୍ରତାପ ଷଡଙ୍ଗୀ ସମସ୍ତ ପଢାଖର୍ଚ୍ଚ ବହନ କରି ଆସିଥିବାରୁ ତାଙ୍କୁ ଶ୍ରେୟ ଜଣାଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହା ଜଣାଯିବା ପରେ ଏବଂ ସାବିତ୍ରୀ ଜଳେଶ୍ୱର ଥାନା ନଛିମପୁର ଗାଁର ଝିଅ ହୋଇଥିବାରୁ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ନଛିମପୁର ଗାଁର ସୁଶାନ୍ତ ଗିରି ଓ ଜ୍ୟୋସ୍ନାରାଣୀ ଗିରିଙ୍କ ଝିଅ ସାବିତ୍ରୀ ଗିରି। ନଛିମପୁର ସୀମାନ୍ତ ଗ୍ରାମପଂଚାୟତ ହାଇସ୍କୁଲରୁ ୪୯୪ନଂ ରଖି କୃତିତ୍ୱର ସହ ମ୍ୟାଟ୍ରିକ ପାସ୍ କରିଥିବା ବେଳେ +୨ରେ ଜଳେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୧୭ନଂ ରଖି ଜିଲାସ୍ତରୀୟ ଟପ୍ପର ହୋଇଥିଲେ। ଆର୍ଥିକ ଅନଟନ ଯୋଗୁଁ ପୋଥିରେ ଡୋରୀ ବାନ୍ଧିବା ପୂର୍ବରୁ ସାବିତ୍ରୀ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କୁ ଏକ ଚିଠି ଲେଖି ଆର୍ଥୀକ ସହାୟତା ମାଗିଥିଲେ। ସାଂସଦ ତାଙ୍କ ଘରକୁ ଯାଇ ସମସ୍ତ ସହାୟତା ଯୋଗାଇବା ପ୍ରତିଶୃତି ଦେଇଥିଲେ। ପରେ ସେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡିଆ ଭାଷା ବିଭାଗରେ ଶିକ୍ଷା ଆରମ୍ଭ କରିଥିଲେ। ଏଥିଲାଗି ସମସ୍ତ ପଢାଖର୍ଚ୍ଚ ଓ ହଷ୍ଟେଲ ଖର୍ଚ୍ଚ ସାଂସଦ ବହନ କରି ଆସୁଥିଲେ। ଦୀର୍ଘ ୪ବର୍ଷ ପରେ ଚଳିତ ଜୁନ୍ ୩ ତାରିଖରେ ସମନ୍ୱିତ ବିଏ-ବିଏଡ୍ ପରିକ୍ଷାଫଳ ପ୍ରକାଶ ପାଇଥିଲା। ଏଥିରେ ସେ (ସିଜିପିଏ-୮.୨୮)ରଖି ଟପ୍ପର ହୋଇଛନ୍ତି। ସାଂସଦ ଷଡଙ୍ଗୀ ସାବିତ୍ରୀଙ୍କୁ ଅଭିନନ୍ଦନ ଓ ଆର୍ଶିବାଦ ଜଣାଇଥିବା ବେଳେ ତାଙ୍କୁ ଧରି ଗତ ୬ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀ ଦୃଢ ଅଧ୍ୟବସାୟ ଓ ମାନସିକତା ମଣିଷ ଜୀବନରେ ସଫଳତା ଆଣିଥାଏ ବୋଲି ସାବିତ୍ରୀ ଗିରିଙ୍କୁ କହିବା ସହିତ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ସାବିତ୍ରୀ ଜଣେ ଭଲ ଶିକ୍ଷକ କିମ୍ବା ଅଧ୍ୟାପିକା ହେବାର ଆଶା ରଖିଛନ୍ତି। ଘଟଣା ଜଣାଯିବାପରେ ଜଳେଶ୍ୱର ଅଂଚଳର ବିଜେପି ନେତା ବ୍ରଜମୋହନ ପ୍ରଧାନ, ରାଜେଶ ଜେନା, ଡ. ଅଜିତ୍ ମହାନ୍ତି, ଅବନୀ ଚାନ୍ଦ, ଦୁର୍ଗାଶଙ୍କର ଗିରି, ଶରତ ପରିଡା, ଫାଲଗୁନୀ ପାଣିଗ୍ରାହୀ, କାଳିଚରଣ ଦାସ, ରାଜେଶ ଖଟୁଆ, ବିପ୍ଳବ ପ୍ରଧାନ, ଦେବଦତ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



# ପଞ୍ଚ ଠାକୁରାଣୀ ଯାତ୍ରାର ଶେଷ ଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼

ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରରେ ୩୦ ଦିନ ବ୍ୟାପି ଚାଲିଥିବା ପ୍ରସିଦ୍ଧ ପଞ୍ଚ ଠାକୁରାଣୀଙ୍କ ଯାତ୍ରା ରବିବାର ଶେଷ ହୋଇଯାଇଛି। ଭକ୍ତମାନେ ମା' ପଞ୍ଚ ଠାକୁରାଣୀ ଗ୍ରାମ୍ୟ ଦେବୀ ମା କନକା ଠାକୁରାଣୀ, କାଳୁଆ, ତାରାତାରିଣୀ, କାଳୀ ଓ ଫୁଲ ସୁନ୍ଦରୀଙ୍କୁ ଏକ ବେଦିରେ ଅସ୍ଥାୟୀ ମନ୍ଦିରରେ ଦର୍ଶନ କରିବା ପାଇଁ ଲକ୍ଷ୍ୟଲକ୍ଷ୍ୟ ଶ୍ରଦ୍ଧାଳୁ ପ୍ରତିଦିନ ସହର ଚଳଚଞ୍ଚଳ ହେଉଥିଲା। ରବିବାର ମା ବୁଢ଼ୀ ଠାକୁରାଣୀଙ୍କ ସହଚାରି ଦେବି ଠାକୁରାଣୀ ନିଜନିଜ ମନ୍ଦିରକୁ ଫେରିଯିବେ। ଆଧାତ୍ମିକ ସଂସ୍କୃତି ଓ ପରମ୍ପରାରେ ଗୋଟିଏ ମଞ୍ଚରେ ମା ପୂଜା ପାଉଥିବାରୁ ଅସଂଖ୍ୟ ଶ୍ରଦ୍ଧାଳୁ ଦିନ ତମାମ ଭିଡ଼ ଜମାଇଥିଲେ। ଯାତ୍ରାରେ ଯାତ୍ରୀଙ୍କ ଭିଡ଼ ହେବା ସମ୍ଭାବନା ଦେଖି ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ସ୍ଥାନେସ୍ଥାନେ ପୋଲିସ ମୃତୟନ ହୋଇ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଶେଷଦିନରେ ସାହିସାହିରେ ନାଟକ ମଞ୍ଚସ୍ଥ ହେଉଥିଲ। ତାହାସହ ଯାତ୍ରା ପଡ଼ିଆରେ ଦୋଳି, ମିନା ବଜାର ଏବଂ ଯାତ୍ରା ମହଲର ମଜାରେ ଯାତ୍ରୀମାନେ ମଜିଯାଇଥିଲେ। ରବିବାର ମାଆଙ୍କ ବିଦାୟକାଳୀନ ଅବସରରେ ଅନ୍ନଯଜ୍ଞର ଆୟୋଜନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସମୟରେ ବାଣ ଯାତ୍ରା ଦେଖିବା ପାଇଁ ମାତ୍ରାଧିକ ଜନସମାଗମ ହୋଇଥିଲ। ଯାତ୍ରା ଅଧିକାରୀ ରମାକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ଶେଷଦିନରେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସହିତ କବିସୂର୍ଯ୍ୟ ନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଘୁମୁସର ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ଆସ୍କା ସାଂସଦଙ୍କ ସଂଯୋଯୋକ ଯଜ୍ଞ ନାରାୟଣ ଦାସ, ବରିଷ୍ଠ ବିଜେପି ନେତା ତଥା ଅଞ୍ଚଳର ସମାଜସେବୀ ସୀତାରାମ ପାଣଗ୍ରାହୀ ଓକିଲ ସଂଘ ସଭାପତି କୃଷ୍ଣଚନ୍ଦ୍ର ଗୌଡ଼, ନଗରପାଳ କୃଷ୍ଣଚନ୍ଦ୍ର ପଣ୍ଡା, ଯାତ୍ରା ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ଦୁର୍ଗା ଚରଣ ଦାସ, ଏବଂ ସମସ୍ତ ଯାତ୍ରା କମିଟି ସଦସ୍ୟ ଙ୍କ ସହ କାଉନସିଲର ତଥା ସାମ୍ବାଦିକ ଭାସ୍କର ବେହେରା, ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ବ୍ଲକ ଅଧକ୍ଷା ପିଙ୍କି ବେହେରା, ବିଧାୟକ ପ୍ରତିନିଧି ସୁଦର୍ଶନ ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସେନା, ତହସିଲଦାର ବିନୋଦ କୁମାର ବେହେରା, ଏସଡିପିଓ ଡ. ଦୀପକ କୁମାର ମିଶ୍ର ଥାନା ଭାରପ୍ରାପ୍ତ ଅଧିକାରୀ ରାଜେଶ କୁମାର ନାୟକ, ଯାତ୍ରା କମିଟିର ସମସ୍ତ ସଦସ୍ୟ ଏବଂ ସହରବାସୀ ପଞ୍ଚଠାକୁରାଣୀଙ୍କୁ ନରସିଂହ ଦାସ ହାଇସ୍କୁଲ ପଡିଆକୁ ପାଛୋଟି ନେଇଥିଲେ। ସେଠାରେ ପଞ୍ଚ ଠାକୁରାଣୀଙ୍କୁ ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ସହିତ ପଞ୍ଚ ଠାକୁରାଣୀଙ୍କୁ ଅନ୍ନଭୋଗ ଦେଇ ଆବାହନ କରିବା ପରେ ମାଗଣା ଅନ୍ନ ପ୍ରସାଦ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ତତ୍ ସହିତ ଯୁବ ନେତା ସୁରେଶ ମହାନ୍ତି, ମନୋଜ ଗୌଡ଼, ସ୍ଥାନୀୟ କାଉନସିଲ ଭବାନୀ ଶଙ୍କର ନାୟକ, କେ. ପ୍ରମୋଦ କୁମାର ଆଚାରି ଲିଙ୍ଗରାଜ ବେହେରା, କାଉନସିଲର ପ୍ରତିନିଧି ବିଶ୍ୱଭୂଷଣ ମହାପାତ୍ର, ବିପ୍ର ବେହେରା କାହ୍ନୁ ଚରଣ ତ୍ରୀପାଠୀ, ରଞ୍ଜନ ବେହେରା, ଲୋକନାଥ ବେହେରାଙ୍କ ସମେତ ପୁରୁଷୋତ୍ତମପୁର ସହରର ବହୁ ମାନ୍ୟଗଣ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚ ଠାକୁରାଣୀଙ୍କ ଆଶୀର୍ବାଦ ନେଇଥିଲେ। ଏହା ପରେ ସନ୍ଧ୍ୟାରେ ମା'ପଞ୍ଚ ଠାକୁରାଣୀ ନିଜ ନିଜ ସାଇମନ୍ଦିରକୁ ବିରାଟ ପଟୁଆରରେ ବାହାରିଥିଲେ। ମା'ଙ୍କ ପାଟୁଆରରେ ବହୁ ମାତ୍ରାରେ ଜନ ସମାଗମ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ନରସିଂହ ଦାସ ହାଇସ୍କୁଲରେ ବିରାଟ ବାଣ ଯାତ୍ରା ର ଆୟୋଜନ କରାଯାଇଥିଲା। ଏହା ଦେଖିବାକୁ ଲକ୍ଷଲକ୍ଷ ଲୋକଙ୍କ ଜନସମାଗମ ଦୃଶ୍ୟ ଦେଖିବାକୁ ମିଳିଥିଲା ରାତ୍ରିରେ ବାଣ ଯାତ୍ରା ସରିବା ପରେ ପଞ୍ଚ ଠାକୁରାଣୀ ଫେରିବା ସମୟରେ ଆଧାତ୍ମିକ ପରିବେଶରେ ବହୁ ଲୋକ କାନ୍ଦୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି।

# ଖବର ପ୍ରସାରଣ ପରେ ଆରମ୍ଭ ହେଲା ବଦଳି

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକରେ ସରକାରଙ୍କ ନିୟମକୁ ଖାତିର ନକରି ତିନି ବର୍ଷ ପରେ ସରକାରୀ ବାବୁଙ୍କ ବଦଳି ନିୟମ ଥିଲେ ମଧ୍ୟ ଏହି ନିୟମକୁ ଖାତିର ନକରି ସରକାରୀ କର୍ମଚାରୀ ମାନେ ୫ବର୍ଷରୁ ଦଶ ବର୍ଷ ରହିଛନ୍ତି। ଏ ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ସରକାରଙ୍କ ନିଦ ଭାଙ୍ଗିଛି। ପୂର୍ତ୍ତ ବିଭାଗର ଯନ୍ତ୍ରୀ ପୁଷ୍ପ ଲତା ସାହୁ ୫ ବର୍ଷ ହେବ ରହିଆସୁଛନ୍ତି। ନିଜ ମନ ମର୍ଜିରେ କାର୍ଯ୍ୟାଳୟକୁ ଆସନ୍ତି। ଅନୁପସ୍ଥିତ ସମୟରେ ପଚାରିଲେ ଉତ୍ତର ଦିଅନ୍ତି ଫିଲ୍ଡରେ ଅଛି। ଏହି ଯନ୍ତ୍ରୀଙ୍କ ନାମରେ ପୂର୍ବରୁ ନିଆଳି ବଜାର ଜଳ ନିଷ୍କାସନ ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଡ୍ରେନ ସଫେଇ କାର୍ଯ୍ୟରେ ଚଳୁ କରିଥିବା ଅଭିଯୋଗ ଆସିଥିଲା। ଆଦର୍ଶ ବିଦ୍ୟାଳୟର ଗୃହ ନିର୍ମାଣରେ ଘୋଟଲା ଭଳି ଏମିତିକି ଯନ୍ତ୍ରୀ ୫ବର୍ଷରୁ ଉର୍ଦ୍ଧ୍ୱ ହେବ ରହିଥିବାରୁ ଖବର ପ୍ରସାରଣ ପରେ ସରକାରଙ୍କ ଛାଟ ପୂର୍ତ୍ତ ବିଭାଗ ଉପରେ ପଡିଛି। ତାଙ୍କ ସ୍ଥାନରେ ଢେଙ୍କାନାଳ ଜିଲ୍ଲାରୁ ନୂଆ ଯନ୍ତ୍ରୀ ନିଯୁକ୍ତି ପାଇଛନ୍ତି।

# ଗୋ-ମାତା ସେବା ପ୍ରସଙ୍ଗରେ ବୈଠକ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ କୈବଲ୍ୟ ବଜାରସ୍ଥିତ ଦଧିବାବନ ମଠ ଭାଗବତଜୀଉଙ୍କ ପ୍ରାଙ୍ଗଣରେ ପ୍ରହଲ୍ଲାଦ ସାହୁଙ୍କ ସଭାପତିତ୍ୱରେ ଗୋ-ମାତା ସେବା ପ୍ରସଙ୍ଗରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ପୁରୀ ବାଲିଘାଇ ଶ୍ରୀଶ୍ରୀ ହରିହରାନନ୍ଦ ଆଶ୍ରମରେ ଭାରତୀୟ ଗୋ ବିଜ୍ଞାନ ପ୍ରଶିକ୍ଷଣରୁ ପ୍ରତିକ୍ଷିତ ହୋଇଥିବା ଭାଇ ଓ ମା'ମାନେ ଉପସ୍ଥିତ ଥିଲେ। ସଭାର ଉଦ୍ୟେସ ହେଲା ଗୋ-ମାତା ହେଉଛନ୍ତି ଆମର ମା', ଦେବୀ ରୂପରେ ପୂଜା ପାଇବା କଥା। ତାଙ୍କ ଖତ, ମୂତ୍ର, କ୍ଷିର, ଦହି, ଘିଅରୁ ପ୍ରତ୍ୟେକ ଦେବାଦେବୀ ପୂଜା ପାଉଛନ୍ତି, ତାଙ୍କ ଖତ ଓ ମୂତ୍ରରୁ କିପରି ଆମେ ଚାଷଲାଗି ସାର, ଔଷଧ ଏବଂ ଲୋକମାନଙ୍କ ପାଇଁ ଖାଦ୍ୟ, ଔଷଧ, ସାବୁନ୍, ଧୂପକାଠି, ଫିନାଇଲ୍ ଇତ୍ୟାଦି ତିଆରି କରି ହେବ ସେ ବାବଦରେ ଆଲୋଚନା କରାଯାଇଥିଲା ଏବଂ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗୋ-ମାତା କିପରି ସୁରକ୍ଷିତ ରହିବେ। ଏହି ବୈଠକରେ ପ୍ରଫୁଲ୍ଲ କୁମାର ପରିଡା, ଗୋପିନାଥ ଜେନା, ଚନ୍ଦ୍ରଶେଖର ବରାଳ, ଅନ୍ତର୍ଯ୍ୟାମୀ ବରାଳ, ମଦନ ମୋହନ ବାରି, ପ୍ରମୋଦ କୁମାର ସାହୁ, ଶରତ ଖୁଂଟିଆ, ନୀଳମଣି ବରାଳ, ବାସନ୍ତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ସଭାପତି ପ୍ରହଲ୍ଲାଦ ସାହୁଙ୍କୁ ଧନ୍ୟବାଦ ଦିଆଯାଇ ସଭା ସାଙ୍ଗ କରାଯାଇଥିଲା।

# ବିକଶିତ ଭାରତର ଅମୃତକାଳ କର୍ମଶାଳା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀ, ତିହିଡ଼ି ବ୍ଲକ ବିଜେପି କାନ୍ତକବି ମଣ୍ଡଳ ପକ୍ଷରୁ ବିକଶିତ ଭାରତ ଅମୃତକାଳ କର୍ମଶାଳା ରବିବାର ପୂର୍ବାହ୍ନରେ ନୂଆନନ୍ଦ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାନ୍ତକବି ମଣ୍ଡଳ ସଭାପତି ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ମଣ୍ଡଳସ୍ତରୀୟ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧାମନଗର ନିର୍ବାଚନମଣ୍ଡଳୀ ପ୍ରଭାରୀ ବୁଦ୍ଧଦେବ ଜେନା, ସରପଞ୍ଚ ପ୍ରଦୀପ ବଳ ଓ ନିହାରିକା ବିଶ୍ୱାଳ, ଯୁବମୋର୍ଚ୍ଚା ସଭାପତି ଯଜ୍ଞଦତ୍ତ ପତି, ବିଜେପି ନେତା ସୁଧାଂଶୁ ଶେଖର ପାଣିଗ୍ରାହୀ, ଭରତ ସାହୁ, ତପନ ପାତ୍ରୀ, ଆଶିଷ ଜେନା, ଉଷାକାନ୍ତ ନାୟକ, ସୂର୍ଯ୍ୟନାରାୟଣ ଭୋଇ, ପୁଷ୍ପାଞ୍ଜଳି ବେହେରା, କାଞ୍ଚନବାଳା ରାଉଳ ପ୍ରମୁଖ ଯୋଗ ଦେଇ କେନ୍ଦ୍ରର ୧୧ବର୍ଷ ଓ ରାଜ୍ୟର ୧ବର୍ଷ ପୂର୍ତ୍ତିରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ କାନ୍ତକବି ମଣ୍ଡଳର ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

# ବିଜେପିରେ ମିଶିଲେ ବସନ୍ତିୟା ସମାଜ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ସିନ୍ଦୁରପୁର ଠାରେ ବିଜେପିର ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଆୟୋଜିତ ମୁଶ୍ରଣ ପର୍ବରେ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ବସନ୍ତିଆ ସମାଜର ୩୦୦ରୁ ଅଧିକ ମହିଳା ଓ ପୁରୁଷ ପୂର୍ବରୁ ବିଭିନ୍ନ ଦଳରେ ରହିଥିବା ବେଳେ ଆଜି ବିଜେପିରେ ସାମିଲ ହୋଇଛନ୍ତି। ଛତ୍ରପୁର ବିଧାୟକ ବସନ୍ତିଆ ସମାଜର ଲୋକଙ୍କୁ ବିଜେପି ଉପଢ଼ୌକନ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଗତ ୨୦୨୪ ନିର୍ବାଚନ ସମୟରେ ସିନ୍ଦୁରପୁର ସରପଞ୍ଚ ଗଗନ ବେହେରା ବିଜେପିରେ ସାମିଲ ହୋଇଥିଲେ। ବସନ୍ତିଆ ସମାଜ ବିଜେପିରେ ସାମିଲ ହେବା ପରେ ସିନ୍ଦୁରପୁର ପଞ୍ଚାୟତରେ ବିଜେପି ଆହୁରି ସଙ୍ଗଠନ ସୁଦୃଢ଼ ହୋଇପାରିବ ବୋଲି ଗଗନ ବେହେରା କହିଛନ୍ତି। ଯାହାକି ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପିକୁ ବିଜୟ କରିବାରେ ଏହି ସମାଜ ବେଶ ସହାୟକ ହେବ। ସେପଟେ ବସନ୍ତିଆ ସମାଜ ବିଜେପିରେ ସାମିଲ ହେବା ପରେ ସମାଜର ସୁଖଦୁଃଖରେ ଦଳ ଠିଆ ହେବେ ଏବଂ ସମାଜର ଉନ୍ନତି ଦିଗରେ ସହଯୋଗ କରିବେ ବୋଲି ବିଧାୟକ ନାୟକ କହିଛନ୍ତି। ଏହି ମିଶ୍ରଣପର୍ବରେ ବିଧାୟକ ପ୍ରତିନିଧି ବାନୋଜ୍ କୁମାର ନାହାକ, ବସନ୍ତିୟା ସମାଜର ସଭାପତି ରାଜେନ୍ଦ୍ର ବିଷୋୟୀ, ସମ୍ପାଦକ ଭଗବାନ୍ ନାହାକ, ମଣ୍ଡଳ ସଭାପତି ସମ୍ପଦ ନାହାକ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଏସ କିଶୋର ଚନ୍ଦ୍ର ରେଡି, ଜ୍ୟୋତି ରଞ୍ଜନ ସାହୁ, ଅଶୋକ ପାଣିଗ୍ରାହୀଙ୍କ ସମେତ ବହୁ ବରିଷ୍ଠ ବିଜେପି ନେତା ସହ ସିନ୍ଦୁରପୁର ଗାଁମାର ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।

# ଗରମ ପାଣି ପଡ଼ି ଶିଶୁ ଗୁରୁତର

- ପାଞ୍ଚଦିନ ହେଲା ଚାଲିଛି ଚିକିତ୍ସା, ଅବସ୍ଥା ସ୍ଥିର
- ସହାୟତା ପାଇଁ ବାପ-ମାଆଙ୍କ ଆକୁଳ ଗୁହାରି



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁର ମାତ୍ର ଚାରି ବର୍ଷ ବୟସର ନିଷ୍ପାପ ଶିଶୁ ପ୍ରକାଶ। ସେଦିନ ଥିଲା ମଙ୍ଗଳବାର। ସମୟ ପ୍ରାୟ ସକାଳ ୧୦ଟା ହେବ। ମାଆ ବାଲମତି ଚୁଲିରେ ଭାତ ରୋଷେଇ ପାଇଁ ପାଣି ବସେଇଦେଇ କିଛି ସମୟ କୁଆଡେ ବାହାରକୁ ଯାଇଥିଲେ। ଏହି ସମୟରେ ଘର ନିକଟରେ ଖେଳୁଥିଲା ପ୍ରକାଶ। ଖେଳୁଖେଳୁ ଶୋଷ ଲାଗିବାରୁ ଘର ଭିତରକୁ ପଶିଥିଲା। ତେବେ ଦୁର୍ଯୋଗକୁ ଚୁଲିରେ ବସିଥିବା ଗରମ ପାଣି ତା' ଉପରେ ଢାଳି ହୋଇଗଲା। ଅତିମାତ୍ରାରେ ଗରମ ପାଣି ଉପରେ ପଡିଯିବାରୁ ଦେହର ମୁହଁ, ବେକ, ଛାତି, ପେଟ ଆଦି ବିଭିନ୍ନ ଅଂଶରୁ ଛାଲ ଉତୁରି ଯାଇଥିବାବେଳେ ଅତ୍ୟନ୍ତ ଗୁରୁତର ପ୍ରକାଶକୁ ବାପା ଅଜିତ ହରିଜନଙ୍କ ସହିତ ପରିବାର ଲୋକେ ପ୍ରଥମେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ତେବେ ମଙ୍ଗଳବାରରୁ ଆଜିକୁ ପାଞ୍ଚଦିନ ବିତିଯାଇଥିଲେ ହେଁ ପ୍ରକାଶର ଚିକିତ୍ସା ଚାଲିଛି ସତ କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। କୁଲିମଜୁରୀ କରି ପରିବାର ପୋଷୁଥିବା ଅଜିତ ନିଜର ଗୋଟିଏ ବୋଲି ପୁଅର ଚିକିତ୍ସା ପାଇଁ ଧାରକରଜ କରି ସର୍ବସ୍ୱାନ୍ତ ହେଲେଣି। ବର୍ତ୍ତମାନ ଡାକ୍ତରମାନେ ଏଇଠି ଭଲ ହେବା ମୁସ୍କିଲ, କୌଣସି ବଡ଼ ହସ୍ପିଟାଲ କିମ୍ବା ବେସରକାରୀ ହସ୍ପିଟାଲକୁ ନେଇଯାଅ ବୋଲି କହିବାରୁ ତାଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟସେବା ଯୋଜନା ଥିଲେ ବି ଅଜ୍ଞତାବଶତଃ ସେସବୁର ଲାଭ ଉଠାଇପାରୁନାହାନ୍ତି ପ୍ରକାଶଙ୍କ ପରିବାର। ଶେଷରେ ଜିଲ୍ଲାପାଳଙ୍କୁ ସହାୟତା ପାଇଁ ନିବେଦନ କରିବାରୁ ସରପଞ୍ଚ, ସମିତିସଭ୍ୟଙ୍କଠାରୁ ଲେଖେଇଆଣ ବୋଲି କହିବାରୁ ସେ ଆହୁରି ହରଡ଼ଘଣାରେ ପଡିଛନ୍ତି। ପରିବାରରେ ସ୍ୱାମୀ ସ୍ତ୍ରୀ ଓ ଗୋଟିଏ ବୋଲି ପୁଅ ହୋଇଥିବାରୁ ପୁଅକୁ ଛାଡ଼ି ନା ଘରକୁ ଯାଇପାରୁଛନ୍ତି ନା ହସ୍ପିଟାଲରେ ରହିପାରୁଛନ୍ତି। ଏପରିକି କୁଲିମଜୁରୀ କରି ଚଳୁଥିବା ଅଜିତ ଏବେ ନିସ୍ୱ ହୋଇପଡିଛନ୍ତି। ଶେଷରେ ପୁଅର ଚିକିତ୍ସା ପାଇଁ ସେ ସରକାର, ପ୍ରଶାସନ, କିମ୍ବା କୌଣସି ସ୍ୱେଚ୍ଛାସେବୀ ସଂଗଠନ, ବ୍ୟକ୍ତିବିଶେଷ ସହାୟତାର ହାତ ବଢ଼ାଇବାକୁ ଆକୁଳ ଗୁହାରି କରିଛନ୍ତି।

# ବସ୍ ଧକ୍କାରେ ଜଣେ ଗୁରୁତର



## ସହାୟତା ଦାବିରେ ଗାଡ଼ି ଅଟକ

କୋକସରା, (ଭାସ୍କର ନ୍ୟୁଜ୍) : ବିଜୁ ଏକ୍ସପ୍ରେସୱେର କୋକସରା ବ୍ଲକ ସାନପୋଡାଗୁଡା ଛକ ନିକଟରେ ଶନିବାର ସକାଳେ ବାଲେଶ୍ୱରରୁ ଜୟପୁର ଯାଉଥିବା ଏକ ଓଏସ୍ଆରଟିସି ବସ୍ ଜଣେ ପରିବା ବିକାଳୀଙ୍କୁ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଅଭିଯୋଗ ହୋଇଛି। ଦୁର୍ଘଟଣାରେ ଗୋତମୁଣ୍ଡା ଗ୍ରାମର ପରିବା ବିକାଳୀ ମହେନ୍ଦ୍ର ପଟେଲ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ପରିବାର ଓ ସମ୍ପର୍କୀୟମାନେ ସନ୍ଧ୍ୟାରେ ବସ୍ ଫେରିବାବେଳେ ବିଜୁ ଏକ୍ସପ୍ରେସୱେର ଗୋତମୁଣ୍ଡା ଛକରେ ଅଟକ ରଖି ଗୁରୁତର ମହେନ୍ଦ୍ରଙ୍କ ଉପଯୁକ୍ତ ଚିକିତ୍ସା ସହାୟତା ଦାବି କରି ଅଟକ ରଖିଛନ୍ତି। ସୂଚନା ଯେ' ଗୁରୁତର ମହେନ୍ଦ୍ର ଏକ ଗରୀବ ଶ୍ରେଣୀର ହୋଇଥିବାବେଳେ ସେ' ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଅଟନ୍ତି। ତାଙ୍କ ରୋଜଗାରରେ ପୁରା ପରିବାର ଚାଲିଥାଏ। ମହେନ୍ଦ୍ର ବସ ଦୁର୍ଘଟଣାରେ ଗୁରୁତର ହୋଇ ଭବାନୀପାଟଣା ମେଡିକାଲେରେ ଜୀବନ ମୃତ୍ୟୁ ଶହ ସଂଗ୍ରମ କରୁଛନ୍ତି। ନାକ କାନରେ ପ୍ରବଳ ରକ୍ତସ୍ରାବ ହେବା ସହ ଶରିରର ଏକ ଅଂଶ ଭାଙ୍ଗି ଯାଇଥିବା ଜଣାପଡିଛି। ସନ୍ଧ୍ୟା ୭ଟା ସମୟରୁ ବସ ଅଟକ ରହିଥିବାବେଳେ ଖବର ପାଇ ଆମପାଣି ଥାନା ଅଧିକାରୀ ଜେ.ଏଚ୍ ହୋତା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ବ୍ୟକ୍ତିଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍ ରେ ଅଟଳ ରହିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନଥିବା ବେଳେ ବସକୁ ଅଟକ ରଖାଯାଇଛି।

# ଦିବ୍ୟାଙ୍ଗଙ୍କୁ ମାଗଣା ସହାୟତା ପାଇଁ ଚିହ୍ନଟୀକରଣ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା ଥୁଆମୁଳ ରାମପୁର ବ୍ଲକ ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କ ପାଇଁ ଏଡିଆଇପି ଏବଂ ଆରଭିୱାଇ ଯୋଜନା ମାଧ୍ୟମରେ ମାଗଣା ସହାୟତା ଉପକରଣ ଯୋଗାଇ ଦେବା ପାଇଁ ଚିହ୍ନଟ କରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନଙ୍କ ତ୍ୱତବଧାନରେ ଆୟୋଜନ ହୋଇଥିବା ବେଳେ ଜିଲା କୃତ୍ରିମ ଅଙ୍ଗ ନିର୍ମାଣ ନିଗମର ଅର୍ଥୋପେଡିକ୍ସ ବିଶେଷଜ୍ଞ ଜିତେନ୍ଦ୍ର ସାହୁ, ସାଂସଦ ବ୍ଲକ ପ୍ରତିନିଧି ପବିତ୍ର ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ୯୦ ଜଣ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କର ଚିହ୍ନଟ କରଣ କରାଯାଇ ସେମାନଙ୍କର ସମସ୍ତ କାଗଜପତ୍ରକୁ ଉପସ୍ଥିତ ଅଧିକାରୀ ଯାଞ୍ଚ କରିଥିଲେ। ତେବେ ଯୋଗ୍ୟ ହିତାଧିକାରୀଙ୍କୁ ଆଗାମୀ ଦିନରେ ମାଗଂଣାରେ ଏଡିଆଇପି ଏବଂ ଆରଭିୱାଇ ଯୋଜନାରେ ଦିବ୍ୟାଙ୍ଗଙ୍କ ପାଇଁ ଚକବାଲା ଚଉକି, ତ୍ରିଚକ୍ରୀ ସାଇକେଲ, ଲଙ୍ଗା ଆଦି ଅନେକ ସହାୟତା ଉପକରଣ ବଣ୍ଟନ କରାଯିବା ବ୍ୟବସ୍ଥା ରହିଥିବା ଜଣାପଡିଛି।

# ସାମ୍ବାଦିକ ସୁନ୍ଦର ମୋହନଙ୍କୁ ଯଶଶ୍ରୀ ଭାରତ ସମ୍ମାନ

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ସମ୍ବାଦ ପ୍ରତିନିଧି ବରିଷ୍ଠ ସାମ୍ବାଦିକ ସୁନ୍ଦର ମୋହନ ଛତ୍ରିଆଙ୍କୁ ଗତ ୬ ତାରିଖ ଦିନ ପୁରୀ ସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର କାର୍ଯ୍ୟାଳୟରେ ଚଳିତବର୍ଷ ୨୦୨୫ର ଜାତୀୟ ମର୍ଯ୍ୟାଦା ସମ୍ପନ୍ନ ସମ୍ମାନ 'ଯଶଶ୍ରୀ ଭାରତ ସମ୍ମାନ' ସାମ୍ବାଦିକତା କ୍ଷେତ୍ରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଦୀର୍ଘ ୨୫ ବର୍ଷର ସାମ୍ବାଦିକତା ଜୀବନରେ ସେ ଅନେକ ଥର ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି। ହେଲେ ଗତ ୬ ତାରିଖ ଗୁରୁବାର ଦିନ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ଫେଷ୍ଟିଭାଲ ଡ଼ାଇରେକ୍ଟର ତଥା ସିଡିଏଫ ଡ଼. ଉପେନ୍ଦ୍ର କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲଚରାଲ ଡେଭଲମେଣ୍ଟ ଫାଉଣ୍ଡେସନର ଅଧକ୍ଷ ତଥା ବରିଷ୍ଠ ସମାଜସେବୀ ଡ଼, ଷ୍ଟାଲିନ ପରିଜା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଯାତ୍ରା ଅଭିନେତା ରାଜେନ୍ଦ୍ର ପତି, ସଙ୍ଗୀତ ଏକାଡେମୀ ପୁରସ୍କାର ପ୍ରାପ୍ତ କଳା ନିର୍ଦ୍ଦେଶକ ସୁରଜ ମହାନ୍ତି ଏବଂ ନାଟ୍ୟ ନିର୍ଦ୍ଦେଶକ ରାମକୃଷ୍ଣ ମହାପାତ୍ରଙ୍କ ଉପସ୍ଥିତିରେ କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ମା' ଭୈରବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ପାହାଡପଦରକୁ ହରାଇ କାଣ୍ଡାମା ବିଜୟୀ



ଲାଞ୍ଜିଗଡ,(ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବେନଗାଁ ଖେଳ ପଡ଼ିଆଠାରେ ମା' ଭୈରବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ପ୍ରେସ କ୍ଲବର ସଦସ୍ୟ ତଥା ଲାଞ୍ଜିଗଡ ବ୍ଲକ ଏମବିସି ଟିଭି ପ୍ରତିନିଧି ଦିଲୀପ ନାଏକ, ଲାଞ୍ଜି ସମିତିସଭ୍ୟ ବେଣୁଧର ବାଗ ପ୍ରମୁଖ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପାହାଡ଼ପଦର ଓ କାଣ୍ଡାମା କ୍ରିକେଟ ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ ଖେଳାଯାଇଥିଲା। କାଣ୍ଡାମା ଦଳ ଟସ୍ ଜିଣି ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୨ ଓଭରରେ ୧୬୮ ରନ ସଂଗ୍ରହ କରିଥିଲା। ପାହାଡ଼ପଦର ଦଳ ନିର୍ଦ୍ଧାରିତ ଓଭରରେ ୧୬୯ ରନ ସଂଗ୍ରହ କରି ନପାରି ପରାଜିତ ହୋଇଥିଲା। ଅମ୍ପାୟାର ଭାବେ ଭାରତ ମାଝୀ ଓ ହରିଶ ସାହୁ ଖେଳ ପରିଚାଳନା କରିଥିବାବେଳେ ନିତ୍ୟାନନ୍ଦ ସାହୁ ଧାରା ବିବରଣୀ ଓ ଚିତ୍ରଧର ସାହୁ ସ୍କୋରବୋର୍ଡ ଦାୟିତ୍ୱ ସମ୍ଭାଳିଥିଲେ। ମାଁ ଭୈରବୀ ଯୁବକ ସଂଘର ସଭାପତି ହରିଶ ସାହୁ, କର୍ମକର୍ତ୍ତା ବଳିଆ ସାହୁ, କାଳିଆ ସାହୁ, ସୁରେଶ ସାହୁ, ପପୁ ସାହୁ, ରମେଶ ନାଏକଙ୍କ ସମେତ ଯୁବକ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଏହି ଟୁର୍ଣ୍ଣାମେଣ୍ଟରେ କଳାହାଣ୍ଡି ଜିଲ୍ଲା ସମେତ ରାୟଗଡ଼ା ଜିଲ୍ଲାର ୧୬ଗୋଟି ଦଳ ଭାଗ ନେବେ ଓ ଆସନ୍ତା ୧୬ ତାରିଖ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ଜଣାପଡିଛି।

# ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲା ବ୍ଲକ ଅନ୍ତର୍ଗତ ଶାନ୍ତପୁର ଗ୍ରାମ ପଞ୍ଚାୟତର ପାଜିବାହାଲି ଗ୍ରାମର ସାପୁଆଁ ପଡ଼ାକୁ ଯିବା ପାଇଁ ରାସ୍ତା ନ ଥିଲା। ଯାହାକି ସେ ଗ୍ରାମର ଲୋକମାନଙ୍କୁ ଯିବା ଆସିବାକୁ ଓ ଛାତ୍ରଛାତ୍ରୀ ମାନଙ୍କୁ ସ୍କୁଲ ଯିବାରେ ବାଧାପ୍ରାପ୍ତ ହେଉଥିଲା। ଶାନ୍ତପୁର ସମିତି ସଭ୍ୟ ଜୟ ମେହେର ଏହି ସମସ୍ୟା ବିଷୟରେ ନର୍ଲା ବିଧାୟିକାଙ୍କ ସହିତ ଆଲୋଚନା କରିଥିଲେ। ଏହି ସମସ୍ୟା ସମାଧାନ ପାଇଁ ବିଧାୟିକା ପାଣ୍ଠିରୁ ଏବଂ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ପ୍ରଚେଷ୍ଟାରେ ଆଜି ଛତିକୁଡା ଛକ ରାସ୍ତା ଠାରୁ ପାଜିବାହାଲି ସାପୁଆ ପଡାକୁ ରାସ୍ତା ସଂଯୋଗୀ କରଣ ପାଇଁ ନୂତନ ଭାବରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ରାସ୍ତା କାମ ପାଇଁ ଗ୍ରାମବାସୀ ମାନେ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ପିଲା ମାନଙ୍କ ପାଠପଢାକୁ ଦୃଷ୍ଟିରେ ରଖି ଏକ କମ୍ୟୁନିଟି କେନ୍ଦ୍ର ନିର୍ମାଣ ପାଇଁ ମଧ ବିଧାୟିକା ପ୍ରତିଶୃତି ଦେଇଛନ୍ତି।

# ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟିତ



ନର୍ଲା, (ଭାସ୍କର ନ୍ୟୁଜ୍): ନର୍ଲା ବ୍ଲକ ଅନ୍ତର୍ଗତ ଘଣ୍ଟମାଳ ଠାରେ ଏକ ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି।ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ କରକମଳରେ ଏହାର ଶୁଭ ଉଦ୍ଘାଟନ ହୋଇଥିଲା। ଏଥିରେ ନର୍ଲା ପଞ୍ଚାୟତ ସମିତି ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି,ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ ଗୋଛାୟତ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା ସହ ସମସ୍ତ ଅଙ୍ଗନୱାଡି ଓ ଆଶା କର୍ମୀ ଉପସ୍ଥିତ ଥିଲେ। ଏହି ଆରୋଗ୍ୟ କେନ୍ଦ୍ର ଉପରେ ଏଠାକାର ଜନସାଧାରଣ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଉପକାର ପାଇ ପାରିବେ ବୋଲି ନର୍ଲା ବିଧାୟିକା ମତ ଦେଇଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତି ଅବହେଳା:ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ




ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଧର୍ମଗଡ଼ ବ୍ଲକ ପର୍ଲା ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ ପରିସ୍ଥିତି ଦେଖାଦେଇଛି। ରୋଗୀ ମାନେ ଉଚିତ ସେବା ନ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଡାକ୍ତର ଅଭାବ କାରଣରୁ ସଠିକ ଚିକିତ୍ସା ମିଳୁ ନ ଥିବା ଆଲୋଚନା ହୋଉଛି। ପର୍ଲା ଡାକ୍ତର ଖାନା ଉପରେ ଦଣ୍ଡପାଟ ଅଞ୍ଚଳ ସମେତ ନିକଟତମ ଛତିଶଗଡ଼ ଲୋକେ ଭରସା କରିଥାନ୍ତି। ହେଲେ ଡାକ୍ତର ଅଭାବ କାରଣରୁ ସାଧାରଣ ରୋଗରେ ପୀଡିତ - ଉପଖଣ୍ଡ ଡାକ୍ତର ଖାନା ଧର୍ମଗଡ଼ ଉପରେ ନିର୍ଭର କରିବାକୁ ପଡୁଛି। ଏପରିକି ପ୍ରାଥମିକ ଚିକିତ୍ସା ଅଭାବ କାରଣରୁ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ବହୁ ଉଦାହରଣ ରହିଛି। ସରକାର ଗୋଷ୍ଠୀ କେନ୍ଦ୍ର ମାନ୍ୟତା ପାଇଛି ସତ ହେଲେ ଡାକ୍ତର ନିଯୁକ୍ତି ଦେବାରେ ମୂଳରୁ ଅବହେଳା କରାଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ଗୋଟାଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ ପବ୍ଲିକ ହେଲଥ ଅଫିସର ସମେତ ଜଣେ ସୁପରିଟେଣ୍ଡେଣ୍ଟ, ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଜଣେ ମେଡ଼ିସିନ ବିଶେଷଜ୍ଞ, ଜଣେ ସର୍ଜରି ବିଶେଷଜ୍ଞ, ୨ଜଣ ଆସିଷ୍ଟାଣ୍ଡ ସର୍ଜରି ନିଯୁକ୍ତି ବ୍ୟବସ୍ଥା ରହିଛି। ହେଲେ ଏଠାରେ ଜଣେ ମେଡ଼ିକାଲ ଅଫିସର ସହ ୪ଜଣ ଏମ୍‌ବିବିଏସ୍ ଡାକ୍ତର ରହିଛନ୍ତି। ସାମାନ୍ୟରୁ ସାମାନ୍ୟ ରୋଗ ଚିକିତ୍ସା ପାଇଁ ଆସିଥିବା ରୋଗୀ ସଠିକ ଭାବେ ଚିକିତ୍ସା ହୋଇପାରୁ ନାହାନ୍ତି। ଅଞ୍ଚଳରେ ଶହେ ପ୍ରତିଶତ ଲୋକ ଗରିବ ଶ୍ରେଣୀର ଥିବା ବେଳେ ସରକାରୀ ଡାକ୍ତରଖାନା ଉପରେ ନିର୍ଭରଶୀଳ। ତେବେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉଚିତ ସେବା ନ ମିଳି ପାରିବାରୁ ଲୋକେ ମାନସିକ ଓ ଅର୍ଥନୈତିକ କ୍ଷେତ୍ର ରେ ଶୋଷଣ ହେଉଥିବା କୁହାଯାଏ। ଏପରିକି ଅଞ୍ଚଳର ଗର୍ଭବତୀ, ପ୍ରସୂତିଙ୍କ ସମସ୍ୟା ଦିନକୁ ଦିନ ଉତ୍କଷ୍ଟ ହେବାରେ ଲାଗିଛି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭବତୀ ମହିଳାମାନଙ୍କ ଚିକିତ୍ସା ପାଇଁ ଅନେକ ଆଧୁନିକ ଯନ୍ତ୍ରପାତି ରହିଛି ସତ ହେଲେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଅଭାବ କାରଣରୁ ତାହା ଖତ ଖାଉଛି। ଗୋଟାଏ ପଟେ ସରକାର ଲୋକଙ୍କୁ ଉନ୍ନତ ଧରଣ ଚିକିତ୍ସା ସେବା ଯୋଗାଇ ଦେବା ଡିମ ଡିବି ମାରୁଥିବା ବେଳେ ପ୍ରଚ୍ଛପଟରେ ଡାକ୍ତର ଅଭାବୀ ସରକାରଙ୍କ ଉଦାରତା ସ୍ପଷ୍ଟ ବାରି ହୋଇପଡିଛି। ସରକାର ବଦଳିଛି ହେଲେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାଗ୍ୟ କେବେ ବଦଳିବ ଦେଖିବାକୁ ବାକି ରହିଲା।

# ଗୋଚର ଓ ଅନାବାଦୀ ଜମିକୁ ଉଦ୍ଧାର କଲେ ଗ୍ରାମବାସୀ



ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ତହସିଲ୍ ଅନ୍ତର୍ଗତ ଗିଗିନା ପଞ୍ଚାୟତର ଗିଧାମାଲ୍ ଗ୍ରାମବାସୀଙ୍କ ମିଳିତ ପ୍ରୟାସରେ ଗ୍ରାମର ଚାରି ପାଖରେ ଥିବା ଗୋଚର ଓ ଅନାବାଦୀ ଜମି ସବୁ ଏବେ ଉଦ୍ଧାର ହୋଇଛି। କିଛି ବର୍ଷ ହେଲା ଉକ୍ତ ଗାଁର ଏକର ଏକର ଗୋଚର ଓ ଅନାବାଦୀ ଜମିକୁ ସ୍ଥାନୀୟ ଲୋକେ ବେନିୟମ ଭାବେ କବଜା କରି ବିଭିନ୍ନ ପ୍ରକାର ଚାଷ କରୁଥିଲେ। ଫଳରେ ଗାଁର ଗୋରୁ, ମଇଁଷି, ଛେଳି, ମେଣ୍ଢା ଚରାଇବା ପାଇଁ ଅସୁବିଧା ହେଉଥିଲା। ସେଥିପାଇଁ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଉକ୍ତ ଜମିକୁ ଚିହ୍ନଟ କରିବା ପାଇଁ ପ୍ରଥମେ ଆଲୋଚନା କରିବା ପରେ ଲିଖିତ ଆକାରରେ ପ୍ରଶାସନକୁ ଜଣାଇ ଥିଲେ। ନର୍ଲା ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ରୁପ୍ରା ଆର୍‌ଆଇ ଉକ୍ତ ଗାଁକୁ ଯାଇ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ ଗୋଚର ଓ ଅନାବାଦୀ ଜମିକୁ ଚିହ୍ନଟ କରିଥିବା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଏଭଳି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିବା ସହିତ ଅନ୍ୟ ଗାଁର ଲୋକଙ୍କ ପାଇଁ ଏକ ପ୍ରେରଣା ସ୍ରୋତ ହେବ ବୋଲି ଚର୍ଚ୍ଚା ହେଉଛି।

# ରାଶିଫଳ

ସୋମବାର, ୦୯ ଜୁନ୍ ୨୦୨୫




**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ। ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ।



**କର୍କଟ:** ଆଜି ଏକ ସାଧାରଣ ଦିନ ହେବ। ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।




**ସିଂହ:** ଆଜି ମିଶ୍ରିତ ଦିନ ହେବ। ବ୍ୟବସାୟରେ ଲାଭ ହେବ। ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ। ଏକ ଦୁର୍ଘଟଣା ମଧ୍ୟ ହୋଇପାରେ।




**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** ଆଜି ଏକ ସାଧାରଣ ଦିନ ହେବ। କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।




**ଧନୁ:** ଆଜି ଏକ ସାଧାରଣ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ।




**ମକର:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି ।




ଶ୍ରୀ ଜ୍ୟୋତିଷ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯